ଓଡ଼ିଆ - ଗୁଳୁଗୁଳି - ଗୁଳୁଗୁଳି ହେଲେ ଲୋକେ କଷ୍ଟ ପାଆନ୍ତି ।
ଓରାଓଁ - ଭାଫ୍ରାର୍ନା - ଭାଫ୍ରା ମାଞ୍ଜ୍‌କୁନ୍ ଆଲାର ତକଲିଫ ହାଖନାଏ/ ହାଖନାର ।

ଓଡ଼ିଆ - ଗୁଣ୍ଡୁଚି - ଗୁଣ୍ଡୁଚି ଗଛରେ ବାସକରେ ।
ଓରାଓଁ - ଚିଡ଼୍‌ରା - ଚିଡ଼୍‌ରା ମାନ୍ନେନୁ ଡ଼େରା ନାନି ।

ଓଡ଼ିଆ - ଗୃହ - ଗୃହ ନିର୍ମାଣ ପାଇଁ ବହୁତ ପଇସା ଲୋଡା ।
ଓରାଓଁ - ଆଡ୍‌ପା - ଆଡ୍‌ପା କାମାଗେ ବହୁତ ପାଇସା ଦାରକାର ।

ଓଡ଼ିଆ - ଗୃହ ପାଳିତ - କୁକୁର ଏକ ଗୃହପାଳିତ ପଶୁ ଅଟେ ।
ଓରାଓଁ - ଆଡ୍‌ପାନୁ ପସନା - ଆଲ୍ଲାଦ ଅଣ୍ଟା ଏଡ୍‌ପାନ୍ତା ପସନା ଜନ୍ତୁ ହିକେ ।

ଓଡ଼ିଆ - ଗେଲ - ଜେଜେମା ମୋତେ ଭାରି ଗେଲ କରନ୍ତି ।
ଓରାଓଁ - ଦୁଲାର - ଆଜିଆୟା ଏଙ୍ଗାନ ବାଗେ୍ଗ ଦୁଲାର ନାନି।

ଓଡ଼ିଆ - ଗେଣ୍ଡା - ଗେଣ୍ଡା ପାଣିରେ ରହେ ।
ଓରାଓଁ - ଘୁଙ୍ଗ୍‌ହି - ଘୁଙ୍ଗ୍‌ହିଦ୍ ଆମ୍ମେନୁ ରାଇ ।

ଓଡ଼ିଆ - ଗେଣ୍ଡୁଫୁଲ - ଗେଣ୍ଡୁଫୁଲରେ ମାଳା ଗୁନ୍ଥାଯାଏ ।
ଓରାଓଁ - ଗେନ୍ଦାପୁଁପ୍ - ଗେନ୍ଦାପୁଁପତି ମାଲା ପୁଁଥ୍‌ନାର ।

ଓଡ଼ିଆ - ଗୋଡ଼ - ଆମ ଗୋଡ଼ରେ ଦଶଟି ଆଙ୍ଗୁଠି ରହିଛି ।
ଓରାଓଁ - ଖେଡ୍ଡେ - ଏମ୍‌ହାୟ ଖେଡ୍ଡେନୁ ଦାଶଠୁ ଆଙ୍ଗ୍‌ଲି ରାଇ।

ଓଡ଼ିଆ - ଗୋବର - ଗୋବର ଖତ କୃଷିପାଇଁ ନିରାପଦ ।
ଓରାଓଁ - ଗୁବାରି - ଗୁବାରି ସାରେ ଚାଷଗେ ବାହୁଁତ ବାଢ଼ିଆ।

ଓଡ଼ିଆ - ଗୋଧି - ଗୋଧି ଚମଡାରେ ଖଞ୍ଜଣି ତିଆରି ହୁଏ ।
ଓରାଓଁ - ଗୁଧି - ଗୁଧି ଚାମଡ଼ାନୁ ଖାଞ୍ଜଣି କାମତାରି /କାମନାର୍।

ଓଡ଼ିଆ - ଗୋରା - ମୋ ସାଙ୍ଗ ରବିର ରଙ୍ଗ ଗୋରା ।
ଓରାଓଁ - ପାଣ୍ଡରୁ - ଏଙ୍ଗାଏ ସାଙ୍ଗେସ୍ ରବିସ୍‌ଗାହି ରାଙ୍ଗ ପାଣ୍ଡରୁ।

ଓଡ଼ିଆ - ଗୋପାଳ - ଗୋପାଳ ଗୋପାଳନ କରନ୍ତି ।
ଓରାଓଁ - ଗାଉଡ଼ାର - ଗାଉଡ଼ାର ଆଡ୍ଡମାନଖା ପୋସନାର ।

ଓଡ଼ିଆ - ଗୋପାଳନ - ଗୋପାଳନ ଏକ ଲାଭ ଜନକ ଉଦ୍ୟୋଗ ।
ଓରାଓଁ - ଆଡ୍ଡ ପୋସନା - ଆଡ୍ଡ ପୋସନା ଅଣ୍ଟା ଲାଭ ଜନକ ଉଦ୍ୟେଗ ହିକେ ।

ଓଡ଼ିଆ - ଗୋଳମାଳ - ବେଳେବେଳେ ମଣିଷର ଯୋଜନା ଗୋଳମାଳ ହୁଏ ।
ଓରାଓଁ - ଗୁଲମାଲ - ଅଂହନଅଂହନ ଆଲାରହିଯୋଜନା ଗୋଲମାଲ ମାନି ।

ଓଡ଼ିଆ - ଗୋଲ - ପୃଥିବୀ କମଳା ଲେମ୍ବୁପରି ଗୋଲ ।
ଓରାଓଁ - ଗୋଲ - ଧାରତି ସାନ୍‌ତ୍‌ରୀ ଲେଖା ଗୋଲ ରାଇ ।

ଓଡ଼ିଆ - ଗୋଳିଆ - ଗୋଳିଆ ପାଣି କଙ୍କଡ଼ାକୁ ସୁହାଏ ।
ଓରାଓଁ - ଲେଡ଼୍ - ଲେଡ଼୍ ଆମ୍ମେ କାକଡ଼ଗେ ସୁହାରି।

ଓଡ଼ିଆ - ଗୋଳି - ପିଲାଏ ମାଟିରେ ଗୋଳି ତିଆରି କରନ୍ତି ।
ଓରାଓଁ - ଗୁଲି - ଖାଦ୍ଦାର ଖାଛେତି ଗୁଲି କାମନାର ।

ଓଡ଼ିଆ - ଗୋଟିଏ - ଆମ ଓଡ଼ିଶାର ଗୋଟିଏ ଦିଗରେ ସମୁଦ୍ର ଲାଗିଛି ।
ଓରାଓଁ - ଅଣ୍ଟା - ଏମ୍ ହାଏ ଓଡିଶାନୁ ଅଣ୍ଟା ଦିଗନୁ ସାମୁଦ୍ଦର ଲାଗ୍‌କିରାଇ ।

ଓଡ଼ିଆ - ଗୋଟି ଗୋଟି - ପକ୍ଷୀମାନେ ଖାଦ୍ୟଦାନା ଗୋଟିଗୋଟି ଖୁମ୍ପନ୍ତି ।
ଓରାଓଁ - ଅଣ୍ଟେ ଅଣ୍ଟେ - ଅଡ଼ାଗୁଠି ମଖନା ଦାନାବାନ ଅଣ୍ଟା ଅଣ୍ଟା ଠୁଠ୍‌ଇ।

ଓଡ଼ିଆ - ବେପାରୀ - ବେପାରୀମାନେ ବ୍ୟବସାୟ କରି ଚଳନ୍ତି ।
ଓରାଓଁ - ବେପରୀୟା - ବେପରୀୟାର ବେପାର ନାନାକି ଚାଲ୍‌ର୍‌ନାର ।

ଓଡ଼ିଆ - ଗୋଲାପ - ଗୋଲାପ ଫୁଲର ରାଜା ଅଟେ ।
ଓରାଓଁ - ଗୋଲାପ - ଗୋଲାପ ହୁରମି ପୁଁପହି ରାଜା ହିକେ ।

ଓଡ଼ିଆ - ଗୌରବ - ଗୌରବର ବିଜୟ ନାହିଁ ।
ଓରାଓଁ - ଗୌରବ - ଗୌରବଗାହି ଜୟ ମାଲ୍ଲା ।

## - ଘ -

ଓଡ଼ିଆ - ଘର - ନଡ଼ାରେ ଘର ଛପର କରାଯାଏ ।
ଓରାଓଁ - ଆଡ୍‌ଡ୍ଡା - ନାଣାତି ଆଡ୍‌ଡ୍ଡା ବୁଝଁ ନାର ।

ଓଡ଼ିଆ - ଘରେ - ଆମ ଘରେ ଗୋଟିଏ ବିଲେଇ ଅଛି ।
ଓରାଓଁ - ଏଡ଼ପାନୁ - ଏମ୍‌ହାଏ ଏଡପାନୁ ଅଣ୍ଟା ବେରଖା ରାଇ ।

ଓଡ଼ିଆ - ଘନ ଘନ - ପର୍ବତ ଚଢିବା ବେଳେ ଘନଘନ ପ୍ରଶ୍ୱାସ ନିଆଯାଏ ।
ଓରାଓଁ - ଜର୍‌ଜର୍ - ପାର୍ତ୍ତା ଆରଗାନା ବାରି ଜରଜରସେ ନିନାଶ୍ ନାଗ୍‌ତାରଇ ।

ଓଡ଼ିଆ - ଘନନୀଳ - ଇନ୍ଦ୍ରଧନୁରେ ଘନନୀଳ ରଙ୍ଗ ଥାଏ ।
ଓରାଓଁ - ଗାଢ଼ନିଲ - ଧାନୁକବାନ ନୁ ଗାଢ଼ ଲିଲ ରାଙ୍ଗ ରାଇ ।

ଓଡ଼ିଆ - ଘସି - ମଚକି ଯାଇଥିବା ଗୋଡ଼ରେ ମୁଁ ମଲମ ଘସି ଦେଲି ।
ଓରାଓଁ - ଘାସାନା - ମାଚ୍‌କାର୍ କା ଖେଡ୍ଡେନୁ ଏନ୍ ମଲମ ଘାସକାନ୍ ଚିଚ୍‌କାନ ।

ଓଡ଼ିଆ - ଘଡ଼ ଘଡ଼ି - ଘଡ଼ଘଡ଼ି ଶବ୍ଦ ଶୁଣି ଛୋଟ ପିଲାଏ ଡରିଯାଆନ୍ତି ।
ଓରାଓଁ - ଘିଡ଼କାନା - ଘିଡ଼କାରନା ଶାବାଦ ମେନାକି ଛୋଟେ ଖାଦ୍ଦାର ଏଲଚନାର ।

ଓଡ଼ିଆ - ଘାଇଲା - କଟୁ ଭାଷା ଶୁଣି ମୋ ମନ ଘାଇଲା ହେଲା ।
ଓରାଓଁ - ଏସ୍‌ରା - ଆଟ କାଥା ମେନାକିରି ଏଙ୍ଗାଏ ମାନ୍ ଏସରା କେରା ।

ଓଡ଼ିଆ - ଘାଣ୍ଟିବା - ତରକାରୀରେ ଲୁଣ ପକାଇ ଘାଣ୍ଟିବା ଆବଶ୍ୟକ ।
ଓରାଓଁ - ହାଣ୍ଡାରନା - ଆମଖ୍‌ନୁ ବେକ ସାଜାରକି ହାଣ୍ଡରନା କାଥା ।

ଓଡ଼ିଆ - ଘାସ - ବଗିଚାରେ ଅନାବନା ଘାସ ସଫା କର ।
ଓରାଓଁ - ଘାଁସି - ବାଟକିନ୍ତା ଆଲଙ୍ଗବାଲଙ୍ଗ ଘାଂସିନ୍ ସଫା ନାନା ।

ଓଡ଼ିଆ - ଘେରି - ଆମ୍ବ ଚାରା ଲଗାଇବା ପରେ ତାହା ଘେରି ଦିଅ ।
ଓରାଓଁ - ଘେର୍ଆ - ଟାଟଖା ମାନ୍ନେ ଇଦ୍ନା ପାଛେ ଘେରଆ ଚିଆ ।

ଓଡ଼ିଆ - ଘୋଟିବା - ଆକାଶରେ କଳାହାଣ୍ଡିଆ ମେଘ ଘୋଟିଲା ।
ଓରାଓଁ - ଧାରଚା - ମେରଖାନୁ ମଖାରୋ ବାଦାଲି ଡାବଚ୍ଚ ।

ଓଡ଼ିଆ - ଘୋଡ଼ା - ଘୋଡ଼ା ଖୁବ ଜୋରରେ ଧାଇଁ ପାରେ ।
ଓରାଓଁ - ଘଡ଼ - ଘଡ଼ ବାହୁତ ଜୋର ବଂଗା ଉଙ୍ଗି ।

ଓଡ଼ିଆ - ଘୋଷଣା - ରେଡ଼ିଓରେ ଜରୁରୀ ବିଷୟ ଘୋଷଣା କରାଯାଏ ।
ଓରାଓଁ - ଜାନତି - ରେଡ଼ିଓନୁ ଜାରୁରୀ ଖାବାର ଜାନତି ଚିତାରି ।

ଓଡ଼ିଆ - ଘୋଷାଡ଼ି - ବାଘ ଜନ୍ତୁ ମାରି ଘୋଷାଡ଼ି ନିଏ ।
ଓରାଓଁ - ଘସରାରା - ଲାକଡାଦ୍ ଜାନ୍ତୁନ ପିଟାକି ଘସରାଆ କି ହୁଇ ।

ଓଡ଼ିଆ - ଘୋଷି - ମୁଁ ପାଠ ବହିର ଗୋଟିଏ ପଦ୍ୟ ଘୋଷିଥିଲି ।
ଓରାଓଁ - ଘସଆ - ଏନ୍ ପାଠ ବହିନ୍ତା ଅଣ୍ଟା ଡ଼ାଣ୍ଡିନ ଘସକାଚ କାନ ।

ଓଡ଼ିଆ - ଘୋଡ଼ାଇ - ବିରାଡ଼ି ଆପଣା ମଳ ମାଟିରେ ଘୋଡ଼ାଇ ଦିଏ ।
ଓରାଓଁ - ଡାବନା - ବେରଖାଦ ତାଙ୍ଗାଏ ପିକାନ୍ ଖାଜେନୁ ମାଡ଼ି ।

## - ଚ -

ଓଡ଼ିଆ - ଚନ୍ଦ୍ର - ଚନ୍ଦ୍ର ପୃଥିବୀର ଏକମାତ୍ର ଉପଗ୍ରହ ଅଟେ ।
ଓରାଓଁ - ଚାନ୍ଦ - ଚାନ୍ଦାଦ୍ ଧରତୀ ହି ଅଣ୍ଟା ଉପଗ୍ରାହ ହିକେ ।

ଓଡ଼ିଆ - ଚନ୍ଦ୍ରଗ୍ରହଣ - ସୂର୍ଯ୍ୟ ପୃଥିବୀ ଓ ଚନ୍ଦ୍ର ସରଳ ରେଖାରେ ରହିଲେ ଚନ୍ଦ୍ର ଗ୍ରହଣ ହୁଏ ।
ଓରାଓଁ - ଚାନ୍ଦ ଗାହନା- ବିଡ଼ି ଧରତୀ ଆଉର ଚାନ୍ଦ ସିଧା ନୁ ରାଚକାନ୍ତି ଚାନ୍ଦନ ଗାହନା ଧାରଇ ।

ଓଡ଼ିଆ - ଚକିତ - ଦୁଃସାହସିକ କାର୍ଯ୍ୟ ଦେଖିଲେ ଚକିତ ଲାଗେ ।
ଓରାଓଁ - ଚାମକାରନା - ଦୁଃସାହାସିକ ନାଲଖୁ ଏରକୁନ ଚାମକାରନା ଲାଗି ।

ଓଡ଼ିଆ - ଚହଟଇ - ଚମ୍ପାଫୁଲର ବାସନା ଚାରିଆଡ଼େ ଚହଟଇ ।
ଓରାଓଁ - ଚାହାକାରଣା -ଚମ୍ପା ପୁଉଁପୁଁନ୍ତା ମହକନ ଚାଇରୋକୋଣା ମାହାକାରି ।

ଓଡ଼ିଆ - ଚରଣ - ଆମେ ଈଶ୍ୱରଙ୍କ ଚରଣ ତଳେ ପ୍ରାର୍ଥନା କରୁ ।
ଓରାଓଁ - ଖେଡ଼େ - ଏମ ଧାରମେସ ହି ଖେଡ଼େ କିୟା ଗୁହାଇର ନାନ ଦାମ ।

ଓଡ଼ିଆ - ଚଲାବୁଲା - ବୃଦ୍ଧ ଲୋକମାନେ କମ୍ ଚଲାବୁଲା କରନ୍ତି ।
ଓରାଓଁ - କୁଦାନୁଂନାର - ପାଚକି ଆଲାର କାମ୍ କୁଦା ନୁଂନାର ।

ଓଡ଼ିଆ - ଚତୁର୍ଦ୍ଦିଗ - ସୂର୍ଯ୍ୟ ଉଦୟ ହେଲେ ଚତୁର୍ଦ୍ଦିଗ ଆଲୋକିତ ହୁଏ ।
ଓରାଓଁ - ଚାଇରୋ କଣା - ବିଡ଼ି ଆରଗନାତି ଚାଇରୋ କଣା ବିଲ୍ଲି ମାନି ।

ଓଡ଼ିଆ - ଚଷମା - ଦୃଷ୍ଟିଦୋଷ ଥିଲେ ଚଷମା ଲଗାଇବା ଭଲ ।
ଓରାଓଁ - ଚସମା - ଏରନା ଦୋଷ ରାଚକୁନ୍ ଚସମା ଲାଗାବାନା ବେଶ ।

ଓଡ଼ିଆ - ଚକ - ସାଇକେଲର ଦୁଇଟି ଚକ ଥାଏ ।
ଓରାଓଁ - ଚାକା - ସାଇକେଲହି ଦୁଇଠୁ ଚାକା ରାଇ ।

ଓଡ଼ିଆ - ଚକଟା - କୁମ୍ଭାର ଚକଟା ମାଟିରେ ହାଣ୍ଡି ଗଢ଼େ ।
ଓରାଓଁ - ଚିଟ୍‌କା - କୁମ୍ଭାର ଚିଟ୍‌କା ହାଞ୍ଚତି କାଟୁ କାମଦାସ ।

ଓଡ଼ିଆ - ଚତୁର୍ଥ - ଜୁଲି ଚତୁର୍ଥ ଶ୍ରେଣୀରେ ପଢ଼େ ।
ଓରାଓଁ - ଚାଉଥା - ଜୁଲି ଚାଉଥା କାଲାସନୁ ପାଢ଼ି ।

ଓଡ଼ିଆ - ଚକମକ - ଚକମକ ପଥର ଘଷି ନିଆଁ ବାହାର କରାଯାଏ ।
ଓରାଓଁ - ଚକମକ - ଚାକ ମାକ ପାଖନାନା ରାଗଡାକି ଚିଚି ଅଥରନାମାନି ।

ଓଡ଼ିଆ - ଚମଡ଼ା - ଗୋରୁ ଚମଡ଼ାରେ ଯୋତା ତିଆରି ହୁଏ ।
ଓରାଓଁ - ଚାପଚ୍ଚା - ଆଡ଼ୋ ଚାପଚ୍ଚାନୁ ଜୁତା କାମନାର ।

ଓଡ଼ିଆ - ଚକୋଲେଟ - ପିଲାମାନେ ଚକୋଲେଟ ଭଲ ପାଆନ୍ତି ।
ଓରାଓଁ - ଚକଲେଟ - ଖାଦ୍ଦାର ଚକଲେଟ ଦାଓ ଖାଖନାର ।

ଓଡ଼ିଆ - ଚଳ ପ୍ରଚଳ - କନ୍ଧମାଳରେ ରେଳ ଚଳପ୍ରଚଳ ସୁବିଧା ନାହିଁ ।
ଓରାଓଁ - କାନାବାରନା - କନ୍ଧମାଲନୁ ରେଲ କାନାବାରନା ସୁବିଧା ମାଲ୍ଲା ।

ଓଡ଼ିଆ - ଚକୁଳି - ମୁଁ ଚକୁଳି ଖାଇ ପଢ଼ାରେ ବସେ ।
ଓରାଓଁ - ଆସ୍ମା - ଏନ ଗରଗରା ଆସ୍‌ମା ମଖାକି ପାଢ଼ାଗେ ଅକଦାନ୍ ।

ଓଡ଼ିଆ - ଚଟିଆ - ଆମ ଘର ଚାଳରେ ଚଟିଆ ବସା ବାନ୍ଧିଛି ।
ଓରାଓଁ - ଗେରଆଁ - ଏମ୍ ହାୟ ଏଡ଼୍‌ପା ମେସଗାନୁ ଗେରଆଁ ଖତା କାମଚ କି ରାଇ ।

ଓଡ଼ିଆ - ଚପଲ - ଚପଲ ପିନ୍ଧି ପାଇଖାନା ଯିବା ଉଚିତ ।
ଓରାଓଁ - ଖାରପା - ଖାରପା ଆତାର୍‌କି ପାଏଖାନା କାନା କାଥା ।

ଓଡ଼ିଆ - ଚଟଣି - ଚଟଣୀ ଭୋଜନକୁ ରୁଚିକର କରେ ।
ଓରାଓଁ - ଚଟନି - ଚଟନିଦ୍ ଅନାମହାଁଗେ ସୁହାବାଇ ।

ଓଡ଼ିଆ - ଚଟାଣ - ଶୀତଦିନେ ଚଟାଣ ଭାରି ଥଣ୍ଡା ଲାଗେ ।
ଓରାଓଁ - ଚାଟାଇନ୍ - ପାଇୟାଁ ବାରି ଚାଟାଇନ୍ ବାଗେମ୍ ଥାଣ୍ଡା ଲାଗି ।

ଓଡ଼ିଆ - ଚଉକି - ପ୍ଲାଷ୍ଟିକ ଚଉକି ଦେଖିବାକୁ ସୁନ୍ଦର ଦିଶେ ।
ଓରାଓଁ - କୁରସି - ପ୍ଲାଷ୍ଟିକ୍ କୁରସି ଏରାଗେ ଦାଓ ଇଥ୍ରି ।

ଓଡ଼ିଆ - ଚିନି - ଗୁଡ଼ରୁ ଚିନି ପ୍ରସ୍ତୁତ କରାଯାଏ ।
ଓରାଓଁ - ଚିନି - ଗୁଲେନ୍ତି ଚିନି କାମତାରି/ କାମ୍‌ନାର ।

ଓଡ଼ିଆ - ଚଳାଚଳ - ଲୋକେ ବସ୍ ଯୋଗେ ଚଳାଚଳ କରନ୍ତି ।
ଓରାଓଁ - କାନାବାରନା - ଆଲାର ବାସନୁ କାନାବାରନା ନାନ୍ନାର ।

ଓଡ଼ିଆ - ଚକି ପେଷା - ଚକିପେଷା ଅଟା ଶରୀର ପାଇଁ ଉପକାରୀ ।
ଓରାଓଁ - ଜାତାକାସକା - ଜାତା କାସକା ଆଟା ଶରୀରଗେ ଦାଓ ।

ଓଡ଼ିଆ - ଚଟାପଟ - ରବି ପ୍ରଶ୍ନର ଉତ୍ତର ଚଟାପଟ ଦେଇଥାଏ ।
ଓରାଓଁ - ଝାଟପାଟ - ରବିସ ପ୍ରଶ୍ନହି ଉତ୍ତାରାନ ଝାଟପାଟ ଲେ ଚିଦାସ ।

ଓଡ଼ିଆ - ଚାହାଣୀ – ଭିକାରୀର କରୁଣ ଚାହାଣୀ ଦେଖି ମୁଁ ତରଳି ଗଲି ।
ଓରାଓଁ - ଏରନା – ଭିକାରୀସ ହି ଗର୍‌ଗରା ଚେହରାନ ଏରାକି ପିଘାଲାରକାନ ।

ଓଡ଼ିଆ - ଚାହାଳି – ପୂର୍ବକାଳରେ ପିଲାଏ ଚାହାଳୀରେ ପଢୁଥିଲେ ।
ଓରାଓଁ - ଚାହାଲି – ହୁଲୋ ପାରିୟାନୁ ଖାଦ୍ଦାର ଲୁରକୁଡ଼ିଆନୁ ପାଢ଼ା ଲିଆର ।

ଓଡ଼ିଆ - ଚାଟ – ଦିନେ ମୁଁ ଆମ ଗ୍ରାମ ବିଦ୍ୟାଳୟର ଚାଟ ଥିଲି ।
ଓରାଓଁ - ଚାଟ – ଉନ୍ଦୁଲ ଏନ ଏମହାୟ ପାଦ୍ଦା ସ୍କୁଲତା ଚାଟ ରାଚକାନ ।

ଓଡ଼ିଆ - ଚାଳଘର – ଚାଳଘର ନିଆଁକୁ ଡର ।
ଓରାଓଁ - ଝୋପଡି ଏଡପା – ଝୋପଡି ଏଡପାନ୍ ଇଲିଚାରାଇ ।

ଓଡ଼ିଆ - ଚାରି ପଟେ –ବେଳେବେଳେ ସମସ୍ୟା ଚାରିପଟେ ଘେରି ଯାଏ ।
ଓରାଓଁ - ଚାଇରୋତାରତି – ଅଂଘନ ଅଙ୍ଘନ ତାଫଲିକ୍ ଚାଇରୋତାରତି ଘିର୍‌ଇ ।

ଓଡ଼ିଆ - ଚାରି ଆଡକୁ – ପକ୍ଷୀ ମଡ଼କ ଚାରି ଆଡକୁ ବ୍ୟାପିଥାଏ ।
ଓରାଓଁ - ଚାଇରୋ ପାଖେ – ଅଡ଼ା ମାଶା ଚାଇରୋପାଖେ ଫାଏଲାରୀ ।

ଓଡ଼ିଆ - ଚାଲିଚାଲି – ପାର୍ବତ୍ୟ ଅଞ୍ଚଳରେ ଲୋକେ ଚାଲିଚାଲି ଯାଆ ଆସ କରନ୍ତି ।
ଓରାଓଁ - ଏକାଏକା – ପାର୍ଟା ଆଡ୍ଡାନୁ ଆଲାର ଏକାଏକା କାଲାବାରା ଲାଗ୍‌ନାର ।

ଓଡ଼ିଆ - ଚାଷ – ଚାଷ ଅଛି ଯାହାର, କି ଆନନ୍ଦ ତାହାର ।
ଓରାଓଁ - ଖେତି –ଖେତି ନେଖାଏ ରାଇ ଆନାଇତ ଖୁସି ମାନ୍ନାର ଆର ।

ଓଡ଼ିଆ - ଚାପି – ଗଳି ଯାଉଥିବା ପାଣିକୁ ଚାପି ରଖ ।
ଓରାଓଁ - ଆରର୍ବାନା – ତୁରର୍ଦ୍ଦନା ଆମ୍ମୁନୁ ଆରବାଖୁର ଉୟା ।

ଓଡ଼ିଆ - ଚାକିରୀ – ଆଜିକାଲି ଚାକିରି ମିଳିବା କଷ୍ଟ କର ଅଟେ ।
ଓରାଓଁ - ନୋକ୍ରି – ଇନ୍ନାନେଲା ନୋକ୍ରି ହାଖାରନା ମୁସକିଲ ହିକେ ।

ଓଡ଼ିଆ - ଚାବି – ମୁଁ ସାଇକେଲ ଚାବି ହଜାଇ ଦେଇଥିଲି ।
ଓରାଓଁ - କୁଞ୍ଜୀ – ଏନ୍ ସାଇକେଲ କୁଞ୍ଜୀ ଏଫସାଚକାନ ଚିଚକାନ ।

ଓଡ଼ିଆ - ଚାଳ - ଆଜି ଆମ ଚାଳ ଉପରେ କାଉ ରାବୁଥିଲା ।
ଓରାଓଁ - ମୁନ୍‌ଧାଡ଼ି - ଇନ୍ନା ଏମହାୟ ମୁନ୍‌ଧାଡ଼ି ମାୟା କାଓ୍ୱା ଚିଖାଁଲିୟା ।

ଓଡ଼ିଆ - ଚାକୁଣ୍ଡା - ଚାକୁଣ୍ଡାର ପତ୍ର ସନ୍ଧ୍ୟାବେଳେ ମଉଳି ଯାଏ ।
ଓରାଓଁ - ଚାକଣା - ଚାକଣା ଆଡ୍‌ଖା ବିଡ଼ି ପୁଉନାଗେ ମାଉଲାରି କାଲି ।

ଓଡ଼ିଆ - ଚାଉଳ - ଚାଉଳ ଚୁନାରେ ଆରିଷା ପିଠା ହୁଏ ।
ଓରାଓଁ - ତିଖ୍‌ଲ - ତିଖ୍‌ଲ ଗୁଣ୍ଡାନ୍ତି ଆପଡ଼ି ଆସ୍‌ମା ମାନି ।

ଓଡ଼ିଆ - ଚାରା - ଫଳ ଚାରା ଲଗାଇ ତା'ର ଯତ୍ନ ନିଅ ।
ଓରାଓଁ - ବିହିନି - ଖାଞ୍ଜାପା ବିହନିନ ଇଦାକି ତାଙ୍ଘାଏ ଯାତାନ ନାନା ।

ଓଡ଼ିଆ - ଚାଲାକି - ଚାଲାକି ଲୋକ ବିପଦରୁ ରକ୍ଷାପାଏ ।
ଓରାଓଁ - ଚାତୁର - ଚାତୁର ଆଲାସ୍ ବିପଦନ୍ତି ରକ୍ଷା ମାନନ୍ଦାସ୍ ।

ଓଡ଼ିଆ - ଚାଖଣ୍ଡ - ସହରରେ ଚାଖଣ୍ଡ ଜାଗାର ମଧ୍ୟ ମୂଲ୍ୟ ଅଧିକ ।
ଓରାଓଁ - ବିଢା - ସହରନୁ ଓନ ବିଢା ଆଡ୍ଡହି ମାହାଙ୍ଗା ବାଗ୍‌ଗେ ।

ଓଡ଼ିଆ - ଚାରି ପାଖ - ଘର ଚାରିପାଖରେ ଥିବା ଲତା ବୁଦା ସଫା କର ।
ଓରାଓଁ - ଚାଇରୋପାଖେ - ଏଡ଼ପା ଚାଇରୋ ପାଖେନ୍ତା ଝୁଣାନ ସାଫାନାନା ।

ଓଡ଼ିଆ - ଚିତ୍ର - ରିମି ଭବିଷ୍ୟତରେ ଜଣେ ଭଲ ଚିତ୍ରକର ହେବ ।
ଓରାଓଁ - ବାନ୍ନା - ରିମି ଭବିଷ୍ୟତନ୍ତା ଅଣ୍ଟା ବେଶ ବାନ୍ନା ଛାପାକାର ମାନସ ।

ଓଡ଼ିଆ - ଚିତ୍ରକାର୍ଡ଼ - ଶିକ୍ଷକ ଚିତ୍ରକାର୍ଡ଼ ସାହାଯ୍ୟରେ ଶିକ୍ଷା ଦିଅନ୍ତି ।
ଓରାଓଁ - ବାନ୍ନାକାର୍ଡ - ମାଷ୍ଟରାସ ବାନ୍ନାକାର୍ଡ଼ ତୁଲେ ଶିଖା ବାଦାସ ।

ଓଡ଼ିଆ - ଚିଲ - ଚିଲ କୁକୁଡ଼ା ଛୁଆ ଉଠାଇ ନେଇ ଖାଇଯାଏ ।
ଓରାଓଁ - ଚିଲ୍ - ଚିଲ୍ ଖେରଚିୟାନ୍ ନେସ୍ୱିହୁଇ ମୁଖ୍ ।

ଓଡ଼ିଆ - ଚିହ୍ନ - ମୋ ବାମ ହାତରେ ଗୋଟିଏ କଟା ଚିହ୍ନ ରହିଛି ।
ଓରାଓଁ - ଚିହ୍ନା - ଏଙ୍ଘାଏ ଲେଙ୍ଗା ହେଖାନୁ ଅଣ୍ଟା ଖାଣ୍ଡର୍‌କା ଚିହ୍ନା ରାଇ ।

ଓଡ଼ିଆ - ଚିକିତ୍ସା - ନିୟମିତ ଚିକିତ୍ସା କଲେ ଏଡ୍‌ସ୍ ଭଲ ହୋଇ ଯାଏ ।
ଓରାଓଁ - ଦାୱାଇ ବିରୋ - ରୋଜ ଦାୱାଇ ବିରୋ ନାନ୍‌ଜକାତି ଏଡ଼ସ୍ ଦାଓମାନି ।

ଓଡ଼ିଆ - ଚିଙ୍ଗୁଡ଼ି - ଚିଙ୍ଗୁଡ଼ିଘେରି ଗୁଡ଼ିକ ଚିଲିକାର ସୌନ୍ଦର୍ଯ୍ୟ ନଷ୍ଟ କରୁଛି ।
ଓରାଓଁ - ଚପ୍ପେ - ଚପ୍ପେ ଘେରା ଗୁଠିଦ୍ ଚିଲିକାନ୍ତା ସଭାନ ଖାତାମ ନାନାଲି ।

ଓଡ଼ିଆ - ଚିରାଲେଙ୍ଗଡ଼ା - ପାଗଳଟା ଚିରା ଲେଙ୍ଗଡ଼ା ପିନ୍ଧି ବୁଲୁଛି ।
ଓରାଓଁ - ଏଟେରକାକାରମ୍ଭା - ପାଗଲାସ ଏଟେରକା କାରୟାନ ଚଆର କୁଦ୍ଦାଲାଗଦାସ୍ ।

ଓଡ଼ିଆ - ଚିହ୍ନାଇବା - ଜାତୀୟ ପତାକାର ରଙ୍ଗ ଗୁଡ଼ିକ ଅନ୍ୟକୁ ଚିହ୍ନାଇବା ଉଚିତ ।
ଓରାଓଁ - ଚିନନ୍ତାନା - ଜାତୀୟ ପତକାହି ରଙ୍ଗ ଗୁଠିନ ନାନାରିନ ହୁଁ ଚିନ୍‌ନ୍ତାନା କାଥିଥା ।

ଓଡ଼ିଆ - ଚିହ୍ନିବା - ପିଲାବେଳର ପଢ଼ାସାଥୀଙ୍କୁ ବହୁ ବର୍ଷ ପରେ ଚିହ୍ନିବା କଷ୍ଟ ।
ଓରାଓଁ - ଚିହ୍ନା - ଖାଦ୍ଦେ ବାରନ୍ତା ପାଢୁର ସାଙ୍ଗେରିନ ଢ଼େର ସାଲ ପାଛେ ଚିହ୍ନିନାମୁସକିଲ ।

ଓଡ଼ିଆ - ଚିପିବା - ହାତର ନାଡ଼ି ଚିପିବା ଦ୍ୱାରା ତାର ଗତି ଜଣା ପଡ଼େ ।
ଓରାଓଁ - ଚିପ୍‌ନା - ହେଖାନ୍ତା ନାଡ଼ି ଚିପ୍‌ନାତି ତାଙ୍ଗାଏ ନାଲି ଆଖ୍‌ତାରି ।

ଓଡ଼ିଆ - ଚିନ୍ତା - ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି ।
ଓରାଓଁ - ଚିନ୍ତା - ବେକ୍ ମୁଖ୍ୱି କାଟୁନ ଚିନ୍ତା ମୁଖ୍ୱି ଦେହାନ୍ ।

ଓଡ଼ିଆ - ଚିକିତ୍ସକ - ମାଳ ଅଞ୍ଚଳରେ ଚିକିତ୍ସକମାନଙ୍କର ଅଭାବ ରହିଛି ।
ଓରାଓଁ - ଜାତନୁ - ମାଲ ରାଜୀନୁ ଜାତନୁ ଯାମାରହି ଯୋଗ ଚିଇନା ଅଭାବ ରାଇ ।

ଓଡ଼ିଆ - ଚିତ୍କାର - ଘରେ ନିଆଁ ଲାଗିଲେ ଚିତ୍କାର କରି ଲୋକଙ୍କୁ ଡାକିବ ।
ଓରାଓଁ - ଚିରଲାରନ୍ - ଏଡ଼ପାନୁ ଚିଚି ଲାଗିୟା ହଲେ କିରଲାକି ଆଲାରିନ୍ ମେଖ୍‌କେ ।

ଓଡ଼ିଆ - ଚିହ୍ନଟ - ପକ୍ଷୀ ମଡ଼କ ହେଲେ ଭୂତାଣୁ ଚିହ୍ନଟ କାମ କରାଯାଏ ।
ଓରାଓଁ - ଚିହ୍ନଟ - ଅଡା ମାଡାଆଁ ମାଞ୍ଜା ହଲେ ଭୁତାଣୁ ଚିହ୍ନଟ ନାଲାଖ ମାନାତାରି ।

ଓଡ଼ିଆ - ଚିରିବା - ଜଙ୍ଗଲରେ ପଶିଲେ ଲୁଗା ଚିରିବା ସମ୍ଭାବନା ଥାଏ ।
ଓରାଓଁ - ଏଟ୍ରେନା - ଟଡ଼ାଆଂ କରଚୁକୁନ କିଚିରୀ ଏଟ୍ରେନା ସମ୍ଭାବାନା ରାଇ ।

ଓଡ଼ିଆ - ଚିନାବାଦାମ - ଚିନାବାଦାମ ଚାଷ ଏକ ଲାଭଜନକ ଫସଲ ।
ଓରାଓଁ - ବାଦାମ - ବାଦାମ ଚାଷ ଅଣ୍ଟା ଲାଭଦାୟକ ଫାସ୍‌ଲ ହିକେ ।

ଓଡ଼ିଆ - ଚିହ୍ନ ଉଠିବା - ବେତ ମାଡ଼ ହେଲେ ଦେହରେ ଚିହ୍ନ ଉଠିବା ସମ୍ଭାବନା ।
ଓରାଓଁ - ଚିହ୍ନାମାନ୍‌ନା - ଟେମ୍ପା ମାଡ଼ ମାଞ୍ଜକୁନୁ ମେଦନୁ ଚିହ୍ନାମାନ୍‌ନା ସମ୍ଭାବନା ।

ଓଡ଼ିଆ - ଚୁନା - ଗହମ ଚୁନାରେ ପରାଟା ତିଆରି ହୁଏ ।
ଓରାଓଁ - ଗୁଣ୍ଡା - ଗହମ ଗୁଣ୍ଡାନ୍ତି ପରଠା କାମତାରୀ ।

ଓଡ଼ିଆ - ଚେହେରା - ଚିନ୍ତାରେ ବାପାଙ୍କ ଚେହେରା ମଳିନ ଦେଖାଯାଉଛି ।
ଓରାଓଁ - ଚେହେରା - ଚିନ୍ତାତି ଆବାସ୍ ହି ଚେହେରା ମାରଲାରକା ଏଥ୍ରାଲି ।

ଓଡ଼ିଆ - ଚେର - ଚେରମୂଳି ଔଷଧ ଦେହ ପାଇଁ ନିରାପଦ ଅଟେ ।
ଓରାଓଁ - ଜିର୍ - ଜିର୍ ଦାଓ୍ୱାଇ ଶରୀରଗେ ଦାଓ ହିକେ ।

ଓଡ଼ିଆ - ଚେତା - ଘଣ୍ଟାଏ ପରେ ରମାର ଚେତା ଫେରିଲା ।
ଓରାଓଁ - ଚେତ - ଅନ ଘାଣ୍ଟା ପାଛେ ରମାସ୍‌ଗାହି ଚେତ କିର୍‌ରିଆ ।

ଓଡ଼ିଆ - ଚୋପା - କଦଳୀ ଚୋପା ରାସ୍ତାରେ ପକାଅ ନାହିଁ ।
ଓରାଓଁ - ଚପ୍ପା - କେଣା ଚପ୍ପା ଡାହାରେନୁ ଆମ୍‌କେ ହେବଡା ।

ଓଡ଼ିଆ - ଚୋରି - ଅସାମାଜିକ ଲୋକେ ଚୋରି କରନ୍ତି ।
ଓରାଓଁ - ଖାଡ଼ନା - ବେସାମାଜ ଆଲାର ଖାଡ଼ନାର ।

ଓଡ଼ିଆ - ଚୋବାଇବା - ଖାଦ୍ୟ ଚୋବାଇବା ଦ୍ୱାରା ହଜମ ହୁଏ ।
ଓରାଓଁ - ଚାବନା - ଅନାମଖ୍‌ନା ଚାବନା ଚାଲ୍‌ତେ ହଜମ ମାନ୍‌ନି ।

## – ଛ –

ଓଡ଼ିଆ - ଛଚିନ୍ଦ୍ରା - ଛଚିନ୍ଦ୍ରାକୁ ବିଲେଇ ଖାଏ ନାହିଁ ।
ଓରାଓଁ - ଛୁଚୁନ୍ - ଛୁଚୁନ୍ ବେରଖା ମାଲ ମୁଖ୍ଖି ।

ଓଡ଼ିଆ - ଛନଛନିଆ - ହାତୀମାନେ ଛନଛନିଆ ଫସଲକୁ ନଷ୍ଟ କରନ୍ତି ।
ଓରାଓଁ - ହାରିଆଭାରିଆ - ହାତୀଗୁଠି ହାରିଆଭାରିଆ ଖିତିନ୍ ନାଷ ନାନି ।

ଓଡ଼ିଆ - ଛଳରେ - କେଉଟ ଜାଲରେ ମାଛ ଧରେ ।
ଓରାଓଁ - ଜାଲ୍ଲୀନୁ - କେଅଁଟାର ଜାଲ୍ଲୀନୁ ଇନ୍‌ଜ ଧାରନାର ।

ଓଡ଼ିଆ - ଛଟପଟ - ଯନ୍ତ୍ରଣାରେ ପିଲାଟି ଛଟପଟ ହେଉଛି ।
ଓରାଓଁ - ଛାଟପାଟାରନା - ନୁଜନାତି କୁକ୍କୋସ ଛାଟପାଟରା ଦାସ ।

ଓଡ଼ିଆ - ଛକି - ଭୁଲ ଉତ୍ତରରେ ଶିକ୍ଷକ ଛକି ଚିହ୍ନ ଦିଅନ୍ତି ।
ଓରାଓଁ - ଛାକି - ଭୁଲ ଉତ୍ତରନୁ ମାଷ୍ଟରସ୍ ଛାକି ଚିହ୍ନା ଚିଦାସ୍ ।

ଓଡ଼ିଆ - ଛତା - ଖରାବର୍ଷାରୁ ଛତା ରକ୍ଷା କରେ ।
ଓରାଓଁ - କୁଲା - ବିଡନା ଚେଁପତି କୁଲ୍ଲାଦ ବାଛାବାଇ ।

ଓଡ଼ିଆ - ଛତୁ - ପୁରୁଣା କାଠରେ ଛତୁ ଉଠେ ।
ଓରାଓଁ - ଅସା - ପାଚ୍ଚା କାଙ୍କେନୁ ଅସା ଚୁଇ ।

ଓଡ଼ିଆ - ଛପର - ନଡ଼ା ଛପର ଘର ଖରାଦିନେ ଥଣ୍ଡା ରହେ ।
ଓରାଓଁ - ଖପର - ଖାପରା ଏଡ୍‌ପା ବିଡନା ଉଲ୍ଲା ଥାଣ୍ଡା ରାଇ ।

ଓଡ଼ିଆ - ଛପେଇ - ଡାକଟିକଟ ଅଠାରେ ଛପେଇ ଦିଆଯାଏ ।
ଓରାଓଁ - ଛାପାବା - ଡାକ ଟିକଟ ଲାଠକାନାର ।

ଓଡ଼ିଆ - ଛାଞ୍ଚି - ବଙ୍କାକାଠକୁ ଛାଞ୍ଚି ସଳଖ କରାଯାଏ ।
ଓରାଓଁ - ଛଲା - ଟେଢ଼ା ମାନ୍ନେନ ଛଲାକି ସିଧା ନାନତାରି / ନାନ୍ନାର ।

ଓଡ଼ିଆ - ଛାତି - ଭୂମିକମ୍ପ ଦେଖି ଭୟରେ ଛାତି ଥରି ଉଠେ ।
ଓରାଓଁ - ଛାତି - ଧାରତୀଡ଼ୋଲନାନ୍ ଏରାକି ଏଲେଚାନ୍ତି ଛାତି ଧାକ୍ ଧାକ୍‌ରି ।

ଓଡ଼ିଆ - ଛିଞ୍ଚିବା - ଅଚେତ ବ୍ୟକ୍ତିର ମୁହଁରେ ପାଣି ଛିଞ୍ଚିବା ଭଲ ।
ଓରାଓଁ - ଛିଞ୍ଚାନା - ବିହୋସ୍ ଆଲାରକି ମୁଇନୁ ଆମ୍ମେ ଛିଞ୍ଚାନା ଦାଓ ।

ଓଡ଼ିଆ - ଛୁ - ଚୋର ପୋଲିସକୁ ଦେଖି ଛୁ ମାରିଲା ।
ଓରାଓଁ - ଉଙ୍ଗନା - ଚରାସ୍ ପୁଲସିନ୍ ଏରାକି ଉଙ୍ଗାସ୍ ।

ଓଡ଼ିଆ - ଛୁଆ - ମଣିଷ ଛୁଆ ଅନେକ ଯତ୍ନ ଆବଶ୍ୟକ କରେ ।
ଓରାଓଁ - ଖାଦ୍ଦାସ - ଆଲ ଖାଦ୍ଦାର ବଗେଗମ୍ ଜାତାନ୍ ବେଦନାର ଦାରକାର ମାନି ।

ଓଡ଼ିଆ - ଛୁଇଁଲେ - ଲାଜକୁଳି ଲତାକୁ ଛୁଇଁଲେ ତାହା ମଉଳି ଯାଏ ।
ଓରାଓଁ - ଏମସେରକୁନ - ଲାଜକୁଲି ଖପ୍ପାନ ଏମସେରକୁନତେ ମୁରଝାରି କାଲି ।

ଓଡ଼ିଆ - ଛେଳି - ଛେଳିପାଳନ ଏକ ଲାଭ ଜନକ ବ୍ୟବସାୟ ।
ଓରାଓଁ - ଏଡା - ଏଡା ପୋସନା ଅଣ୍ଣା ଲାଭ ଜନକ ବେପାର ।

ଓଡ଼ିଆ - ଛୋଟ - ଛୋଟ ବେଳୁ ପିତାମାତାଙ୍କର ଆଜ୍ଞାବହ ହୁଅ ।
ଓରାଓଁ - ସାନ୍ନି - ସାନ୍ନି ବେଡ଼ାନ୍ତି ଆୟାଙ୍ଗ ବାଙ୍ଗାରହି କାଥାନ ମେନା ।

## - ଜ -

ଓଡ଼ିଆ - ଜଗତ - ଜଗତରେ ଅନ୍ୟାୟ ବଢ଼ି ଚାଲିଛି ।
ଓରାଓଁ - ଧାରତୀ - ଧାରତୀନୁ ଅନ୍ୟାୟ ବାଢ଼ରକି ରାଇ ।

ଓଡ଼ିଆ - ଜଙ୍ଗଲିଆ - ଜଙ୍ଗଲିଆ ଜାଗାରେ ହିଂସ୍ର ଜନ୍ତୁ ଥାଆନ୍ତି ।
ଓରାଓଁ - ଜାଙ୍ଗଲିୟା - ଜାଙ୍ଗଲିୟା ଆଡ଼ାନୁ ହିଂସ୍ର ଜାନ୍ତୁ ରାଇ/ ରାଆନାର ।

ଓଡ଼ିଆ - ଜଗାଇ - ଆଦିବାସୀମାନେ ପିଲାଙ୍କୁ ଫସଲ ଜଗାଇ ଦିଅନ୍ତି ।
ଓରାଓଁ - ଖାପତାନା - ଆଦିବାସୀଯାମାର ହାଦ୍ଦାରିନ ଚାଷାନ ଖାପତାନାର୍ ।

ଓଡ଼ିଆ - ଜଳ - ଜଳ ବିହୁନେ ସୃଷ୍ଟି ନାଶ ହେବ ।
ଓରାଓଁ - ଆମ୍ମ - ଆମ୍ମ ବିନା ସୃଷ୍ଟି ନାଶମାନ ।

ଓଡ଼ିଆ - ଜଳ ଛତ୍ର - ତୃଷାର୍ତ୍ତଙ୍କ ପାଇଁ ଜଳଛତ୍ର ଖୋଲାଯାଏ ।
ଓରାଓଁ - ଆମ୍ମଛାତାର - ଆମ୍ମଅନକା ଲାଗାନ ଆମ୍ମ ଛାତାର ଖଲତାରୀ ।

ଓଡ଼ିଆ - ଜଳନ୍ତା - ଜଳନ୍ତା ଘରୁ ପିଲାଟିକୁ ଉଦ୍ଧାର କରାଗଲା ।
ଓରାଓଁ - ଲାଘର୍ନ୍ନା - ଲାଘର୍ନ୍ନା ଏଡ଼ପାନ୍ତି କୁକ୍କୋସିନ ବାଛା ବାଚାର ।

ଓଡ଼ିଆ - ଜଙ୍ଘ - ଖେଳରେ ରିମିର ଜଙ୍ଘ ମଚକି ହୋଇ ଯାଇଛି ।
ଓରାଓଁ - ଜାଙ୍ଘ - ବେଚନାନୁ ରିମିହି ଜାଙ୍ଘ ମାଲକାରାକେରା ।

ଓଡ଼ିଆ - ଜଗୁଆଳି - ବ୍ୟାଙ୍କ ଗୁଡ଼ିକରେ ଜଗୁଆଳୀ ଥାଆନ୍ତି ।
ଓରାଓଁ - ଖାପୁର - ବ୍ୟାଙ୍କ ଗୁଠିନୁ ଖାପୁର ଜାମାର ରାନାର ।

ଓଡ଼ିଆ - ଜନମ - ଭାରତ ଆମର ଜନମ ଭୂଇଁ ଅଟେ ।
ଓରାଓଁ - ଜାନାମ - ଭାରତ ଏମହାଏ ଜାନାମ ଖୁଟି ଆଡ୍ଡା ହିକେ ।

ଓଡ଼ିଆ - ଜନନୀ - ଜନନୀ ଓ ଜନ୍ମଭୂମି ସବୁଠାରୁ ବଡ଼ ।
ଓରାଓଁ - ଆୟାଙ୍ଗ - ଆୟାଙ୍ଗ ଆଉର ଜାନାମ ଆଡ୍ଡା ହୁର୍‌ମିନ୍ତି କହାଁ ।

ଓଡ଼ିଆ - ଜନ୍ମଭୂମି - ଜନ୍ମଭୂମିର ସେବାରେ ଆମେ ନିଜକୁ ଉତ୍ସର୍ଗ କରିବା ।
ଓରାଓଁ - ଭୂୟାଁରୀ - ନାମ୍ ହାଏ ଜାନମ୍ ଆଡ୍ଡା ହି ସେଓ୍ୱାଗେ ଜିୟାନ୍ ଚିଅତ ।

ଓଡ଼ିଆ - ଜନ୍ମଦିନ - ଅକ୍ଟୋବର ଦୁଇ ମହାତ୍ମାଗାନ୍ଧିଙ୍କ ଜନ୍ମଦିନ ଅଟେ ।
ଓରାଓଁ - ଜାନାମ ଉଲ୍ଲା - ଅକ୍ଟୋବର ଦୁଇ ମହାତ୍ମାଗାନ୍ଧିସହି ଜାନାମଉଲ୍ଲା ହିକେ ।

ଓଡ଼ିଆ - ଜନଗଣନା - ପ୍ରତି ଦଶବର୍ଷକୁ ଥରେ ଜନଗଣନା କରାଯାଏ ।
ଓରାଓଁ - ଘାରସାମାରି - ହରମି ଦଶବାରାଷନୁ ଘାରସାମାରି ମାନି ।

ଓଡ଼ିଆ - ଜବତ - ପୋଲିସ୍ ଚୋରା ଜିନିଷକୁ ଜବତ କରନ୍ତି ।
ଓରାଓଁ - ଜାପ୍‌ତି - ପୁଲିସ ଖାଡ଼ାଚକା ଜିନିଷ ସାନ ଜାବାତ୍ ନାନାର ।

ଓଡ଼ିଆ - ଜମିବାଡ଼ି - ଜମିବାଡ଼ି ନଥିବା ଲୋକ ବହୁତ ଅଛନ୍ତି ।
ଓରାଓଁ - ଖାଲେ ଟଙ୍କା - ଖାଲେ ଟଙ୍କା ମାଲରାଚକା ଆଲବାହୁତ ରାନାର ।

ଓଡ଼ିଆ - ଜଡ଼ିତ - ଅଧ୍ୟୟନ ସହିତ ଦେଶ ସେବାରେ ଜଡ଼ିତ ଥାଅ ।
ଓରାଓଁ - ଜଡ୍ଡାରା - ପାଠପାଢ଼ନା ସାଙ୍ଗେ ଦେଶ ସେବାନୁ ଜଡ୍ଡାରା କି ରାଆ ।

ଓଡ଼ିଆ - ଜହ୍ନି - ଜହ୍ନି ଫୁଲ ରଙ୍ଗ ହଳଦିଆ ।
ଓରାଓଁ - ଝିଙ୍ଗା - ଝିଙ୍ଗା ପୁଁପହି ରାଙ୍ଗ ବାଲ୍‌କା ରାଙ୍ଗ ।

ଓଡ଼ିଆ - ଜୟ - କାରଗିଲ ଯୁଦ୍ଧରେ ଭାରତ ଜୟଲାଭ କଲା ।
ଓରାଓଁ - ଜିତନା - କାରଗିଲ ଲାଡ଼ାଇନୁ ଭାରତ ଜିତ୍ ନାଞ୍ଜା ।

ଓଡ଼ିଆ - ଜୟନ୍ତି – ନେତାଜୀଙ୍କ ଜୟନ୍ତି ବିଦ୍ୟାଳୟରେ ପାଳନ କରାଯାଏ ।
ଓରାଓଁ - ଜାୟାନ୍ତି– ନେତାଜଜୀସହି ଜାୟାନ୍ତି ଇସ୍କୁଲନୁ ମାନାବାନାର ।

ଓଡ଼ିଆ - ଜଣକା – ଜଣକା ହଳେ ଲେଖାଏ ପୋଷାକ ଦିଆଗଲା ।
ଓରାଓଁ - ଅତଖ – ଅତଖା ଅନ୍‌ଯୋଡା ଲେଖେ କିଚରୀ ଚିଇଚାର ।

ଓଡ଼ିଆ - ଜଣ – ଏକ ଜଣ ବ୍ୟକ୍ତି ବଞ୍ଚିବା କଷ୍ଟ ଅଟେ ।
ଓରାଓଁ - ଅତଖ – ଅତଖ ଆଲାସ୍‌ଗେ ଉଜନ୍ନା ବାଡ଼େ ତାକଲିପ ।

ଓଡ଼ିଆ - ଜମା – ଗାଁରେ ଜଣେ ମୃତ ହେଲେ ଲୋକ ଜମା ହୁଅନ୍ତି ।
ଓରାଓଁ - ରୁଣ୍ଡାହା – ପାଦାନୁ ଅଣ୍ଡା କେଚାସ୍ ହଲେ ଆଲାର ରୁଣ୍ଡାହା ମାନ୍‌ନାର ।

ଓଡ଼ିଆ - ଜ୍ୱର – ମେଲେରିଆ ଏକ ଘାତକ ଜ୍ୱର ଅଟେ ।
ଓରାଓଁ - ନାଣି – ମେଲେରିଆ ଅଣ୍ଡା ଜାନଲେଓ୍ୱା ନାଣି ହିକେ ।

ଓଡ଼ିଆ - ଜ୍ୱଳନ୍ତ – ଆଦର୍ଶ ଛାତ୍ର ଅନ୍ୟର ଜ୍ୱଳନ୍ତ ଉଦାହରଣ ହୁଅନ୍ତି ।
ଓରାଓଁ - ଖାନ୍ନେଇରିକା – ବେଶ ପାଢୁ କୁକ୍କସ୍ ଦୁସରାରହି ଖାନ୍ନେ ଏଥରକା ମାନ୍ଦାସ ।

ଓଡ଼ିଆ - ଜକେଇ – ମୋ ସାଙ୍ଗର ଦୁଃଖ ଦେଖି ମୋ ଆଖି ଜକେଇ ଗଲା ।
ଓରାଓଁ - ଖାନ୍ନେ ମିଙ୍ଗଖ୍ରାକେରା – ଏଙ୍ଗାଏ ସାଙ୍ଗେସ୍ କି ଦୁଖ ଏରାକରି ଏଙ୍ଗାଏ ଖାନ୍ନେ ମିଙ୍ଗ୍‌ଖ୍ରାକେରା ।

ଓଡ଼ିଆ - ଜାତି – ଜାତିପ୍ରଥା ଏକ ସାମାଜିକ କଳଙ୍କ ଅଟେ ।
ଓରାଓଁ - ଜାଇତ – ଜାଇତ୍ ପାଇତ୍ ଅଣ୍ଡା ସାମାଜହି କାଲାଙ୍କ ହିକେ ।

ଓଡ଼ିଆ - ଜାଗରଣ – ଦେଶରେ ଦୁର୍ନୀତି ବିରୁଦ୍ଧରେ ଜାଗରଣ ସୃଷ୍ଟି ହୋଇଛି ।
ଓରାଓଁ - ଜାଗରାନ – ଦେଶହି ଦୁର୍ନୀତି ବିରୁଧନୁ ଜାଗରାନ ସୃଷ୍ଟି ମାଞ୍ଜାକି ରାଇ ।

ଓଡ଼ିଆ - ଜାତୀୟ – ଖଣି ଗୁଡ଼ିକ ଜାତୀୟ ସମ୍ପତ୍ତି, ଲୁଟ କରିବା ଅନ୍ୟାୟ ।
ଓରାଓଁ - ଜାତୀୟ – ଖାଦାନ ଗୁଠିନ୍ତା ଜାତୀୟ ସମ୍ପତି ଖାଡ଼ନା ଅନ୍ୟାୟ ହିକେ ।

ଓଡ଼ିଆ - ଜାମା – ସ୍କୁଲ ସମୟ ହେଲେ ମାଆ ମୋତେ ଜାମା ପିନ୍ଧାନ୍ତି ।
ଓରାଓଁ - ଝୁଲା – ଇସ୍କୁଲ ବେଡାନୁ ଆୟାଙ୍ଗ ଏଙ୍ଗାଗେ ଝୁଲା ଆତିଚି ।

ଓଡ଼ିଆ - ଜାମୁ - ଜାମୁକୋଳି ଖାଇବାକୁ ମିଠା ଲାଗେ ।
ଓରାଓଁ - ଜାମ୍ବୁ - ଜାମ୍ବୁ ମଖାଗେ ଏମ୍ବା ଲାଗି ।

ଓଡ଼ିଆ - ଜାଲ - କେଉଟମାନେ ଜାଲରେ ମାଛ ଧରନ୍ତି ।
ଓରାଓଁ - ଜାଲ୍ଲି - କେଉଁଟାର ଜାଲ୍ଲିତି ଇଞ୍ଜୋ ଧାରନାର ।

ଓଡ଼ିଆ - ଜାଣିଲୁ - ରେଡ଼ିଓରୁ ଆମେ ପାଣି ପାଗ ଖବର ଜାଣିଲୁ ।
ଓରାଓଁ - ଆଖନା - ରେଡ଼ିଓନ୍ତି ଏମ୍ ଆମ୍ମେ ପାଗ ଖବାର ଆକାମ୍ ।

ଓଡ଼ିଆ - ଜାଣିବା - ଦେଶରେ ଘଟୁଥିବା ଘଟଣା ଜାଣିବା ଆବଶ୍ୟକ ।
ଓରାଓଁ - ଆଖ୍ନା - ଦେଶନୁ ଘାଟ୍ରାଲି ଘାଟନାନ୍ ଆଖ୍ନା କାତ୍‌ଥା ।

ଓଡ଼ିଆ - ଜିତିବା - ବିନା ଅଭ୍ୟାସରେ ଖେଳରେ ଜିତିବା କଷ୍ଟ ।
ଓରାଓଁ - ଜିତନା - ବିନା ଅଭ୍ୟାସନୁ ବେଚାର୍‌କି ଜିତନା କାଠିନ ।

ଓଡ଼ିଆ - ଜିନିଷ - ଘରେ ନିଆଁ ଲାଗିଲେ ଅନେକ ଜିନିଷ ପୋଡ଼ିଯାଏ ।
ଓରାଓଁ - ଜିନିଷ - ଏଡ୍‌ପାନୁ ଚିଇଛିଲାଗିଆ ହୋଲେ ଏଅନ୍ଦାଠୁ ଜିନିଷ ଉଲ୍ଲିକାଲି ।

ଓଡ଼ିଆ - ଜିରାଫ୍ - ଜିରାଫ୍ ଏକ ତୃଣଭୋଜି ପ୍ରାଣୀ ।
ଓରାଓଁ - ଜିରାଫ୍ - ଜିରାଫ୍ ଅଣ୍ଡା ଘାସି ମୁଖୁ ପ୍ରାଣୀ ।

ଓଡ଼ିଆ - ଜିଲ୍ଲାଜର୍ଜ - ପ୍ରତି ଜିଲ୍ଲାରେ ଜଣେ ଜିଲ୍ଲାଜର୍ଜ ଥାନ୍ତି ।
ଓରାଓଁ - ଜିଲ୍ଲାଜର୍ଜ - ହୁରମି ଜିଲ୍ଲାନୁ ଅଣ୍ଡା ଲେଖା ଜିଲ୍ଲା ଜର୍ଜ ରାନାର ।

ଓଡ଼ିଆ - ଜୀବ - ଜୀବ ହତ୍ୟା ମହାପାପ ।
ଓରାଓଁ - ଜୀବ - ଜୀବ ପିଟ୍‌ନା କହାଁପାପ ।

ଓଡ଼ିଆ - ଜୀବନ୍ତ - ବଣ ପୋଡ଼ିବେଳେ ଅନେକ ପ୍ରାଣୀ ଜୀବନ୍ତ ଦଗ୍ଧ ହୁଅନ୍ତି ।
ଓରାଓଁ - ଉଜକା - ଟଡ଼ାଙ୍ଗ ଅଲନାତି ଏଅନ୍ଦାଠୁ, ଜାଉଁତ, ଉଜ୍‌ନାମ୍ ଅଲନାର ।

ଓଡ଼ିଆ - ଜୀବନ - ଚିକିତ୍ସା ଅଭାବରେ ଅନେକଙ୍କ ଜୀବନ ଦେଇଥାଏ ।
ଓରାଓଁ - ଜୀୟା - ଚିକିତ୍ସା ମାଲକାତି ବାହୁତ ଆଲରହି ଡିଆ ଠଇଲକାଇ ।

ଓଡ଼ିଆ - ଜୀବନଯାପନ - ନର୍ସ ସ୍ୱାସ୍ଥ୍ୟସେବା ଦେଇ ଜୀବନ ଚାଲିଯାଏ ।
ଓରାଓଁ - ଉଜ୍‌ନାବିଜ୍‌ନା - ନର୍ସ ସ୍ୱାସ୍ଥ୍ୟସେବା ଚିଆକିରି, ଉଜନା ବିଜନା, ଚାଇଲକାଲି ।

ଓଡ଼ିଆ - ଜୀବିକା - ଲୁଗାବୁଣା ତନ୍ତିର ଜୀବିକା ଅଟେ ।
ଓରାଓଁ - ଜୀବ୍‌କା - କିଚିରୀ ତେସନା ତନ୍ତିରହି ଜୀବ୍‌କା ହିକେ ।

ଓଡ଼ିଆ - ଜୁହାର - ଗୁରୁଜନମାନଙ୍କୁ ଆମେ ଜୁହାର କରୁ ।
ଓରାଓଁ - ଗୋଡ଼ଲାଗ୍‌ନା - ଗୁରୁଜନ ଯାମାରିନ୍ ଏମ ଜୋହାର ଗୋଡ଼ଲାଗ୍‌ଦାମ୍ ।

ଓଡ଼ିଆ - ଜୁଡୁବୁଡୁ - ମୁଣ୍ଡ ଫାଟି ଯିବାରୁ ସେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଛି ।
ଓରାଓଁ - ଲଟ୍‌ପଟ୍ - କୁକୁ ହଟ୍ରା କେରାତି ଆସ ହେଁସନୁ ଲଟ୍‌ପଟ୍ ମାଞ୍ଜାସ କେରାସ୍ ।

ଓଡ଼ିଆ - ଜେଜେ - ଆମ ଜେଜେ ଚଷମା ପିନ୍ଧି ବହି ପଢ଼ନ୍ତି ।
ଓରାଓଁ - ଆଜ୍ଜ - ଏମ୍‌ହାୟ ଆଜ୍ଜସ୍ ଚଷମା ଆତ୍‌କାକିରି ବାହି ପାଢଦାସ୍ ।

ଓଡ଼ିଆ - ଜେବ୍ରାକ୍ରସିଂ - ଜେବ୍ରାକ୍ରସିଂରେ ଲୋକ ଚାଲି ଚାଲି ପାର ହୁଅନ୍ତି ।
ଓରାଓଁ - ଜେବ୍ରୋକ୍ରସିଂ - ଜେବ୍ରାକ୍ରସିଂନୁ ଆଲାର ଏକା ଏକା ପାର ମାନ୍‌ନାର ।

ଓଡ଼ିଆ - ଜୋରସୋର - ରାସ୍ତାକାମ ଜୋର ସୋରରେ ଚାଲିଛି ।
ଓରାଓଁ - ଜୋରସୋର - ଡ଼ାହରେ ନାଆଲଖ୍ ଜୋର ସୋରନୁ ଚାଲରାରିକି ରାଇ ।

ଓଡ଼ିଆ - ଜୋରରେ - ହେଲମେଟ୍ ପିନ୍ଧି ନ ଥିଲେ ମୁଣ୍ଡରେ ଜୋରରେ ଆଘାତ ହୁଏ ।
ଓରାଓଁ - ଜୋରସେ - ହେଲମେଟ ମା ଆତ୍‌କୁନ କୁକୁନୁ ଜୋରସେ ବାଜ୍‌ଡ଼ାରି/ ଲାଗି ।

ଓଡ଼ିଆ - ଜ୍ୟେଷ୍ଠ - ଜ୍ୟେଷ୍ଠ ଭ୍ରାତାଙ୍କୁ ଆମେ ପିତୃତୂଲ୍ୟ ସମ୍ମାନ ଦେଉ ।
ଓରାଓଁ - କହା - କହାଦାଦାସିନ୍ ଏମ ଆବାସ୍‌ଲାଖେ ସମ୍ମାନ ଚିଦାମ୍ ।

ଓଡ଼ିଆ - ଜ୍ୟୋତ୍ସ୍ନା - ଚାନ୍ଦର ଜ୍ୟୋସ୍ନା ଆନ୍ଧାକାର ଦୁର କରେ ।
ଓରାଓଁ - ବିଲ୍ଲି - ଚାନ୍ଦୋଗି ବିଲ୍ଲିଦ୍ ଉଖାନ ପାର ନାନି ।

ଓଡ଼ିଆ - ଜ୍ୟୋତିର୍ବିଦ - ପଠାଣି ସାମନ୍ତ ଜଣେ ବିଖ୍ୟାତ ଜ୍ୟୋତିର୍ବିଦ ଥିଲେ ।
ଓରାଓଁ - ଜ୍ୟୋତିର୍ବିଦ - ପଠାଣି ସାମନ୍ତସ୍ ଅଣ୍ଟା ବିଖ୍ୟାତ ଜ୍ୟୋତିର୍ବିଦ ରାଚାସ୍ ।

ଓଡ଼ିଆ - ଝଡ଼ - ଗତ ଝଡ଼ବର୍ଷାରେ ବରଗଛଟି ଉପୁଡ଼ି ଗଲା ।
ଓରାଓଁ - ତାକା - କେରା ତାକା ଝାଡ଼ିନୁ ବାଡ଼ା ମାନ୍ନେଦ୍ ଧାସରା କେରା ।

ଓଡ଼ିଆ - ଝଡୁଛି - ଟିକିଏ ପବନ ହେଲେ ପାଚିଲା ଆମ୍ବ ଝଡୁଛି ।
ଓରାଓଁ - ଖାତ୍ରାଲିଦ୍ - ତାନିକ୍ ତାକାନୁ ପାଞ୍ଜାକା ଟାଠ୍ଖ ଖାତ୍ରାଲିଦ୍ /ଖାତ୍ରାଲି ।

ଓଡ଼ିଆ - ଝଡିବର୍ଷା - ଝଡିବର୍ଷା ଅନେକ ଦିନ ଯାଏ ଲାଗିରହେ ।
ଓରାଓଁ - ଝାଡି ଚେପ - ଝାଡିଚେପ୍ ଢ଼େର୍ ଉଲ୍ଲା ଗୁଟ୍ଟି ଲାକିରାଇ ।

ଓଡ଼ିଆ - ଝଗଡ଼ା - ବେଳେବେଳେ ପିଲାଏ ପରସ୍ପର ଝଗଡ଼ା କରନ୍ତି ।
ଓରାଓଁ - ଝାଗଡା - ଅଂଘନଅଂଘନ ହାଦ୍ଦାର ତାମ୍ହାଏ ଭିତରେ ଝାଗଡ଼ା ମାନ୍ନାର ।

ଓଡ଼ିଆ - ଝରଣା - ଝରଣାଟିଏ କୁଳୁକୁଳୁ ହୋଇ ବହି ଯାଉଛି ।
ଓରାଓଁ - ଝାରନା - ଝାରନାଦ୍ କୁଳୁକୁଳୁ ବାଁଆନୁ ବାହାରଆଲି ।

ଓଡ଼ିଆ - ଝର ଝର - ପର୍ବତରେ ବର୍ଷା ଝରଝର ଶବ୍ଦ ହେଉଛି ।
ଓରାଓଁ - ଝାର୍ ଝାର - ପାର୍ତ୍ତାନୁ ଚେଁପ୍ ଝାରଝାର ଶାବାଦ ମାନାଲି ।

ଓଡ଼ିଆ - ଝରକା - ରାତିରେ ଝରକା ବନ୍ଦ କରି ରଖ ।
ଓରାଓଁ - ଝାରକା - ମାଖା ଝାରକା ମୁଚ୍ଚାକିରି ଉୟା ।

ଓଡ଼ିଆ - ଝଲକ - ଇନ୍ଦ୍ରଧନୁ ଝଲକ ଅତ୍ୟନ୍ତ ମନଲୋଭା ।
ଓରାଓଁ - ଝାଲକ - ଇନ୍ଦ୍ରଧନୁହି ଝାଲାକ ବାହୁତ ମାନାନ୍ ଲୋଭାବାଇ ।

ଓଡ଼ିଆ - ଝଲମଲ - ପାଣିରେ ସୂର୍ଯ୍ୟ କିରଣ ଝଲମଲ ହୋଇ ଦିଶୁଛି ।
ଓରାଓଁ - ଝଲମଲ - ଆମ୍ମୁନୁ ବିଡିହି ବିଲଚନା ଝଲମଲ ମାନାକିର୍ ଏଥ୍ରି ।

ଓଡ଼ିଆ - ଝାଉଁଳିବା - ସନ୍ଧ୍ୟା ହେଲେ ଚାକୁଣ୍ଡା ପତ୍ର ଝାଉଁଳିବା ଆରମ୍ଭ କରେ ।
ଓରାଓଁ - ଝାଉଁରାରନା - ବିଇଡ଼ିପୁତ୍ୟା ହୋଲେ ଚକଡା ଆତ୍ଖାଦ୍ ଝାଉଁରାରନା ସୁରୁମାନିକଲି ।

ଓଡ଼ିଆ - ଝାଳ - ଦେହ ଭିତରର ମଇଳା ଝାଳ ଆକାରରେ ବାହାରେ ।
ଓରାଓଁ - ଗାରମାରନା - ଦେହଭିତ୍‌ରେନ୍ତା ମାଇଲା ଗାର୍‌ମାର୍‌ନାତି ଉରଖି ।

ଓଡ଼ିଆ - ଝାଡୁ - ଝାଡୁରେ ଅଳିଆ ସଫା କରାଯାଏ ।
ଓରାଓଁ - ଗ୍ଲକି - ଗ୍ଲକିତି ମାଇଲା ସାଫା ନାଆନ୍‌ତାଆରି/ ନାନ୍ନାର ।

ଓଡ଼ିଆ - ଝାମ୍ପି - ଛଞ୍ଚାଣ ଅନ୍ୟ ପକ୍ଷୀଙ୍କୁ ଝାମ୍ପିନିଏ ।
ଓରାଓଁ - ରାପି - ବାଜ ଦୁସରା ଅଡାନ୍ ରାପି ବୁଙ୍ଗିତି ।

ଓଡ଼ିଆ - ଝିଟିପିଟି - ଝିଟିପିଟି କାନ୍ଥରେ ଥାଇ ପୋକ ଖାଏ ।
ଓରାଓଁ - ଭିତ୍‌ମାଛି - ଭିତମଛି - ଭିତନୁ ରାଆରକି ପଚଗନ୍ ମୁଖି ।

ଓଡ଼ିଆ - ଝିମଝିମ୍ - ମୁଣ୍ଡରେ ଆଘାତ ଲାଗିଲେ ଦେହ ଝିମ୍‌ଝିମ୍ ହୁଏ ।
ଓରାଓଁ - ଝିମ୍‌ଝିମ୍ - କୁକ୍କୁନୁ ମାଡ ମାଞ୍ଚା ହାଲେ ଦେହେ ଝିମ ଝିମ ମାନ୍ନି ।

ଓଡ଼ିଆ - ଝୁଲି ଝୁଲି - ପ୍ରଜାପତି ଫୁଲ ଗୁଡିକରେ ଝୁଲିଝୁଲି ରସ ପାନ କରେ ।
ଓରାଓଁ - ଝୁଲରା ଝୁଲରା - ପାପଲା ପୁଡୁଁପୁ ଗୁଠିନୁ ଝୁଲରା ଝୁଲରା ରାସେ ଉନି ।

ଓଡ଼ିଆ - ଝୁଲାଇ - ପ୍ରିୟ ଲୋକଙ୍କ ଫଟୋ ଘରେ ଝୁଲାଇ ରଖାଯାଏ ।
ଓରାଓଁ - ଝୁଲାବା - ପ୍ରିୟ ଆଲାରହି ଫୋଟୋ ଏଡପାନୁ ଝୁଲାବା ଉଇନାର ।

ଓଡ଼ିଆ - ଝୁଡି - ଶ୍ରମିକମାନେ ଝୁଡିରେ ମାଟି ବୋହି ନିଅନ୍ତି ।
ଓରାଓଁ - ଗାଣ୍ଡୁଆ - କୁଲିଯାମାର ଗାଣ୍ଡୁଆତି ଖାଜେ ଚେଡନାର ।

## - ଟ -

ଓଡ଼ିଆ - ଟଙ୍କା - ଟଙ୍କା ପଇସା ଦେଇ ଆମେ ଜିନିଷ କିଣୁ ।
ଓରାଓଁ - ରୁପିୟା - ରୁପିୟା ପାଇସା ଚଆରକି ଏମ୍ ସାଉଦା ଖେନ୍ଦଦାମ୍ ।

ଓଡ଼ିଆ - ଟଙ୍କିଆ - ଆଜିକାଲି ଏକ ଟଙ୍କିଆ ନୋଟ୍ ଦେଖା ଯାଉନାହିଁ ।
ଓରାଓଁ - ଏକ ରୁପିୟା - ଇନ୍ନାଲି ଏକ ରୁପିୟା ଲୋଟ ମାଲ୍ ଏଥ୍ରି ।

ଓଡ଼ିଆ - ଟାଙ୍ଗି - ମୁଁ ଅଲଗୁଣିରେ ସାର୍ଟ ଟାଙ୍ଗି ରଖେ ।
ଓରାଓଁ - ଟାଙ୍ଗ୍‌ନା - ଏନ୍ ଆଲଣାନୁ ଝୁଲାନ୍ ଟାଙ୍ଗାଖି ଉଇଦାନ୍ ।

ଓଡ଼ିଆ - ଟାଙ୍ଗରା - ଆମ ଅଜାଙ୍କ ମୁଣ୍ଡ ଟାଙ୍ଗରା ହୋଇଛି ।
ଓରାଓଁ - ଟାକୁଲୁ - ଏମା ଆଜସ୍‌କି କୁକ୍କୁ ଟାକୁଲୁ ମାଞ୍ଜକିରିଇ ।

ଓଡ଼ିଆ - ଟିକସ୍ - ଲୋକମାନେ ସରକାରକୁ ଟିକସ୍ ଦିଅନ୍ତି ।
ଓରାଓଁ - ଟିକସ୍ - ଆଲାର ସରକାରଗେ ଟିକସ୍ ଚିନ୍ନାର ।

ଓଡ଼ିଆ - ଟିକି - ଟିକି ପିଲାଟି ଗୁରୁଣ୍ଡୁଛି ।
ଓରାଓଁ - ଛୋଟେ - ଛୋଟେ କୁକ୍କୋସ ଘସର୍‌ଦାସ ।

ଓଡ଼ିଆ - ଟିକିଲି - ମହିଳାମାନେ ମୁହଁରେ ଟିକିଲି ଛାପି ରଖନ୍ତି ।
ଓରାଓଁ - ଟିକିଲି - ମୁକ୍କାର କାପଡେନୁ ଟିକିଲି ଲାଗାବାନାର ।

ଓଡ଼ିଆ - ଟ୍ରିଗର - ଟ୍ରିଗର ଟାଣିଲେ ବନ୍ଧୁକ ଫୁଟେ ।
ଓରାଓଁ - ଟ୍ରିଗାର - ଟ୍ରିଗାର ଟାଣଚକୁନ ବାନ୍ଧୁକ ଚୋଡ଼ି ।

ଓଡ଼ିଆ - ଟୋକନ - ଟୋକନ ଦେଇ ଷ୍ଟାଣ୍ଡରେ ସାଇକଲ ରଖାଯାଏ ।
ଓରାଓଁ - ଟୋକନ - ଟୋକନ ଚିଆରକି ଷ୍ଟାଣ୍ଡନୁ ସାଇକଲ ଉୟାଖାତରି / ଉଇନାର ।

ଓଡ଼ିଆ - ଟେକୋଇ - କୃଷକ ଟୋକେଇରେ ପରିବା ବୋହି ହାଟକୁ ନିଏ ।
ଓରାଓଁ - ବାଉଗି - ଝଷିର ବାଉଗିନୁ ଆଡଖା କୁମ୍ଭାକିପିଠ୍ ହନ୍ନାର ।

ଓଡ଼ିଆ - ଟୋପୀ - ଖରାଦିନେ ଟୋପି ପିନ୍ଧି ପଦାକୁ ବାହାରନ୍ତୁ ।
ଓରାଓଁ - ଟୋପୀ - ବିଡନାବାରି ଟୋପୀ ଆତ୍‌ତାକିରି ବାହାରି ଉର୍‌ଖା ।

## - ଠ -

ଓଡ଼ିଆ - ଠାକୁର - ମନ୍ଦିରରେ ଠାକୁର ପୂଜା ପାଆନ୍ତି ।
ଓରାଓଁ - ଧାର୍ମେସ୍ - ମନ୍ଦିରନୁ ଧାର୍ମେସ୍ ସ୍ ପୂଜା ହାଖଦାସ୍ ।

ଓଡ଼ିଆ - ଠାକୁରାଣୀ - ଅନେକ ମନ୍ଦିରରେ ଠାକୁରାଣୀ ପୂଜା ପାଆନ୍ତି ।
ଓରାଓଁ - ମାହାପ୍ଚୁ ମାଆ - ଏଅଁନ୍ଦଠୁ ମନ୍ଦିରନୁ ମାହାପ୍ଚୁ ମାଆ ପୂଜା ହାଖ୍‌ଖି ।

ଓଡ଼ିଆ - ଠାବ - ପୋଲିସ୍ ଚୋରକୁ ଠାବ କରି ପାରିଲେ ।
ଓରାଓଁ - ସୁରାକ - ପୋଲିସ୍ ଝେରାରିନ ସୁରାକସ୍ମାନା ଉଙ୍ଗିଆର୍ ।

ଓଡ଼ିଆ - ଠିକ୍ - ରବି ଯାହା କହିଛନ୍ତି ତାହା ଠିକ୍ ଅଟେ ।
ଓରାଓଁ - ଠିକ୍ - ରବିସ୍ ଯାହା ତେଙ୍କାଋସ୍ ଆଦ ଠିକ୍ ହିକେ ।

ଓଡ଼ିଆ - ଠିକଣା - ବାପାଙ୍କର ଠିକଣା ଆମ ପାଖରେ ରହିଛି ।
ଓରାଓଁ - ଠିକ୍‌ନା - ଏମବାସ ହି ଠିକ୍‌ନା ଏମହାୟ ହେଦେ ରାଇ ।

ଓଡ଼ିଆ - ଠିକ୍ ଠିକ୍ - ରୋଗ ବିଷୟରେ ଡାକ୍ତରଙ୍କୁ ଠିକ୍‌ଠିକ୍ କହ ।
ଓରାଓଁ - ଠିକ୍ ଠିକ୍ - ବେମାର ବିଷୟାନୁ ଡାକ୍ତରସିନ୍ ଠିକ୍ ଠିକ୍ ତେଙ୍ଗା ।

ଓଡ଼ିଆ - ଠୁଳ - ବିଦେଶୀ ପକ୍ଷୀ ଶୀତଦିନେ ଚିଲିକାରେ ଠୁଳ ହୁଅନ୍ତି ।
ଓରାଓଁ - ଜାମା - ପରଦେଶୀ ଅଡା ପାୟାଁବାକି ଚିଲିକାନୁ ଜାମା ମାନି ।

ଓଡ଼ିଆ - ଠେକୁଆ - ଠେକୁଆ ଆଖି ମେଲି ଶୋଇଥାଏ ।
ଓରାଓଁ - ଲାମ୍ବହା - ଲାମ୍ବହାଦ୍ ଖାନେ ଇଣ୍ଡରାକି ବିଡ଼ରୀ ।

ଓଡ଼ିଆ - ଠେଲାପେଲା - କିରାସିନି ପାଇଁ ଲୋକେ ଠେଲାପେଲା ହୁଅନ୍ତି ।
ଓରାଓଁ - ତୁକ୍‌କା ତୁକ୍‌କି - କିରାସିନ୍‌ହି ଲାଗାନ୍ ଆଲାର ତୁକ୍‌କା ତୁକ୍‌କି ମାନ୍ନାର ।

ଓଡ଼ିଆ - ଠୋ ଠୋ - ମୋତେ ଦେଖି ରବି ଠୋ,ଠୋ ହସିଲା ।
ଓରାଓଁ - ଖାଟଖାଟାନା -ଏଙ୍ଗାନ ଏରା କିରି ରବିସ ଖାଟ ଖାଟନା ଆଲଖ୍ୱାସ୍ ।

## - ଡ -

ଓଡ଼ିଆ - ଡଉଲ ଡାଉଲ - ପିଲାଟି ଡଉଲ ଡାଉଲ ଦେଖାଯାଉଛି ।
ଓରାଓଁ - ହାସମୁଖ - କୁକ୍କୋସ୍ ହାସମୁଖ ଏଥ୍ରାଦାସ୍ ।

ଓଡ଼ିଆ - ଡର - ବାଘ ଦେଖିଲେ ମୋତେ ଡର ଲାଗିବ ।
ଓରାଓଁ - ଏଲଚ୍‌ଚିକା - ଲାକାଡ଼ା ଏରକୁନ ଏଙ୍ଗା ଏଲଚ୍‌ଚିକା ଲାଗି ।

ଓଡ଼ିଆ - ଡରିବା - ଦୁଷ୍ଟମାନଙ୍କୁ ଡରିବା ଅନୁଚିତ ।
ଓରାଓଁ - ଏଲଚ୍‌ଚିନା - ଦୁଷ୍ଟଯାମାରିନ୍ ଏଲଚ୍‌ଚିନା ଅନୁଚିତ / କାଥା ।

ଓଡ଼ିଆ - ଡବା - କ୍ଷୀର ଡବାରେ ରଖି ରପ୍ତାନି କରାଯାଏ ।
ଓରାଓଁ - ଡାବା - ଦୁଧି ଡାବାନୁ ନିନ୍ଦାକି ରପ୍ତାନି ନାନ୍‌ତାରୀ / ନାନ୍ନାର ।

ଓଡ଼ିଆ - ଡଜନ - କଦଳୀ ଡଜନ କୋଡ଼ିଏ ଟଙ୍କା ।
ଓରାଓଁ - ଦର୍ଜନ - କେଣା ଦର୍ଜନ ବିଶ୍ ରୁପିୟା ।

ଓଡ଼ିଆ - ଡଙ୍ଗା - ଡଙ୍ଗାରେ ନଈ ପାର କରାଯାଏ ।
ଓରାଓଁ - ଡଙ୍ଗା - ଡଙ୍ଗାତି ଖାଡ଼ ପାର ନାନ୍‌ତାରୀ/ ନାନ୍ନାର ।

ଓଡ଼ିଆ - ଡାଇସ୍ - ଲୁଡୁଖେଳ ପାଇଁ ଡାଇସ୍ ଆବଶ୍ୟକ ।
ଓରାଓଁ - ଡାଇସ୍ - ଲୁଡୁ ବେଞ୍ଚାଗେ ଡାଇସ୍ ଦାରକାର ।

ଓଡ଼ିଆ - ଡାକିବା - ମୁଁ ଭାଇକୁ ଡାକିବା ପାଇଁ ଗଲି ।
ଓରାଓଁ - ମେହାଁ - ଏନ ଭାଇସିନ ମେଖାଁଗେ କେର୍‌କାନ ।

ଓଡ଼ିଆ - ଡାକ୍ତର ଖାନା - ଡାକ୍ତରଖାନାରେ ରୋଗୀ ଚିକିତ୍ସା କରାଯାଏ ।
ଓରାଓଁ - ଡାକ୍ତର ଖାନା - ଡାକ୍ତରଖାନାନୁ ବେମାରି ଚିକିତ୍ସା ନାନ୍‌ତାରି/ନାନ୍ନାର ।

ଓଡ଼ିଆ - ଡାହାଣ - ଆମେ ଡାହାଣ ହାତରେ ଲେଖୁ ।
ଓରାଓଁ - ତିନ୍‌ନା/ ମାଣ୍ଡି - ଏମ ତିନ୍‌ନା/ ମାଣ୍ଡି ହେଖାତି ଲେଖଦାମ୍ ।

ଓଡ଼ିଆ - ଡାକବାଲା - ଡାକବାଲା ଆମକୁ ଚିଠି ଦେଇ ଯାଆନ୍ତି ।
ଓରାଓଁ - ଡାକବାଲା - ଡାକବାଲାସ୍ ଏମାଗେ ଚିଠି ଚିଆରକି କାଦାସ୍ ।

ଓଡ଼ିଆ - ଡାଳ - ଘୂର୍ଣ୍ଣିବାତ୍ୟାରେ ଗଛର ଡାଳ ଭାଙ୍ଗିଯାଏ ।
ଓରାଓଁ - ଡାଆଡା - ଘୂର୍ଣ୍ଣି ଧୁକାନୁ ମାନ୍ନେହି ଡାଆଡା ଏସ୍ରିକାଇ /ଏସ୍ରିକାଲି ।

ଓଡ଼ିଆ - ଡିଆଁ - ମୀରା ଲମ୍ଫ ଡିଆଁରେ ପ୍ରଥମ ହେଲା ।
ଓରାଓଁ - ଡେଗା - ମିରା ଲାମ୍ଫା ଡେଗାନୁ ପାହିଲା ମାଞ୍ଜା ।

ଓଡ଼ିଆ - ଡିଆଁ ଡେଇଁ - ମାଙ୍କଡମାନେ ଗଛରେ ଡିଆଁ ଡେଇଁ କରନ୍ତି ।
ଓରାଓଁ - ଡେଗା ଡେଗି - ବାନ୍ଦ୍‌ରା ମାନ୍ନେନୁ ଡେଗା ଡେଗି କାମିଇ /କାମ୍‌ନାର୍ ।

ଓଡ଼ିଆ - ଡୁବି ତବଲା - ରମା ଡୁବିତବଲା ବଜାଇ ଜାଣେ ।
ଓରାଓଁ - ଡୁବି ତବଲା -ରମାସ୍ ଡୁବିତବଲା ଆସ୍‌ସାଗେ ଆଖଦାସ୍ ।

ଓଡ଼ିଆ - ଡେରି - ଘରେ ପହଞ୍ଚିବା ମୋର ଡେରି ହେଲା ।
ଓରାଓଁ - ଡେରି - ଏଡପା ଆଣ୍ସାଗେ ଏଙ୍ଗା ଡେରି ମାଞ୍ଜା ।

ଓଡ଼ିଆ - ଡେଙ୍ଗା - ଆମ ଗାଁରେ ଡେଙ୍ଗା ଖଜୁରୀ ଗଛଗୁଡ଼ିକ ରହିଛି ।
ଓରାଓଁ - ମେଛା - ଏମହାୟ ପାଦ୍ଦାନୁ ମେଛା କିନ୍ଦା ମାନ୍ନେଗୁଠି ରାଇ ।

ଓଡ଼ିଆ - ଡେଙ୍ଗୁରା - ଡେଙ୍ଗୁରା ବାଡାଇ ସରକାରୀ ସୂଚନା ଦିଆଯାଏ ।
ଓରାଓଁ - ଡିବ୍‌ଡିବି - ଡିବ୍‌ଡିବି ଠକ୍କାକୀ ସରକାରି ଖବର ଚିଆ ଲାଗି/ଚିନ୍ନାର ।

ଓଡ଼ିଆ - ଡେଣା - ପକ୍ଷୀର ଦୁଇଟି ଡେଣା ଥାଏ ।
ଓରାଓଁ - ଡେଣା - ଅଡାହି ଜଡେ ଡେଣା ରାଇ ।

ଓଡ଼ିଆ - ଡୋରି - କାଠ ବନ୍ଧା ଯାଇଥିବା ଡୋରି ଛିଣ୍ଡିଗଲା ।
ଓରାଓଁ - ଏପ୍ - କାଙ୍କେ ହେଁଚକା ଏପ୍ ଖାଚରା କେରା ।

## – ଢ –

ଓଡ଼ିଆ - ଢିପ - ଆମ ଘର ଏକ ଢିପ ଉପରେ ରହିଛି ।
ଓରାଓଁ - ଢିପ୍‌ପା - ଏମ୍‌ହାଏ ଏଡପା ଅଣ୍ଟା ଢିପ୍‌ପା ମାୟାଁ ରାଇ ।

ଓଡ଼ିଆ - ଢୋଲ - ଆଦିବାସୀମାନେ ଢୋଲବଜାଇ ନାଚନ୍ତି ।
ଓରାଓଁ - ନାଗଡ଼ା - ଆଦିବାସୀ ଯାମାର ନାଗଡ଼ା ଆସାକି ବେଚନାର/ ନାଲନାର ।

ଓଡ଼ିଆ - ଢଙ୍ଗ - ପ୍ରତ୍ୟେକେ ନିଜ ନିଜ ଢଙ୍ଗରେ ଚଳନ୍ତି ।
ଓରାଓଁ - ଢଙ୍ଗ - ଯାମାର ଆପନ୍ ଆପନ୍ ଢଙ୍ଗ୍‌ନୁ ଚାଲାର୍‌ନାର ।

ଓଡ଼ିଆ - ଢୋଲକି - ଢୋଲକି ବଜାଇ ଗୀତ ଗାଅ ।
ଓରାଓଁ - ଢୋଲକି - ଢୋଲକି ଆସାକି ଡ଼ାଣ୍ଡି ପାଆଡା ।

## – ତ –

ଓଡ଼ିଆ - ତରାଟି - ସେ ମୋତେ ଆଖି ତରାଟି ଚାହିଁଲା ।
ଓରାଓଁ - କାନଖେ - ହୁସ ଏଙ୍ଗାନ ହାନ୍ନେ କାନଖେ ନାଜାର୍‌ନୁ ଇରିଆସ୍ ।

ଓଡ଼ିଆ - ତଟକା - ତଟକା ଫଳ ଖାଅ ।
ଓରାଓଁ - ରକ୍‌କା - ରକ୍‌କା ଫାଲାନ୍ ମଖାଁ ।

ଓଡ଼ିଆ - ତଳ - ଥାଳିର ତଳ ଅଂଶ ଚଟକା ଅଟେ ।
ଓରାଓଁ - କିୟା - ଥାଡ଼ାହି କିୟାଭାଗ ସାମାନ୍ ରାଇ ।

ଓଡ଼ିଆ - ତଳେ - ପିଲାଟି ଖେଳୁଖେଳୁ ତଳେ ପଡିଗଲା ।
ଓରାଓଁ - କିୟା - କୁକ୍କୋସ ବେଚୁ ବେଚୁ କିୟା ଖାତରାସ କେରାସ୍ ।

ଓଡ଼ିଆ - ତଳୁ - ମାଟି ତଳୁ କୋଇଲା ବାହାରେ ।
ଓରାଓଁ - କିୟା - ଖାଜେ କିୟାତି କୁଇଲା ଉରଖି ।

ଓଡ଼ିଆ - ତଡ଼ା - ଛୋଟ ପିଲାଟି କଡ଼ରେ ଠିଆ ହୋଇଛି ।
ଓରାଓଁ - କହା ଡାଙ୍ଗ୍ - ଛୋଟେ କୁକୋସ କହା ଡ଼ାଙ୍ଗ୍‌ନୁ ଇଜକାଦାସ୍ ।

ଓଡ଼ିଆ - ତମତମ - ସେ ରାଗରେ ତମତମ ହୋଇ ଚାଲିଗଲା ।
ଓରାଓଁ - ତାମତାମରା - ଆସ୍ ଖିସତି ତାମତାମରାସ୍ ଆଉର ବଙ୍ଗାସ୍ ।

ଓଡ଼ିଆ - ତରତର - ବାପା ତରତର ହୋଇ ଅଫିସ ଗଲେ ।
ଓରାଓଁ - ହଲବାଲି - ଆଙ୍ଗସ୍ ହଲବାଲି ମାନିକିରି ଅଫିସ କେରାସ୍ ।

ଓଡ଼ିଆ - ତରଳ - ତରଳ ପଦାର୍ଥକୁ ଲିଟରରେ ମପାଯାଏ ।
ଓରାଓଁ - ତରଳ - ତରଳ ଜିନିଷସାନ ଲିଟରନୁ ନାପତାରି / ନାପ୍‌ନାର ।

ଓଡ଼ିଆ - ତରୁ - ଜଙ୍ଗଲରେ ବିଭିନ୍ନ ତରୁଲତା ଥାନ୍ତି ।
ଓରାଓଁ - ଫୁଂପୁ - ଟଡ଼ାଙ୍ଗନୁ ନାନାପ୍ରକାର ଫୁଂପୁ ଲାଲାଙ୍ଗ ରାଇ ।

ଓଡ଼ିଆ - ତଣ୍ଟି - ତାଙ୍କ ତଣ୍ଟିରେ ଥରେ ମାଛ କଣ୍ଟା ଲାଗିଥିଲା ।
ଓରାଓଁ - ଟଟ୍‌ଆ - ତାଙ୍ଘାଏ ଟଟାନୁ ଅଙ୍ଘନ ଇନ୍‌ଜ ହଁଚଲ ହାଟିଙ୍ଗ୍‌କି ରାଚା ।

ଓଡ଼ିଆ - ତତ୍ତ୍ୱାବଧାନ - ପିତାମାତା ସନ୍ତାନର ତତ୍ତ୍ୱାବଧାନ କରନ୍ତି ।
ଓରାଓଁ - ଏରନାହଜନା - ଆୟାଙ୍ଗ ବାୟାଙ୍ଗ ଖାଦ୍ଦାରହି ଏରନାହଜନା ନାନ୍ନାର ।

ଓଡ଼ିଆ - ତନ୍ତ - ତନ୍ତରେ ଲୁଗା ବୁଣାଯାଏ ।
ଓରାଓଁ - କପା - କାପାସନୁ କିଚରି ତେସତାରି/ ତେସ୍‌ନାର ।

ଓଡ଼ିଆ - ତାଳ - ତାଳରୁ ଗୁଡ ତିଆରି ହୁଏ ।
ଓରାଓଁ - ତାଡ - ତାଳନୁ ଗୁଲ୍ଲେ କାମ୍‌ରି ।

ଓଡ଼ିଆ - ତାଳଗଛ - ତାଳଗଛ ଖୁବ୍ ଡେଙ୍ଗା ।
ଓରାଓଁ - ତାଡମାନ୍ନେ - ଢାଳମାନ୍ନେ ବହୁତ ମେଛା ।

ଓଡ଼ିଆ - ତାଲିକା - ଭୋଟରମାନଙ୍କର ନାମ ତାଲିକା ପ୍ରକାଶିତ ହେଲା ।
ଓରାଓଁ - ତାଲିକା - ଭୋଟରଯାମାରହି ନାମେ ତାଲିକା ପ୍ରକାଶ ମାଞ୍ଜା ।

ଓଡ଼ିଆ - ତାଲା - ମା ଘରେ ତାଲା ଦେଇ କାମକୁ ଯାଆନ୍ତି ।
ଓରାଓଁ - କୁଞ୍ଚି - ଆୟାଙ୍ଗଦ୍ ଏଡପାନୁ କୁଞ୍ଚି ଚିଆକି ନାଲଖ କାଲି ।

ଓଡ଼ିଆ - ତାଟକା - ପିଲାଟି ହାତୀ ଦେଖି ତାଟକା ହୋଇଗଲା ।
ଓରାଓଁ - ଆବାକ - କୁକୋସ ହାଥି ଏରାକି ଅବାକ୍ ମାଞ୍ଜାସ୍ ।

ଓଡ଼ିଆ - ତାରକା - ରାତିରେ ତାରକା ଗୁଡିକ ସୁନ୍ଦର ଦିଶନ୍ତି ।
ଓରାଓଁ - ବିନ୍‌କୋ - ମାଖା ବିନ୍‌କୋ ଆନାଇତ୍ ସୁନ୍ଦର ଏଥରି ।

ଓଡ଼ିଆ - ତିଆରି - ଦରଜି ପୋଷାକ ତିଆରି କରନ୍ତି ।
ଓରାଓଁ - କାମନା - ଦରଜିସ୍ ଝୁଲାନ୍ କାମଦାସ୍ ।

ଓଡ଼ିଆ - ତିନୋଟି - ନଡିଆରେ ତିନୋଟି ଆଖିଥାଏ ।
ଓରାଓଁ - ତିନ୍‌ଠୁ - ନାରକାଲହି ତିନ୍‌ଠୁ ଖାନ୍ନେ ରାଇ ।

ଓଡ଼ିଆ - ତ୍ରିଭୁଜ - ତ୍ରିଭୁଜରେ ତିନୋଟି କୋଣ ଥାଏ ।
ଓରାଓଁ - ତ୍ରିଭୁଜ - ତ୍ରିଭୁଜନୁ ତିନ୍‌କୋନିଆ ରାଇ ।

ଓଡ଼ିଆ - ତିଳେ - ବାର୍ଷିକ ପରୀକ୍ଷାକୁ ମୁଁ ତିଳେ ମାତ୍ର ଭୟ କରେ ନାହିଁ ।
ଓରାଓଁ - ତାନ୍‌କୋ - ବାର୍ଷିକ ପାରିକ୍ଷାୟନ ଏନ ତାନ୍‌କୋ ମାଲ ଏଲେଚଦାନ ।

ଓଡ଼ିଆ - ତିରଙ୍ଗା - ତିରଙ୍ଗା ଆମ ଜାତୀୟ ପତାକା ଅଟେ ।
ଓରାଓଁ - ତିରଙ୍ଗା - ତିରଙ୍ଗା ଏମହାୟ ଜାତୀୟ ପତାକା ହିକେ ।

ଓଡ଼ିଆ - ତୀର - ଆଦିବାସୀମାନେ ତୀର ମାରି ଶିକାର କରନ୍ତି ।
ଓରାଓଁ - କାନ୍ନା - ଆଦିବାସୀ ଯାମାର କାନ୍ନାଲାଆର୍‌କି ସେନ୍ଦରା ନାଆନ୍‌ର ।

ଓଡ଼ିଆ - ତୁରନ୍ତ - ଜ୍ୱରହେଲେ ତୁରନ୍ତ ଔଷଧ ଖାଅ ।
ଓରାଓଁ - ଜାଲଦି - ନାଣି ମାଞ୍ଜକୁନ ଜାଲଦି ଦାଓ୍ୱାଇ ମୋଖା /ମଖା ।

ଓଡ଼ିଆ - ତୁଷ୍ଟ - ସୈନିକର ଧୈର୍ଯ୍ୟ ଦେଖି ରାଜା ତୁଷ୍ଟ ହେଲେ ।
ଓରାଓଁ - ଖୁସି - ସଇନିକସ୍କି ହି ଧୈର୍ଯ୍ୟ ଏରାକି ରାଜାସ୍ ଖୁସି ମାଞ୍ଜାସ୍ ।

ଓଡ଼ିଆ - ତୃତୀୟ - ରାଗିଣୀ ପରିବାରର ତୃତୀୟ କନ୍ୟା ଅଟେ ।
ଓରାଓଁ - ତିସ୍‌ରା - ରାଗିଣୀ କୁଟୁମ୍ବନ୍ତା ତିସ୍‌ରା କୁକୋଏଦ୍ ହିକେ ।

ଓଡ଼ିଆ - ତୁଚ୍ଛା - ସେ ତୁଚ୍ଛାରେ ମୋତେ ସନ୍ଦେହ କରୁଛି ।
ଓରାଓଁ - ବେକାର - ଆସ ଏଙ୍ଗାନ ବେକାର ସନ୍ଦେହ ନାନାଲ୍‌ଦାସ/ ନାନାଲାଗ୍‌ଦାସ ।

ଓଡ଼ିଆ - ତୂରୀ - ଯୁଦ୍ଧ ପାଇଁ ତୂରୀ ବଜାଅ ।
ଓରାଓଁ - ତୁରୀ - ଲାଡ଼ାଇ ବାକି ତୁରୀ ଆସ୍‌ସାଲିୟାର ।

ଓଡ଼ିଆ - ତେଲ - ଜଡା ମଞ୍ଜିରୁ ତେଲ ବାହାରେ ।
ଓରାଓଁ - ଇସୁଙ୍ଗ - ଜାଡା ମାଞ୍ଜିନ୍ତି ଇସୁଙ୍ଗ ଉରଖି ।

ଓଡ଼ିଆ - ତେଣ୍ଡା - ତେଣ୍ଡାରେ ପାଣି ଉଠାଇ ଜଳ ସେଚନ କରାଯାଏ ।
ଓରାଓଁ - ଟେଣ୍ଡା - ଟେଣ୍ଡାତି ଆମ୍ମେ ଉଠାବାକିରି ଆମ୍ମୋପାଟାବାନାର ।

ଓଡ଼ିଆ - ତେନ୍ତୁଳି - ତେନ୍ତୁଳି ଖଟା ଲାଗେ ।
ଓରାଓଁ - ତିତାଲି - ତିତାଲି ତିସ୍ୱା ଲାଗି ।

ଓଡ଼ିଆ - ତୋଟା - ଆମ ଗାଁ ପାଖରେ ଏକ ଆମ୍ବ ତୋଟା ଅଛି ।
ଓରାଓଁ - ବାଗାଇଚା - ଏମହାୟ ପାଦ୍ଦା ହେଦେ ଅଷ୍ମା ଟାଠ୍‌ଖା ବାଗାଇଚା ରାଇ ।

ଓଡ଼ିଆ - ତୋତେ - ମୁଁ ତୋତେ ସାହାଯ୍ୟ କରିବି ।
ଓରାଓଁ - ନିଙ୍ଗାନ୍ - ଏନ ନିଙ୍ଗାନ୍ବା ସାହେତା ନାନୋନ ।

ଓଡ଼ିଆ - ତୋଳିବା - ରୀନା ଓ ଲିନା ଶାଗ ତୋଳିବା ପାଇଁ ଗଲେ ।
ଓରାଓଁ - ତଖ୍ନା - ରୀନା ଆଉର ଲିନା ଆଡଖା ତଖ୍ନାଗେ କେରାର୍ ।

ଓଡ଼ିଆ - ତୋରାଣୀ - ଗାଈକୁ କୁଣ୍ଡା ତୋରାଣି ଦିଅ ।
ଓରାଓଁ - ବାସିଆମ୍ମେ - ଗାୟଗେ କୁଣ୍ଡୋ ବାସିଆମ୍ମେ ଚିଆ ।

## - ଥ -

ଓଡ଼ିଆ - ଥର - ମୁଁ ଦିନକୁ ଦୁଇଥର ଭାତ ଖାଏ ।
ଓରାଓଁ - ଧାଅଁ - ଏନ ଦିନଭାଇରନୁ ଦୁଇଧାଅଁ ମାଣ୍ଡି ଅନଦାନ ।

ଓଡ଼ିଆ - ଥରକେ - କୁକୁଡ଼ା ଥରକେ ଗୋଟିଏ ଅଣ୍ଡା ଦିଏ ।
ଓରାଓଁ - ଅଘନ୍ - ଖେର୍ ଅଘନ୍ ଅଣ୍ଡା ବିଇ ଚିଇ ।

ଓଡ଼ିଆ - ଥର ଥର - ରୋଗୀ ଥରଥର ହୋଇ ବସିଛି ।
ଓରାଓଁ - ଥାର୍ଥାର୍ - ବେମାରିସ ଥାର୍ଥାରାକି ଉକ୍ଜାଦାସ ।

ଓଡ଼ିଆ - ଥରିବା - ଥରିବା ମେଲେରିଆ ରୋଗର ଲକ୍ଷଣ ।
ଓରାଓଁ - ଆସ୍ରାନା - ଆସ୍ରନା ମେଲେରିଆ ବେମାରହି ଲକ୍ଷଣ ।

ଓଡ଼ିଆ - ଥଟ୍ଟା ମଜା - ଥଟ୍ଟାମଜାରେ କ୍ଷଣିକ ଆନନ୍ଦ ମିଳେ ।
ଓରାଓଁ - ହାସିମାଜାକ - ହାସିମାଜାକନୁ ତାନିକଗେ ଆନାନ୍ଦ ଖାକରି / ଲାଗି ।

ଓଡ଼ିଆ - ଥଣ୍ଟ - ଶୁଆର ଥଣ୍ଟ ବଙ୍କା ଥାଏ ।
ଓରାଓଁ - ଠର - ସୁଗାହି ଠର୍ ଟେଢ଼ା ରାଇ ।

ଓଡ଼ିଆ - ଥଣ୍ଡା - ଖରାଦିନରେ ଥଣ୍ଡା ପାଣି ପିଇବାକୁ ଭଲ ଲାଗେ ।
ଓରାଓଁ - ଠାଣହା - ବିଡ଼ନା ଉଲ୍ଲା ଠାଣହା ଆମ୍ମେ ଓନାଗେ ଦାଓ ଲାଗି ।

ଓଡ଼ିଆ - ଥାନ - ଏହି ଥାନରେ ମୋର ଭାଇ ସହୀଦ ହୋଇଥିଲେ ।
ଓରାଓଁ - ଆଡ୍ଡା - ଇ ଆଡ୍ଡାନୁ ଏଙ୍ଗଡିସ୍ ସହିଦ ମାଞ୍ଜାକାଚସ୍ ।

ଓଡ଼ିଆ - ଥାନା - ଅନ୍ୟାୟ ଦୂର କରିବା ପାଇଁ ଥାନା ରହିଛି ।
ଓରାଓଁ - ଥାନା - ଅନ୍ୟାୟ ଦୁର ନାନାଗେ ଥାନା ରାଇ ।

ଓଡ଼ିଆ - ଥାଳି - ମୁଁ ମୋ ଖାଇବା ଥାଳି ସଫା କରେ ।
ଓରାଓଁ - ଥାଡ଼ା - ଏନ ଏଙ୍ଗାଏ ଅନ୍‌ନା ଥାଡ଼ାନ ସାଫା ନାନ୍‌ଦାନ୍ ।

ଓଡ଼ିଆ - ଥୋଇ - ଟେବୁଲ ଉପରେ ମୁଁ ଘଣ୍ଟାଟି ଥୋଇଥିଲି ।
ଓରାଓଁ - ଉଇନା - ଟେବୁଲ ମାୟାଁ ଏନ୍ ଘାଡ଼ିନ୍ ଉଇକାଚକାନ ।

## - ଦ -

ଓଡ଼ିଆ - ଦୟା - ଅସହାୟ ଲୋକଙ୍କୁ ଦୟା କର ।
ଓରାଓଁ - ସଗଗେ - ଅସହାୟ ଆଲାସିନ ସୋଗାରା ।

ଓଡ଼ିଆ - ଦରବ - ଆମ ରାଜ୍ୟ ଧନ ଦରବରେ ପରିପୂର୍ଣ୍ଣ ।
ଓରାଓଁ - ଦରବ - ଏମ୍‌ହାଏ ରାଜି ଧନ ଦାରବନୁ ନିନ୍ଦକିରିଇ ।

ଓଡ଼ିଆ - ଦରିଆ - ଲୋକେ ଜାହାଜରେ ଦରିଆ ପାରି ହୁଅନ୍ତି ।
ଓରାଓଁ - ସାମୁଦାର - ଆଲାର ଜାହାଜନୁ ସାମୁଦାର ପାର ମାନନାର୍ ।

ଓଡ଼ିଆ - ଦଉଲତ - ରାଜାଙ୍କର ଅନେକ ଦଉଲତ ଥାଏ ।
ଓରାଓଁ - ସାମପାତି - ରାଜାସ୍‌ହି ବହୁତ ଧାନସାମପାତି ରାଇ ।

ଓଡ଼ିଆ - ଦଣ୍ଡ - ବିଦ୍ୟାଳୟ ଏକ ଦଣ୍ଡ ମୁକ୍ତ ଅଞ୍ଚଳ ଅଟେ ।
ଓରାଓଁ - ଦଣ୍ଡ - ଇସ୍କୁଲ ଅଣ୍ଡା ଦଣ୍ଡ ମାଲକା ଆଡ୍ଡା ହିକେ ।

ଓଡ଼ିଆ - ଦଧି ନଉତି - ମନ୍ଦିର ଚୂଡ଼ାରେ ଦଧିନଉତି ବସାଯାଏ ।
ଓରାଓଁ - ଦଧି ନଉତି - ମନ୍ଦିରହି ମୁଡିନୁ ଦଧି ନଉତି ଅକତାନାର ।

ଓଡ଼ିଆ - ଦମନ - ବ୍ରିଟିଶ ଶାସକ ଭାରତୀୟଙ୍କୁ ଦମନ କରି ରଖିଥିଲେ ।
ଓରାଓଁ - ଦାବାବାଚ୍ଛର- ବ୍ରିଟିଶ ଶାସକ ଭାରତୀୟ ଜାମାରିନ ଦାବାବାଖୁର ଉଇକାଚ୍ଛର ।

ଓଡ଼ିଆ - ଦଳ - ହାତୀଦଳ ଗାଁ ଗଣ୍ଡାରେ ପଶୁଛନ୍ତି ।
ଓରାଓଁ - ଦଲ - ହାଥିଦଲ ଖୁରୀ ବାଟିନୁ କରଆଲି / କରଆନାର ।

ଓଡ଼ିଆ - ଦରକାରୀ - ଦାଆ ଏକ ଦରକାରୀ ବସ୍ତୁ ।
ଓରାଓଁ - ଦାରକାରୀ - ତାଁତାର ଅଣ୍ଟା ଦାରକାରୀ ଜିନିଷ ।

ଓଡ଼ିଆ - ଦଳେ - ଦଳେ ଲୋକ ଭୋଟ ପ୍ରଚାର କରୁଛନ୍ତି ।
ଓରାଓଁ - ଅନଦଳ - ଅନଦଳ ଆଲାର ଭୋଟ ପ୍ରଚାର ନାନାଲାଗ୍ନାର ।

ଓଡ଼ିଆ - ଦଉଡ଼ - ଦଉଡ଼ ଖେଳରେ ରିମି ପ୍ରଥମ ସ୍ଥାନ ପାଇଲା ।
ଓରାଓଁ - ଦାଉଡ଼ା - ଦାଉଡ଼ା ଖେଲନୁ ରିମି ପ୍ରଥମ ଆଡ୍ଡା ହାଖିଆ ।

ଓଡ଼ିଆ - ଦଉଡ଼ି ଦଉଡ଼ି - ମୁଁ ଦଉଡ଼ି ଦଉଡ଼ି ଆମ୍ବ ଗୋଟାଇଲି ।
ଓରାଓଁ - ଭଂଗର ନାଖ୍ରା - ଏନ ବଙ୍ଗର ନାଖରା ର୍କି ଟାଟଖା ପେତ୍କାନ ।

ଓଡ଼ିଆ - ଦଖଲ - ଏହି ଜମି ଆମ ଦଖଲରେ ରହିଛି ।
ଓରାଓଁ - ଦଖଲ - ଇ ଖାଲଲେଦ ଏମହାଏ ଦାଖାଲନୁ ରାଇ ।

ଓଡ଼ିଆ - ଦଣ୍ଡ ବିଧାନ - ଦୋଷୀକୁ ଦଣ୍ଡ ବିଧାନ କରାଯାଏ ।
ଓରାଓଁ - ଦଣ୍ଡ ବିଧାନ - ଦୋଷୀସଗେ ଦଣ୍ଡ ବିଧାନ ନାନତାରି /ନାନ୍ନାର ।

ଓଡ଼ିଆ - ଦର୍ଶନୀୟ - ଚିଲିକା ଏକ ଦର୍ଶନୀୟ ସ୍ଥାନ ଅଟେ ।
ଓରାଓଁ - ଦର୍ଶନୀୟ - ଚିଲିକା ଅଣ୍ଟା ଦର୍ଶନୀୟ ଆଡ୍ଡା ହିକେ ।

ଓଡ଼ିଆ - ଦର୍ପଣ - ମୁଁ ନିତି ଦର୍ପଣ ଦେଖି ମୁଣ୍ଡ କୁଣ୍ଡାଏ ।
ଓରାଓଁ - ଆଏନା - ଏନ୍‌ରୋଜ ଆଏନା ଏରାକି କୁକୁ ବାଗାରଦାନ ।

ଓଡ଼ିଆ - ଦଳ - ଗାଁ ପୋଖରୀ ଦଳରେ ପରିପୂର୍ଣ୍ଣ ହୋଇଛି ।
ଓରାଓଁ - ଚତରଘାଁସି - ଖୁରୀ ପୋଖାରୀ ଚତର ଘାଁସିନୁ ନିନ୍ଦକିରାଇ ।

ଓଡ଼ିଆ - ଦକ୍ଷିଣ - ଦକ୍ଷିଣ ଦିଗରୁ ମଳୟ ପବନ ବହେ ।
ଓରାଓଁ - ଦାକ୍ଷିନ - ଦାକ୍ଷିନ ଦିଶାନ୍ତି ଥାଣ୍ଠା ତାକା ତାଘରି ।

ଓଡ଼ିଆ - ଦରକାର - ବରିଷ୍ଠ ନାଗରିକଙ୍କୁ ଭତ୍ତା ଦରକାର ।
ଓରାଓଁ - ଦାରକାର - ବୁଜୁର୍କ ଆଲାରଗେ ଭତ୍ତା ଦାରକାର ।

ଓଡ଼ିଆ - ଦମ୍ଭିଲା – ମୋ ସାଙ୍ଗର ଦମ୍ଭିଲା ମନ ଅଛି ।
ଓରାଓଁ - ଦମ୍ଭକରି – ଏଙ୍ଗାଏ ସାଙ୍ଗେସ୍‌ହି ଦମ୍ଭକି ମାନ୍ ରାଇ ।

ଓଡ଼ିଆ - ଦରଜି – ମୋ ଭାଇ ଜଣେ ଦରଜି ଅଟନ୍ତି ।
ଓରାଓଁ - ଦରଜି – ଏଙ୍ଗାଏ ଭାଇସ୍ ଅଣ୍ଡା ଦରଜି ହିକ୍‌ଦାସ ।

ଓଡ଼ିଆ - ଦସ୍ତା – ଦସ୍ତା ଏକ ପ୍ରୟୋଜନୀୟ ବସ୍ତୁ ଅଟେ ।
ଓରାଓଁ - ଦସ୍ତା – ଦସ୍ତା ଅଣ୍ଡା ପ୍ରୟୋଜନୀୟ ଜିନିଷ ହିକେ ।

ଓଡ଼ିଆ - ଦପ୍ତର – ମୁଁ ଜିଲ୍ଲାପାଳଙ୍କ ଦପ୍ତରରେ ଗୁହାରି କଲି ।
ଓରାଓଁ - ଅଫିସ – ଏନ ଜିଲ୍ଲାପାଳସହି ଆଫିସନୁ ଗୁହାରି ନାନ୍‌ଜକାନ୍ ।

ଓଡ଼ିଆ - ଦଶ – ମାମୁ ମୋତେ ଦଶଟଙ୍କା ଦେଲେ ।
ଓରାଓଁ - ଦଶ – ମାମୁସ ଏଙ୍ଗାଗେ ଦାଶରୁପିୟା ଚିଚ୍ଚସ୍ ।

ଓଡ଼ିଆ - ଦଶକ – ପନ୍ଦରରେ ଏକ ଦଶକ ସ୍ଥାନରେ ରହିଛି ।
ଓରାଓଁ - ଦଶକ – ପନ୍ଦରନୁ ଏକ ଦାଶକ ଆଡ୍ଡାନୁ ରାଇ ।

ଓଡ଼ିଆ - ଦଶମ – ରୀତା ଦଶମ ଶ୍ରେଣୀରେ ପଢ଼େ ।
ଓରାଓଁ - ଦଶମ – ରୀତା ଦାଶମ ଶ୍ରେଣୀନୁ ପାଢ଼ାଲି /ପାଢ଼ି ।

ଓଡ଼ିଆ - ଦର୍ଶନ – ମୋ ଜେଜେଙ୍କର ଟିକିଏ ଦର୍ଶନ ତ୍ରୁଟି ରହିଛି ।
ଓରାଓଁ - ଏରନା – ଏଙ୍ଗାଏ ଆଜ୍ଜୋସହି ଟାନିକ୍ ଏରନା ଗଡ୍‌ବାଡି ରାଇ ।

ଓଡ଼ିଆ - ଦଉଡ଼ିବା – ଦଉଡ଼ିବା ଏକ ଭଲ ବ୍ୟାୟାମ ଅଟେ ।
ଓରାଓଁ - ଭଙ୍ଗ୍‌ନା – ଭଙ୍ଗନା ଅଣ୍ଡା ଦାଅ କାସ୍‌ରାତ୍ ହିକେ ।

ଓଡ଼ିଆ - ଦାଆ – ଦାଆରେ ଧାନ କଟାଯାଏ ।
ଓରାଓଁ - ତାଁତାର – ତାଁତାରତି ଖେସେ ଖାଣ୍ଡତାରୀ / ଖାଣ୍ଡନାର ।

ଓଡ଼ିଆ - ଦାନ୍ତ – ପ୍ରତିଦିନ ସକାଳେ ଦାନ୍ତ ଘଷିବା ଭଲ ।
ଓରାଓଁ - ପାଲ୍ଲେ – ହୁରମି ଉଲ୍ଲା ପାଇରି ବାରି ପାଲ୍ଲେ ଘାସନା ବେଶ ।

ଓଡ଼ିଆ - ଦାଣ୍ଡ - ଆମ ଗାଁ ଦାଣ୍ଡ ଖୁବ୍ ଓସାରିଆ ଅଟେ ।
ଓରାଓଁ - ଖୁଉଡ଼ି - ଏମ୍‌ହାଏ ପାଦ୍ଧା ଖୁଉଡ଼ି ବାଗ୍‌ଗେ ଓସାର ରାଇ ।

ଓଡ଼ିଆ - ଦାନା - କୁକୁଡ଼ାଙ୍କୁ ଯଥେଷ୍ଟ ଦାନା ଦେଇ ପାଳନ କର ।
ଓରାଓଁ - ଦାନା - ଖେରଗେ ବାଢ଼୍‌ହିଆତିଲେ ଦାନା ଚିଆକି ପୋଷା ।

ଓଡ଼ିଆ - ଦାର୍ଶନିକ - ଦାର୍ଶନିକମାନେ ଜୀବନର ପଥ ଦେଖାନ୍ତି ।
ଓରାଓଁ - ଦାର୍ଶନିକ - ଦାର୍ଶନିକଯାମାର ଜିୟାହି ଡ଼ାହରେ ଏଦ୍‌ନାର୍ ।

ଓଡ଼ିଆ - ଦାଉ - ପରିବେଶ ଆଜି ମନୁଷ୍ୟ ଉପରେ ଦାଉ ସାଧୁଛି ।
ଓରାଓଁ - ଦାଉ - ପରିବେଶ ଇନ୍ନା ମାନଓ୍ୱାର ମାଇଆ ଦାଉ ସାଧାଲି ।

ଓଡ଼ିଆ - ଦାୟୀତ୍ୱ - ବାପାଙ୍କ ପରେ ଘରର ଦାୟିତ୍ୱ ମୋ ଉପରେ ପଡ଼ିଛି ।
ଓରାଓଁ - ଦାୟୀତ୍ୱ - ବାଂଙ୍ଗସ୍‌ହି/ ଆବାସି ପାଛେ ଏଡପାନ୍ତା ଦାୟୀତ୍ୱ ଏଙ୍ଗାହାୟ ମାୟାଁ ଖାତରିକିରି ।

ଓଡ଼ିଆ - ଦିଆସିଲି - ନରମ କାଠରେ ଦିଆସିଲି ଖୋଳ ତିଆରି ହୁଏ ।
ଓରାଓଁ - ମାଚିସ୍ - ନାରାମ ମାନ୍ନେତି ମାଚିସ୍ ଖୋଲ କାମତାରି/ କାମ୍‌ରି ।

ଓଡ଼ିଆ - ଦି ପହର - ଦି ପହର ବେଳେ ମଧ୍ୟାହ୍ନ ଭୋଜନ ଦିଆଯାଏ ।
ଓରାଓଁ - ଦୁଇ ପହର - ଦୁଇ ପାହାର ବାରି ମାଣ୍ଡି ଚିତାରି/ ଚିନାର ।

ଓଡ଼ିଆ - ଦିଗ - ବିପଦ ଘଟିଲେ ଚାରିଦିଗ ଅନ୍ଧାର ଦେଖାଯାଏ ।
ଓରାଓଁ - କୋଣା - ବିପାଇତ୍ ଘାଟାରକୁନୁ ଚାଇରୋ କୋଣା ଉଖାଁ ଏଥ୍ରି ।

ଓଡ଼ିଆ - ଦିଗ ଦର୍ଶନ - ଗୁରୁଜନମାନେ ଆମକୁ ଦିଗ୍‌ଦର୍ଶନ ଦିଅନ୍ତି ।
ଓରାଓଁ - ସଛା ଡାହରେ - ଗୁରୁଜାନ ଯାମାର ଏମାଗେ ସଛା ଡାହରେ ଏଦ୍‌ନାର ।

ଓଡ଼ିଆ - ଦିବସ - ଦିବସରେ ଲୋକେ କାମ କରନ୍ତି ।
ଓରାଓଁ - ଉଲ୍ଲା - ଉଲ୍ଲାବାରି ଆଲାର ନାଲାଖ୍ ନାନ୍ନାର ।

ଓଡ଼ିଆ - ଦ୍ୱିତୀୟ - ଏହା ରବିର ଦ୍ୱିତୀୟ ଚେଷ୍ଟା ଥିଲା ।
ଓରାଓଁ - ଦ୍ୱୱାବାର - ଇଦ୍ ରବିସହି ଦୁସ୍‌ରା କୋସିସ୍ ରାହଚା ।

ଓଡ଼ିଆ - ଦୀପ - ଗରିବ ଲୋକେ ରାତିରେ ଘରେ ଦୀପ ଜାଳନ୍ତି ।
ଓରାଓଁ - ବିଲ୍ଲି - ଗାରିବ ଆଲାର ମାଖାବାରି ଏଡ଼ପାନୁ ବିଲ୍ଲି ଦାଗ୍‌ନାର ।

ଓଡ଼ିଆ - ଦୀପାବଳି - ଦୀପାବଳି ଅମାବାସ୍ୟାରେ ବାଣ ଫୁଟାଯାଏ ।
ଓରାଓଁ - ସୁହରାଇ - ସୁହରାଇ ଆମାସନୁ ଫାଟ୍‌କା ଚଡ଼ତାନାର ।

ଓଡ଼ିଆ - ଦ୍ୱୀପ - ହ୍ୱିଲର ଦ୍ୱୀପରୁ ରକେଟ ପ୍ରେରଣ କରାଯାଏ ।
ଓରାଓଁ - ଟାପୁ - ହ୍ୱିଲର ଟାପୁନ୍ତି ରକେଟ ଡାଇନାର୍ ।

ଓଡ଼ିଆ - ଦୁଇଫାଳ - ନଡ଼ିଆ ଭାଙ୍ଗିଲେ ଦୁଇ ଫାଳ ହୋଇଯାଏ ।
ଓରାଓଁ - ଦୁଇଫାଡା - ନାଡିଆ ହଟକୁନ ଦୁଇଫାଡା ମାନିକାଇ ।

ଓଡ଼ିଆ - ଦୁଧ - ଗାଇ ଦୁଧ ଶିଶୁ ମାନଙ୍କ ପାଇଁ ଉପକାରୀ ।
ଓରାଓଁ - ଧୁଧ୍ - ଗାୟ ଦୁଧ୍ ଖାଦ୍ଦାରଗେ ଉପକାରୀ ।

ଓଡ଼ିଆ - ଦୁସ୍ଥ - ଦୁସ୍ଥ ଲୋକକୁ ସରକାରୀ ସାହାଯ୍ୟ ମିଳେ ।
ଓରାଓଁ - ଲାଙ୍ଗଡ଼ା ଠୁଟା - ଲାଙ୍ଗଡ଼ା ଠୁଟା ଆଲାରଗେ ସାରକାରୀ ମାଦାଇତ ଚିତାରି /ଖାକ୍‌ରି ।

ଓଡ଼ିଆ - ଦୁହେଁ - ଆମେ ଦୁହେଁ ହାଟକୁ ଯାଇଥିଲୁ ।
ଓରାଓଁ - ଦୁୟୋଝାନ - ଏମ ଦୁୟୋଝାନ୍ ପିଠ୍ କେରକା ରାଚକାମ ।

ଓଡ଼ିଆ - ଦୁଃଖ - ଆତ୍ମୀୟଙ୍କୁ ହରାଇଲେ ଭାରି ଦୁଃଖଲାଗେ ।
ଓରାଓଁ - ଦୁଃଖ - ଆପାନ୍ ଆଲାରିନ ହେରାବାଚ୍‌କୁନ୍ ବାହୁଁତ ଦୁଃଖ ଲାଗି ।

ଓଡ଼ିଆ - ଦୁଃଖିରଙ୍କୀ - ଆମ ଦେଶରେ ଦୁଃଖିରଙ୍କୀଙ୍କ ସଂଖ୍ୟା କମ୍ ନୁହେଁ ।
ଓରାଓଁ - ଦୁଃଖିରଙ୍କୀ - ନାମ୍ ହାଏ ଦେଶନୁ ଦୁଃଖିଆରହି ସଂଖ୍ୟା କାମତି ମାଲ୍ଲା ।

ଓଡ଼ିଆ - ଦୁଃସାହସ - ଶୀକାରୀ ଦୁଃସାହସ ଥାଏ ।
ଓରାଓଁ - ବହୁତସାହସ - ସେନ୍ଦ୍ରା କୁଦୁରହି ବହୁତସାହସ ରାଇ ।

ଓଡ଼ିଆ - ଦୃଷ୍ଟି - ପିଲାଙ୍କ ପାଠପଢ଼ା ପ୍ରତି ପିତାମାତା ଦୃଷ୍ଟି ଦିଅନ୍ତି ।
ଓରାଓଁ - ନାଜାଇର - ଖାଦାରହି ପାଢ଼ାପାଢ଼ି ମେୟାଁ ବାଙ୍ଗାୟୋରହି ନାଜାଇର ଚିନାର ।

ଓଡ଼ିଆ - ଦୂରରେ - ଦୂରରେ ଥାଇ ମଧ୍ୟ ସାହାଯ୍ୟ କରି ହେବ ।
ଓରାଓଁ - ଗେଛାନ୍ତିନ - ଗେଛାନ୍ତିହୁଁ ରାଆର କି ମାଦାଇତ ନାନା ଅଂତାର ।

ଓଡ଼ିଆ - ଦୁଷ୍ଟ - ଦୁଷ୍ଟମାନେ ଦିନେ ବିନଷ୍ଟ ହେବେ ।
ଓରାଓଁ - କାଲାନଞ୍ଚ - କାଲାଞ୍ଚ ଯାମାର ଉନ୍ଦୁଲ ମିଟ୍‌ରର କାଲର ।

ଓଡ଼ିଆ - ଦୁଷିତ - ଦୂଷିତ ଜଳ ପାନ କଲେ ରୋଗ ହୁଏ ।
ଓରାଓଁ - ଲେଡ଼ - ଲେଡ଼ା ଆମ୍ମେ ଉଣ୍ଡ୍‌କୁନ ବେମାର ମାନି ।

ଓଡ଼ିଆ - ଦୃଶ୍ୟ - କରୁଣ ଦୃଶ୍ୟ ଦେଖିଲେ ହୃଦୟକୁ ବାଧେ ।
ଓରାଓଁ - ଏଥେରନା - ଗରଗରା ଚେହ୍‌ରାନ୍ ଏରାର୍‌କି ଜିୟା ଚିଇଖି ।

ଓଡ଼ିଆ - ଦେଖାଦେଖି - ପରିବାର ଟିକିଏ ଦେଖା ଦେଖି କରି ବାପା ଫେରିଯାନ୍ତି ।
ଓରାଓଁ - ଦେଖରେଖ - ପାରିବାରାନ ତାନିକ୍ ଦେଖରେଖ ନାନାଖିର ବାଙ୍ଗସ୍ କିର୍‌ଦାସ ।

ଓଡ଼ିଆ - ଦେଶ - ଆମ ଭାରତ ଏକ ବୃହତ ଦେଶ ଅଟେ ।
ଓରାଓଁ - ରାଜି - ଏମହାଏ ଭାରାତ ଅଣ୍ଟା କୋହାଦେଶ ହିକେ ।

ଓଡ଼ିଆ - ଛୁଁଏଁ - ସମୁଦ୍ର ଆମ ଜନ୍ମ ଭୂମିର ପାଦ ଛୁଏଁ ।
ଓରାଓଁ - ଏମ୍‌ସିରୀ - ସାମୁଦାର ନାମହାୟ ଜାନାମ ଆଡ୍ଡହି ଖେଡ଼େ ଏମ୍‌ସିରି ।

ଓଡ଼ିଆ - ଦେଖିବା - ସୂର୍ଯ୍ୟକୁ ଦେଖିବା ଦ୍ୱାରା ଆଖି ଖରାପ ହୁଏ ।
ଓରାଓଁ - ଏରନା - ବିଡିନ୍ ଇର୍‌କୁନ ଖାନ୍ନେ ଖାରାପ ମାନି ।

ଓଡ଼ିଆ - ଦେହ - ମୋ ଦେହ ଆଜି ଟିକିଏ ଭଲ ନାହିଁ ।
ଓରାଓଁ - ମେଦ୍ - ଏଙ୍ଗ୍‌ହାୟ କାୟା ଇନ୍ନା ତାନିକ୍ ବେଶ ମାଲ୍ଲା ।

ଓଡ଼ିଆ - ଦେବଦାରୁ - ଦେବଦାରୁ ଗଛର କାଠରେ ଦିଆସିଲି ତିଆରି ହୁଏ ।
ଓରାଓଁ - ଦେବଦାରୁ - ଦେବଦାରୁ ମାନେନ୍ତା କାଙ୍କେନୁ ଦିଆସିଲି ତିଆର ମାନ୍‌ନି ।

ଓଡ଼ିଆ - ଦେଖି - ହଠାତ୍ ବାଘ ଦେଖି ମୁଁ ଡରିଗଲି ।
ଓରାଓଁ - ଏରାକି - ହାଠାତ୍ ଲାକଡ଼ାନ ଏରାକି ଇଲିଚକାନ ।

ଓଡ଼ିଆ - ଦେବୀ - କାଳିଜାଇ ପାହାଡ଼ରେ ଦେବୀ ମନ୍ଦିର ଅଛି ।
ଓରାଓଁ - ଦେବୀ - କାଳିଜାଇ ପାରତାନୁ ଦେବୀ ମାନ୍ଦିର ରାଇ ।

ଓଡ଼ିଆ - ଦୋକାନ - ଆମ ଗ୍ରାମରେ ଔଷଧ ଦୋକାନଟିଏ ନାହିଁ ।
ଓରାଓଁ - ଦୋକାନ - ଏମହାୟ ପାଦ୍ଦାନୁ ଦାଓ୍ୱାଇ ଦୋକାନ ଅଣ୍ଟାହୁଁ ମାଲ୍ଲା ।

ଓଡ଼ିଆ - ଦୋଳି - ଝିଅମାନେ ଦୋଳି ଖେଳି ଆନନ୍ଦ ପାଆନ୍ତି ।
ଓରାଓଁ - ଢ଼ିଲଓ୍ୱା - କୁକୋଏ ଖାଦ୍ଦାର ଢ଼ିଲଓ୍ୱା ଝୁକ୍‌ରାକି ଖୁସି ହାଖନାର/ ମାନ୍ନାର ।

ଓଡ଼ିଆ - ଦୈର୍ଘ୍ୟ - ହୀରାକୁଦ ବନ୍ଧର ଦୈର୍ଘ୍ୟ ପ୍ରାୟ ୨୫ କିମି ।
ଓରାଓଁ - ଲାମ୍ବା - ହୀରାକୁଦ ଡେମହି ଲାମ୍ବା ପ୍ରାୟ ୨୫ କିମି ।

ଓଡ଼ିଆ - ଦୌଡ଼ିବା - ଶିକ୍ଷକ ପିଲାଙ୍କୁ ଦୌଡ଼ିବା ପାଇଁ କହିଲେ ।
ଓରାଓଁ - ଉଙ୍ଗ୍‌ନା - ମାଷ୍ଟରସ୍ ହାଦ୍‌ଦାରିନ ଉଙ୍ଗାଗେ ବାଆଚ୍ଷ ।

ଓଡ଼ିଆ - ଦ୍ୱନ୍ଦ - ଲୋକଟିର କଥା ଶୁଣି ମୁଁ ଦ୍ୱନ୍ଦରେ ପଡ଼ିଲି ।
ଓରାଓଁ - ଦ୍ୱନ୍ଦ - ଆଲାସହି କାଥା ମେନାକି ଏନ ଦ୍ୱନ୍ଦନୁ ଖାତ୍‌ରାକାନ ।

ଓଡ଼ିଆ - ଦ୍ୱାର - ମନ୍ଦିରର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରହିବା ଆବଶ୍ୟକ ।
ଓରାଓଁ - ବାଲି - ମାନ୍ଦିରହି ବାଲି ହୋରମାରଗେ ଚାଲ୍‌ଖାରକା ରାନା କାଥା ।

## - ଧ -

ଓଡ଼ିଆ - ଧଳା - ଟଗର ଫୁଲର ରଙ୍ଗ ଧଳା ।
ଓରାଓଁ - ପାଣ୍ଡୁ - ଟଗର ପୁଁପହି ରଙ୍ଗ ପାଣ୍ଡରୁ ।

ଓଡ଼ିଆ - ଧମନୀ - ଧମନୀରେ ପରିଷ୍କୃତ ରକ୍ତ ଯାଏ ।
ଓରାଓଁ - ଧମନୀ - ଧମନୀନୁ ସାଫା ଖେସ କାଇ/ କାଲି ।

ଓଡ଼ିଆ - ଧନୁଶର - ଶବରମାନେ ଧନୁଶର ଧରି ଯା' ଆସ କରନ୍ତି ।
ଓରାଓଁ - ଧାନୁତୀର - ସବରଯାମାର ଧାନୁତୀର ଧାରଆକି କାନାର ବାରନାର ।

ଓଡ଼ିଆ - ଧଇଁ ସଇଁ - ଲୋକଟି ଧଇଁସଇଁ ହୋଇ ଘରେ ପହଞ୍ଚିଲା ।
ଓରାଓଁ - ଧଇଁ ସଇଁ - ଆଲାସ୍ ଧଇଁ ସଇଁ ମାନ୍‌ନୁମ ଏଡ୍‌ପା ଆଣସିଆସ୍ ।

ଓଡ଼ିଆ - ଧରିବା - ମାଛ ଧରିବା କେଉଟମାନଙ୍କର ବୃତ୍ତି ଅଟେ ।
ଓରାଓଁ - ଧାରନା - ଇଞ୍ଜୋ ଧାରନା କେଉଁଟଯାମାରହି ନାଲାଖ ହିକେ ।

ଓଡ଼ିଆ - ଧରାଧରି - ପିଲାଏ ଧରାଧରି ହୋଇ ଖେଳନ୍ତି ।
ଓରାଓଁ - ଧାରାଧାରି - ହାଦ୍ଦାର ଧାରାଧାରି ମାନାରକି ବେଚନାର ।

ଓଡ଼ିଆ - ଧନ୍ଦା - ସ୍କୁଲମାନଙ୍କରେ ଧନ୍ଦା ମୂଳକ ଶିକ୍ଷା ଦେବା ଉଚିତ ।
ଓରାଓଁ - ଧାନ୍ଦା - ଇସ୍କୁଲନୁ ଧାନ୍ଦା ମୂଳକ ଶିକ୍ଷା ଚିନା ଉଚିତ ।

ଓଡ଼ିଆ - ଧନ୍ୟ - ଦେଶପାଇଁ ପ୍ରାଣବଳି ଦେଉଥିବା ଲୋକ ଧନ୍ୟ ।
ଓରାଓଁ - ଧାଇନ୍ - ଦେଶହିଲାଗାନ୍ ଜିଆଚିନା ଆଲାର ଧାଇନ୍ ।

ଓଡ଼ିଆ - ଧନୀ - ଧନୀମାନେ ଗରିବଙ୍କ କଥା ବୁଝିବା ଉଚିତ ।
ଓରାଓଁ - ଧାନି - ଧାନି ଆଲାର ଗାରିବାରହି କାଥାନ ବୁଝୁରନା ଉଚିତ ।

ଓଡ଼ିଆ - ଧାର - ଗାଁର ଲୋକେ ଧାର ଉଧାର କରି ଚଳନ୍ତି ।
ଓରାଓଁ - ରନ୍‌ବାରାନ - ଖୁଡିନ୍ତା ଆଲାର ରିନ୍‌ବାରନ ମାନାରକି ଚାଲାର୍‌ନାର ।

ଓଡ଼ିଆ - ଧାନ - ବାସୁମତି ଧାନ ଚାଷ ଏକ ଲାଭ ଜନକ କୃଷି କାର୍ଯ୍ୟ ।
ଓରାଓଁ - ଖେସେ - ବାସମାତି ଖେସେ ଖ୍ଟି ଅଣ୍ଟା ଲାଭକାରୀ ଖ୍ଟି ନାଲାଖ ।

ଓଡ଼ିଆ - ଧିର - ଧିର ପାଣି ପଥର କାଟେ ।
ଓରାଓଁ - ଧିରେ - ଧିରେ ଆମ୍ମେ ପାଖନାନ୍ ଖାଣ୍ଡି ।

ଓଡ଼ିଆ - ଧୂଆଁ - ନିମ୍ବ ପତ୍ର ଧୂଆଁ ମଶା ଘଉଡ଼ାଏ ।
ଓରାଓଁ - ଧୂଙ୍ଗିୟା - ନିମ ଆତ୍‌ଖା ଧୂଙ୍ଗିୟା ତି ଭୁସ୍‌ଡି ଭୁଙ୍ଗି ।

ଓଡ଼ିଆ - ଧୂଆଁଳିଆ - ଖରାଦିନେ ଆକାଶ ଧୂଆଁଳିଆ ଦେଖାଯାଏ ।
ଓରାଓଁ - କୁହୁଡିଆ - ବିଡ୍‌ନାଉଲ୍ଲା ଆକାଶ କୁହୁଡି ଏଥ୍ରି ।

ଓଡ଼ିଆ - ଧୂପ - ପୂଜକ ଧୂପ ଦେଇ ପୂଜା କରନ୍ତି ।
ଓରାଓଁ - ଧୁମ୍ୱାଲି - ପୂଜାରିସ୍ ଧୁପ୍ ଚିୟାକିରି ପୂଜା ନାନ୍‌ଦାସ ।

ଓଡ଼ିଆ - ଧୁଏ - ସକାଳେ ଉଠି ମୁଁ ପ୍ରଥମେ ମୁହଁ ଧୁଏ ।
ଓରାଓଁ - ମୁଝୁରଦାନ - ପାଇରି ଚଆର ଏନ୍ ଆଗେ ବାଇ ମୁଝୁରଦାନ । ।

ଓଡ଼ିଆ - ଧୂଳି - ମାଟିରାସ୍ତାରେ ଖୁବ୍ ଧୂଳି ଉଡ଼େ ।
ଓରାଓଁ - ଧୁଉଲି - ଖାଜ ଡ଼ାହରେନୁ ବାଗେମ ଧୂଳି ଉଡ଼ରୀ ।

ଓଡ଼ିଆ - ଧୂଳି ଝାଡ଼ି - ପିଲାଟି ଧୂଳିଝାଡ଼ି ଉଠି ପଡ଼ିଲା ।
ଓରାଓଁ - ଧୁଉଲି ଖେତାର - କୁକ୍କୋସ ଧୁଉଲି ଖେତାର କି ଚଋସ କେରାସ୍ ।

ଓଡ଼ିଆ - ଧ୍ୱଂସ - ପରମାଣୁ ବୋମା କ୍ଷଣିକ ମଧ୍ୟରେ ସବୁ ଧ୍ୱଂସ କରେ ।
ଓରାଓଁ - ନାରଖାର - ପରମାଣୁ ବୋମାଦ୍ ଅଙ୍ଗଲୁନୁମ ହୁରମିନ୍ ନାରଖାର ନାନି ।

## - ନ -

ଓଡ଼ିଆ - ନଈ - ମୁଁ ଆମ ଗାଁ ନଈରେ ପହଁରା ଶିଖିଛି ।
ଓରାଓଁ - ଖାଆଡ଼ - ଏନ ଏମହାୟ ପାଦ୍ଦା ଖାଆଡ଼ନୁ ଅଂଗର୍ନା ଶିଖ୍ରାକାଦାନ ।

ଓଡ଼ିଆ - ନଈ ବନ୍ଧ - ନଈବଢ଼ି ବେଳେ ନଈବନ୍ଧ ଭାଙ୍ଗିଯାଏ ।
ଓରାଓଁ - ଖାଆଡ଼ ଆଡ଼ି - ବାୟହା ବାଢ଼ି ବାକେନ ଖାଆଡ଼ ଆଡ଼ିନ୍ ଖୁଟିଚିଇ ।

ଓଡ଼ିଆ - ନଈବଢ଼ି - ନଈବଢ଼ି ଆମ ରାଜ୍ୟର ଏକ ବଡ଼ ବିପତ୍ତି ।
ଓରାଓଁ - ବାୟହା ବାଡିହ - ବାୟହା ବାଡିହ ନାମହାୟ ରାଜିନ୍ତା ଅଣ୍ଟା କହା ବିପାତ୍ତି ।

ଓଡ଼ିଆ - ନଦୀ - ମହାନଦୀ ଓଡ଼ିଶାର ବଡ଼ ନଦୀ ।
ଓରାଓଁ - ଖାଆଡ଼ - ମହାନଦୀ ଓଡ଼ିଶାନ୍ତା କହାଁ ଖାଆଡ଼ ।

ଓଡ଼ିଆ - ନକ୍ସା - ଇଞ୍ଜିନିୟର ଆସି ବିଦ୍ୟାଳୟର ନକ୍ସା ପ୍ରସ୍ତୁତ କଲେ ।
ଓରାଓଁ - ନାକ୍ସା - ଇଞ୍ଜିନିୟର ବାରଆକି ଇସ୍କୁଲନ୍ତା ନାକ୍ସା କାମଋସ୍ ।

ଓଡ଼ିଆ - ନଜର - ଶିକ୍ଷକ ପ୍ରତିପିଲା ଉପରେ ନଜର ରଖନ୍ତି ।
ଓରାଓଁ - ନାଜାଇଉ - ମାଷ୍ଟରସ୍ ହୁରମି ହାଦ୍ଦାରହି ମାଇଆ ନାଜ୍ରାଉଇଦାସ୍ ।

ଓଡ଼ିଆ - ନଟୁ - ପିଲାମାନେ ନଟୁ ଖେଳ ଭଲ ପାଆନ୍ତି ।
ଓରାଓଁ - ନାଟୁ - ହାଦ୍ଦାର ନାଟୁ ବେଚନା ବେଶ ପାତ୍ତାର ନାର୍ ।

ଓଡ଼ିଆ - ନଡ଼ିଆ - ନଡ଼ିଆ କତାରେ ଦଉଡ଼ି ତିଆରି ହୁଏ ।
ଓରାଓଁ - ନାଡିଆ - ନାଡିଆ କାତାତି ଏପ କାମତାରି / କାମ୍ରି ।

ଓଡ଼ିଆ - ନବମ - ଦୌଡ଼ ଖେଳରେ ରୀତା ନବମ ସ୍ଥାନରେ ରହିଲା ।
ଓରାଓଁ - ନବମ - ଉଙ୍ଗନା ଖେଲନୁ ରିତା ନାଓ ଆଡ୍ଡାନୁ ରାହ୍‌ଚା ।

ଓଡ଼ିଆ - ନଳ - ନଳକୂପ ପାଣି ପିଇବା ନିରାପଦ ।
ଓରାଓଁ - ନାଲ - ନାଲତୁଷାନ୍ତା ଆମ୍ମେ ଆନାଗେ ନିରାପଦ ।

ଓଡ଼ିଆ - ନଷ୍ଟ - ଖାଦ୍ୟ ଦ୍ରବ୍ୟ ନଷ୍ଟ କର ନାହିଁ ।
ଓରାଓଁ - ଖାରାପ - ଅନ୍‌ନା ମଖନା ଜିନିଷ ଗୁଠିନ୍ ଖାରାପ ଆମାକାମା ।

ଓଡ଼ିଆ - ନାଲି - ସନ୍ଧ୍ୟା ସୂର୍ଯ୍ୟ ନାଲି ଦେଖାଯାଏ ।
ଓରାଓଁ - ଲାଲ - ପୁତନା ବାରି ବିଡି ହେଁସ୍ ଏଥ୍ରି ।

ଓଡ଼ିଆ - ନାଳ - ନାଳରେ ପାଣି ଦୂରକୁ ନିଆଯାଇଥାଏ ।
ଓରାଓଁ - ଝାରିଆ - ଝାରିଆନ୍ତା ଆମ୍ମେ ଗେଛ୍ଛାତାକଲେ ହଆ ଅଙ୍ଗତାରି ।

ଓଡ଼ିଆ - ନାତୁଣୀ - ମୋର ଗୋଟିଏ ନାତୁଣୀ ଅଛି ।
ଓରାଓଁ - ନାତ୍‌ତି - ଏଙ୍ଗାଏ ଅଣ୍ଟା ନାତ୍‌ତି ରାଇ ।

ଓଡ଼ିଆ - ନାଶ - ଦୁଷ୍ଟର ସର୍ବନାଶ ହୋଇଯାଏ ।
ଓରାଓଁ - ନାଶ - ଦୁଷ୍ଟରହି ସର୍ବନାଶ ମାନିକାଲି ।

ଓଡ଼ିଆ - ନାମ - ବହୁମୂଲ୍ୟ ସୁବର୍ଣ୍ଣ ଅପେକ୍ଷା ଉତ୍ତମ ନାମ ଭଲ ।
ଓରାଓଁ - ନାମେ - ବହୁତଦାମ ସୁନାଘିନ୍ତି ଉତ୍ତମ ନାମେ ବେଶ ।

ଓଡ଼ିଆ - ନାରଖାର - ଅବାଧ୍ୟ ପୁତ୍ର ସମ୍ପତ୍ତି ନାରଖାର କରେ ।
ଓରାଓଁ - ଛିନଛତର - ବେବୁଝ୍ ଖାଦ୍ଦାସ ଧାନ ସାମ୍ପାତ୍ତିନ ଛିନ୍‌ଛାତାର ନାନ୍‌ଦାସ ।

ଓଡ଼ିଆ - ନାରିକେଳ - କେରଳ ରାଜ୍ୟରେ ବହୁତ ନାରିକେଳ ଗଛ ଅଛି ।
ଓରାଓଁ - ନାରିଆଲ ମାନ୍ନେ - କେରାଲ ରାଜିନୁ ଢ଼େର ନାରିଆଲ୍ ମାନ୍ନେ ରାଇ ।

ଓଡ଼ିଆ - ନାତି - ରବିବାବୁଙ୍କ ନାତି ଷଷ୍ଠ ଶ୍ରେଣୀରେ ପଢ଼େ ।
ଓରାଓଁ - ନାତ୍‌ତି - ରବିବାବୁସ୍‌ହି ନାତ୍‌ତିସ ଛାଅ କାଲାସନୁ ପାଢଦାସ୍ ।

ଓଡ଼ିଆ - ନା - ଧୂମ ପାନକୁ ନା କହ ।
ଓରାଓଁ - ମାନା - ଧୂଙ୍ଗିଆ ଓନ୍‌ନାନ ମାନା କମଆ/ ନାନ୍ନା ।

ଓଡ଼ିଆ - ନାଚି ନାଚି - ଲହଡ଼ି ନାଚିନାଚି କୂଳରେ ପିଟି ହୁଏ ।
ଓରାଓଁ - ନାଲା ନାଲା - ଲହଡି ନାଲା ନାଲା ଖାଆଣ୍ଡିନୁ ବାଜଡ଼ାରି ।

ଓଡ଼ିଆ - ନାଗରିକ - ଆମେ ଭାରତର ନାଗରିକ ଅଟୁ ।
ଓରାଓଁ - ନାଗରିକ - ଏମ ଭାରତନ୍ତା ନାଗରିକ ହିକଦାମ ।

ଓଡ଼ିଆ - ନାନା - ସେ ମୋତେ ନାନା କଟୁ କଥା କହିଲା ।
ଓରାଓଁ - ନାନା - ଆସ୍ ଏଙ୍ଗାନ୍ ନାନା ଖାରାପ କାଥା ବାଆଚାସ୍ ।

ଓଡ଼ିଆ - ନାକ - ଦୁର୍ଗନ୍ଧରେ ନାକ ଫାଟି ପଡୁଛି ।
ଓରାଓଁ - ମୁହିଁ - ଦୁର୍ଗନ୍ଧନୁ ମୁହିଁ ପାଲକିରି କାଇ ।

ଓଡ଼ିଆ - ନାଡ଼ି - କବିରାଜ ନାଡ଼ି ଦେଖି ରୋଗ ଚିହ୍ନନ୍ତି ।
ଓରାଓଁ - ନାଡି - କବିରାଜସ୍ ନାଡି ଏରାକି ବେମାର ଚିନ୍‌ଦାସ୍ ।

ଓଡ଼ିଆ - ନିଜେ - ପିଲାମାନେ ନିଜେ ନିଜର ଖାତାପତ୍ର ସଜାଇ ରଖନ୍ତି ।
ଓରାଓଁ - ନିଜେ - ହାଦ୍‌ଦାର ନିଜେ ତାଙ୍ଗାଏ ଖାତାପାତାର ସାଜାବା ଉଇନାର ।

ଓଡ଼ିଆ - ନିଦ - ଦିନବେଳେ ନିଦରେ ଶୋଇବା ଅନୁଚିତ ।
ଓରାଓଁ - ଖାନ୍ଦାରନା - ଉଲ୍ଲାବାରି ଖାନ୍ଦାରନା ମାଲ କାଥା ।

ଓଡ଼ିଆ - ନିୟମ - ସମସ୍ତେ ବିଦ୍ୟାଳୟର ନିୟମ ମାନିବା ଉଚିତ ।
ଓରାଓଁ - ନିୟମ - ହରମାର ଇସ୍କୁଲନ୍ତା ନିୟମ ମାନ୍‌ନା କାଥା ।

ଓଡ଼ିଆ - ନିର୍ମଳ - ଶରତ ଋତୁରେ ନଈପାଣି ନିର୍ମଳ ଦେଖାଯାଏ ।
ଓରାଓଁ - ନିରାଙ୍ଗ - ଶରତରୁତୁନୁ ଝରିଆ ଆମ୍ମ ସାଫା ଏଥ୍ରି ।

ଓଡ଼ିଆ - ନିକିତି - ଦୋକାନୀ ନିକିତିରେ ଓଜନ କରେ ।
ଓରାଓଁ - ସେର - ଦୋକାନିସ ତାରାଜୁତି ଓଜନ ନାନ୍‌ଦାସ୍ ।

ଓଡ଼ିଆ - ନିସ୍ୱ - ନିସ୍ୱ ବ୍ୟକ୍ତିଙ୍କୁ ଯଥା ସମ୍ଭବ ସାହାଯ୍ୟ କର ।
ଓରାଓଁ - ମାଁରୁ -ମାଲରାଉ ଆଲାସିନ୍ ଯେତିକି ସମ୍ଭବ ସାହାଯ୍ୟ ନାନା ।

ଓଡ଼ିଆ - ନିଷ୍ଠା - ନିଷ୍ଠା ବଳରେ ଅସମ୍ଭବ ସମ୍ଭବ ହୋଇଥାଏ ।
ଓରାଓଁ - ନିଷ୍ଠା - ନିଷ୍ଠା ବଲତି ଅସମ୍ଭବ ସମ୍ଭବ ମାନିକାଲି ।

ଓଡ଼ିଆ - ନିଷ୍ଫଳ - ପରିଶ୍ରମ କେବେ ନିଷ୍ଫଳ ହୁଏ ନାହିଁ ।
ଓରାଓଁ - ଉଲଫା -ମେହନାଇତ ଇକଲାହୁଁ ବେକାର ମାନ୍‌ମାନି ।

ଓଡ଼ିଆ - ନିର୍ବାହ - ଆମେ ନିଜର କର୍ତ୍ତବ୍ୟ ନିର୍ବାହ କରିବା ଉଚିତ ।
ଓରାଓଁ - ନାନ୍ନା - ନାମ ଆପ୍‌ନା ନାଲାଖାନ ନାନ୍ନା ଉଚିତ ।

ଓଡ଼ିଆ - ନିଷ୍ପତ୍ତି - ଦେଶ ସେବା କରିବାକୁ ସମସ୍ତେ ନିଷ୍ପତ୍ତି ନେବା ।
ଓରାଓଁ - ନିଷ୍ପତ୍ତି - ଦେଶ ସେବା କାମାଗେ ହରମାର ନିଷ୍ପତ୍ତି ହଅତ୍ ।

ଓଡ଼ିଆ - ନିଷ୍ପକ୍ଷ - ବିଚାରକର୍ତ୍ତା ନିଷ୍ପକ୍ଷ ବିଚାର କରିଥାନ୍ତି ।
ଓରାଓଁ - ନିଷ୍ପକ୍ଷ - ବିଚାରକାମୁସ୍ ନିଷ୍ପକ୍ଷ ବିଚ୍ଚର କାମଦାସ୍ ।

ଓଡ଼ିଆ - ନିଷେଧ - ସର୍ବସାଧାରଣ ସ୍ଥାନରେ ଧୂମ୍ରପାନ ନିଷେଧ ।
ଓରାଓଁ - ମାନା - ସର୍ବସାଧାରଣ ଆଡ୍ଡାନୁ ଧୂଙ୍ଗିୟା ଓନନ୍ନା ମାନା ।

ଓଡ଼ିଆ - ନିର୍ଦ୍ଦେଶ - ଦୁର୍ନୀତି ନିବାରଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି ।
ଓରାଓଁ - ନିର୍ଦ୍ଦେଶ - ଦୁର୍ନୀତି ନିବାରଣହି ଲାଗାନ୍ ସରକାରୀ ନିର୍ଦ୍ଦେଶ ରାଇ ।

ଓଡ଼ିଆ - ନିଶ୍ଚଳ - ସମୀର ହୃଦଘାତରେ ନିଶ୍ଚଳ ହୋଇଛି ।
ଓରାଓଁ - ଅଚେତ - ସାମୀରାସ ହି ଧୁକ୍‌ଧୁକି ଆଚେତ୍ ମାଞ୍ଜାସ ।

ଓଡ଼ିଆ - ନିରୀକ୍ଷଣ - ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ନିରୀକ୍ଷଣ କରନ୍ତି ।
ଓରାଓଁ - ନିରୀକ୍ଷଣ - ମାଷ୍ଟ୍ରାରାସ୍ ଛାତ୍ରଛାତ୍ରୀରିନ ନିରୀକ୍ଷଣ ନାନ୍‌ଦାସ ।

ଓଡ଼ିଆ - ନିରୁପଣ - ଆସନ୍ତା ବର୍ଷ ଆଳୁ ଚାଷ କରିବାକୁ ଆମେ ମନସ୍ତ କରିଛୁ ।
ଓରାଓଁ - ତାଏ - ବାରନା ସାଲ ଆଲୁଚାଷ ଚାଷନାନାଗେ ଏମ ତାଏ ନାଞ୍ଜକାଦାମ ।

ଓଡ଼ିଆ - ନିତି - ମୁଁ ନିତି ଇଶ୍ୱରଙ୍କଠାରେ ପ୍ରାର୍ଥନା କରେ ।
ଓରାଓଁ - ହୁରମିବାକି -ଏନ୍ ହୁରମିବାକି ଧାରମେସିନ୍ ଗହରାର ଦାନ / ନାନ୍ଦାନ୍ ।

ଓଡ଼ିଆ - ନିଶ୍ଚୟ - ଶ୍ରମର ଫଳ ଦିନେ ନିଶ୍ଚୟ ମିଳିବ ।
ଓରାଓଁ - ଜାରୁର - ମେହନାଇତ ହି ଫାଲ ଜାରୁର୍ ହାକ୍ରି / ହାକ୍ର ।

ଓଡ଼ିଆ - ନିର୍ବୋଧ - ନିର୍ବୋଧମାନେ କିଛି କରି ପାରନ୍ତି ନାହିଁ ।
ଓରାଓଁ - ନିରବୁଦ୍ଧିଆ - ନିରବୁଦ୍ଧିଆଯାମାର ଏନ୍ଦେରହୁ କାମା ପଲ୍ନାର ।

ଓଡ଼ିଆ - ନିଆଁ - ଅମ୍ଳଜାନ ନିଆଁ ଜଳିବାରେ ସାହାଯ୍ୟ କରେ ।
ଓରାଓଁ - ଚିଚି - ଅମ୍ଳଜାନ ଚିଚି ଜାଲାବାଗେ ମାଦାଇତ ନାନି ।

ଓଡ଼ିଆ - ନିକାଞ୍ଚନ - ନିକାଞ୍ଚନ ଜାଗାରେ ମୋତେ ଶାନ୍ତି ମିଳେ ।
ଓରାଓଁ - ନିଛାଟିଆ - ନିଛାଟିଆ ଆଡ୍ଡାନୁ ଏଙ୍ଗା ଶାନ୍ତି ହାଖ୍ରି ।

ଓଡ଼ିଆ - ନିଲାମ - ଜବତ ହୋଇଥିବା ଗାଡ଼ି ନିଲାମ କରାଯିବ ।
ଓରାଓଁ - ନିଲାମ - ଜବତ ମାଞ୍ଜକା ଗାଡି ନିଲାମ ନାନ୍ତାର / ମାନ ।

ଓଡ଼ିଆ - ନିମନ୍ତ୍ରଣ -ମୋ ଜନ୍ମ ଦିନରେ ମୁଁ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରେ ।
ଓରାଓଁ - ନେଓତା -ଏଙ୍ଗହାୟ ଜାନାମ୍ ଉଲ୍ଲା ସାଙ୍ଗେ ବାଗାରିନ୍ ନେଓତା ଚିଦାନ ।

ଓଡ଼ିଆ - ନିର୍ଣ୍ଣୟ - ପ୍ରତିଟି କାର୍ଯ୍ୟ କିପରି କରାଯିବ ତାହା ଆମେ ନିର୍ଣ୍ଣୟ କରୁ ।
ଓରାଓଁ - ନିର୍ଣ୍ଣୟ - ହୁରମି ନାଲାଖ ଏକାସେ ମାଆନ ଆଦିନ୍ ଏମ ନିର୍ଣ୍ଣାୟ ନାନଦାମ୍ ।

ଓଡ଼ିଆ - ନିଜର - ନିଜେ ନିଜର ପ୍ରଶଂସା କରିବା ଅନୁଚିତ ।
ଓରାଓଁ - ନିଜର - ଆପ୍ନେ ଆପନାହି ପ୍ରଶଂସା ନାନ୍ନା ଅନୁଚିତ ।

ଓଡ଼ିଆ - ନିର୍ଦ୍ଦିଷ୍ଟ - ପ୍ରତିଟି ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ରହିଥାଏ ।
ଓରାଓଁ - ନିର୍ଦ୍ଦିଷ୍ଟ - ଯାମା ପରସନହି ନିର୍ଦ୍ଦିଷ୍ଟ ଉତ୍ତର ରାଚକି ରାଇ ।

ଓଡ଼ିଆ - ନିଃଶ୍ୱାସ - ନିଃଶ୍ୱାସ ବାୟୁରେ ଅଧିକ ଅଙ୍ଗାରକାମ୍ଳ ଥାଏ ।
ଓରାଓଁ - ନିନାସ - ନିନାସ ତାକାନୁ ବାଗେମ୍ ଅଙ୍ଗାରକାମ୍ଳ ରାଇ ।

ଓଡ଼ିଆ - ନିୟନ୍ତ୍ରଣ - ହୀରାକୁଦ ବନ୍ଧ ବନ୍ୟା ନିୟନ୍ତ୍ରଣ ପାଇଁ ନିର୍ମିତ ହୋଇଛି ।
ଓରାଓଁ - ଆୟତ - ହୀରାକୁଦ ବାନ୍ଧା ବାଢ଼ି ଆୟତ ନାନ୍ନାଗେ ତିଆର ମାଞ୍ଜକିରାଇ ।

ଓଡ଼ିଆ - ନୀଡ଼ - ବାଇ ଚଢ଼େଇ ଝଡ଼ିବର୍ଷା ବେଳେ ନୀଡ଼ରେ ଝୁଲୁ ଥାଏ ।
ଓରାଓଁ - ଖତା - ବାଇଅଡ଼ା ଝିପିର ଝିପିର ଆମ୍ବେ ବାକି ଖତାନୁ ଝୁଲୁରକି ରାଇ ।

ଓଡ଼ିଆ - ନୀତି - ସମାଜର ନୀତି ନିୟମ ପାଳନ କରିବା ଉଚିତ ।
ଓରାଓଁ - ନୀତି - ସମାଜନ୍ତା ନୀତି ନିୟମ ମାନ୍‌ନା କାତ୍‌ଥାଦ୍ / ଉଚିତ୍ ।

ଓଡ଼ିଆ - ନୀଳ - ନୀଳ ଆକାଶରେ ବାଦଲ ଭାସେ ।
ଓରାଓଁ - ଲିଲ - ଲିଲ ମେରଖାନୁ ବାଦାଲି ଭସାରି ।

ଓଡ଼ିଆ - ନୀରବ - ବିଦ୍ୟାଳୟରେ ଆମେ ନିତି ନୀରବ ପ୍ରାର୍ଥନା କରୁ ।
ଓରାଓଁ - ନୀରବ - ଇସ୍କୁଲନୁ ଏମ୍ ହୁରମି ଉଲ୍ଲା ନୀରବ ପ୍ରାର୍ଥନା ନାନ୍‌ଦାମ୍ ।

ଓଡ଼ିଆ - ନୂଆଁ - ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପାଳନ କରନ୍ତି ।
ଓରାଓଁ - ପୁନା - ପଶ୍ଚିମ ଓଡ଼ିଶାନୁ ପୁନାଅନ୍‌ନା ପାଲନାର/ ନାନ୍‌ନାର ।

ଓଡ଼ିଆ - ନୂଆଁଣିଆ - ଗାଁ ଗହଳିରେ ନୂଆଁଣିଆ ଚାଳଘର ଥାଏ ।
ଓରାଓଁ - ନେଓସାରନା - ପାଦ୍ଦା ଭିତ୍‌ରେନୁ ନେଓସାରନା ଖାମି ଏଡ଼ପା ରାଇ ।

ଓଡ଼ିଆ - ନୂଆ ନୂଆ - ମାମୁ ଘରେ ମୋତେ ନୂଆ ନୂଆ ଲାଗେ ।
ଓରାଓଁ - ପୁନା ପୁନା - ମାମୁ ଏଡପାନୁ ଏଙ୍ଗା ପୁନା ପୁନା ଲାଗ୍‌ଗି ।

ଓଡ଼ିଆ - ନୂତନ - ନୂତନ ବର୍ଷ ଆମ ପାଇଁ ଆନନ୍ଦ ଆଣି ଦିଏ ।
ଓରାଓଁ - ପୁନା - ପୁନା ବରଷ ଏମାଗେ ଆନନ୍ଦ ଉନ୍ଦ୍‌ରି ଚିଇ ।

ଓଡ଼ିଆ - ନେଉଳ - ନେଉଳ ସାପ ସହିତ ଲଢ଼େଇ କରେ ।
ଓରାଓଁ - ନେଉରା - ନେଉରା ନେରେଏ ସାଙ୍ଗେ ଲାଢ଼ାଇ ନାନି ।

ଓଡ଼ିଆ - ନେତା – ଆମ ରାଜ୍ୟରେ ସଚ୍ଚୋଟ ନେତାଙ୍କର ଅଭାବ ଅଛି ।
ଓରାଓଁ - ନେତା – ଏମ୍ ହାୟ ରାଜିନୁ ସାଚ୍ଚାଟ ନେତାରହି ଆଭାବ ରାଇ ।

ଓଡ଼ିଆ - ନେତୃତ୍ୱ – ରାଜ୍ୟରେ ମୁଖ୍ୟମନ୍ତ୍ରୀ ଶାସନର ନେତୃତ୍ୱ ନିଅନ୍ତି ।
ଓରାଓଁ - ଜିମାବାରେ – ରାଜିନୁ ମୁଖ୍‌ମାନ୍ତ୍ରୀସ ଶାସାନ ଭାରହି ଜିମାଦାରି ହଦାସ୍ ।

ଓଡ଼ିଆ - ନେହୁରା – ଜିଲ୍ଲାପାଳଙ୍କଠାରେ ଲୋକେ ନେହୁରା ହୁଅନ୍ତି ।
ଓରାଓଁ - ନେହୁରା – ଜିଲ୍ଲାପାଳସଗୁସାନ୍ ଆଲାର ନେହୁରା ମାନ୍‌ନାର ।

## - ପ -

ଓଡ଼ିଆ - ପତାକା – ତ୍ରିରଙ୍ଗା ଆମର ଜାତୀୟ ପତାକା ଅଟେ ।
ଓରାଓଁ - ଝଣ୍ଡା – ତିନରାଙ୍ଗ ଏମହାୟ ଜାତିୟତା ଝାଣ୍ଡା ହିକେ ।

ଓଡ଼ିଆ - ପଶୁ – ଗାଈ ଏକ ଗୃହପାଳିତ ପଶୁ ଅଟେ ।
ଓରାଓଁ - ପଶୁ – ଗାୟ ଅଣ୍ଡା ଏଡପାନୁ ପସନା ପାଶୁ ହିକେ ।

ଓଡ଼ିଆ - ପଲ – ଗୋରୁ ପଲ ସନ୍ଧ୍ୟାରେ ଫେରେ ।
ଓରାଓଁ - ଗୋଠ – ଆଡ୍ଡ ଗୋଠ ପୁଓନାଗେ କିରିଇ ।

ଓଡ଼ିଆ - ପକ୍ଷୀ – ପକ୍ଷୀମାନେ ଶୁଣନ୍ତି ନାହିଁ କିମ୍ବା କୁହନ୍ତି ନାହିଁ ।
ଓରାଓଁ - ଅଡା –ଅଡା ଗୁଠିଦ୍ ମା ଚାଁଖି କା ମା ଖାଣ୍ଡି ।

ଓଡ଼ିଆ - ପବନ – ଦକ୍ଷିଣାପବନ ଦେହକୁ ଥଣ୍ଡା ଲାଗେ ।
ଓରାଓଁ - ତାକା – ଦାକ୍ଷିନ ତାକା ଦେହେଗେ ଥାଣ୍ଡା ଲାଗି ।

ଓଡ଼ିଆ - ପଗଡ଼ି – ଶିଖ୍ ଲୋକ ମୁଣ୍ଡରେ ପଗଡ଼ି ବାନ୍ଧନ୍ତି ।
ଓରାଓଁ - ପାଗଡି – ଶିଖ ଆଲାର କୁକ୍କୁନୁ ପାଗଡି ହେନାର ।

ଓଡ଼ିଆ - ପରାଣ – ସହୀଦମାନେ ଦେଶ ପାଇଁ ପରାଣ ଦିଅନ୍ତି ।
ଓରାଓଁ - ଜିଆ – ସହିଦ ଯାମର ଦେଶହି ଲାଗାନ ଜିଆ ଚିନାର ।

ଓଡ଼ିଆ - ପଥର – ପଥରରେ ପୁନାଦି ତିଆରି କରାଯାଏ ।
ଓରାଓଁ - ପାଖ୍‌ନା – ପାଖନାତି ପୁନାଦି ତିଆର ମାଆନି ।

ଓଡ଼ିଆ - ପର୍ବ - ଓଡ଼ିଶାରେ ଅନେକ ପର୍ବପର୍ବାଣି ପାଳିତ ହୁଏ ।
ଓରାଓଁ - ପରବ - ଓଡ଼ିଶାନୁ ବହୁତ ପରବ ତେଓହାର ପାଲନ ମାନତାରି / ନାନ୍ନାର ।

ଓଡ଼ିଆ - ପଡ଼ିବା - ତଳେ ପଡ଼ିବା ଖାଦ୍ୟ ଖାଅ ନାହିଁ ।
ଓରାଓଁ - ଖାତର୍କା - କିୟାଁ ଖାତର୍କା ଆନ୍ନାନ୍ ଆମା ମଖା ।

ଓଡ଼ିଆ - ପରସ୍ପର - ପିଲାଏ ପରସ୍ପର ହାତ ଧରି ଖେଳନ୍ତି ।
ଓରାଓଁ - ପରସ୍ପର - ହାଦ୍‌ଦାର ପରସ୍ପର ହେଖ୍‌କା ଧାରକି ବେଝଲନାର / ବେଚନାର୍ ।

ଓଡ଼ିଆ - ପତ୍ର - ତୁଳସୀ ଦୁଇ ପତ୍ରରୁ ବାସେ ।
ଓରାଓଁ - ଆଥା - ତୁଲ୍‌ସୀ ଦୁଇ ଆତ୍‌ଖାନ୍ତି ମାହକ୍‌ରି ।

ଓଡ଼ିଆ - ପରିସ୍ଥିତି - ପରିସ୍ଥିତିକୁ ବିଚାର କରି କାର୍ଯ୍ୟ କରିବା ଉଚିତ ।
ଓରାଓଁ - ପରିସ୍ଥିତି - ପରିସ୍ଥିତିବନ ବିଚାରନାନାକି ନାଲାଖ ନାନ୍ନା ଉଚିତ ।

ଓଡ଼ିଆ - ପଶୁପାଳନ - ପଶୁପାଳନ ଏକ ଲାଭ ଜନକ ଉଦ୍ୟୋଗ ।
ଓରାଓଁ - ପାଶୁପୋଷନା - ପାଶୁପୋଷନା ଅଣ୍ଟା ଲାଭକାରୀ ଉଦ୍ୟୋଗ ।

ଓଡ଼ିଆ - ପଞ୍ଚାୟତ - ସରପଞ୍ଚ ପଞ୍ଚାୟତକୁ ଚଳାନ୍ତି ।
ଓରାଓଁ - ପଞ୍ଚାୟତ - ସାରପାଞ୍ଚସ୍ ଞ୍ଚ ପଞ୍ଚାୟତବନ୍ ଝଲାବାଆଦାସ୍ ।

ଓଡ଼ିଆ - ପରିଚ୍ଛନ୍ନ - ପରିଚ୍ଛନ୍ନତା ଦ୍ୱାରା ରୋଗରୁ ମୁକ୍ତି ମିଳେ ।
ଓରାଓଁ - ସାଫାସୁତୁରା - ସାଫାସୁତୁରା ରାନା ଦ୍ୱାରା ବେମାରନ୍ତି ମୁକ୍ତି ହାଖରିଇ/ ହାଖ୍‌ର ।

ଓଡ଼ିଆ - ପଶୁ ସମ୍ପଦ - ପଶୁ ସମ୍ପଦର ଯତ୍ନ ନେବା ବାଞ୍ଛନୀୟ ।
ଓରାଓଁ - ପଶୁ ଧାନ୍ନୁ - ପାଶୁ ଧାନ୍ନୁ ହି ଯତନ ହଅନା କାତ୍‌ଥା ।

ଓଡ଼ିଆ - ପରାମର୍ଶ - ପିତାମାତାଙ୍କର ପରାମର୍ଶ ଗ୍ରହଣ କର ।
ଓରାଓଁ - ପରାମର୍ଶ -ଆୟଙ୍ଗବାଙ୍ଗ୍ ରହି ପରାମର୍ଶ ଗ୍ରାହଣ ନାନା ।

ଓଡ଼ିଆ - ପରିବହନ - ଯାତ୍ରୀ ପରିବହନ ପାଇଁ ବସ ରହିଛି ।
ଓରାଓଁ - ଚେଡାଗେ - ଆଲ ଚେଡାଗେ ବାସ ରାଇ ।

ଓଡ଼ିଆ - ପହଁରି - ମୁଁ ନଦୀ ପହଁରି ସେପାରିକି ଗଲି ।
ଓରାଓଁ - ଅଁଗା - ଏନ ଅଗାକି ଖାଡ୍ ଆପାଖେ କେରକାନ ।

ଓଡ଼ିଆ - ପହଞ୍ଚ - ମଙ୍ଗଳ ଗ୍ରହ ମନୁଷ୍ୟ ପହଞ୍ଚ ଦୂରତାରେ ନାହିଁ ।
ଓରାଓଁ - ଆଣସ୍ନା - ମାଙ୍ଗାଲ ଗ୍ରହ ମାନଓ୍ୱାରହି ଆଣସ୍ନାତି ଗେଛ୍ଛାନୁମାଲ୍ଲା ।

ଓଡ଼ିଆ - ପରିବା - ଶୀତଦିନେ ପରିବା ଦର କମ୍ ରହେ ।
ଓରାଓଁ - ସାବ୍‌ଜି ପାତାର - ପାୟାଁ ଉଲ୍ଲାନୁ ସାବ୍‌ଜି ପାତାର ଦାମ୍ କାମ ରାଇ ।

ଓଡ଼ିଆ - ପରିବେଶ - ସୁସ୍ଥ ପରିବେଶ, ସୁସ୍ଥ ଦେଶ ।
ଓରାଓଁ - ପରିବେଶ - ସୁସ୍ଥ ପରିବେଶ ସୁସ୍ଥ ଦେଶ ।

ଓଡ଼ିଆ - ପରୋପକାର - ପରୋପକାର ପରମ ଧର୍ମ ।
ଓରାଓଁ - ଦୁସରାଘିଉପକାର - ଦୁସରାହିଉପକାର ପରମ ଧରମ ।

ଓଡ଼ିଆ - ପରିଷ୍କାର - ଗାଁ ଦାଣ୍ଡ ପରିଷ୍କାର ରଖ ।
ଓରାଓଁ - ସାଫା - ଡିହିନ୍ତା ଖୁଉଡି ସାଫା ଉୟା ।

ଓଡ଼ିଆ - ପରମେଶ୍ୱର - ପରମେଶ୍ୱର ଆମର ଯତ୍ନକାରୀ ଅଟନ୍ତି ।
ଓରାଓଁ - ଭଗବାନ - ଭଗବାନସ୍ ନାଙ୍ଗାଏ ଯତନକାରୀ ହିକଦାସ ।

ଓଡ଼ିଆ - ପଥର ଦିଅଁ - ମନ୍ଦିରରେ ପଥର ପୂଜା ପାଆନ୍ତି ।
ଓରାଓଁ - ପାଖନା ମାହାପ୍ରୁ -ମନ୍ଦିରନୁ ପାଖନା ମାହାପ୍ରୁ ପୂଜା ହାଖ୍‌ଦାସ୍ ।

ଓଡ଼ିଆ - ପଦାକରିବା - ଲଟାବୁଦା ପଦା କରିବା ଦ୍ୱାରା ମଶା ଧ୍ୱଂସ ହୁଏ ।
ଓରାଓଁ - ସାଫାକାମନା - ଧୂଣଝାଣ ସାଫା ନାନ୍ନାତି ଭୁଁସ୍‌ଡ଼ି ଖାତାମ ମାନି ।

ଓଡ଼ିଆ - ପରି - ଆମ ଦେଶ ପରି ସୁନ୍ଦର ଦେଶ ପୃଥିବୀରେ ନାହିଁ ।
ଓରାଓଁ - ଲେଖା - ନାମହାୟ ଦେଶଲେଖା ସୁନ୍ଦର ଦେଶ ଧାରତୀନୁ ମାଲ୍ଲା ।

ଓଡ଼ିଆ - ପଲ୍ଲବ - ଗଛରେ ପଲ୍ଲବ ସୁନ୍ଦର ଦେଖାଯାଏ ।
ଓରାଓଁ - ଆତଖା - ଖୁର୍‌ରକା ଆତ୍‌ଖା ମାନ୍ନେନୁ ସୁନ୍ଦାର ଇଥ୍ରି ।

ଓଡ଼ିଆ - ପଲ୍ଲୀ – ଫସଲ ଅମଳ ସମୟରେ ପୁରପଲ୍ଲୀ ମୁଖରିତ ହୁଏ ।
ଓରାଓଁ - ଖୁରିବାଟି – ଚାଷ ଖାଣ୍ଡନା ବେଢ଼ାନୁ ଖୁରିବାଟି ଆନାଇତ ଖୁସିମାନି ।

ଓଡ଼ିଆ - ପତ୍ନୀ – ପତିପତ୍ନୀ ପିଲାଙ୍କ ଯତ୍ନ ନିଅନ୍ତି ।
ଓରାଓଁ - ମୁକ୍କା – ମେତମୁକ୍କା ହାଦ୍‌ଦାରହି ଯାତାନ୍ ହନାର ।

ଓଡ଼ିଆ - ପଚାସଢ଼ା – ପଚାସଢ଼ା ଖାଦ୍ୟ ଶରୀର ପାଇଁ କ୍ଷତି କାରକ ।
ଓରାଓଁ - କିତ୍‌କା ପଚ୍‌କା – କିତ୍‌କା ପଚ୍‌କା ମହଁନା ଦେହେଗେ ହାନିହିକେ ।

ଓଡ଼ିଆ - ପଶୁପକ୍ଷୀ – ଅନେକ ପଶୁପକ୍ଷୀ ଆମ ସଙ୍ଗେ ବାସ କରନ୍ତି ।
ଓରାଓଁ - ଜାନ୍ତୁଅଡା – ଆନେକ୍‌ଠୁ ଜାନ୍ତୁଅଡା ନାଙ୍ଘାଏ ସାଙ୍ଗେ ଡ଼େରା ନାଆନାର୍ ।

ଓଡ଼ିଆ - ପଚରା ପଚରି – ଚୋର ଧରିବା ପାଇଁ ପୋଲିସ ପଚରା ପଚରି କରନ୍ତି ।
ଓରାଓଁ - ମେନାମେନି – ଚରହା ଧାର୍‌ଆଗେ ପୋଲିସାର ମେନାମେନି ନାନ୍ନାର ।

ଓଡ଼ିଆ - ପହଞ୍ଚିବା – ଟ୍ରେନ ଧରିବାକୁ ହେଲେ ଠିକ୍ ସମୟରେ ପହଞ୍ଚିବାକୁ ହେବ ।
ଓରାଓଁ - ଆଣସ୍ନା – ରେଳ ଗାଡି ଧାରାଗେ ହଲେ ଠିକ୍ ସମୟାନୁ ଆଣସ୍ନାଗେ ଲାଗ୍‌ଗ ।

ଓଡ଼ିଆ - ପରୀକ୍ଷା – ପ୍ରତ୍ୟେକ ଛାତ୍ର ପରୀକ୍ଷାର ସମ୍ମୁଖୀନ ହେବା ଉଚିତ ।
ଓରାଓଁ - ପରୀକ୍ଷା – ହରମା ହାଦ୍‌ଦାର ପରିକ୍ଷା ଘି ସାମ୍ନା ମାନ୍ନା ଉଚିତ ।

ଓଡ଼ିଆ - ପଙ୍କ – ଘୁଷୁରି ପଙ୍କରେ ଲୋଟେ ।
ଓରାଓଁ - ଚତର – କିସ୍ସ ଚତ୍‌ରନୁ ଲଟାରିଇ ।

ଓଡ଼ିଆ - ପଶ୍ଚିମ ଦିଗ – ପଶ୍ଚିମ ଦିଗରେ ସୂର୍ଯ୍ୟ ଅସ୍ତ ହୁଏ ।
ଓରାଓଁ - ପାଛିମ ଦିଶା – ପାଛିମ ଦିସାନୁଁ ବିଡ଼ି ମୁନ୍‌ଖି ।

ଓଡ଼ିଆ - ପରିଦର୍ଶିକା – ପରିଦର୍ଶିକା ବିଦ୍ୟାଳୟ ପରିଦର୍ଶନ କଲେ ।
ଓରାଓଁ - ପରିଦର୍ଶିକା – ପରିଦର୍ଶିକାସ ଇସ୍କୁଲ ପରିଦର୍ଶନ ନାଆଜାସ୍ / ନାଞ୍ଜାସ୍ ।

ଓଡ଼ିଆ - ପଦଚାରୀ – ପଦଚାରୀମାନେ ରାସ୍ତାର ବାମ ପଟେ ଚାଲନ୍ତି ।
ଓରାଓଁ - ଏକୁର୍ – ଏକୁର୍‌ଯାମାର ଡ଼ାହେରେହି ଡେବବା / ଲେଙ୍ଗା ତାରା ଏକ୍‌ନାର୍ ।

ଓଡ଼ିଆ - ପସନ୍ଦ – ମୁଁ ମିଥ୍ୟା କହିବା ପସନ୍ଦ କରେ ନାହିଁ ।
ଓରାଓଁ - ସାପାନ୍ଦ – ଏନ୍ ଝୁଠ୍ ବାଆଗେ ପାସାନ୍ଦ ମାଲ ନାନ୍‌ଦାନ୍ ।

ଓଡ଼ିଆ - ପଦ୍ୟାନ୍ତ – ଗୀତଟିର ପଦ୍ୟାନ୍ତ ବେଶ୍ ହୃଦୟସ୍ପର୍ଶୀ ହୋଇଛି ।
ଓରାଓଁ - ଡାଣ୍ଡିନ୍ତା – ଡାଣ୍ଡିଗାହି ଶର ବେଶ ଜିଆ ଏମ୍‌ସରନାଲେଖା ମାଞ୍ଜକିରାଇ୍ ।

ଓଡ଼ିଆ - ପରପୃଷ୍ଠା – ବହିର ପରପୃଷ୍ଠାରେ ହାଟ ବିଷୟରେ ଲେଖାଯାଇଛି ।
ଓରାଓଁ - ଦୁସ୍‌ରା ପାନ୍ନା – ପୁଥିହି ଦୁସ୍‌ରା ପାନ୍ନାନୁଁ ପିଠ୍ ବିଷୟନୁ ଟୁଡ୍‌କା ରାଇ ।

ଓଡ଼ିଆ - ପଣସ – ପଣସ ଏକ ସୁଆଦିଆ ଫଳ ଅଟେ ।
ଓରାଓଁ - ଗାଠ୍‌ଡ଼ା – ଗାଠ୍‌ଣାଦ୍ ଅଣ୍ଟା ଏମ୍ବା ଖାଞ୍ଜ୍‌ପା ହିକେ ।

ଓଡ଼ିଆ - ପରିକଳ୍ପନା – ସୁନ୍ଦର ବଗିଚା କୃଷକର ପରିକଳ୍ପନା ଅଟେ ।
ଓରାଓଁ - ସାପନା – ଦାଅ ବାଗାନ ଚାଷିସ୍‌ହି ସାପ୍‌ନା ହିକେ ।

ଓଡ଼ିଆ - ପଦ୍ମଫୁଲ – ପଦ୍ମ ଆମର ଜାତୀୟ ଫୁଲ ଅଟେ ।
ଓରାଓଁ - ପାଦାମ୍ ପୁଁପ୍ – ପାଦାମ୍ ପୁଂପ ନାଙ୍ଗାଏ ଜାତୀୟ ପୁଁପ୍ ହିକେ ।

ଓଡ଼ିଆ - ପଡିଆ – ସ୍କୁଲ ପଡିଆରେ ପିଲାଏ ଖେଳନ୍ତି ।
ଓରାଓଁ - ମାର୍ଚ୍ଚା – ଲୁର୍‌କୁଡ଼ିଆ ମାର୍ଚ୍ଚାନୁଁ ଖାଦ୍ଦାର ବେଚ୍‌ନାର୍ ।

ଓଡ଼ିଆ - ପଙ୍ଖା – ଲୋକେ ପଙ୍ଖା ଚଳାଇ ଗରମରୁ ରକ୍ଷା ପାଆନ୍ତି ।
ଓରାଓଁ - ଧୁକନି – ଆଲାର ଧୁକ୍‌ନି ଚାଲାବାଆର ଗାରାମତି ବାଛାରନାର ।

ଓଡ଼ିଆ - ପନ୍ଥା – ସଫଳତା ନିମନ୍ତେ ସାଧନା ଏକ ମାତ୍ର ପନ୍ଥା ଅଟେ ।
ଓରାଓଁ - ପାବେ – ସାଫାଲତା ଖାଖ୍ଣାଗେ ସାଧ୍‌ନା ଅଣ୍ଟେ ଏକଲା ପାବେ ହିକେ ।

ଓଡ଼ିଆ - ପରଦା – କବାଟରେ ପରଦା ଲଗାଯାଏ ।
ଓରାଓଁ - ପାରଦା – ବାଲିନୁ ପାରଦ୍‌ା ଲାଗା ବାତାରିଇ / ଲାଗାବାଆନାର ।

ଓଡ଼ିଆ - ପରିବା – ଶୀତଦିନେ ପରିବା ଦର କମ୍ ରହେ ।
ଓରାଓଁ - ଆଡଖା ଚେଖେଲ – ପାଇୟାଁ ଉଲ୍ଲାନୁଁ ଆଡଖା ଚେଖେଲ ହି ଦାମ୍ କାମ୍ ରାଇ ।

ଓଡ଼ିଆ - ପରିବାର - ରବି ବାବୁ ପରିବାର ନେଇ କଟକରେ ରହନ୍ତି ।
ଓରାଓଁ - କୁଟୁମ୍ବ - ରବିବାବୁସ କୁଟୁମ୍ବ ହଆଁର କି କାଟକ୍‌ନୁ ରାଆଦାସ୍ ।

ଓଡ଼ିଆ - ପରିଚ୍ଛଦ - ଖରାଦିନେ ପତଳା ପରିଚ୍ଛଦ ଆବଶ୍ୟକ ।
ଓରାଓଁ - ପରିଚ୍ଛଦ - ବିଡନାଉଲ୍ଲା ପାତଲା ପରିଚ୍ଛଦ ଦାରକାର ।

ଓଡ଼ିଆ - ପନିକି - ପନିକିରେ ପରିବା କାଟିବା ସହଜ ।
ଓରାଓଁ - ବାଇଁଠି - ବାଇଁଠିତି ଆଡ଼ଖା ଖାଣ୍ଡନା ସାହାଜ୍ ମାନି ।

ଓଡ଼ିଆ - ପରିଶ୍ରମ - ପରିଶ୍ରମ କେବେ ନିଷ୍ଫଳ ହୁଏ ନାହିଁ ।
ଓରାଓଁ - ମହିନାଇତ - ମାହିନାଇତ୍ ଇକ୍‌ଲା ହୁଁ ମାଲ ଖାଞ୍ଜିପା ମାଲ୍ ମାନି ।

ଓଡ଼ିଆ - ପଦ୍ଧତି - ଉନ୍ନତ ପଦ୍ଧତି କୃଷକମାନେ ଜାଣନ୍ତୁ ।
ଓରାଓଁ - ଢାଁଚା - ଉନ୍ନତ ଢାଁଚା ଋଷିଜାମାର ଆଖ୍‌ନାର ।

ଓଡ଼ିଆ - ପଚ ପଚ - ବର୍ଷା ଦିନେ ମାଟି ରାସ୍ତା ପଚ ପଚ ହୁଏ ।
ଓରାଓଁ - ଚତର ଚତର - ଚେପ୍ ଉଲ୍ଲାନୁଁ ଖାଜ୍ଜେ ଡାହରେ ଚତର ଚତର ମାନି ।

ଓଡ଼ିଆ - ପଛ ପଟ - ଆମ ଘର ପଛ ପଟେ ବରକୋଳି ଗଛଟିଏ ଅଛି ।
ଓରାଓଁ - ପାଛେ ତାରା - ଏମ୍‌ହାଏଁ ଏଡ୍‌ପା ପାଛେତାରା ପାନ୍ ମାନ୍ନେ ରାଇ ।

ଓଡ଼ିଆ - ପହଞ୍ଚିଲେ - ମାମୁ ଆମ ଘରେ ସକାଳେ ପହଞ୍ଚିଲେ ।
ଓରାଓଁ - ଆଣସିଆର- ମାମୁସ୍ ଏମହାଏଁ ଏଡ଼ପା ପାଇରି ଆଣ ସିଆସ୍ ।

ଓଡ଼ିଆ - ପତ୍ର - ଶୀତଦିନେ ଗଛରୁ ପତ୍ର ଝଡି ଯାଏ ।
ଓରାଓଁ - ଆତ୍‌ଖା - ପାଇୟାଁ ଉଲ୍ଲାନୁଁ ମାନ୍ନେତି ଆତ୍‌ଖା ଖାତ୍‌ରିଇ ।

ଓଡ଼ିଆ - ପଥୁରିଆ - ପଥୁରିଆ ମାଟିରେ ଗଛ ବଢ଼େ ନାହିଁ ।
ଓରାଓଁ - ପାଖ୍‌ନା -ପାଖ୍‌ନା ଖାଜନୁଁ ମାନ୍ନେ ମାଲ୍ ପାର୍‌ଦି ।

ଓଡ଼ିଆ - ପଡ଼ିଲା - ଭାଡ଼ିରୁ ମାଠିଆଟିଏ ତଳେ ପଡ଼ିଲା ।
ଓରାଓଁ - ଖାଉରା - ଭାଡ଼ିନ୍ତି ଭାଣ୍ଡା ଅଣ୍ଡା କିୟା ଖାତ୍‌ରା ।

ଓଡ଼ିଆ - ପଛକୁ - ଗାଈଗୋରୁ ପଛକୁ ଚାଲି ଜାଣନ୍ତି ନାହିଁ ।
ଓରାଓଁ - ପାଛେ - ଗାୟ ଆଡ୍ଡ ପାଛେ ଏକା ବାଲ୍ଲି ।

ଓଡ଼ିଆ - ପଞ୍ଚମ - ପଞ୍ଚମ ଘରେ ମୋର ବନ୍ଧୁ ରହନ୍ତି ।
ଓରାଓଁ - ପାଚ୍‌ୱା - ପାଚ୍‌ୱା ଏଡପାନୁ ଏଙ୍ଗାଏ ସାଙ୍ଗେସ୍ ରାଆଦାସ ।

ଓଡ଼ିଆ - ପରଖି - ସାଇକେଲର ବ୍ରେକ୍ ପରଖି ଦେଖ ।
ଓରାଓଁ - ପାରଖାଆର - ସାଇକିଲନ୍ତା ବ୍ରେକାନ୍ ପାରଖାକି ଏରା ।

ଓଡ଼ିଆ - ପଡ଼ିବା - ଆମ୍ବ ପାଚିଲେ ତଳେ ପଡ଼ିବା ଆରମ୍ଭ ହୁଏ ।
ଓରାଓଁ - ଖାଉରନା - ଟାଟ୍‌ଖା ପାଞ୍ଜାକୁନ କିୟାଁ ଖାତ୍‌ରାଆଗେ ସୁରୁ ମାନି ।

ଓଡ଼ିଆ - ପକାଇବା - ମଇଳା ଏଣେ ତେଣେ ପକାଇବା ଅନୁଚିତ ।
ଓରାଓଁ - ଟିଡନା - ମାଇଲା ଇସାନ୍-ଆସାନ୍ ମା ଟିଡନା କାତ୍‌ଥା ।

ଓଡ଼ିଆ - ପାଣ୍ଡିତ୍ୟ - ବଡ଼ ଲୋକଙ୍କ ପାଣ୍ଡିତ୍ୟ ଆମକୁ ପଥ ଦେଖାଏ ।
ଓରାଓଁ - ଲୁର - କୋହାଁ ଆଲାରହି ଲୁର ନାମାଗେ ଡାହାରେ ଇଦ୍‌ଇ ।

ଓଡ଼ିଆ - ପାହୁଣ୍ଡ - ଡେଙ୍ଗା ଲୋକ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଚାଲନ୍ତି ।
ଓରାଓଁ - କାଦାମ୍ - ମେଚ୍ଛା ଆଲାର ଲାମ୍ବା ଲାମ୍ବା କାଦାମ୍ ହେବ୍‌ଡ଼ାର ଏକନାର ।

ଓଡ଼ିଆ - ପାହାଡ - ଆମ ଗାଁ ପାହାଡ ଉହାଡରେ ସୂର୍ଯ୍ୟ ଉଏଁ ।
ଓରାଓଁ - ପାର୍ଡ଼ା - ଏମ୍‌ହାଏଁ ପାଦାନ୍ତା ପର୍ଡ଼ା ଖୋଖାନୁ ବିଡ଼ି ଆର୍‌ଗି ।

ଓଡ଼ିଆ - ପାରା - ଘରର ଚାଳମାନଙ୍କରେ ପାରା ବାସ କରେ ।
ଓରାଓଁ - ପେରଓ୍ୱାଁ - ଏଡ଼ପାନ୍ତା ମୁନ୍ଧାଡ଼ିନୁଁ ପେରଓ୍ୱାଁ ଡେରା ନାନି ।

ଓଡ଼ିଆ - ପାହାଡିଆ - ପାହାଡିଆ ଅଞ୍ଚଳ ଋଷ ପାଇଁ ଅନୁପଯୋଗୀ ।
ଓରାଓଁ - ପାର୍ଡ଼ାଆ - ପାର୍ଡ଼ାଆ ଆଡ୍ଡା ଋଷଗେ ଯୋଗ୍ଗ ମାଲ୍ଲି ।

ଓଡ଼ିଆ - ପାଳିବା - ଆମେ ଜାତୀୟ ଦିବସ ଗୁଡ଼ିକ ପାଳିବା ଉଚିତ ।
ଓରାଓଁ - ମାନାବାଆନା - ନାମ୍ ଜାତୀୟ ଦିବସ ଗୁଟ୍‌ଠିନ୍ ମାନା ବାଆନା କାତ୍‌ଥା ।

ଓଡ଼ିଆ - ପାନୀୟ ଜଳ - ମଫସଲ ଅଞ୍ଚଳରେ ପାନୀୟ ଜଳ ଅଭାବ ରହିଛି ।
ଓରାଓଁ - ଅନ୍ନା ଆମ୍ମ - ଦେହାତ୍ ଏରିଆନୁ ଅନ୍ନା ଆମ୍ମ ଅଭାବ ରାଇ।

ଓଡ଼ିଆ - ପାଣି - ପାଣି ଗରମ ହେଲେ ବାଷ୍ପ ହୁଏ ।
ଓରାଓଁ - ଆମ୍ମ - ଆମ୍ମନ ଉଡ଼ତାଚ୍‌କୁନ୍ ଭାଁଫ୍ ମାନି।

ଓଡ଼ିଆ - ପାଚିଲା - ପାଚିଲା ଆମ୍ବ ତଳେ ପଡ଼େ ।
ଓରାଓଁ - ପାଞ୍ଜକା - ପାଞ୍ଜକା ଟାଟ୍‌ଖା କିୟା ଖାତ୍‌ରିଇ ।

ଓଡ଼ିଆ - ପାକସ୍ଥଳୀ - ଖାଦ୍ୟ ପାକସ୍ଥଳୀରେ ହଜମ ହେଇଥାଏ ।
ଓରାଓଁ - ସାତଘାର - ମାଣ୍ଡି ସାତ୍‌ଘାରା ନୁଁ ହାଜାମ୍ ମାନି ।

ଓଡ଼ିଆ - ପାଇଖାନା - ପ୍ରତ୍ୟେକ ଘରେ ପାଇଖାନା ରହିବା ଆବଶ୍ୟକ ।
ଓରାଓଁ - ପାଇଖାନା - ହୋରମାର ହି ଏଡ଼ପାନୁଁ ପାଇଖାନା ରାନା କାତ୍‌ଥା ।

ଓଡ଼ିଆ - ପାଖରେ - ଗାଁ ପାଖରେ ନଈଟିଏ ବହି ଯାଉଛି ।
ଓରାଓଁ - ହେଦ୍ଦେନୁ - ପାଦା ହେଦ୍ଦେନୁ ଝାରିଆ ଅଣ୍ଡା ବହାରଆ ଲାଗି ।

ଓଡ଼ିଆ - ପାର୍ଥକ୍ୟ - ଆଜିକାଲି ପୁଅ ଝିଅ ମଧ୍ୟରେ ପାର୍ଥକ୍ୟ ନାହିଁ ।
ଓରାଓଁ - ତଫାତ - ଇନ୍ନାଲୋ କୁକ୍କୋ କୁକ୍କାଏ ମାଝିନୁଁ ତଫାତ୍ ମାଲ୍ଲାଦିମ୍ ।

ଓଡ଼ିଆ - ପାଞ୍ଚୁଥିଲେ - ଖଳ ଲୋକ ଆମ ଅନିଷ୍ଟ ପାଞ୍ଚୁଥିଲେ ।
ଓରାଓଁ - ପାଞ୍ଚରାଲିଆର - ଖାରାପ ଆଲାର ଏମ୍‌ହାଏ ଖାରାପ୍ ପାଞ୍ଚରାଲିଆର ।

ଓଡ଼ିଆ - ପାଟି - ନିତି ଦାନ୍ତ ନ ଘଷିଲେ ପାଟି ଗନ୍ଧାଇବ ।
ଓରାଓଁ - ବାଇ - ହୁର୍ମି ଉଲ୍ଲା କାଡିକାମାଲ ଘାଷକୁନ୍ ବାଇଦ୍ ଚାଇଁ।

ଓଡ଼ିଆ - ଷୋଡ଼ଶୀ - ଷୋଡ଼ଶୀଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କର ।
ଓରାଓଁ - ଷୋଡ଼ଶୀ - ଷୋଡ଼ଶୀର ଗାନେ ଦାଅ ନାତା ଉଇଆ ।

ଓଡ଼ିଆ - ପାଖା ପାଖି - ଶ୍ରେଣୀରେ ରବି ସହିତ ଆମେ ପାଖା ପାଖି ବସୁ ।
ଓରାଓଁ - ହେଦ୍ଦେ ହେଦ୍ଦେ - ଶ୍ରେଣୀନୁଁ ରବିସ୍‌ଗାନେ ଏମ୍ ହେଦ୍ଦେ ହେଦ୍ଦେ ଅକ୍କ ଦାମ୍।

ଓଡ଼ିଆ - ପାତି - ଭିକାରୀ ହାତ ପାତି ଭିକ୍ଷା ମାଗେ ।
ଓରାଓଁ - ଫାଏଲାଆର - ଭିଖାରୀସ୍ ଖେଖ୍ଖା ଫାଏଲାଆର ଭିଖ୍ ନେଏଦାସ।

ଓଡ଼ିଆ - ପାଠାଗାର - ଆମ ଗାଁରେ ନେହେରୁ ପାଠାଗାର ରହିଛି ।
ଓରାଓଁ - ପାଠାଗାର - ଏମ୍ହାଏ ପାଦାନୁ ନେହେରୁ ପାଠାଗାର ରାଇ ।

ଓଡ଼ିଆ - ପାଳି - ଆଜି ମୋର ଶ୍ରେଣୀ ସଜାଇବା ପାଳି ଅଛି ।
ଓରାଓଁ - ପାଆଲି - ଇନ୍ନା ଏଙ୍ଗାଏ ଶ୍ରେଣୀ ସାଜାବାନା ପାଆଲି ରାଇ ।

ଓଡ଼ିଆ - ପାଳ - ଗାଈଗୋରୁ ପାଳ ଖାଆନ୍ତି ।
ଓରାଓଁ - ବୁଷ୍ଡ - ଆଡଗୁଠି ବୁସ୍ଡ ମୁଁଖି।

ଓଡ଼ିଆ - ପାଳୁଛି - ଧରଣୀ ନିଜ କୋଳରେ ଧରି ଆମକୁ ପାଳୁଛି ।
ଓରାଓଁ - ପୋଷଆଲି - ଧାରତୀ ତାଙ୍ଗଆ କୋଖ୍ନୁଁ ଧାରଆର୍ କି ପୋଷ୍ ଆଲି।

ଓଡ଼ିଆ - ପାଖେ - ମୁଁ ତୁମ ପାଖେ ପାଖେ ରହିଛି ।
ଓରାଓଁ - ହେଦ୍ଦେ - ଏନ୍ ନିଙ୍ଗହାଏ ହେଦ୍ଦେ ହେଦ୍ଦେ ରାଆଦାନ୍ ।

ଓଡ଼ିଆ - ପାଦତଳେ - ଆମେ ଈଶ୍ୱରଙ୍କ ପାଦ ତଳେ ପ୍ରଣାମ କରୁ ।
ଓରାଓଁ - ଖେଡ୍ଡେ କିୟା - ନାମ୍ ଧାର୍ମେସ ଗାହି ଖେଡ୍ଡେ କିୟାଁ ଜୁହାର ନାଦ୍ଦାତ୍ ।

ଓଡ଼ିଆ - ପାଠଶାଳା - ଆଗକାଳରେ ପାଠଶାଳାରେ ପାଠ ପଢ଼ା ଯାଉଥିଲା ।
ଓରାଓଁ - ଲୁରକୁଡ଼ିଆ - ପୁରୁଖା ପାରିଆନଁ ଲୁରକୁଡ଼ିଆ ନୁଁ ଲୁର ପାଢ଼ଡାରଆ ଲାଗିଆ ।

ଓଡ଼ିଆ - ପାନେ - ଚୋର ଧରା ପଡିବାରୁ ତାକୁ ପାନେ ଶିକ୍ଷା ମିଳିଲା ।
ଓରାଓଁ - ପାନେ - ଚରାହାସ୍ ଧାରା ଖାତ୍ରାସ ବାକେନ ପାନେ ଶିକ୍ଷା ହାଖ୍ଖାସ୍ ।

ଓଡ଼ିଆ - ପାଠ୍ୟ ପୁସ୍ତକ - ସରକାର ମାଗଣାରେ ପାଠ୍ୟ ପୁସ୍ତକ ଯୋଗାନ୍ତି ।
ଓରାଓଁ - ପାଢ଼ନା ପୁଥୀ - ସାରକାର ବିନ୍ ପାଇସାନୁ ପାଢ଼ନା ପୁଥୀ ଯୋଗାବାଇ ।

ଓଡ଼ିଆ - ପାନ - ବନ୍ୟପଶୁ ବନ ଝରଣାରେ ଜଳ ପାନ କରିଥାନ୍ତି ।
ଓରାଓଁ - ଅନ୍ନା - ଟୋଡ଼ାଙ୍ଗ ତା ଜାନ୍ତୁ ପାଡ଼ାଁ ଝାରିନାନ୍ତି ଆମ୍ମ ଅନ୍ନାର।

ଓଡ଼ିଆ - ପାଳନ - କିଛି ଲୋକ ପଶୁ ପାଳନ କରି ଚଳନ୍ତି ।
ଓରାଓଁ - ପୋଷ୍‌ନା - କିଛି ଅଲାର ପାଶୁ ପୋଷଆରକା ଚାଲରନାର ।

ଓଡ଼ିଆ - ପାତ୍ର - ବାଳିକାଟିଏ ଜଳପାତ୍ର ଧରି ନଈକୁ ଯାଉଛି ।
ଓରାଓଁ - କୁଣ୍ଡି - କୁକାଏଦ ଆମ୍ମୁ କୁଣ୍ଡି ଧାରଆକି ଝାରିଆଗେ କାଲାଲାଗି ।

ଓଡ଼ିଆ - ଜୀତୀ - ରାଜା ଯୁଦ୍ଧରେ ଜିତି ଫେରି ଆସିଲେ ।
ଓରାଓଁ - ଜିତ୍ତାସ୍ - ରାଜାସ ଲାଡ଼ାଇନୁ ଦିତ୍ତାସକି କିରିଆସ ବାର୍‌ଚାସ୍ ।

ଓଡ଼ିଆ - ପାଞ୍ଚଟଙ୍କିଆ - ପାଞ୍ଚ ଟଙ୍କିଆ ନୋଟ ଈଷତ୍ ଶାଗୁଆ ଦିଶେ ।
ଓରାଓଁ - ପାଞ୍ଚରୁପିଆ - ପାଞ୍ଚ ରୁପିଆ ଲୋଟ ହାଲକା ହାରିଆର ଏଥ୍ରି ।

ଓଡ଼ିଆ - ପାହାଚ - ବୃଦ୍ଧ ଲୋକଟା ପାହାଚ ଚଢ଼ି ପାରୁ ନାହାନ୍ତି ।
ଓରାଓଁ - ସିଢି - ପାଚ୍‌କି ଆଲାସ ସିଢି ଆରଗା ପଲ୍ଲାଦାସ ।

ଓଡ଼ିଆ - ପାଇଁ - ଦେଶ ପାଇଁ ଆମେ ଜୀବନ ଦେବା ।
ଓରାଓଁ - ଲାଗାନ - ଦେଶ୍‌ଘି ଲାଗାନ୍ ନାମ ଜିଆ ଚିଅତ୍ ।

ଓଡ଼ିଆ - ପାଖରୁ - ପାଖରୁ ପାହାଡ ସୁନ୍ଦର ଦିଶେ ।
ଓରାଓଁ - ହେଦ୍ଦେନ୍ତି - ହେଦ୍ଦେନ୍ତି ପାର୍ତ୍ତାତ୍ ସୁନ୍ଦାର ଏଥ୍‌ରିଇ ।

ଓଡ଼ିଆ - ପାକୁଆ - ପାକୁଆ ପାଟିରେ ଚଣା ଖାଇ ହୁଏ ନାହିଁ ।
ଓରାଓଁ - ପାଲ୍ଲୁ ମାଲକା - ପାଲ୍ଲୁ ମାଲକା ବାଇତି ଚାନା ମୋଖାଗେ ମାଲା ମାନି ।

ଓଡ଼ିଆ - ପ୍ୟାରେଡ଼ - ପୋଲିସମାନେ ସକାଳେ ପ୍ୟାରେଡ଼ କରନ୍ତି ।
ଓରାଓଁ - ପ୍ୟାରେଡ - ପୁଲିସଯାମାର ପାଇରି ପ୍ୟାରେଡ ନାନ୍ନାର ।

ଓଡ଼ିଆ - ପିଚକାରୀ - ଲୋକେ ପିଚକାରୀ ମାରି ହୋଲି ଖେଳନ୍ତି ।
ଓରାଓଁ - ପିଚକାରି - ଆଲାର ପିଚକାରି ଲାଆର ହୋଲି ବେଚନାର ।

ଓଡ଼ିଆ - ପିଡ଼ିଆ - ଗାଈକୁ ପିଡ଼ିଆ ଦେଲେ ଭଲ କ୍ଷୀର ଦିଏ ।
ଓରାଓଁ - ଖାଡି - ଗାୟଗେ ଖାଡି ଚିଚ୍‌କୁନ୍ ବେସ ଦୁଧ୍‌ଧୀ ଚିଇ ।

ଓଡ଼ିଆ - ପିଣ୍ଡୁଳା – ଦେହରେ ମାଂସ ପିଣ୍ଡୁଳାଟିଏ ବଢ଼ି ଚାଲିଛି ।
ଓରାଓଁ - ମାସୁଆରକା – ମେଦ୍‌ନୁଁ ମାସୁଆରକା ଆହଡାଦ୍ ପାରଦ୍‌ନୁମ୍ କାଲାଲି ।

ଓଡ଼ିଆ - ପିତାମାତା – ପିତାମାତା ଆମର ପ୍ରଥମ ଗୁରୁ ଅଟନ୍ତି ।
ଓରାଓଁ - ଆୟାଙ୍ଗବାଙ୍ଗ – ଆୟାଙ୍ଗବାଙ୍ଗ ନାମ୍‌ହାଏ ପହିଲା ଗୁରୁ ହିକନାର ।

ଓଡ଼ିଆ - ପିଠି – ଘୋଡ଼ା ପିଠିରେ ବସି ରାଜା ଭ୍ରମଣରେ ଯାଆନ୍ତି ।
ଓରାଓଁ - ମେଦ୍ – ଘଡ଼ୋ ମେଦ୍‌ନୁଁ ଅକ୍କାରକା ରାଜାସ୍ କୁଦାଗେ କାଦାସ ।

ଓଡ଼ିଆ - ପିଲାମାନେ – ପିଲାମାନେ ଖେଳ ପ୍ରିୟ ଅଟନ୍ତି ।
ଓରାଓଁ - ଖାଦ୍ଦାର – ହରମା ଖାଦ୍ଦାର ବେଚାଗେ ଦାଅ ଖାଖ୍ଣନାର ।

ଓଡ଼ିଆ - ପିନ୍ଧିବା – ଝିଅମାନେ ପୁଅଙ୍କ ପରି ପୋଷାକ ପିନ୍ଧିବା ଅନୁଚିତ ।
ଓରାଓଁ - ଆଓନା – କୁକ୍କୋ ବାଗାର କୁକ୍କ ବେଶେ କିଚିରି ମାଲ ଆତନା ଚାହି ।

ଓଡ଼ିଆ - ପିଜୁଳି – ପାଚିଲା ପିଜୁଳି ଭାରି ମିଠା ଲାଗେ ।
ଓରାଓଁ - ଟାମ୍ବରାସ୍ – ପାଞ୍ଜକା ଟାମ୍ବରାସ୍ ବହୁତ ଏମ୍ବା ଲାଗ୍‌ଗି ।

ଓଡ଼ିଆ - ପିଇବା – ଆମ ଗ୍ରାମରେ ପିଇବା ପାଣି ଅଭାବ ରହିଛି ।
ଓରାଓଁ - ଅନ୍‌ନା – ଏମ୍‌ହାଏ ପାଦ୍ଦାନୁଁ ଅନ୍‌ନା ଆମ୍ନେହି ଅକାଲ ରାଇ ।

ଓଡ଼ିଆ - ପୀଡ଼ା – ବିଶ୍ରାମ କଲେ ଦେହରେ ପୀଡ଼ା କମି ଯାଏ ।
ଓରାଓଁ - ନୁଜ୍‌ନା – ଆରାମ୍ ନାଞ୍ଜକୁନ୍ କାୟା-ନୁଂଜ୍‌ନାଦ କାମ୍‌ମାନି ।

ଓଡ଼ିଆ - ପୀଠ – ଲୋକେ ପବିତ୍ର ପୀଠ ଦର୍ଶନରେ ଯାଆନ୍ତି ।
ଓରାଓଁ - ଜାଗା – ଆଲାର ପବିତ୍ର ଜାଗା ଏରାଗେ କାନାର ।

ଓଡ଼ିଆ - ପୁଣି – ପୁଣି ଥରେ ମୋ ଦେହ ଅସୁସ୍ଥ ହେଲା ।
ଓରାଓଁ - ଆଉର – ଆଉର ଅଙ୍ଘନ ଏଙ୍ଘାଏ କାୟା ବାଗଡ଼ାରା ।

ଓଡ଼ିଆ - ପୁଣ୍ୟ – ଜନସେବା କରି ପୁଣ୍ୟ ଅର୍ଜନ କର ।
ଓରାଓଁ - ପୁଣ୍ୟ – ମାନୁଆ ଆଲାରହି ସେବା ନାନାକି ପୁଣ୍ୟ ଅର୍ଜନ ନାନା ।

ଓଡ଼ିଆ - ପୁରା - ଶ୍ରମିକଙ୍କୁ ପୂରା ମଜୁରୀ ଦେଇ ଦିଅ ।
ଓରାଓଁ - ପୁରା - ଭୁତିଆରାସଗେ ପୁରା ମଞ୍ଜୁରି ଚି ଚିଆ ।

ଓଡ଼ିଆ - ପୁଡିଆ - ଦୋକାନୀ ଡାଲି ପୁଡିଆ ବାନ୍ଧି ଦିଏ ।
ଓରାଓଁ - ପୁଡିଆ - ଦକାନ୍‌ଦାରାସ ଦା’ଲି ପୁଡ଼ିଆ ହେଃଦାସ୍ ଚିଇଦାସ୍ ।

ଓଡ଼ିଆ - ପୁସ୍ତକ- ପୁସ୍ତକରେ ଅନେକ ଜ୍ଞାନର କଥା ଲେଖା ହୋଇଥାଏ ।
ଓରାଓଁ - ପୁଥୀ - ପୁଥୀନୁଁ ବାହୁତ୍ ଜ୍ଞାନ୍ କାତ୍‌ଥା ଟୁଡ଼କା ରାଇ ।

ଓଡ଼ିଆ - ପୁରୁଷ - ନାରୀ ପୁରୁଷ ପରସ୍ପରର ପରିପୂରକ ଅଟନ୍ତି ।
ଓରାଓଁ - ମେତାସ - ମେତ୍ ମୁକ୍କା ଦୁଇୟୋର ପରିପୂରକ ହିକ୍‌ନାର ।

ଓଡ଼ିଆ - ପୁଷ୍ପ - ଆମ ବଗିଚା ବିଭିନ୍ନ ପୁଷ୍ପରେ ସୁଶୋଭିତ ଅଟେ ।
ଓରାଓଁ - ପୁଁପ୍ - ଏମ୍‌ହାଏଁ ବାଗାନ ନୁଁ ନାନ୍ନା ରାକାମ୍‌ହି ପୁଁପ୍‌ତି ଶୋଭାରିଇ ।

ଓଡ଼ିଆ - ପୁରାଇ - ମୀନା ବହି ବସ୍ତାନିରେ ପୂରାଇ ଧରିଛି ।
ଓରାଓଁ - ସାଜ୍‌ଆର - ମୀନା ଥାଇଲାନୁଁ ପୁଥି ସାଜ୍‌ଆର୍ କି ଧାରଚିକି ରାଇ ।

ଓଡ଼ିଆ - ପୁରାତନ - ପୁରାତନ ବିଷୟ ସବୁ ଲୋପ ପାଇବାକୁ ବସିଲାଣି ।
ଓରାଓଁ - ପାଇା - ପାଇା ବିଷୟ ଗୁଠିଦ୍ ଏବସେରା କେରାନେ ।

ଓଡ଼ିଆ - ପୁଷ୍କରଣୀ - ପୁଷ୍କରିଣୀରେ ଆମେ ଗାଧୋଇବାକୁ ଯାଉ ।
ଓରାଓଁ - ପଖରା - ପଖରା ନୁଁ ଏମ୍ ଏମଆଗେ କାଦାମ୍ ।

ଓଡ଼ିଆ - ପୁଷ୍ପବୃନ୍ତ - ପୁଷ୍ପବୃନ୍ତରେ ପାଖୁଡା ଲାଗିଥାଏ ।
ଓରାଓଁ - ପୁଁପମୂଳି - ପୁଁପ ମୂଳିନୁଁ କଢ଼ ଲାକ୍କି ରାଇ ।

ଓଡ଼ିଆ - ପୁନେଇ - ପୁନେଇ ଜହ୍ନ ଥାଳିପରି ଦେଖାଯାଏ ।
ଓରାଓଁ - ପୁନି - ପୁନି ଋନ୍ଦୋ ଥାଡି ବେସେ ଏଥିରିଇ ।

ଓଡ଼ିଆ - ପୃଥିବୀ - ପୃଥିବୀ ଆମର ଚିରସ୍ଥାୟୀ ବାସସ୍ଥାନ ନୁହେଁ ।
ଓରାଓଁ - ଧାରତୀ - ଧାରତୀଦ୍ ନାମହାଏ ହୁର୍ମି ଉଲ୍ଲାନ୍ତା ଡେରାବାସା ଆଲ୍ଲା ମାଲ୍ଲି ।

ଓଡ଼ିଆ - ପୃଷ୍ଠା - ବିଷୟ ଖୋଜି ପାଇବାରେ ପୃଷ୍ଠା ସାହାଯ୍ୟ କରେ ।
ଓରାଓଁ - ଫରଦ - ବିଷୟ ବେଦ୍‌ନା ନାମାଗେ ଫରଦ ସାହାଯ୍ୟ ନାନି ।

ଓଡ଼ିଆ - ପୂଜା - ଆଦିବାସୀ ମାଟି ଦେବତା ପୂଜା କରିଥାନ୍ତି ।
ଓରାଓଁ - ପୂଜା - ଆଦିବାସୀର ଖାଜ୍ଞ ଦେଓତାହୀ ପୂଜା ନାନ୍ନାର ।

ଓଡ଼ିଆ - ପୂର୍ବ - ପୂର୍ବ କାଳରେ ଲୋକେ ଅଧିକ ବଳବାନ ଥିଲେ ।
ଓରାଓଁ - ପାହିଲେ - ପାହିଲେନ୍ତା ପାରିଆନୁଁ ଆଲାର ବାଗେ୍ଗ ବାଲଓ୍ୱାନ୍ ରାହ୍‌ଚାର ।

ଓଡ଼ିଆ - ପୂରଣ - ନଳକୂପ ପାନୀୟ ଜଳର ଅଭାବ ପୂରଣ କରେ ।
ଓରାଓଁ - ପୁରା - ନାଲ୍‌ତୁଷା ଅନ୍ନା ଆମ୍ମହି ଅଭାବ ପୂରା ନାନି ।

ଓଡ଼ିଆ - ପୂର୍ବ ପୁରୁଷ - ଆମ ପୂର୍ବ ପୁରୁଷମାନେ ଖୁବ୍ ପରିଶ୍ରମୀ ଥିଲେ ।
ଓରାଓଁ - ପୁରଖା ଆଲାର - ନାମ୍‌ହାଏ ପୁର୍‌ଖା ଆଲାର ବାହୁତ୍ ମିହ୍‌ନାଇତ୍ ରାହ୍‌ଚାର ।

ଓଡ଼ିଆ - ପେଚା - ପେଚା ଏକ ରାତ୍ରିଚର ପକ୍ଷୀ ।
ଓରାଓଁ - ପେଚ୍ଚା - ପେଚ୍ଚା ଅଣ୍ଟା ମାଖା ବେଦ୍‌ନାଅନ୍ନା ଅଡ଼ା ହିକେ ।

ଓଡ଼ିଆ - ପେଟ - ପେଟରେ ଖାଦ୍ୟ ହଜମ ହୁଏ ।
ଓରାଓଁ - କୂଲ୍ - କୂଲ୍‌ନୁ ଆନ୍ନାଦ୍ ହାଜାମ୍ ମାନି ।

ଓଡ଼ିଆ - ପେଣ୍ଡୁ - ଦୋଳକ ଘଣ୍ଟାରେ ପେଣ୍ଡୁଟିଏ ଝୁଲି ହଲୁଥାଏ ।
ଓରାଓଁ - ବଲ - ଡ଼ିଲୁଆ ଘାଡ଼ିନୁ ବଲ ଅଣ୍ଟା ଝୁଲରାଆର ହିଲ୍‌ରାଆତ୍ ରାଇ ।

ଓଡ଼ିଆ - ପେଟି - ଔଷଧ କାଗଜ ପେଟିରେ ବନ୍ଧାହୋଇ ଆସେ ।
ଓରାଓଁ - ଡବା - ଦାଓ୍ୱାଇ କାଗଜ ଡବାନୁ ହିଆକିରି ବାରଇ ।

ଓଡ଼ିଆ - ପେଟପୂରା - ଗରିବ ଲୋକ ପେଟପୂରା ଖାଇବାକୁ ପାଆନ୍ତି ନାହିଁ ।
ଓରାଓଁ - କୂଲ୍‌ଉଡ଼୍‌ଆ - ଗରୀବ ଆଲାର କୂଲଉଡ଼୍‌ଆ ଅନାଗେ ମାଲ ଖ୍ୱାଖ୍ଖନାର ।

ଓଡ଼ିଆ - ପେନସିଲ - ପେନସିଲରେ ଚିତ୍ର ଅଙ୍କା ଯାଏ ।
ଓରାଓଁ - ସିସା - ସିସାନୁ ଫଟ ଛାପା କାମନାର ।

ଓଡ଼ିଆ - ପୋଲ - କଲିକତାରେ ହାବଡାପୋଲ ଅଛି ।
ଓରାଓଁ - ପୁଲିଆ - କଲିକତାନୁ ହାବଡାପୁଲିଆ ରାଇ ।

ଓଡ଼ିଆ - ପୋଲିସ - ପୋଲିସ ଚୋରକୁ ଧରିଥାନ୍ତି ।
ଓରାଓଁ - ପୁଲିସ - ପୁଲିସ ଚରହାସିନ ଧାରିଇ ।

ଓଡ଼ିଆ - ପୋଷଇ - ଋଷୀ ଲକ୍ଷେ ଲୋକଙ୍କୁ ପୋଷନ୍ତି ।
ଓରାଓଁ - ପୋସନା - ଋଷିର ଲକ୍ଷେ ଆଲାରିନ ପୋସନାର ।

ଓଡ଼ିଆ - ପୋଷାକ - ମଇଲା ପୋଷାକ ସଙ୍ଗେ ସଙ୍ଗେ ସଫାକର ।
ଓରାଓଁ - କିଚ୍‌ରି - ମାଇଲା କିଚ୍‌ରିନ ସାଙ୍ଗେ ସାଙ୍ଗେ ସାଫା ନାନା ।

ଓଡ଼ିଆ - ପୋତିଲେ - ଲୋକେ ପୂଜା ପାଇଁ ଖୁଣ୍ଟି ପୋତିଲେ ।
ଓରାଓଁ - ମାଡିଆର - ଆଲାର ପୂଜାହି ଲାଗାନ ଖୁଟା ଗାଡଚାର ।

ଓଡ଼ିଆ - ପୋଖରୀ - ଆମେ ଗାଁ ପୋଖରୀରୁ ଦଳ ସଫା କଲୁ ।
ଓରାଓଁ - ପଖାରୀ - ଏମ୍ ପାଦାନ୍ତା ପଖରାନ୍‌ତି ଚତର ସାଫା ନାଞ୍ଜ୍‌କାମ୍ ।

ଓଡ଼ିଆ - ପୋଟଳ - ପୋଟଳ ଏକ ଭଲ ପରିବା ।
ଓରାଓଁ - ପୋଟଲ - ପୋଟଲ ଅଣ୍ଟା ଦାଅ ସାବଜି ହିକେ ।

ଓଡ଼ିଆ - ପୋଡ଼ଇ - ଭାଟିରେ ଇଟା ପୋଡ଼ା ହୁଏ ।
ଓରାଓଁ - ଉଲି - ଭାଠିନୁଁ ଇଟ୍ଟା ଉଲି ।

ଓଡ଼ିଆ - ପୋଡ଼ଶୀ - ରବି ଆମର ଜଣେ ପୋଡୋଶୀ ବନ୍ଧୁ ଅଟନ୍ତି ।
ଓରାଓଁ - ପଡଶୀ - ରବି ଏମ୍‌ହାଏ ଅଣ୍ଟା ପଡଶୀ ସାଙ୍ଗେସ୍ ହିକଦାସ୍ ।

ଓଡ଼ିଆ - ପୋଚିବା - ଯତ୍ନ ନ ନେଲେ ପରିବା ପଚିବା ଆରମ୍ଭ କରେ ।
ଓରାଓଁ - କିଓନା - ଯାତାନ୍ ମାଲ ହୁଚକୁଲ ସାବ୍‌ଜି କିଓ୍‌ନା ସୁରୁ ମାନି ।

ଓଡ଼ିଆ - ପୋଡ଼ିଗଲା - ଦିନେ ହଠାତ୍ ଆମ ଘର ପୋଡ଼ିଗଲା ।
ଓରାଓଁ - ଉଲ୍ୟାକେରା - ଉନ୍ଦୁଲ ହାଠାତ୍ ଏମ୍‌ହାଏ ଏଡ଼ପା ଉଲ୍ୟା କେରା ।

ଓଡ଼ିଆ - ପ୍ରଶ୍ନ – ଶିକ୍ଷକ ପିଲାଙ୍କୁ ପ୍ରଶ୍ନ ପଚାରନ୍ତି ।
ଓରାଓଁ - ପ୍ରଶ୍ନ – ମାଷ୍ଟରସ୍ ଖାଦ୍ଦାରିନ ପ୍ରଶ୍ନ ମେନଦାସ୍ ।

ଓଡ଼ିଆ - ପ୍ରଜା – ଆମ ଦେଶରେ ପ୍ରଜାତନ୍ତ୍ର ଶାସନ ଚାଲିଛି ।
ଓରାଓଁ - ପାର୍‌ଜା – ନାମହାଏ ଦେଶନୁ ପାର୍‌ଜାତନ୍ତ୍ର ଶାସନ ଋଲରାଲି ।

ଓଡ଼ିଆ - ପ୍ରତି – ପ୍ରତି ବାଳିକାକୁ ପୋଷାକ ଦିଆ ଯାଇଛି ।
ଓରାଓଁ - ଜାମ୍ମା – ଜାମ୍ମା କୁକାଏ ଖାଦ୍ଦାରଗେ କିଚ୍‌ରି ଚିତ୍ତାରକି ରାଇ ।

ଓଡ଼ିଆ - ପ୍ରତିଭା – ଛୋଟ ବେଳୁ ପିଲାଟିର ପ୍ରତିଭା ଜଣା ପଡ଼ିଲା ।
ଓରାଓଁ - ପ୍ରତିଭା – ଛଟେ ତିମ କୁକ୍କୋସ ଘି ପ୍ରତିଭା ଆଖ୍‌ତାରା ।

ଓଡ଼ିଆ - ପ୍ରତ୍ୟେକ – ପ୍ରତ୍ୟେକ ନାଗରିକର ଦେଶ ପ୍ରତି କର୍ତ୍ତବ୍ୟ ରହିଛି ।
ଓରାଓଁ - ଜାମ୍ମା – ଜାମ୍ମା ନାଗରିକାରଗେ ଦେଶଗେ ଲାଗାନ୍ ନାଲାଖ୍ ନାନ୍ନା ରାଇ ।

ଓଡ଼ିଆ - ପ୍ରକୃତି – ଋତୁ ପରିବର୍ତ୍ତନ ପ୍ରକୃତିର ଏକ ଦାନ ଅଟେ ।
ଓରାଓଁ - ପ୍ରକୃତି – ଋତୁ ବାଦ୍‌ଲାରାନା ପ୍ରକୃତିହି ଅଣ୍ଟା ଦାନ୍ ହିକେ ।

ଓଡ଼ିଆ - ପ୍ରଚୁର – ଗତ ବର୍ଷ ପ୍ରଚୁର ବର୍ଷା ହୋଇଥିଲା ।
ଓରାଓଁ - ମୁରୁକ – କେରା ବାରାଷ ମୁରୁକ ଚେଁପ ମାଞ୍ଜକିରାଆଋ ।

ଓଡ଼ିଆ - ପ୍ରଥମ – ଇନ୍ଦିରାଗାନ୍ଧୀ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଥିଲେ ।
ଓରାଓଁ - ପହଲା – ଇନ୍ଦିରାଗାନ୍ଧୀ ଭାରତନ୍ତା ପାହିଲା ମୁକ୍କା ପ୍ରଧାନ ମନ୍ତ୍ରୀ ରାହ୍‌ଋ ।

ଓଡ଼ିଆ - ପ୍ରଭାବ – ଶୀତର ପ୍ରଭାବରେ ବହୁ ଲୋକ କଷ୍ଟ ପାଆନ୍ତି ।
ଓରାଓଁ - ପ୍ରଭାବ – ପାୟାଁହି ପ୍ରଭାବନୁ ବହୁତ ଆଲାର କଷ୍ଟ ଖ଼ାଖ୍ଖନାର ।

ଓଡ଼ିଆ - ପ୍ରଶ୍ୱାସ – ପ୍ରଶ୍ୱାସ ବାୟୁରେ ଅଧିକ ଅମ୍ଳଜାନ ଥାଏ ।
ଓରାଓଁ - ପ୍ରଶ୍ୱାସ – ପ୍ରଶ୍ୱାସ ତାକାନୁ ବେଶୀ ଅମ୍ଳଜାନ ରାଇ ।

ଓଡ଼ିଆ - ପ୍ରଭୃତି – ବଣରେ ବାଘ ଭାଲୁ ପ୍ରଭୃତି ପଶୁ ବାସ କରନ୍ତି ।
ଓରାଓଁ - ଗୁଠି – ଟୋଡ଼ାଙ୍ଗନୁଁ ଲାକଡ଼ା, ଭାଲୁ ଗୁଠି ଅନେକ ପାଶୁ ଡ଼େରା ନାନି ।

ଓଡ଼ିଆ - ପୂର୍ଣ୍ଣ - ଗଣିତରେ ପୂର୍ଣ୍ଣ ନମ୍ବର ଶହେ ଥାଏ ।
ଓରାଓଁ - ପୁରା - ଗଣିତନୁ ପୁରା ନମ୍ବର ଶହେ ରାଇ ।

ଓଡ଼ିଆ - ପ୍ରହରୀ - ବ୍ୟାଙ୍କକୁ ପ୍ରହରୀମାନେ ଜଗନ୍ତି ।
ଓରାଓଁ - ପାହରା - ବ୍ୟାଙ୍କାନ୍ ପାହରା ନାନୁର ଖ଼ାପ୍‌ନାର ।

ଓଡ଼ିଆ - ପ୍ରବେଶ - ପାଞ୍ଚ ବର୍ଷ ବୟସରେ ପିଲାଙ୍କୁ ସ୍କୁଲରେ ପ୍ରବେଶ କରାଯାଏ ।
ଓରାଓଁ - ମାଙ୍ଗନା - ପାଞ୍ଚ ସାଲ ଉମ୍ବାରନୁ ଖ଼ାଦାରିନ୍ ଲୂର-କୁଡ଼ିଆ ନୁଁ ମାଙ୍ଗତାରଇ ।

ଓଡ଼ିଆ - ପ୍ରସାର - ମାତୃଭାଷାର ପ୍ରସାର ହେବା ଦରକାର ।
ଓରାଓଁ - ପ୍ରସାର - ଆୟାଙ୍ଗଭାଷାହି ପ୍ରସାର ନାଲାଖ ମାନ୍ନା କାତ୍‌ଥା ।

ଓଡ଼ିଆ - ପ୍ରତିଦିନ - ପ୍ରତିଦିନ ଘଣ୍ଟାଏ ବ୍ୟାୟାମ କରିବା ଉଚିତ ।
ଓରାଓଁ - ରୋଜ୍‌ଉଲ୍ଲା - ରୋଜ୍ ଉଲ୍ଲା ଅନ ଘାଣ୍ଟା କାସରାତ୍ ନାନ୍ନା କାତ୍‌ଥା ।

ଓଡ଼ିଆ - ପ୍ରଶଂସା - ଭଲ ପିଲାକୁ ସମସ୍ତେ ପ୍ରଶଂସା କରନ୍ତି ।
ଓରାଓଁ - ପ୍ରଶଂସା - ବେଶ୍ କୁକ୍କୋସିନ୍ ହରମାର ପ୍ରଶଂସା ନାନ୍‌ନାର ।

ଓଡ଼ିଆ - ପ୍ରତିକ୍ରିୟା - ଅନ୍ୟକୁ ପ୍ରଶଂସା କଲେ ତା ମନରେ ପ୍ରତିକ୍ରିୟା ଜାତ ହୁଏ ॥
ଓରାଓଁ - ପ୍ରତିକ୍ରିୟା - ଦୁସରାସିନ୍ ପ୍ରଶଂସା କାମ୍‌ଚୁକୁନ ତାଙ୍ଗାଏ ମନନୁ ପ୍ରତିକ୍ରିୟା ମାନି ।

ଓଡ଼ିଆ - ପ୍ରଣାମ - ଈଶ୍ୱରଙ୍କୁ ପ୍ରଣାମ କର ।
ଓରାଓଁ - ଜାୟଧାର୍ମେ - ଧାର୍ମେସିନ୍ ଜାୟଧାର୍ମେ ନାନା ।

ଓଡ଼ିଆ - ପ୍ରସିଦ୍ଧି - ଦାରିଙ୍ଗିବାଡ଼ି ଶୀତ ପାଇଁ ପ୍ରସିଦ୍ଧି ଲାଭ କରିଛି ।
ଓରାଓଁ - ପରସିଦ୍ଧ - ଦାରିଙ୍ଗିବାଡ଼ି ପାୟାଁହି ଲାଗାନ୍ ପରସିଦ୍ଧ ଲାଭ କାମଚିକିରି ।

ଓଡ଼ିଆ - ପ୍ରତିହତ - ମେଲେରିଆକୁ ପ୍ରତିହତ କରିବା ପାଇଁ କ୍ଲୋରୋକୁଇନ ଖାଆନ୍ତୁ ।
ଓରାଓଁ - ଶେଷକାମା - ମେଲେରିଆବନ ଶେଷକାମାଗେ କ୍ଲୋରୋକୁଇନ୍ ମଖା ।

ଓଡ଼ିଆ - ପ୍ରତିବାଦ - ଅନ୍ୟାୟର ପ୍ରତିବାଦ କରିବାକୁ ଭୟ କର ନାହିଁ ।
ଓରାଓଁ - ପରତିବାଦ - ଅନ୍ୟାୟହି ପରତିବାଦ କାମଗେ ଆମା ଏଲଚ୍ଚ ।

ଓଡ଼ିଆ - ପ୍ରସ୍ତାବ - ବିଦ୍ୟାଳୟରେ ପୁସ୍ତକମେଳା କରିବାକୁ ପ୍ରସ୍ତାବ ନିଆଗଲା ।
ଓରାଓଁ - ପ୍ରସ୍ତାବ - ଇସ୍କୁଲନୁ ଅଣ୍ଡା ପୁଥିମେଲା ନାନାଗେ ପ୍ରସ୍ତାବ ଅଚ୍‌କାରାଇ ।

ଓଡ଼ିଆ - ପ୍ରକାଶ - ସରକାର ପାଠ୍ୟ ପୁସ୍ତକ ପ୍ରକାଶ କରନ୍ତି ।
ଓରାଓଁ - ଅଥର୍ନା - ସାରକାର ପାଢ଼ନା ପୁଥି ଉଥୁରକି ରାଇ ।

ଓଡ଼ିଆ - ପ୍ରଶସ୍ତ - ଆମ ବିଦ୍ୟାଳୟରେ ଏକ ପ୍ରଶସ୍ତ ଖେଳ ପଡ଼ିଆ ଅଛି ।
ଓରାଓଁ - ଚାକାଡ଼ - ଏମ୍‌ହାଏଁ ଲୂର-କୁଡ଼ିଆନୁଁ ଅଣ୍ଡା ଚାକାଡ଼ ବେଚନା ଟଙ୍ଗା ରାଇ ।

ଓଡ଼ିଆ - ପ୍ରତୀକ - ଲାଲ ରିବନ୍ ଏଡ୍‌ସର ପ୍ରତୀକ ଅଟେ ।
ଓରାଓଁ - ଚିହ୍ନ - ଖେଁସୋ ଫିତା ଏଡ୍‌ସହି ଚିହ୍ନ ହିକେ।

ଓଡ଼ିଆ - ପ୍ରଚାର - ଦୂର ଦର୍ଶନରେ ଦେଶ ବିଦେଶର ଖବର ପ୍ରଚାର କରାଯାଏ ।
ଓରାଓଁ - ପାରଚ୍ଚର - ଦୂର ଦର୍ଶନନୁ ଦେଶ ବିଦେଶନ୍ତା ପାରଚାର ନାନ୍ତାରଇ।

ଓଡ଼ିଆ - ପ୍ରଧାନ - ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ଥାଆନ୍ତି ।
ଓରାଓଁ - କୋହାଁ - ଲୂର-କୁଡ଼ିଆନୁଁ ଅଣ୍ଡା କୋହାଁ ମାଷ୍ଟରାସ୍ ରାଆଦାସ ।

ଓଡ଼ିଆ - ପ୍ରତିଯୋଗିତା - ମୁଁ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଯୋଗ ଦେଲି ।
ଓରାଓଁ - ହାଡ଼ାବାଜି - ଏନ ଜିଲ୍ଲା ସ୍ତରତା କବାଡି ହାଡ଼ାବାଜିନୁଭାଗ ହଚ୍‌କାନ।

ଓଡ଼ିଆ - ପ୍ରଥମେ - ସକାଳୁ ଉଠି ପ୍ରଥମେ ମୁହଁ ଧୋଇ ପ୍ରାର୍ଥନା କରିବ ।
ଓରାଓଁ - ପାହିଲା - ପାଇରିମ୍ ଚୋଆରକି ପାହିଲା ବାଇମୁଝରାଆରକି ଆର୍ଜୀ ନାନ୍‌କେ ।

ଓଡ଼ିଆ - ପ୍ରକାର - ହାଟରେ ସବୁ ପ୍ରକାରର ପରିବା ବିକ୍ରି ହୁଏ ।
ଓରାଓଁ - ରାକାମ - ପିଠ୍‌ନୁଁ ହୁରମି ରାକାମ୍ ହି ଆଡ଼୍‌ଖା ଶାବଜୀ ବିକ୍ରିମାନି।

ଓଡ଼ିଆ - ପ୍ରକ୍ରିୟା - ବିଦ୍ୟାଳୟରେ ବର୍ଷସାରା ଶିକ୍ଷାଦାନ ପ୍ରକ୍ରିୟା ଚାଲେ ।
ଓରାଓଁ - ନାଲାଖ - ଲୂର-କୁଡ଼ିଆ ନୁଁ ସାଲଭାଇର ଲୂର-ଚିଇନା ନାଲାଖ୍ ଚାଲ୍‌ରିଇ।

ଓଡ଼ିଆ - ପ୍ରତିଧାଡ଼ି - ପ୍ରତିଧାଡ଼ି ସଳଖ ହେବା ଉଚିତ ।
ଓରାଓଁ - ହୁରମି- ଦିଗହା ପାଁଡ଼ି - ହୁରମି ଦିଗହା ପାଁତି ସିଧା ରାଆନା କାତ୍ଥା।

ଓଡ଼ିଆ - ପ୍ରାଣୀ - ସ୍ଥଳଭାଗରେ ଅନେକ ପ୍ରାଣୀ ବାସ କରନ୍ତି ।
ଓରାଓଁ - ଜିଆ - ଖାଜ୍ଜେ ଭାଗନୁଁ ବାହୁତ ଜିଆ ଡ଼େରା ନାନି ।

ଓଡ଼ିଆ - ପ୍ରାୟ - ଆମ ଦେଶର ଜଙ୍ଗଲ ସମ୍ପଦ ପ୍ରାୟ ବିଲୁପ୍ତ ହେଲାଣି ।
ଓରାଓଁ - ପ୍ରାଏ - ନାମ୍‌ହାଏଁ ଦେଶନୁଁ ଟୋଡ଼ାଙ୍ଗ ଧାନ୍ନ ପ୍ରାଏ ମୁଞ୍ଜରା କେରାନେଁ ।

ଓଡ଼ିଆ - ପ୍ରାଚୀନ - ପ୍ରାଚୀନ କାଳରେ ଲୋକେ ବଦଳ କରି କିଣାବିକା କରୁଥିଲେ ।
ଓରାଓଁ - ପୁରୁଖା - ପୁରୁଖା ପାରିୟାନୁଁ ଆଲାର ବାଦ୍‌ଲାଆର କି ଖେଁନ୍ଦା- ବିସା ଲାଗିୟାର ।

## -ଫ-

ଓଡ଼ିଆ - ଫଳ - ଫଳରେ ପ୍ରଚୁର ଭିଟାମିନ୍ ଥାଏ ।
ଓରାଓଁ - ଖାଞ୍ଜପା - ଖାଞ୍ଜପାନୁଁ ବାଗେ୍ଗ ଭିଟାମିନ୍ ରାଇ ।

ଓଡ଼ିଆ - ଫରକ - ଆଜିକାଲି ପୁଅଝିଅ ମଧ୍ୟରେ ଫରକ ନାହିଁ ।
ଓରାଓଁ - ଫରକ - ଇନ୍ନାଲା କୁକ୍କୋକୁକାଏରହି ମାଝିନୁ ଫରକ୍ ମାଲ୍ଲା ।

ଓଡ଼ିଆ - ଫଳିବ - ଗଛରେ ଖତ ଦେଲେ ପ୍ରଚୁର ଫଳ ଫଳିବ ।
ଓରାଓଁ - ଖାଞ୍ଜଅ - ମାନ୍ନନୁଁ ଗବାରି ଚିକ୍‌କୁନ୍ ମୁରୁକ୍ ଖାଞ୍ଜପା ଖାଞ୍ଜ ।

ଓଡ଼ିଆ - ଫମ୍ପା - ବାଉଁଶ ଭିତର ପଟ ଫମ୍ପା ଥାଏ ।
ଓରାଓଁ - ଢଡ୍ରୋ - ବାଁଶ ଗାହି ଭିତରି ତାରାଢ୍ରୋ ଡ୍ରୋ ରାଇ ।

ଓଡ଼ିଆ - ଫସଲ - ନବରଙ୍ଗପୁର ଅଞ୍ଚଳରେ ପ୍ରଚୁର ମକା ଫସଲ ହୁଏ ।
ଓରାଓଁ - କ୍ଷିତି - ନବରଙ୍ଗପୁର ଏରିଆନୁ ପ୍ରଚୁର ଜିନ୍‌ହର କ୍ଷେତି ମାନି ।

ଓଡ଼ିଆ - ଫରଚା - ଫରଚା ହେବା ପୂର୍ବରୁ ଚାଷୀ ହଳ ନିଏ ।
ଓରାଓଁ - ଫାରଚ୍ଚ - ଫାର୍‌ଚ୍ଚ ମାନ୍ନା ହି ଆଘୁ ଚାଷୀସ୍ ଗହ୍‌ଲା ହଅଦାସ୍ ।

ଓଡ଼ିଆ - ଫଳପ୍ରଦ - ଏମ୍.ଡି.ଟି. କୁଷ୍ଠ ରୋଗ ପାଇଁ ଫଳପ୍ରଦ ଔଷଧ ଅଟେ ।
ଓରାଓଁ - ଦାଅ - ଏମ୍.ଡ଼ି.ଟି. କୁଷ୍ଠ ବେମାରଗେ ଦାଅ ଦାଓ୍ୱାଇ ହିକେ ।

ଓଡ଼ିଆ - ଫାଳେ - ମୁଁ ରମାକୁ ଫାଳେ କମଳା ଦେଲି ।
ଓରାଓଁ - ଆନ୍‌ଫାଡ଼ା - ଏନ୍ ରମାସ୍‌ଗେ ଆନ୍‌ଫାଡ଼ା ସାନ୍ତରା ଚିଚ୍‌କାନ୍ ।

ଓଡ଼ିଆ - ଫାଶୀ - ଜଘନ୍ୟ ଅପରାଧୀକୁ ଫାଶୀ ଦିଆଯାଏ ।
ଓରାଓଁ - ଫାଶୀ - କୋହାଁ ଦୋଷୀସିନ ଫାଶୀ ଚିତାର୍‌ଇ ।

ଓଡ଼ିଆ - ଫାଙ୍କା - ବେଳେବେଳେ ପୋଲିସ୍ ଫାଙ୍କା ଗୁଳି ଚାଳନା କରନ୍ତି ।
ଓରାଓଁ - ଆହ୍‌ମ୍ବାମ୍ - ଅଙ୍ଗନ୍ ଅଙ୍ଗନ୍ ପୋଲିସାର ଆହ୍‌ମ୍ବାମ୍ ଗୁଲି ଚାଲାବାଆନାର ।

ଓଡ଼ିଆ - ଫିଟିକିରି - ଫିଟିକିରି ଏକ ବିଶୋଧକ ଅଟେ ।
ଓରାଓଁ - ଫିଟକିରି - ଫିଟକିରି ଅଣ୍ଡା ଶୋଧନ କାମନା ହିକେ ।

ଓଡ଼ିଆ - ଫୁଟି - ଫୁଲଫୁଟି ସୁନ୍ଦର ଦେଖାଯାଉଛି ।
ଓରାଓଁ - ପୁଇଦାଆର - ପୁଁପ୍ ପୁଁଇଦାଆରକି ସୁନ୍ଦାର୍ ଏଥ୍‌ରାଆଲି ।

ଓଡ଼ିଆ - ଫୁଲ - ଗୋଲାପ ଫୁଲର ବାସ୍ନା ଥାଏ ।
ଓରାଓଁ - ପୁଁପ୍ - ଗୋଲାପ ପୁଁପ୍ ଗାହି ମାହାକ୍ ରାଇ ।

ଓଡ଼ିଆ - ଫୁଲିବା - ଗୋଡ଼ ମକଚିଲେ ଫୁଲିବା ଆରମ୍ଭ ହୁଏ ।
ଓରାଓଁ - ପୁଖନା - ଖେଡ୍ଡେ ମେସଗାର୍‌ଇ ହଲେ ପୁଖ୍‌ନା ସୁରୁମାନି ।

ଓଡ଼ିଆ - ଫୁଟା - ଫୁଟା ପାଣି ଥଣ୍ଡାକରି ପିଇବା ଭଲ ।
ଓରାଓଁ - ଫୁଟୁଚ୍‌କା - ଫୁଟୁଚ୍‌କା ଆମ୍ମନ୍ ଠାଣ୍ଡା ନାନାକି ଅନ୍ନା ଦାଅ ହିକେ ।

ଓଡ଼ିଆ - ଫୁଲଦାନୀ - ଫୁଲଦାନୀରେ ଫୁଲ ରଖାଯାଏ ।
ଓରାଓଁ - ଫୁଲଦାନୀ - ଫୁଲଦାନୀନୁ ପୁଁପ୍ ଉଇନାର ।

ଓଡ଼ିଆ - ଫୁସ୍‌ଫୁସ୍ - ଫୁସ୍‌ଫୁସ୍‌ରେ ରକ୍ତ ପରିଷ୍କାର ହୁଏ ।
ଓରାଓଁ - ଫୁସ୍‌ଫୁସ୍ - ଫୁସ୍‌ଫୁସ୍‌ତି ଖେଁସ୍ ସାଫା ମାନି ।

ଓଡ଼ିଆ - ଫେରିବା - ସନ୍ଧ୍ୟା ପୂର୍ବରୁ ଲୋକେ ହାଟରୁ ଫେରିବା ଆରମ୍ଭ କରନ୍ତି ।
ଓରାଓଁ - କିର୍ନା - ବିଡ଼ି ପୁଡନାତି ଆଘୁ ଆଲାର ପିଠ୍‌ତି କିର୍‌ରନା ସୁରୁ ନାନ୍ନାର ।

ଓଡ଼ିଆ - ଫେଣା - ଫେଣାରେ ମହୁମାଛି ମହୁ ସଂଗ୍ରହ କରେ ।
ଓରାଓଁ - ଛାତ୍‌ନା - ଛାତ୍ ନାନୁଁ ତିନିଦ୍ ତିନ ରାଶି ଖୋଡ଼ଆର କି ଉଇୟି ।

ଓଡ଼ିଆ - ଫୋପାଡ଼ିବା - ଆବର୍ଜନା ଖାତରେ ଫୋପାଡ଼ିବା ଉଚିତ ।
ଓରାଓଁ - ହେବେଡ୍‌ନା - ମାଏଲାନ୍ ଗାଡ୍ଡିନୁ ହେବେଡ୍‌ନା କାତ୍ଥା ।

ଓଡ଼ିଆ - ଫୋଟକା - ବିବାହ ଭୋଜିରେ ଲୋକେ ଫୋଟକା ମାରନ୍ତି ।
ଓରାଓଁ - ଫାଟକା - ବେଞ୍ଜା ଭୁଜିନୁ ଆଲାର ଫାଟକା ଚଡ୍‌ତାଆନାର ।

ଓଡ଼ିଆ - ଫୌଜଦାରି - ଫୌଜଦାରୀ ମାମଲାରେ ତାଙ୍କୁ ଗିରଫ କରାଗଲା ।
ଓରାଓଁ - ଫୌଜଦାରି - ଫୌଜଦାରି ମାମଲାନୁ ତାଙ୍ଗାନ ଗିରଫ ନାନ୍ତାରା ।

**- ବ -**

ଓଡ଼ିଆ - ବଣ - ବାଘ ବଣର ରାଜା ଅଟେ ।
ଓରାଓଁ - ଟୋଡ଼ାଙ୍ଗ୍ - ଲାକ୍‌ଡ଼ା ଟୋଡ଼ାଙ୍ଗ୍‌ତା ବେଲ ହିକେ ।

ଓଡ଼ିଆ - ବର - ବରଗଛ ଛାଇ ଭାରି ଥଣ୍ଡା ଲାଗେ ।
ଓରାଓଁ - ବାଡ଼ା - ବାଡ଼ା ମାନ୍ନେ ହି ଏଖ ବେଶ୍ ଠଣ୍ଡା ଲାଗିଗ ।

ଓଡ଼ିଆ - ବଡ଼ - ମହାନଦୀ ଓଡ଼ିଶାର ବଡ଼ ନଦୀ ଅଟେ ।
ଓରାଓଁ - କୋହାଁ - ମଦାନଦୀ ଓଡ଼ିଶାନ୍ତା କୋହାଁ ଖାଡ୍ ହିକେ ।

ଓଡ଼ିଆ - ବହି - ବହି ପତ୍ର ଯତ୍ନ କରି ରଖ ।
ଓରାଓଁ - ପୁଥି - ପୁଥି ଆତ୍‌ଖାନ୍ ଯାତାନ୍ ନାନାକି ଉଇୟା ।

ଓଡ଼ିଆ - ବସି - କୋଇଲି ଗଛ ଡାଳରେ ବସି ରାବୁଛି ।
ଓରାଓଁ - ଅକ୍କାର - କୁଇଲି ମାନ୍ନେ ଡ଼ାଡ଼ାନୁଁ ଅକ୍କାକି ଚିଁଖାଲି ।

ଓଡ଼ିଆ - ବଙ୍କା - ଗାଁକୁ ଗୋଟିଏ ଅଙ୍କାବଙ୍କା ରାସ୍ତା ଯାଇଛି ।
ଓରାଓଁ - କଙ୍କୋ - ପାଦ୍ଦାନୁଁ ଅଣ୍ଟା କଙ୍କୋବଙ୍କୋ ଡାହାରେ କିର୍‌କି ରାଇ ।

ଓଡ଼ିଆ - ବନ୍ଧା - ପଘାରେ ଗାଈକୁ ବନ୍ଧା ଯାଇଛି ।
ଓରାଓଁ - ହେଁଚକା - ପାଘାନୁ ଗାୟାନ୍ ହେଁଚ୍‌କା ରାଇ ।

ଓଡ଼ିଆ - ବଇଦ - ଗାଁ ବଇଦ ଛୋଟ ଛୋଟ ରୋଗର ଚିକିତ୍ସା କରିଥାନ୍ତି ।
ଓରାଓଁ - ବାଇଧ୍ - ପାଦ୍ଦାନ୍ତା ବାଇଧାସ ଛୋଟେ ଛୋଟେ ବେମାରହି ଦାୱାଇ ନାଦ୍ଦାସ୍ ।

ଓଡ଼ିଆ - ବଗିଚା - ସ୍କୁଲ ବଗିଚାରେ ଅନେକ ଫଳଗଛ ରହିଛି ।
ଓରାଓଁ - ବାଗାନ୍-ଲୂରକୁଡ଼ିଆ ବାଗାନ୍‌ନୁଁ ବାହୁତ ଫାଲ ମାନ୍ନ ରାହାଚ୍‌କି ରାଇ।

ଓଡ଼ିଆ - ବରଷା - ବରଷା ଦିଏ ପାଣି, ପାଣି ପିଅ ଛାଣି ।
ଓରାଓଁ - ଚେଁପ୍ - ଝାଡ଼ି ଚିଇ ଆମ୍ମ, ଆମ୍ମ ଅନା ଛାଣଆକିରି ।

ଓଡ଼ିଆ - ବଳଦ - ବଳଦ ଶଗଡ଼ ଟାଣେ ।
ଓରାଓଁ - ଆଡ୍ଡ - ଆଡ୍ଡ ଶାଗାଡ଼୍ ନାତ୍‌ଗି।

ଓଡ଼ିଆ - ବଦଳି - ଆମ ବାପା ସୁନ୍ଦରଗଡ଼ ବଦଳି ହେଲେ ।
ଓରାଓଁ - ବଦଲି - ଏଙ୍ଗାଏ ଆବାସ୍ ସୁନ୍ଦରଗଡ଼ ବଦଲି ମାଞ୍ଜାସ ।

ଓଡ଼ିଆ - ବତକ - ବତକ ପାଣିରେ ପହଁରି ପାରେ ।
ଓରାଓଁ - ଗେଣେ - ଗେଣେ ଆମ୍ମେନୁ ଅ’ଗା ଉଙ୍ଗି ।

ଓଡ଼ିଆ - ବହୁତ - ଆମ ଗ୍ରାମରେ ବହୁତ ପିଲା ଅଛନ୍ତି ।
ଓରାଓଁ - ଜୋକ୍କ - ଏମ୍‌ହାଏଁ ପାଦାନୁଁ ବାଗେ୍ଗ କୁକ୍କର ରାଆନାର।

ଓଡ଼ିଆ - ବଜାର - ବଜାରରେ ପ୍ରତିଦିନ କିଣାବିକା ହୋଇଥାଏ ।
ଓରାଓଁ - ପିଠ୍ - ପିଠ୍‌ନୁ ହୁର୍ମି ଉଲ୍ଲା ଖେନ୍ଦ୍‌ନା ବିସ୍‌ନା ମାନି ।

ଓଡ଼ିଆ - ବସ୍ତ୍ର - ଶ୍ରମ କଲେ ଅନ୍ନବସ୍ତ୍ର ଅଭାବ ହୁଏ ନାହିଁ ।
ଓରାଓଁ - କିଚରି - ନାଲାଖ୍ ନାଞ୍ଜକୁନ୍ ଅନ୍ନା-ଆଡ୍‌ନା ଅଭାବ ମାଲ ମାନି।

ଓଡ଼ିଆ - ବଢ଼ିବା - ନଖ ବଢ଼ିବାକୁ ଦିଅ ନାହିଁ ।
ଓରାଓଁ - ପାର୍ଦ୍ଦନା - ଅରଖ ପାର୍ଦ୍ଦାଗେ ଆମା ଚିଆ।

ଓଡ଼ିଆ - ବଳିବା - ବଳିବା ଖାଦ୍ୟ ଫ୍ରିଜ୍‌ରେ ରଖ ।
ଓରାଓଁ - ଏଙ୍ଗର୍କା - ଏଙ୍ଗର୍କା ମଖନାଅନ୍ନାନ୍ ଫ୍ରିଜ୍‌ନୁଁ ଉଇୟା ।

ଓଡ଼ିଆ - ବୟସ - ବୟସ ବଢ଼ିଲେ ଜ୍ଞାନ ବି ବଢ଼େ ।
ଓରାଓଁ - ଆରଦା - ବାୟାସ୍ ପାର୍ଦ୍ଦ ସାଙ୍ଗେ ଲୁର ବୁଦ୍ଧି ବାଢ଼୍‌ରିଇ।

ଓଡ଼ିଆ - ବଦଳେ - ଗ୍ରୀଷ୍ମ ଋତୁରେ ପରିବେଶ ବଦଳେ ।
ଓରାଓଁ - ବାଦଲାରଇ - ଜେଟ୍‌ଠେନୁଁ ପରିବେଶ ବାଦ୍‌ଲାରଇ ।

ଓଡ଼ିଆ - ବଢ଼େଇ - ବଢ଼େଇ ଆମ ପାଇଁ ଖଟ ତିଆରି କରନ୍ତି ।
ଓରାଓଁ - ବାଢ଼େଇ - ବାଢ଼େଇସ୍ ଏମା ଗେ ଖାଟ୍‌ଟି ତିଆର କାମଦାସ୍ ।

ଓଡ଼ିଆ - ବତାସ - ବେଳେବେଳେ ଜୋରରେ ବତାସ ବହେ ।
ଓରାଓଁ - ତାକା - ଅଙ୍ଘନ ଅଙ୍ଘନ ଜୋରସେ ତାକା ବାହି ।

ଓଡ଼ିଆ - ବନ - ବନରକ୍ଷୀ ବନ ରକ୍ଷା କରନ୍ତି ।
ଓରାଓଁ - ଟୋଡ଼ାଙ୍ଗ - ଟୋଡ଼ାଙ୍ଗ ଖାପୁସ୍ ଟୋଡ଼ାଙ୍ଗନ୍ ବାଛାବାଆଦାସ୍ ।

ଓଡ଼ିଆ - ବନ୍ଧୁ - ଦୁଃଖବେଳର ବନ୍ଧୁ ପ୍ରକୃତ ବନ୍ଧୁ ଅଟନ୍ତି ।
ଓରାଓଁ - ସାଙ୍ଗେ - ଦୁଃଖ ବେଢ଼ାତା ସାଙ୍ଗେସ୍ ଆସ୍‌ଲି ସାଙ୍ଗେସ୍ ହିକଦାସ୍ ।

ଓଡ଼ିଆ - ବର୍ଷା - ଗ୍ରୀଷ୍ମଋତୁ ପରେ ବର୍ଷାଋତୁ ଆସେ ।
ଓରାଓଁ - ଚେପ - ଜେଟ୍‌ଠେ ହି ପାଛେ ଚେପ୍ ବାରିଇ ।

ଓଡ଼ିଆ - ବନ୍ଧୁକ - ସୈନ୍ୟମାନେ ବନ୍ଧୁକରେ ଯୁଦ୍ଧ କରନ୍ତି ।
ଓରାଓଁ - ବାନ୍ଧୁକ - ପଲଟନଯାମାର ବାନ୍ଧୁକତି ଲାଢ଼ାଇ ନାଆନ୍‌ନାର ।

ଓଡ଼ିଆ - ବସୁଧା - ବସୁଧା ଆମର ମାତା ସମାନ ଅଟେ ।
ଓରାଓଁ - ଧାରତି - ଧାରତି ନାମ୍‌ହାଏ ଆୟାଙ୍ଗ ସାଙ୍ଗେ ସାମାନ ।

ଓଡ଼ିଆ - ବଢୁଛି - ପ୍ରତିବର୍ଷ ପରିବେଶ ପ୍ରଦୂଷଣ ବଢୁଛି ।
ଓରାଓଁ - ପାର୍ଦାଲି - ହୁର୍‌ମି ବାରଷ ପରିବେଶ ପ୍ରଦୁଷଣ ବାଢ଼ରାଲି ।

ଓଡ଼ିଆ - ବନ୍ଧକ - ମୋ ବନ୍ଧୁ ରମା ଜମି ବନ୍ଧକ ରଖି ଋଣ କରିଛନ୍ତି ।
ଓରାଓଁ - ବାନ୍ଧା - ଏଙ୍ଗାଏ ସାଙ୍ଗେସ୍ ରମାସ୍ ହି ଖାଲ୍ଲେନ୍ ବାନ୍ଧା ଉଇୟାର କି ପାଇଁଚ୍ଛ ମାଞ୍ଜକା ଦାସ୍ ।

ଓଡ଼ିଆ - ବକଳ - ଆଦିମ ମନୁଷ୍ୟ ଗଛର ବକଳ ପିନ୍ଧୁଥିଲେ ।
ଓରାଓଁ - ବାକଲା - ଆଦ୍ଦି ମାନଓ୍ୱାର ମାନ୍ନହି ବାକ୍‌ଲାନ୍ ଆଓାଲିଆର । ।

ଓଡ଼ିଆ - ବସିବସି - ବୁଢ଼ାଟି ବସି ବସି ଥକି ଗଲାଣି ।
ଓରାଓଁ - ଅକ୍କାଅକ୍କା - ପାଚ୍‌ଗିସ୍ ଅକ୍କା ଅକ୍କା ଖ୍ଢାଡ୍‌ଦିଆସ୍ କେରାସ୍।

ଓଡ଼ିଆ - ବଞ୍ଚିବା - ଆମେ ବଞ୍ଚିବା ପାଇଁ ଖାଉ ।
ଓରାଓଁ - ଉଜ୍ଜାଗେ - ନାମ୍ ଉଜ୍ଜାଗେ ଅନ୍‌ଦାତ୍ ।

ଓଡ଼ିଆ - ବର୍ଗକ୍ଷେତ୍ର - କ୍ୟାରାମ୍ ବୋର୍ଡ ବର୍ଗକ୍ଷେତ୍ର ପରି ଅଟେ ।
ଓରାଓଁ - ବର୍ଗକ୍ଷେତ୍ର - କେରମ ବୋର୍ଡ ବର୍ଗକ୍ଷେତ୍ର ଯାଇସେ ହିକେ ।

ଓଡ଼ିଆ - ବସାଇଲା - ଲୋକଟି ତା ପୁଅକୁ କାନ୍ଧରେ ବସାଇଲା ।
ଓରାଓଁ - ଅକ୍ତାରସ୍ - ଆଲାସ୍ ତାଙ୍ଘାଏ ଖ୍ଢାଦାସିନ୍ ଖେସେରନୁଁ ଅକ୍‌ତାରସ୍।

ଓଡ଼ିଆ - ବଜ୍ରକାପ୍ତା - ବଜ୍ରକାପ୍ତାର କାତି ଖୁବ୍ ଟାଣ ଅଟେ ।
ଓରାଓଁ - ସାଲକାତି - ସାଲକାତିହି କାତି ବାହୁତ ଆଣ୍ଟ ।

ଓଡ଼ିଆ - ବଡ଼ିଭୋର - ମୁଁ ବଡ଼ିଭୋର ବେଳେ ଉଠି ବହି ପଢ଼େ ।
ଓରାଓଁ - ପାଇରିମ୍ - ଏନ୍ ପାଇରିମ୍ ଝେଆରକି ପୁଥି ପାଢ଼ଦାନ୍।

ଓଡ଼ିଆ - ବଡ଼ଚିହ୍ନ - ବଡ଼ଚିହ୍ନ ବଡ଼କୁ ବୁଝାଏ ।
ଓରାଓଁ - କୋହାଁ ଚିହ୍ନାଁ - କୋହାଁ ଚିହ୍ନାଁଦ୍‌ବ କୋହାବନ୍ ବୁଝାବାଇ।

ଓଡ଼ିଆ - ବଞ୍ଚାଇବା - ରୋଗୀକୁ ବଞ୍ଚାଇବା ଡାକ୍ତରଙ୍କ ପରମ କର୍ତ୍ତବ୍ୟ ।
ଓରାଓଁ - ବାଚ୍ଛାବାଆନା - ବେମାରିଆସିନ୍ ବାଛାବାଆନା ଡାକ୍ତରାସ୍ ହିରଡ଼୍ ନାଲାଖ୍ ହିକେ।

ଓଡ଼ିଆ - ବଂଶୀ - ମୁଁ ଭଲରେ ବଂଶୀ ବାଦନ ଜାଣେ ।
ଓରାଓଁ - ବାଁସୁରି - ଏନ୍ ଦାଅଲେ ବାଁସୁରି ଆସ୍‌ସା ଆଖଦାନ୍।

ଓଡ଼ିଆ - ବଣଭୋଜି - ଆମେ ସ୍କୁଲ ପିଲା ବଣଭୋଜି କରିଗଲୁ ।
ଓରାଓଁ - ଡ଼ାଡ଼୍‌ଭୁଞ୍ଜିଡ଼ି - ଏମ୍ ଲୁରକୁଡ଼ିଆ ଖାଦାମ୍ ଡାଡ଼ଭୁଜ୍ଜି ନାନା କେର୍‌କାମ୍।

ଓଡ଼ିଆ - ବଳି ପଡ଼ିଲା - ଭୋଜିରେ ମାଂସ ତରକାରୀ ବଳି ପଡ଼ିଲା ।
ଓରାଓଁ - ଏଙ୍ଗରା କେରା - ଭୁଜିନୁ ଆହଡା ଆମ୍‌ଖି ବାଛରା କେରା ।

ଓଡ଼ିଆ - ବାଡ଼ି - ବାଡ଼ି ଦେଖି ବିରାଡ଼ି ଭୟରେ ଦଉଡ଼ି ଯାଏ ।
ଓରାଓଁ - ଟେମ୍ପା - ଟେମ୍ପା ଏରାକି ବେରଖା ଏଲଚ୍କି ବୋଙ୍ଗି କାଲି ।

ଓଡ଼ିଆ - ବାଘ - ବାଘ ଗୋଟିଏ ମାଂସାଶୀ ପ୍ରାଣୀ ଅଟେ ।
ଓରାଓଁ - ଲାକଡ଼ା - ଲାକଡ଼ା ଅଣ୍ଟା ଆହଡା ମୁଖୁଁ ଜାନ୍ତୁ ହିକୋ ।

ଓଡ଼ିଆ - ବାଡ଼ - ବଗିଚାରେ ବାଡ଼ ବାନ୍ଧିଲେ ଫଳଗଛ ସୁରକ୍ଷିତ ରହିବ ।
ଓରାଓଁ - ବାଟକି - ବାଟକିନ୍ ଘୁରୁଚକୁନ୍ ପରନା ହେଚ୍କୁନ୍ ଖ୍ଣାଞ୍ଜପା ମାନ୍ନେ ଦାଅ ରାଇ ।

ଓଡ଼ିଆ - ବାସି - ବାସି ଖାଦ୍ୟ ଖାଅ ନାହିଁ ।
ଓରାଓଁ - ବାସୀ - ବାସୀ ଜିନିଷବନ୍ ମାଲ ମଖ୍ନା କାଥା ।

ଓଡ଼ିଆ - ବାଦ୍ୟ - ବିବାହ ଭୋଜିରେ ବାଦ୍ୟ ବାଜି ଉଠିଲା ।
ଓରାଓଁ - ବାଜା - ବେଞ୍ଜା ଭୁଜିନୁ ବାଜା ଖାର୍ଖ୍ଆ ହେଲ୍ରା ।

ଓଡ଼ିଆ - ବାଷ୍ପ - ଜଳ ଗରମ ହେଲେ ବାଷ୍ପ ହୋଇ ଉପରକୁ ଉଠେ ।
ଓରାଓଁ - ଭାଫ୍ - ଆମ୍ମ ଗାରାମ୍ ମାଞ୍ଜାକୁନ୍ ଭାଫ୍ମାନାର ମଇଁୟା ଚୁଇ ।

ଓଡ଼ିଆ - ବାକ୍ସ - ଚିଠି ବାକ୍ସରେ ଚିଠି ପକାଯାଏ ।
ଓରାଓଁ - ବାକ୍ସା - ଚିଟ୍ଠି ବାକ୍ସାନୁ ଚିଟ୍ଠି ସଜ୍ନାର୍ ।

ଓଡ଼ିଆ - ବାମ୍ଫ - ଫୁଟନ୍ତା ପାଣିରୁ ବାମ୍ଫ ବାହାରେ ।
ଓରାଓଁ - ଭାଁଫ୍ - ଉଡ଼ତୁରକା ଆମ୍ମେତି ଭାଁଫ୍ ଉର୍ଖି ।

ଓଡ଼ିଆ - ବାଟ - ଅନ୍ଧକୁ ବାଟ ଦେଖାଇବା ଏକ ପରମ ଧର୍ମ ।
ଓରାଓଁ - ଡାହରେ - ଆନ୍ଧାସିନ୍ ଡାହରେ ଏଦେ୍ନା ଅଣ୍ଟା ଧରମ୍ ନାଲାଖ୍ ହିକେ ।

ଓଡ଼ିଆ - ବାଜା - ଭୋଜିରେ ବାଜା ବାଜିଲେ ଲୋକେ ନାଚନ୍ତି ।
ଓରାଓଁ - ବାଜା - ଭୁଜିନୁ ବାଜା ସାଡ୍ଡିକୁନ୍ ଆଲାର୍ ନାଲ୍ନାର ।

ଓଡ଼ିଆ - ବାଟିଲେ - ଆମ ମା ତରକାରୀ ପାଇଁ ବେସର ବାଟିଲେ ।
ଓରାଓଁ - କାସ୍ସା - ଏମ୍ହାଏଁ ଆୟାଙ୍ଗ୍ ଆମଖ୍ଗେ ବାଲକା କାସ୍ସା ।

ଓଡ଼ିଆ - ବାପର ଭାଇ - ସମୀର ମୋ ବାପାର ଭାଇ ଅଟନ୍ତି ।
ଓରାଓଁ - ବାଙ୍ଗାସି ଘିଭାଇସ୍ - ସମୀରାସ୍ ଏଙ୍ଘ୍ଘାଏ ବାଙ୍ଗାସହି ଭାଇସ୍ ହିକ୍‌ଦାସ ।

ଓଡ଼ିଆ - ବାପର ବାପା - ମୋ ଜେଜେ ମୋ ବାପାର ବାପା ଅଟନ୍ତି ।
ଓରାଓଁ - ଏମ୍ବାସ୍‌ହି ବାଙ୍ଗାସ୍ - ଏଙ୍ଗ୍‌ଏ ଆଜିସ ଏମ୍ବାସ୍‌ହି ବାଙ୍ଗାସ୍ ହିକ୍‌ଦାସ୍ ।

ଓଡ଼ିଆ - ବାୟା ଚଢେଇ - ଖଜୁରୀ ବାହୁଙ୍ଗା ଅଗରେ ବାୟାଚଢେଇ ଘର କରେ ।
ଓରାଓଁ - ଚରୋ ଅଡ଼ା - କିନ୍ଦା ଡାଡ଼ିନୁଁ ଚରୋ ଅଡ଼ା ଏଡ଼ପା କାମ୍ଇ ।

ଓଡ଼ିଆ - ବାସସ୍ଥଳୀ - ଜଙ୍ଗଲ ବାଘ ଭାଲୁଙ୍କ ବାସସ୍ଥଳୀ ।
ଓରାଓଁ - ରାଆନା ଆଡ୍ଡା - ଟୋଡ଼ାଙ୍ଗ ଲାକ୍‌ଡ଼ା ଭାଲୁ ହି ରାଆନା ଆଡ୍ଡା ।

ଓଡ଼ିଆ - ବାହାର - ଘର ବାହାର ପରିବେଶ ସଫାରଖ ।
ଓରାଓଁ - ବାହାରି - ଏଡ଼୍‌ପା ବାହ୍‌ରେ ସାଫା ଉଇୟା ।

ଓଡ଼ିଆ - ବାଛିବାଛି - ଦୋକାନରୁ ଆମେ ବାଛିବାଛି ପରିବା କିଣୁ ।
ଓରାଓଁ - ଚାଜାଚାଜା - ଦୁକାନ୍ତି ଏମ୍ ଚାଜାଚାଜା ଆଡ଼ଖା-ଚେଖେଲ ଖେନ୍ଦ୍‌ଦାମ୍ ।

ଓଡ଼ିଆ - ବାଛୁରୀ - ବାଛୁରୀ ଡେଇଁଡେଇଁ ଖେଳୁଛି ।
ଓରାଓଁ - ବାଛ୍‌ରୁ - ବାଛରୁ ଡେଗାଡେଗା ବେଚାଲି ।

ଓଡ଼ିଆ - ବାଚସ୍ପତି - ବାଚସ୍ପତି ବିଧାନସଭା ପରିଚାଳନା କରନ୍ତି ।
ଓରାଓଁ - ବାଚସ୍ପତି - ବାଚସ୍ପତି ବିଧାନ ସାଭାନ୍ ଚାଲା ବାଆଦାସ୍ ।

ଓଡ଼ିଆ - ବାଘମାମୁଁ - ଗପରେ ବାଘକୁ ବାଘମାମୁ ବୋଲି ଭାବନ୍ତି ।
ଓରାଓଁ - ଲାକଡ଼ାମାମୁଁ - କାଥ୍‌ନିନୁ ଲାକଡ଼ାନ୍ ଲାକଡ଼ାମାମୁଁ ବାଆର କି ସୋଚ୍‌ନାର ।

ଓଡ଼ିଆ - ବାଳକେ - ବିଦ୍ୟା ଅଟଇ ମହାଧନ ବାଳକେ କର ଉପାର୍ଜନ ।
ଓରାଓଁ - ଖାଦ୍ଦାର - ବିଦ୍ୟା ଅନ୍‌ଟ କୋହାଁ ଧାନ୍, ଖାଦ୍ଦାର୍ ଆର୍ଜଆ ।

ଓଡ଼ିଆ - ବାଦାମ - ବାଲିଆ ମାଟିରେ ବାଦାମ ଚାଷ ଭଲହୁଏ ।
ଓରାଓଁ - ମୁଗଫୁଲି - ଚାଲ୍‌କୁର ଖାଜ୍ଜନୁଁ ମୁଲ୍‌ଫୁଲି ଖେତି ଦାଅ ମାନି ।

ଓଡ଼ିଆ - ବାଦୁଡ଼ି - ବାଦୁଡ଼ି ଏକ ରାତ୍ରିଚର ପ୍ରାଣୀ ଅଟେ ।
ଓରାଓଁ - ଭାଦାଡ଼ି - ଭାଦାଡ଼ି ଅଣ୍ଟା ମାଖା-ମିନୁ ଅଡ଼ା ହିକେ ।

ଓଡ଼ିଆ - ବାଳିକା - ଆମ ବିଦ୍ୟାଳୟରେ ବାଳକବାଳିକା ଉଭୟେ ପଢ଼ନ୍ତି ।
ଓରାଓଁ - ଚୁକୋୟ - ଏମ୍‌ହାଏଁ ଲୂରକୁଡ଼ିଆନୁଁ କୁକ୍କୋ-କୁକୋୟ ସାଙ୍ଗେ ପାଢ଼ନାର ।

ଓଡ଼ିଆ - ବାରଣ୍ଡା - ଘର ବାରଣ୍ଡାରେ ଲୋକ ବସନ୍ତି ।
ଓରାଓଁ - ବାର୍‌ଣ୍ଡା - ଏଡ଼ପା ବାର୍‌ଣ୍ଡାନୁ ଆଲାର୍ ଅକ୍‌ନାର୍ ।

ଓଡ଼ିଆ - ବାର୍ଷିକ - ମାର୍ଚ୍ଚ ମାସରେ ବାର୍ଷିକ ପରୀକ୍ଷା ହୁଏ ।
ଓରାଓଁ - ସାଲୁନା - ମାର୍ଚ୍ଚ ମାହିନାନୁ ସାଲନା ପରୀକ୍ଷା ମାନି ।

ଓଡ଼ିଆ - ବାଡ଼ାଇବା - ପିଲାଙ୍କୁ ବାଡ଼ାଇବା ମନା କରାଯାଇଛି ।
ଓରାଓଁ - ଲାଆନା - ହାଦ୍ଦାରିନ୍ ଲା ଆଗେ ମାନାନାଞ୍ଜ୍‌କା ରାଇ ।

ଓଡ଼ିଆ - ବାହାରିବା-ଝାଡ଼ା ଫେରି ସାବୁନରେ ହାତ ନଧୋଇଲେ ଘା ବାହାରିବା ନିଶ୍ଚିତ ।
ଓରାଓଁ - ଉର୍‌ଖୁନା-ଏର୍‌ଖା କିରାକି ସାବୁନତି ଖେଖ୍ଖା ମା ନ ଢ଼ରକୁନ୍ ଖା'ଦି ଉରଖନା ଦିମ୍ ରାଇ ।

ଓଡ଼ିଆ - ବାଟଯାକ - କଣା ବ୍ୟାଗରୁ ଚାଉଳ ବାଟଯାକ ଗଳି ଚାଲିଲା ।
ଓରାଓଁ - ଡାହରେ ଗଚ୍ଚା - ଟକା ଥାଇଲାନ୍ତି ଡ଼ାହାରେ ଗଚ୍ଚା ତିଖିଲ୍ ତୁର୍‌ଦୁନୁମ୍ କେରା ।

ଓଡ଼ିଆ - ବାସ - ଫୁଲର ବାସ ଚହଟି ଯାଉଛି ।
ଓରାଓଁ - ବାସ୍ନା - ପୁଁପହି ବାସ୍ନା ମାହୁକାରଆ କାଲି ।

ଓଡ଼ିଆ - ବାନର - ବାନର ଡାଳରୁ ଡାଳ ଡେଇଁ ଡେଇଁ ପକାଏ ।
ଓରାଓଁ - ବାନ୍ଦରା -ବାନ୍ଦରା ଡାଡାନ୍ତି ଡାଆଡ଼ା ଡେଗ୍‌ଆ ଡେଗ୍‌ଆ ଭୁଙ୍ଗି ।

ଓଡ଼ିଆ - ବାରିଷ୍ଟର - ମଧୁବାବୁ ପ୍ରଥମ ଓଡ଼ିଆ ବାରିଷ୍ଟର ।
ଓରାଓଁ - ବାରିଷ୍ଟର - ମଧୁବାବୁସ୍ ପାହିଲା ଉଡ଼ିଆ ବାରିଷ୍ଟାର ।

ଓଡ଼ିଆ - ବାରମ୍ବାର - ଦୁଷ୍ଟ ପିଲା ବାରମ୍ବାର କଳି କରନ୍ତି ।
ଓରାଓଁ - ବାରବାର - ଖେଚାର୍ଡ଼ ଖାଦ୍ଦାର ବାରବାର ଝାଗଡ଼ା ନାନ୍ନାର ।

ଓଡ଼ିଆ - ବାର୍ଦ୍ଧକ୍ୟଭତ୍ତା - ସରକାର ବାର୍ଦ୍ଧକ୍ୟଭତ୍ତା ଦେଇଥାନ୍ତି ।
ଓରାଓଁ - ପାଚଗି ଭତ୍ତା - ସାରକାର ପାଚ୍‌ଗି ଭତ୍ତା ଚିଇ ।

ଓଡ଼ିଆ - ବାସଗୃହ - ଯାଯାବରମାନଙ୍କର ବାସଗୃହ ନଥାଏ ।
ଓରାଓଁ - ଏଡ଼୍‌ପା ପାଲ୍ଲି - ଭୁଲାଭାଟ୍‌କରହି ଏଡ଼୍‌ପା ପାଲ୍ଲି ମାଲ ରାଇ ।

ଓଡ଼ିଆ - ବାଇଗଣ - ବାଇଗଣ ଚାଷ ଏକ ଲାଭ ଜନକ ଉଦ୍ୟୋଗ ।
ଓରାଓଁ - ଭେଟାଙ୍ଗୋ - ଭେଟାଙ୍ଗୋଖେତି ଅଣ୍ଟା ଲାଭ୍‌ଦାୟକ ଚଷ ।

ଓଡ଼ିଆ - ବାହାଘର - ଗତବର୍ଷ ଆମ କକାଙ୍କର ବାହାଘର ହେଲା ।
ଓରାଓଁ - ବେଞ୍ଜାଏଡ଼୍‌ପା - କେରା ବାରାଷ୍ ଏମ୍‌ହାଏଁ କାକାସ୍‌ହି ବେଞ୍ଜା ଏଡ଼ପା ମାଞ୍ଜା ।

ଓଡ଼ିଆ - ବାହାରକୁ - ରାତିରେ ବାହାରକୁ ଯିବା ପାଇଁ ମୁଁ ଡରେ ।
ଓରାଓଁ - ବାହ୍‌ରି - ମାଖା ବାରି ବାହରି କାଲାଗେ ଏନ୍ ଏଲ୍‌ଚେଦାନ୍ ।

ଓଡ଼ିଆ - ବାଲି - ବସି ଖାଇଲେ ନଈ ବାଲି ସରେ ।
ଓରାଓଁ - ଚାଲକୁର - ଅକ୍କାର କି ଅଣ୍ଡକାଡି ଖାଡ଼୍‌ଚାଲକୁର ମୁଞ୍ଜରି କାଲି ।

ଓଡ଼ିଆ - ବାଣ୍ଟିବା - ମୁଁ ବିସ୍କୁଟ ବାଣ୍ଟିବା ଜାଣେ ।
ଓରାଓଁ - ଖାଇଁ୍ନା - ଏନ୍ ବିସ୍କୁଟ୍ ଖାଁଚା ଆଖ୍‌ଦାନ୍ ।

ଓଡ଼ିଆ - ବାହାରେ - ବାହାରେ ଏଠିସେଠି ଛେପ ପକାଅ ନାହିଁ ।
ଓରାଓଁ - ବାହାରି - ବାହାରି ଇସାନ୍ ଆସାନ୍ ମାଲା ଥୁପ୍ପା ।

ଓଡ଼ିଆ - ବାମପଟ - ରାସ୍ତାର ବାମପଟ ଦେଇ ଚାଲ ।
ଓରାଓଁ - ଡେବ୍‌ବାତାରା - ଡାହରେ ହି ଡେବ୍‌ବା /ଲେଙ୍ଗା ତାରା ଏକା ।

ଓଡ଼ିଆ - ବାହୁ - ରାଜାମାନେ ନିଜ ବାହୁ ବଳରେ ରାଜ୍ୟ ଜୟ କରୁଥିଲେ ।
ଓରାଓଁ - ବାଡ଼ି - ରାଜାର ତାଘାଏ ବାଡ଼ସାଓ୍ୱାଙ୍‌ତି ରାଜିନ୍ ଜିତ୍‌ଆ ଲିଆର ।

ଓଡ଼ିଆ - ବାଉଁଶ - ବାଉଁଶରେ କୁଲା ତିଆରି କରାଯାଏ ।
ଓରାଓଁ - ବାଁଶ - ବାଁଶ ତୁଲେ କେତେର୍ କାମ୍‌ତାରଇ ।

ଓଡ଼ିଆ - ବିଜୁଳି - ବିଜୁଳି ମାରିଲେ ନିଆଁ ବାହାରେ ।
ଓରାଓଁ - ବିଜଲି - ବିଜ୍‌ଲି ଲାଇ ହଲେ ଚିଛି ଉରଖି ।

ଓଡ଼ିଆ - ବିଭବ - ଆମରାଜ୍ୟ ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ ।
ଓରାଓଁ - ଆଲୋ - ନାମ୍‌ହାଏଁ ରାଜୀ ପ୍ରାକୃତିକ ଶୋଭାନୁ ନିନ୍ଦକି ରାଇ ।

ଓଡ଼ିଆ - ବିଦେଶୀ - ଦିନେ ବିଦେଶୀମାନେ ଆମ ଦେଶ ଶାସନ କରୁଥିଲେ ।
ଓରାଓଁ - ନାନ୍ନଦେଶ-ଉନ୍ଦୁଲ ନାନ୍ନଦେଶତାର ନାମ ହାଏଁ ଦେଶାନ୍ ଚାଲାବାଆ ଲାଗିଆର ।

ଓଡ଼ିଆ - ବିଚିତ୍ର - ବେଳେବେଳେ ଆକାଶରେ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳେ ।
ଓରାଓଁ - ରକମ୍‌ରକମ୍ - ଅଙ୍ଘନ ଅଙ୍ଘନ୍ ମେରଖାନୁଁ ରାକମ୍‌ରାକମ୍ ଏରାଗେ ଖାଖ୍ଲରି ।

ଓଡ଼ିଆ - ବିପତ୍ତି - ବିପତ୍ତି ବେଳର ବନ୍ଧୁ ପ୍ରକୃତ ବନ୍ଧୁ ।
ଓରାଓଁ - ବିପାଇତ୍ - ବିପାଇତ୍ ବେଳାନ୍ତା ସାଙ୍ଗେସ୍ ପ୍ରକୃତ ସାଙ୍ଗେସ୍ ।

ଓଡ଼ିଆ - ବିଲୁଆ - ବିଲୁଆ ବଡ଼ ଚତୁର ।
ଓରାଓଁ - ବାନ୍‌ଡ - ବାନ୍‌ଡ ବାଡ଼େ ଚାତୁର ।

ଓଡ଼ିଆ - ବିଦାୟ - ବିଦାୟ ବେଳେ ଦୁଃଖ ଲାଗିଥାଏ ।
ଓରାଓଁ - ବିଦା - ବିଦା ମାନନ୍‌ବାରି ଦୁଃଖ୍ଲେ ଲାଗିଗ ।

ଓଡ଼ିଆ - ବିହଙ୍ଗ - ବିହଙ୍ଗ ଉଡ଼େ ଗଗନ ଛୁଇଁ ।
ଓରାଓଁ - ଅଡା - ଅଡା ଉଡ଼ିଆରି ମେରଖାନ୍ ଅଣସରି ।

ଓଡ଼ିଆ - ବିମଳ - ବିମଳ ଶଶୀ ଆକାଶେ ହସେ ।
ଓରାଓଁ - ପାଣ୍ଡୁରୁ - ପାଣ୍ଡୁରୁ ଚାନ୍ଦୋ ମେରଖାନୁଁ ଆଲ୍‌ଖି ।

ଓଡ଼ିଆ - ବିଚାର - ଈଶ୍ୱର ପାପୀକୁ ଦିନେ ବିଚାର କରିବେ ।
ଓରାଓଁ - ବିଚାର - ଧାର୍ମେସ୍ ପାପିସିନ୍ ଉନ୍ଦୁଲ୍ ବିଚାର ନାନସ୍ ।

ଓଡ଼ିଆ - ବିରୋଧ - ଅନ୍ୟାୟର ବିରୋଧ କରିବା ଉଚିତ ।
ଓରାଓଁ - ବିରୋଧ - ଅନ୍ୟାୟହି ବିରୋଧ ନାନ୍ନା ଦାରକାର ।

ଓଡ଼ିଆ - ବିମାନ - ବିମାନ ପକ୍ଷୀପରି ଆକାଶରେ ଉଡେ ।
ଓରାଓଁ - ବିବନ୍ - ବିବନ୍ ଅଡ଼ାଲେଖା ମେରଖାନୁଁ ଉଡ଼ିଆରି ।

ଓଡ଼ିଆ - ବିହନ - ଉନ୍ନତ ବିହନ ବୁଣିଲେ ଅଧିକ ଅମଳ ହୁଏ ।
ଓରାଓଁ - ବିହିନି - ଦାଅ ବିହିନି ଚାଖ୍‌କୁନ୍ ବାଗ୍ଗେ ଅମଲ୍ ମାନି ।

ଓଡ଼ିଆ - ବିଚାରପତି - ବିଚାରପତି ବିଚାର ନିଷ୍ପତ୍ତି କରନ୍ତି ।
ଓରାଓଁ - ବିଚାର ଉର୍ବାସ - ବିଚାର ଉର୍ବାସ ବିଚାର ଚିଇଦାସ୍ ।

ଓଡ଼ିଆ - ବିତରିବା - ଗରିବଙ୍କୁ ପୋଷାକ ବିତରିବା ପୁଣ୍ୟ କାମ ଅଟେ ।
ଓରାଓଁ - ଖାଇ୍‌ନା - ଗାରିବାରଗେ କିଚ୍‌ରି ଖାଇ୍‌ନା ଦାଅ ନାଲାଖ୍ ହିକେ ।

ଓଡ଼ିଆ - ବିଚଳିତ - ବିପଦ ସମ୍ବାଦ ଶୁଣି ଆମେ ବିଚଳିତ ହେଉ ।
ଓରାଓଁ - ଏକାସେଏକାସେ - ବିପାଇତ୍ ତାର ମେନାରକି ନାମ ଏକାସେଏକାସେ ମାନ୍ଦାତ୍ ।

ଓଡ଼ିଆ - ବିଲେଇ - ବିଲେଇ ରାତିରେ ଦେଖିପାରେ ।
ଓରାଓଁ - ବେରଖା - ବେରଖା ମାଖାବାରି ଏରା ଉଙ୍ଗି ।

ଓଡ଼ିଆ - ବିଶେଷଜ୍ଞ - ଜଟିଳ ରୋଗପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନିଅ ।
ଓରାଓଁ - ବିଶେଷଜ୍ଞ - ଜଟିଲ ବେମାର ଲାଗାନ ବିଶେଷଜ୍ଞ ରହିପାରାମର୍ଶ ହଆ ।

ଓଡ଼ିଆ - ବିନ୍ଦୁ - ବିନ୍ଦୁର ଦୈର୍ଘ୍ୟ ପ୍ରସ୍ଥ ନଥାଏ ।
ଓରାଓଁ - ଟିପ୍ପା - ଟିପ୍ପାହି ଦିଘାହ - ଚାଅଡ଼ା ମାଲ୍‌ରାଇ ।

ଓଡ଼ିଆ - ବିପରୀତ - ସ୍ରୋତର ବିପରୀତ ଦିଗକୁ ପହଁରିବା କଷ୍ଟ ।
ଓରାଓଁ - ବିଡ଼୍‌ଦୋ - ବାହତି ବିଡ଼ଦୋ ତାରା ଅଗ୍‌ନା ଅତ୍‌ଥା ।

ଓଡ଼ିଆ - ବିନ୍ଦୁଡିଗ୍ରୀ - ବିନ୍ଦୁଡିଗ୍ରୀ କୋଣ ମାପର ଏକକ ଅଟେ ।
ଓରାଓଁ - ଟିପ୍ପାଡ଼ିଗ୍ରୀ - ଟିପ୍ପାଡ଼ିଗ୍ରୀ କୋଁଡ଼ା ନାପ୍‌ନାହି ଚିହ୍ନାଁ ହିକେ ।

ଓଡ଼ିଆ - ବିୟୋଗ - ବଡ଼ ସଂଖ୍ୟାରୁ ସାନ ସଂଖ୍ୟା ବିୟୋଗ କରାଯାଏ ।
ଓରାଓଁ - ଘାଟାଆ - କୋହା ସଂଖ୍ୟାନ୍ତି ଛଟେ ସଂଖ୍ୟା ଘାଟାଆ ନାଆନ୍‌ନାର ।

ଓଡ଼ିଆ - ବିଛଣା - ବିଛଣା ଖରାରେ ଶୁଖାଇବା ଉଚିତ ।
ଓରାଓଁ - ଡ଼ିସ୍‌ନା - ଡିସ୍‌ନା - ବିଡ୍‌ନାନୁଁ ଖାଏଦ୍‌ନା ଉଚିତ୍।

ଓଡ଼ିଆ - ବିଚ୍ଛିନ୍ନ - ଓଡ଼ିଶାର ବିଚ୍ଛିନାଞ୍ଚଳର ଉନ୍ନତି ଆବଶ୍ୟକ ।
ଓରାଓଁ - ଆମ୍ବାରକା - ଓଡ଼ିଶାନ୍ତା ଆମ୍ବରକା ଆଡ୍ଡା ହି ଉନ୍ନାତି ଦାରକାର ରାଇ।

ଓଡ଼ିଆ - ବିରି - ବିରି ମାଡ଼ ଦେଖି କୋଳଥ ଚେପା ।
ଓରାଓଁ - ମାସି - ମାସିନ୍ କୋଡ୍‌ନା ଏରାରକି ଆଡ୍‌ସ୍‌ଗା ଚେପ୍‌ଟା।

ଓଡ଼ିଆ - ବିଭାଗ - ସରକାର ଅନେକ ବିଭାଗ ପରିଚାଳନା କରନ୍ତି ।
ଓରାଓଁ - ବିଭାଗ - ସାରକାର ଅନେକ ବିଭାଗବନ ଚାଲାବାଇ ।

ଓଡ଼ିଆ - ବିଶ୍ୱାସ - ବିଶ୍ୱାସ ବିନା ଈଶ୍ୱରଙ୍କୁ ଜାଣି ହୁଏ ନାହିଁ ।
ଓରାଓଁ - ବିଶ୍ୱାସ - ବିଶ୍ୱାସ ବିନା ଧାର୍ମେସିନ୍ ଆଖ୍ଆ ପୋଲ୍‌ତାରି /ପୋଲ୍ଲର୍ ।

ଓଡ଼ିଆ - ବିକ୍ରି - ବେପାରୀମାନେ ବିକ୍ରି ପାଇଁ ହାଟକୁ ବଳଦ ଆଣନ୍ତି ।
ଓରାଓଁ - ବିସନା - ବେପାରିର୍ ବିସାଗେ ପୀଠନୁଁ ଆଡ୍ଡ ଅନ୍ଦର୍‌ନାର୍ ।

ଓଡ଼ିଆ - ବିନିମୟ - ଟଙ୍କାର ବିନିମୟ ମୂଲ୍ୟ ସବୁବେଳେ ଅସ୍ଥିର ଥାଏ ।
ଓରାଓଁ - ଖାର୍ଚ୍ଚା - ଡ଼ିବାହି ଖାର୍ଚ୍ଚା ହି ମୂଲ୍ୟ ହୁର୍‌ମିବାରି ଅଣ୍ଟେ ମାଲ୍ ରାଇ।

ଓଡ଼ିଆ - ବିଲ - ଗହୀର ବିଲରେ ଭଲ ଫସଲ ହୁଏ ।
ଓରାଓଁ - ଖାଲ୍ଲେ - ଗାଡ୍ଡି ଖାଲ୍ଲେନୁଁ ଦାଅ କ୍ଷେତି ମାନି।

ଓଡ଼ିଆ - ବିଦ୍ୟାଳୟ - ରବିବାର ବିଦ୍ୟାଳୟ ଛୁଟି ରହେ ।
ଓରାଓଁ - ଲୂରକୁଡ଼ିଆ- ଏତ୍‌ୱାର ଉଲ୍ଲା ଲୂରକୁଡ଼ିଆ ଛୁଟି ରାଇ।

ଓଡ଼ିଆ - ବିଜୟୀ - ଆମେ ଦିନେ ନିଶ୍ଚୟ ବିଜୟୀ ହେବା ।
ଓରାଓଁ - ଜିତ୍ - ନାମ୍ ଉନ୍ଦୁଲ୍ ନିଶ୍ଚାୟ ଜିତ୍ ଅତ୍।

ଓଡ଼ିଆ - ବିପଦ - ବିପଦ ବେଳେ ସାହସ ଧରି କାର୍ଯ୍ୟ କର ।
ଓରାଓଁ - ବିପାଇତ୍ - ବିପାଇତ୍ ବାରି ସାହସନାନାର ନାଲାଖ୍ ନାନା।

ଓଡ଼ିଆ - ବିଳମ୍ବ - ବିଳମ୍ବରେ ବିଦ୍ୟାଳୟକୁ ଯିବା ଅନୁଚିତ ।
ଓରାଓଁ - ଡେରି - ଡ଼େରିନୁ ଲୂରକୁଡ଼ିଆ କାନା ମାଲ୍‌ଚାହି।

ଓଡ଼ିଆ - ବିଭକ୍ତ - ବିଭକ୍ତ ଦୁଇ ମାନେ ଅଧା ।
ଓରାଓଁ - ଭାଗ - ଭାଗ ଦୁଇ ବାଚକୁନ ଆଧା ।

ଓଡ଼ିଆ - ବିଶ୍ୱ ବିଦ୍ୟାଳୟରେ - ବିଶ୍ୱବିଦ୍ୟାଳୟରେ ଅନେକ ଦେଶରେ ପିଲା ପଢ଼ନ୍ତି ।
ଓରାଓଁ - ବିଶ୍ୱ ବିଦ୍ୟାଳୟ-ବିଶ୍ୱବିଦ୍ୟାଳୟ ନୁଁ ଆନେକ ଦେଶନ୍ତା ଯୋଁଖ୍ବାର ପାଢ଼ନାର୍।

ଓଡ଼ିଆ - ବିଚ୍ଛେଦ - ବେଳେବେଳେ ଦୁଇ ବନ୍ଧୁଙ୍କର ବିଚ୍ଛେଦ ଘଟେ ।
ଓରାଓଁ - ଛିଣ୍ଡିରନା - ଅଙ୍ଘନ ଅଙ୍ଘନ୍ ଦୁୟୋ ସାଙ୍ଗେରହି ଚିଣ୍ଡିରନା ମାନି।

ଓଡ଼ିଆ - ବିଶ୍ୱ - ଈଶ୍ୱର ବିଶ୍ୱବିଧାତା ଅଟନ୍ତି ।
ଓରାଓଁ - ବିଶ୍ୱ - ଧାର୍ମେସ୍ ବିଶ୍ୱ ବିଧିଉସ୍ ହିକ୍‌ଦାସ୍।

ଓଡ଼ିଆ - ବିଡ଼ା - ଶାଗ ବିଡ଼ାକର ଦାମ କମ୍ ରହିଛି ।
ଓରାଓଁ - ମୁଠ୍‌ଠି - ଆଡ଼୍‌ଖା ମୁଟ୍‌ଠି ହି ଦାମ୍ କାମତି ରାଇ ।

ଓଡ଼ିଆ - ବିଶ୍ରାମ - ବାଟୋଇମାନେ ଗଛ ଛାଇରେ ବିଶ୍ରାମ ନିଅନ୍ତି ।
ଓରାଓଁ - ଆରାମ - ଡାହ୍‌ରେ ଏକୁର ମାନ୍ନ ଏଖ୍‌ନୁଁ ଆରାମ୍ ନାନ୍ନାର ।

ଓଡ଼ିଆ - ବିକାଳି - ବିକାଳୀ ସବୁବେଳେ ଲାଭ ଚାହେଁ ।
ଓରାଓଁ - ବିସୁସ୍ - ବିସୁସ୍ ହୁର୍‌ମିବାରି ଫାଏଦା ବେଦ୍‌ଦାସ୍।

ଓଡ଼ିଆ - ବିଜ୍ଞ - ବିଜ୍ଞ ଲୋକମାନଙ୍କର ପରାମର୍ଶ ଗ୍ରହଣ କର ।
ଓରାଓଁ - ଲୂରଗାରିଆ - ଲୂରଗାର ଆଲାରହି କାତ୍‌ଥାନ୍ ମେନା।

ଓଡ଼ିଆ - ବିଜ୍ଞପ୍ତି - ବିଜ୍ଞପ୍ତି ପାଠ କରି ଅନେକ କଥା ଜାଣିହୁଏ ।
ଓରାଓଁ - ଡାଙ୍ଗାକାଥ୍‌ନ୍ - ଡାଙ୍ଗାକାଥ୍‌ନ ପାଢାଆରକି କାଏନଅଁ କାଥ୍‌ଥା ଆଖ୍‌ଆ ଅଙ୍ଗତାରି।

ଓଡ଼ିଆ - ବୀରତ୍ୱ - ଭାରତୀୟମାନଙ୍କ ବୀରତ୍ୱ ପୃଥିବୀ ଜାଣେ ।
ଓରାଓଁ - ବୀତା - ଭାରତୀୟାରହି ବୀର୍‌ତାନ୍ ଧାର୍‌ତୀ ଆଖିଇ।

ଓଡ଼ିଆ - ବୀର ଭୂମି - ଆମ ଦେଶ ବୀରଭୂମି ଅଟେ ।
ଓରାଓଁ - ବୀରଖାଛେ - ନାମ୍ହାଏ ଦେଶ ବୀର ଖ୍ଁାଜ ହିକେ।

ଓଡ଼ିଆ - ବୁଦ୍ଧିମାନ - ବୁଦ୍ଧିମାନ ପିଲା ମନଦେଇ ପାଠ ପଢ଼େ ।
ଓରାଓଁ - ବୁଦ୍ଧମାନ୍ - ବୁଦ୍ଧିମାନ୍ ଖାଦ୍ଦାର ମାନ୍ନ ଚିଆରକି ପାଢ଼ନାର୍।

ଓଡ଼ିଆ - ବୁଦା - ଘର ଚାରିପାଖ ବୁଦା କାଟି ପକାଅ ।
ଓରାଓଁ - ଖପ୍ପା - ଏଡ଼ପା ଚାଇରତାରତା ଖପ୍ପାନ୍ ଖାଣ୍ଡାଚିଆ।

ଓଡ଼ିଆ - ବୁଢ଼ା - ବୁଢ଼ା ଲୋକଙ୍କୁ ସାହାଯ୍ୟ କର ।
ଓରାଓଁ - ପାଚଗି - ପାଚଗି ଆଲାରିନ୍ ମାଦାଇତ୍ ନାନା।

ଓଡ଼ିଆ - ବୁଢ଼ୀ ମା - ଆମ ବୁଢ଼ୀ ମା ଭଲ ଗପ କହି ଜାଣନ୍ତି ।
ଓରାଓଁ - ପାଚ୍ଚୋଆୟୋ - ଏମ୍ହାଏଁ ପାଚ୍ଚୋ ଆୟୋଦା ଦାଅ କାଥନି ତେଙ୍ଗା ଆଖିଇ।

ଓଡ଼ିଆ - ବୁଣିବା - ଲୁଗା ବୁଣିବା ତନ୍ତୀର ବୃତ୍ତି ଅଟେ ।
ଓରାଓଁ - ଏସ୍ସନା - କିଚ୍ରି ଏସ୍ସନା ପାଣାରହି ପେଷା ହିକେ।

ଓଡ଼ିଆ - ବୁଝାଇ - ଖାତା କିପରି ସିଲେଇ ହେବ, ତାହା ଭାଇ ବୁଝାଇ ଦେଲେ ।
ଓରାଓଁ - ବୁଝାବାନା -ଏକାସେ ସିଲାଇମାନ ଆଦିନ୍ ଭାଇୟୋସ୍ ବୁଝାବାଚାସ୍ ଚିଚ୍ଚାସ୍।

ଓଡ଼ିଆ - ବୁଦାଳିଆ - ବଗିଚାର ବୁଦାଳିଆ ଘାସ ଓପାଡ଼ି ଦିଅ ।
ଓରାଓଁ - ଖୋପ୍ପା ମାନ୍ନେ - ବାଗାଇରୁତା ଖୋପ୍ପା ମାନ୍ନେ ଘାସିନ ଚାଡ଼ଆ ଚିଆଁ।

ଓଡ଼ିଆ - ବୁଡ଼ାଇବା - ଜଳ ପାତ୍ରରେ ହାତ ବୁଡ଼ାଇବା ଅନୁଚିତ ।
ଓରାଓଁ - ମୁନଖ୍ଆନା - ଆମ୍ମ ଉଇକା ଆଡ୍ଡିନୁଁ ଖେଖ୍ଖା ମାଲ ମୁନ୍ଖ୍ଆନା ଉଚିତ୍।

ଓଡ଼ିଆ - ବୁଢ଼ାମାଙ୍କଡ଼ - ବୁଢ଼ାମାଙ୍କଡ଼ ଗଛରେ ଆଉ ଡେଇଁ ପାରୁନି ।
ଓରାଓଁ - ପାଚ୍ଗିବାନ୍ଦରା - ପାଚ୍ଗିବାନ୍ଦରା ମାନ୍ନେନୁ ଆଉର ଡେଗ୍ଆ ପଲ୍ଲାଲି।

ଓଡ଼ିଆ - ବୁଝାମଣା - ଦୁଇ ଦେଶ ମଧ୍ୟରେ ବେଳେବେଳେ ବୁଝାମଣା ହୁଏ ।
ଓରାଓଁ - ବୁଝାମାନା - ଦୁଇ ଦେଶନ୍ତାବ୍ମାଝିନୁଁ ଅଙ୍ଗନ୍ଅଙ୍ଗନ୍ ବୁଝାମାନା ମାନିଦ୍ ।

ଓଡ଼ିଆ - ବୁଦ୍ଧିଦାତା - ଈଶ୍ୱର ବୁଦ୍ଧିଦାତା ଅଟନ୍ତି ।
ଓରାଓଁ - ଲୂରଚିଉସ - ଧାର୍ମେସ୍ ଲୂରଚିଉସ୍ ହିକ୍‌ଦାସ୍ ।

ଓଡ଼ିଆ - ବେମାର - ରାଜୁ ଜ୍ୱରରେ ବେମାର ପଡ଼ିଛି ।
ଓରାଓଁ - ବେମାର - ରାଜୁସ୍ ନାଣିତି ବେମାର ଖାତରକାଦାସ୍ ।

ଓଡ଼ିଆ - ବେଳା - ସକାଳ ବେଳା ମନ ପ୍ରଫୁଲ୍ଲ ରହେ ।
ଓରାଓଁ - ବେଡ଼ା - ପାଇରି ବେଡ଼ା ମାନ୍ନ ଚାଙ୍ଗା ରାଇ ।

ଓଡ଼ିଆ - ବେଲୁନ - ଫୁଙ୍କିଲେ ବେଲୁନ ଫୁଲିଯାଏ ।
ଓରାଓଁ - ବେଲୁନ - ଉରକୁନ ବେଲୁନ ପୁଖିକାଲି ।

ଓଡ଼ିଆ - ବେଲ - ବେଲପତ୍ର ପୂଜାରେ ବ୍ୟବହୃତ ହୁଏ ।
ଓରାଓଁ - ହଟ୍‌ଟା - ହଟ୍‌ଟା ଆତ୍‌ଖା ପୂଜାନୁଁ ଲାଗ୍ଗି ।

ଓଡ଼ିଆ - ବେଙ୍ଗ - ବେଙ୍ଗ ଏକ ଉଭୟଚର ପ୍ରାଣୀ ଅଟେ ।
ଓରାଓଁ - ଚକ୍କେ - ଚକ୍କେ ଅଣ୍ଟା ଦୁଇଅଆଡ୍ଡାନୁଁ ରାଆନା ଜାଉନ୍ତ ହିକେ ।

ଓଡ଼ିଆ - ବେଗି - ରବି ଡାକୁଛି ବେଗି ଆସ ।
ଓରାଓଁ - ଝଁଡ଼େ - ରବିସ୍ ମେଖା ଲାଗ୍‌ଦାସ୍ ଝଁଡ଼େ ବାରା ।

ଓଡ଼ିଆ - ବେଶୀଥର - ସତ କହିବାକୁ ବାପା ମୋତେ ବେଶିଥର କହିଛନ୍ତି ।
ଓରାଓଁ - ବାଗ୍ଗେଧର-ସାଉ ବାଆଗେ ବାଙ୍ଗାସ୍ ଏଙ୍ଗାନ୍ ବାଗ୍ଗେଧର ବାଚକା ରାଆଦାସ ।

ଓଡ଼ିଆ - ବେସରକାରୀ - ବେସରକାରୀ ଅନୁଷ୍ଠାନ ଲୋକ ଚଲାନ୍ତି ।
ଓରାଓଁ - ବେସାରକାରୀ - ବେସାରକାରୀ ଅନୁଷ୍ଠାନ ଆଲାର ଚାଲାବାନାର ।

ଓଡ଼ିଆ - ବେଳେବେଳେ - ବେଳେବେଳେ ଭୂମିକମ୍ପ ହୋଇଥାଏ ।
ଓରାଓଁ - ଅଙ୍ଗନ୍ ଅଙ୍ଗନ୍ - ଅଙ୍ଗନ୍ ଅଙ୍ଗନ୍ ଭୂମିକମ୍ପ ମାନି କାଲି ।

ଓଡ଼ିଆ - ବୋଇତ - ସାଧବ ପିଲାମାନେ ବୋଇତରେ ବିଦେଶ ଯାଉଥିଲେ ।
ଓରାଓଁ - ଡ଼ଙ୍ଗା - ସାଧବ କୁକ୍କୋର ଡଙ୍ଗାନୁ ବିଦେଶ କାଲାଲିଆର୍ ।

ଓଡ଼ିଆ - ବୋଧହୁଏ - ବୋଧ ହୁଏ ଆଜି ବାପା ଘରକୁ ଆସିବେ ।
ଓରାଓଁ - ଏକାସେ ହୋଲେ - ଏକାସେ ହୋଲେ ବାଙ୍ଗାସ୍ ଇନ୍ନା ଏଡ଼ପା ବାରଅସ୍ ।

ଓଡ଼ିଆ - ବୋକା - ବୋକାଲୋକ କିଛି କରି ପାରେ ନାହିଁ ।
ଓରାଓଁ - ବକା - ବକା ଆଲାର୍ ଏନ୍ଦରାହୁଁ ନାନା ପଲ୍ନାର୍ ।

ଓଡ଼ିଆ - ବୈଦ - ବୈଦ ଚେରମୂଳି ଔଷଧ ଦିଅନ୍ତି ।
ଓରାଓଁ - ବାଇଧାସ୍ - ବାଇଧାସ୍ ଜାଡ଼ିବୁଟି ଦାଓ୍ୱାଇ ଚିଇଦାସ ।

ଓଡ଼ିଆ - ବୈଶାଖ - ବୈଶାଖ ମାସରେ ଟାଣ ଖରା ହୁଏ ।
ଓରାଓଁ - ଜେଟ୍ଠେ - ଜେଟ୍ଠେ ଚାନ୍ଦୋନୁ କାଡ଼୍କାଡ଼୍ ବିଡ଼୍ନା ମାନି ।

ଓଡ଼ିଆ - ବ୍ୟସ୍ତ - ମୁଁ ବିଳମ୍ବରେ ଘରକୁ ଫେରିଲେ ମା ବ୍ୟସ୍ତ ହୁଅନ୍ତି ।
ଓରାଓଁ - ଆଲାୟବାଲାୟ - ଏନ ଦିରିନୁଁ ଏଡ଼୍ପା କିରକୁନ୍ ଆୟାଙ୍ଗ ଆଲାୟବାଲାୟ ମାନି ।

ଓଡ଼ିଆ - ବ୍ୟତୀତ - ମୋ ବ୍ୟତୀତ କେହି ଏ କାମ କରି ପାରିବେ ନାହିଁ ।
ଓରାଓଁ - ଆଲଓ୍ୱା - ଏଙ୍ଗାଏ ଆଲଓ୍ୱା ନେହୁଁଇ ନାଲାଖାନ୍ ନାନା ପଲ୍ନାର ।

ଓଡ଼ିଆ - ବ୍ୟାଟ - ବ୍ୟାଟ୍‌ରେ କ୍ରିକେଟ ଖେଳାଯାଏ ।
ଓରାଓଁ - ବ୍ୟାଟ - ବ୍ୟାଟନୁ କ୍ରିକେଟ ବେଚ୍ନାର ।

ଓଡ଼ିଆ - ବ୍ୟାଗ - ମୁଁ ବହିପତ୍ର ବ୍ୟାଗରେ ଧରେ ।
ଓରାଓଁ - ଥାଇଲା - ଏନ୍ ପୁଥି ଆଡ୍‌ଖାନ୍ ଥାଇଲା ନୁଁ ଧାରଦାନ୍ ।

ଓଡ଼ିଆ - ବ୍ୟାଘ୍ର - ଆମ ଜଙ୍ଗଲରୁ ବ୍ୟାଘ୍ର ଶିକାର ନିଷେଧ ଅଟେ ।
ଓରାଓଁ - ଲାକଡ଼ା - ଏମ୍‌ହାଏ ଟୋଡ଼ାଙ୍ଗତି ଲାକଡ଼ା ପିଟ୍ନା ମାନା ରାଇ ।

ଓଡ଼ିଆ - ବ୍ୟାୟାମ - ବ୍ୟାୟାମ କଲେ ଶରୀର ସୁସ୍ଥ ରହେ ।
ଓରାଓଁ - କାସରାତ - କାସରାତ ନାଞ୍ଜକୁନ୍ କାୟା ଦାଅ ରାଇ ।

ଓଡ଼ିଆ - ବୃତ୍ତି - ମାଛ ମାରିବା କେଉଟର ବୃତ୍ତି ଅଟେ ।
ଓରାଓଁ - ପେସା - ଇନ୍‌ଜ ପିଟନା କେଉଟାରହି ପେସାହିକେ ।

ଓଡ଼ିଆ - ବୃଦ୍ଧି - ଜନସଂଖ୍ୟା ବୃଦ୍ଧି ଦେଶର ବଡ଼ ସମସ୍ୟା ଅଟେ ।
ଓରାଓଁ - ପାର୍ଦନା - ଆଲସଂଖ୍ୟା ପାର୍ଦନା ଦେଶହି କାହା ସାମସ୍ୟା ହିକେ ।

ଓଡ଼ିଆ - ବୃତ୍ତ - ବୃତ୍ତର ଗୋଟିଏ କେନ୍ଦ୍ର ଥାଏ ।
ଓରାଓଁ - ଗୋଲ - ଗୋଲନୁ ଅଣ୍ଟା ମାଝି ରାଇ ।

ଓଡ଼ିଆ - ବୃଷ୍ଟି - ଅନିୟମିତ ବୃଷ୍ଟି କୃଷିପାଇଁ ଅନୁକୂଳ ନୁହେଁ ।
ଓରାଓଁ - ଚେଁପ୍ - ବେନିୟମ ଚେପ୍ କ୍ଷେତି ଗେ ଦାଅ ମାଲ୍ଲି।

ଓଡ଼ିଆ - ବୃଦ୍ଧ - ବୃଦ୍ଧ ବୟସରେ ସାହାଯ୍ୟ ଆବଶ୍ୟକ ।
ଓରାଓଁ - ପାଚ୍‌ଗି - ପାଚ୍‌ଗି ସାମାଇନୁଁ ସାହେତା ଦାରକାର।

ଓଡ଼ିଆ - ବୃଥା - ପରିଶ୍ରମ ବୃଥା ଯାଏ ନାହିଁ ।
ଓରାଓଁ - ବେକାର - ଖାଟନି ବେକାର ମାକାଇ ।

ଓଡ଼ିଆ - ବୃହତମ - ନଅ ଏକ ଅଙ୍କର ବୃହତ୍ତମ ସଂଖ୍ୟା ଅଟେ ।
ଓରାଓଁ - କୋହାଁ - ନାଅ ଅଣ୍ଟା ଆଙ୍କହି କାହାଁ ସଂଖ୍ୟା ହିକେ।

## - ଭ -

ଓଡ଼ିଆ - ଭଲ - କ୍ଲୋରୋକୁଇନ୍ ଖାଇବା ପରେ ମୋତେ ମେଲେରିଆ ଜ୍ୱର ଛାଡ଼ିଗଲା ।
ଓରାଓଁ - ଦାଅ-କ୍ଲୋରୋକୁଇନ୍ ମୋକ୍ଖା ଖୋଖା ଏଙ୍ଗାଏ ମେଲେରିଆ ନାଣି ଆମ୍ଭିୟା କେରା ।

ଓଡ଼ିଆ - ଭୟ - ବାଘ ଦେଖି ମୁଁ ଭୟ କଲି ।
ଓରାଓଁ - ଏଲଚକା - ଲାକଡ଼ା ଏରାରକି ଏନ୍ ଏଲଚକାନ ।

ଓଡ଼ିଆ - ଭକ୍ତ - ଭକ୍ତମାନେ ଈଶ୍ୱରଙ୍କଠାରେ ଆରାଧନା କରନ୍ତି ।
ଓରାଓଁ - ଭାଗାତ୍ - ଭାଗ୍‌ତାର ଧାର୍ମେସ୍ ଗୁସାନ୍ ଗୋହରାର୍‌ନାର।

ଓଡ଼ିଆ - ଭଗ୍ନ - ଆମ ଦେଶର ପୁରାତନ କୀର୍ତ୍ତି ଭଗ୍ନାବସ୍ଥାରେ ରହିଛି ।
ଓରାଓଁ - ଏସେ୍ସର୍କା - ନାମ୍‌ହାଏଁ ଦେଶତା ପୁରୁଖା କୀର୍ତି ଏସେର୍କା ଅବସ୍ଥାନୁ ରାଇ।

ଓଡ଼ିଆ - ଭରସା - ଆମେ ଈଶ୍ୱରଙ୍କଠାରେ ଭରସା ରଖିବା ଉଚିତ ।
ଓରାଓଁ - ଭାରସା - ନାମ ଧାର୍ମେସ୍ ଗୁସାନ ଭାରସା ନାନ୍ନା ଉଚିତ୍ ।

ଓଡ଼ିଆ - ଭକତି - ପିତାମାତାଙ୍କୁ ଭକତି କରିବା ଉଚିତ ।
ଓରାଓଁ - ଖାତିରବାଗ - ଆୟାଙ୍ଗ୍ ବାଙ୍ଗାରିନ୍ ଖାତିରବାଁଶ୍ ନାନ୍ନା କାଥା ।

ଓଡ଼ିଆ - ଭଲ୍ଲୁକ - ଭଲ୍ଲୁକ ଅତ୍ୟନ୍ତ ହିଂସ୍ର ଅଟେ ।
ଓରାଓଁ - ଭାଲୁ - ଭାଲୁ ବାଆଗେମ ଚାବ୍ରାହା ହିକେ ।

ଓଡ଼ିଆ - ଭସାଇ - ନଦୀ ବଢ଼ିଲେ ଅନେକ ଘର ଭସାଇ ନିଏ ।
ଓରାଓଁ - ଭସାବାଆର - ଖାଡ୍ ନିନ୍ଦି ହଲେ ଆନେକ ଏଡ଼ପାନ୍ ଭାସାବାଆର କି ହୁଇକାଲି ।

ଓଡ଼ିଆ - ଭର୍ତ୍ସନା - ଅଦାଲତ ସରକାରଙ୍କୁ ଭର୍ତ୍ସନା କରିଥାଏ ।
ଓରାଓଁ - ନିନ୍ଦା - ଆଦାଲତ ସରକାରାନ ନିନ୍ଦା ନାନି ।

ଓଡ଼ିଆ - ଭଳିକି ଭଳି - ଦୋକାନରେ ଭଳିକିଭଳି କଣ୍ଢେଇ ଅଛି ।
ଓରାଓଁ - ରାକାମରାକାମ୍ - ଦକାନ୍‌ନୁଁ ରାକାମରାକାମ୍‌ହି ଖେଲ୍‌ନା ରାଇ ।

## - ଭ -

ଓଡ଼ିଆ - ଭଲ ପଡ଼ିଲା - ବ୍ୟାୟାମ ତାଙ୍କୁ ଭଲ ଲାଗିଲା ।
ଓରାଓଁ - ଦାଅ ମାଞ୍ଜା - କାସରାତ୍ ତାଙ୍ଗାଗେ ଦାଅ ମାଞ୍ଜା ।

ଓଡ଼ିଆ - ଭାତ - ଭାତରୁ ଆମକୁ ଶକ୍ତି ମିଳେ ।
ଓରାଓଁ - ମାଣ୍ଡି - ମାଣ୍ଡିନ୍ତି ନାମାଗେ ସାଓ୍ୱାଁଙ୍ଗ୍ ଖାଖ୍‌ରି ।

ଓଡ଼ିଆ - ଭାଲୁ - ଭାଲୁ ଉଇ ଖାଇବାକୁ ଭଲ ପାଏ ।
ଓରାଓଁ - ଭାଲୁ - ଭାଲୁ ଉଡୁଁ ମାଖାଗେ ଦାଅ ଖ୍ୱାଖ୍ଣି ।

ଓଡ଼ିଆ - ଭାଇ - ମୋ ଭାଇ କଟକରେ ରହି ଚାକିରି କରନ୍ତି ।
ଓରାଓଁ - ଭାଇ - ଏଙ୍ଗାଏ ଭାଇୟୋସ କଟକନୁ ରାଆକିର ଚାକରୀ ନାନାଦାସ୍ ।

ଓଡ଼ିଆ - ଭାରି - ବାଲି ଭାରି ଲାଗେ ।
ଓରାଓଁ - ଅଥ୍ଥା - ଗ୍ୱଲକୁର ଅଥ୍ଥା ଲାଗି୍ଗ ।

ଓଡ଼ିଆ - ଭାଷଣ - ସଭାରେ ଭାଷଣ ଦେଇ ମୁଁ ପୁରସ୍କାର ପାଇଲି ।
ଓରାଓଁ - ଭାଷଣ - ସଭାନୁ ଭାଷଣ ଚିଆକିର ଏନ୍ ପୁରସ୍କାର ଖ୍ୱାଖ୍ଣକାନ୍ ।

ଓଡ଼ିଆ - ଭାବ - ଏହାର ଭାବ ମୁଁ ବୁଝି ପାରୁ ନାହିଁ ।
ଓରାଓଁ - ଆର୍ଥ - ଇଦିହି ଆର୍ଥ ଏନ ବୁଝୁରା ପଲ୍ଲାଦାନ୍।

ଓଡ଼ିଆ - ଭାଗ - ଏକ ଟଙ୍କାକୁ ଚାରି ଭାଗ କଲେ ପଚିଶି ପଇସା ହୁଏ ।
ଓରାଓଁ - ଭାଗ - ଅଣ୍ଟା ରୁପିୟାନୁ ଚାର ଭାଗ ନାଞ୍ଜକୁନ ପାଚିଶ ପାଇସା ମାନି ।

ଓଡ଼ିଆ - ଭାଜ୍ୟ - ଯେଉଁ ସଂଖ୍ୟାକୁ ଭାଗ କରାଯାଏ ତାହା ଭାଜ୍ୟ ଅଟେ ।
ଓରାଓଁ - ଭାଜ୍ୟ - ଏକା ସଖ୍ୟାନ ଭାଗ ନାନ୍ତାରଇ ଆଦ୍ ଭାଜ୍ୟ ହିକେ ।

ଓଡ଼ିଆ - ଭାଜକ - ଯାହା ଦ୍ୱାରା ଭାଗ କରାଯାଏ ତାହା ଭାଜକ ଅଟେ ।
ଓରାଓଁ - ଭାଜକ - ଏକଦା ତୁରୁ ଭାଗ ନାନ୍ତାରଇ ଆଦ୍ ଭାଜକ ହିକେ।

ଓଡ଼ିଆ - ଭାଗଫଳ - ଭାଗକଲେ ଫଳ ଯାହା, ତାହା ଭାଗଫଳ ଅଟେ ।
ଓରାଓଁ - ଭାଗଫଳ - ଭାଗ ନାଞ୍ଜିକୁନ୍ ଫାଲ ଏଅନାମାନ ଆଦ ଭାଗଫାଲ ହିକେ ।

ଓଡ଼ିଆ - ଭାଗକେ - ଭାଗକେ ଏକ କିଗ୍ରା ପଡ଼ିଛି ।
ଓରାଓଁ - ଭାଗଗେ - ଭାଗନୁ ଅନ କିଲୋ ଖାଉର୍କି ରାଇ ।

ଓଡ଼ିଆ - ଭାଗଶେଷ - ଭାଗକ୍ରିୟାର ବଳକା ଭାଗଶେଷ ଅଟେ ।
ଓରାଓଁ - ଭାଗଶେଷ - ଭାଗ କ୍ରିୟାହି ବାଛର୍କାନ୍ ମୁଞ୍ଜୁରକା ଭାଗଶେଷ ବାଅନାର ।

ଓଡ଼ିଆ - ଭାଙ୍ଗିଗଲା - ହାତରୁ ଖସି କାଚଗ୍ଲାସଟି ଭାଙ୍ଗିଗଲା ।
ଓରାଓଁ - ଏସ୍ସରାକେରା - ଖୋଖ୍ଣାନ୍ତି କାଁଚ୍ ଗ୍ଲାସ୍ ଖଉରାରାକି ଏସ୍ସରା କେରା।

ଓଡ଼ିଆ - ଭଉଣୀ - ରିତୁ ମୋର ସାନ ଭଉଣୀ ଅଟେ ।
ଓରାଓଁ - ବାହିନ-ରିତୁଦ ଏଙ୍ଗାଏ ଛୋଟେ ବାହିନ୍ ହିକେ।

ଓଡ଼ିଆ - ଭାଇବନ୍ଧୁ - ଆମର ଅନେକ ଭାଇ ବନ୍ଧୁ ଅଛନ୍ତି ।
ଓରାଓଁ - ଭାଇବନ୍ଧୁ - ଏମ୍ହାଏ ଢ଼େର ଭାଇ ବନ୍ଧୁ ରାଆନାର ।

ଓଡ଼ିଆ - ଭାଗକୁ - ବାଇଗଣ ଭାଗକୁ ଦଶ ଟଙ୍କା ରହିଛି ।
ଓରାଓଁ - ଭାଗଗେ - ଭେଟାଙ୍ଗୋ ଭାଗଗେ ଦଶ ରୁପିୟା ରାଇ ।

ଓଡ଼ିଆ - ଭାଗରେ - ମୋ ଭାଗରେ କଲମ ପଡ଼ିଲା ।
ଓରାଓଁ - ଭାଗନୁ - ଏଙ୍ଗାଏ ଭାଗନୁ କଲମ ଖାତ୍ରା ।

ଓଡ଼ିଆ - ଭିକ - ଅସହାୟ ଲୋକ ଭିକ ମାଗି ବୁଲନ୍ତି ।
ଓରାଓଁ - ଭିଖ୍ - ବେସାହାରା ଆଲାର୍ ଭିଖ୍ ନେଆରକି କୁଦ୍ଦନାର।

ଓଡ଼ିଆ - ଭିଡ଼ - ହାଟରେ ବହୁତ ଲୋକଙ୍କର ଭିଡ଼ ଜମେ ।
ଓରାଓଁ - ଭିଡ୍ -ପିଠ୍‌ନୁଁ ଢେର ଆଲାରହି ଭିଡ୍ ମାନ୍ନାର ।

ଓଡ଼ିଆ - ଭିନ୍ନ - ତେଲୁଗୁ ଭାଷା ଓଡ଼ିଆ ଭାଷାଠାରୁ ଭିନ୍ନ ଅଟେ ।
ଓରାଓଁ - ଯୁଦାମ୍ - ତେଲୁଗୁ ଭାଷା, ଓଡ଼ିଆ, ଭାଷାନ୍ତି ଯୁଦାମ୍ ରାଇ।

ଓଡ଼ିଆ - ଭିନ୍ନତା - ପ୍ରତ୍ୟେକ ଲୋକଙ୍କଠାରେ ଭିନ୍ନତା ଦେଖାଯାଏ ।
ଓରାଓଁ - ଆଲ୍‌ଗାଅ - ହୋରମା ଆଲାର ଗୁସାନ୍ ଆଲ୍‌ଗାଅ ଏଥ୍‌ରିଇ।

ଓଡ଼ିଆ - ଭିତରେ - ବାଉଁଶ ଭିତରେ ପୋଲା ଥାଏ ।
ଓରାଓଁ - ଭିତ୍‌ରେ - ବାଁଶ ଭିତ୍‌ରେ ଠଙ୍ଗହା ରାଇ।

ଓଡ଼ିଆ - ଭିନ୍ନ ଭିନ୍ନ - ଭାରତରେ ଭିନ୍ନ ଭିନ୍ନ ଜାତିର ଲୋକ ଅଛନ୍ତି ।
ଓରାଓଁ - ରାକାମ ରାକାମ - ଭାରତନୁଁ ରାକାମ ରାକାମ ଜାତିହି ଆଲାର ରାଆନର।

ଓଡ଼ିଆ - ଭୁଷୁଡ଼ି - ଦୁର୍ବଳ ଥିବାରୁ ଘରଟି ଭୁଷୁଡ଼ି ପଡ଼ିଲା ।
ଓରାଓଁ - ଭୁଷଡାରା - କାମଜୋର ରାଆନା ଏଡ଼ପାଦ୍ ଭୁଷଡାରା କେରା।

ଓଡ଼ିଆ - ଭୁସକରି - ମୀନା ବାଲିରେ ଭୁସ୍‌କରି ପଡ଼ିଗଲା ।
ଓରାଓଁ - ଲେଥଲେକାନ୍ - ମୀନା ଚାଲ୍‌କୁରନୁଁ ଲେଥ ଲେକାନ୍ ଖାତ୍‌ରା କେରା।

ଓଡ଼ିଆ - ଭୁଲିବୁନି - ପିତାମାତାଙ୍କ ପରାମର୍ଶ ଭୁଲିବନି ।
ଓରାଓଁ - ମାଲ୍ ମଧରଅମ୍ - ଆୟାଙ୍ଗ୍ ବାଙ୍ଗାରହି ବାଚ୍‌କାନ୍ ଆମକେମନ୍ଦ୍ରା।

ଓଡ଼ିଆ - ଭୂମି - ଉର୍ବର ଭୂମିରେ ଭଲ କୃଷି ହୁଏ ।
ଓରାଓଁ - ଖେଖେଲ୍ - ଫୁରହୁର ଖେ୍‌ଖେ୍‌ଲ ନୁଁ ଦାଅ କ୍ଷିତି ମାନି।

ଓଡ଼ିଆ - ଭେଳା - ପାରାଦ୍ୱୀପରେ ଜାହାଜ ଭେଳା ରହିଛି ।
ଓରାଓଁ - ଠୁରିଆରକି - ପାରାଦୀପନୁ ଜାହାଜ ଠୁରିଆରାକି ରାଇ ।

ଓଡ଼ିଆ - ଭେରୀ - ଯୁଦ୍ଧ ସମୟରେ ଭେରୀ ବାଜି ଉଠେ ।
ଓରାଓଁ - ବିଗୁଲବାଜା - ଲାଡ଼ାଇ ବାରି ବିଗୁଲ୍ ବାଜା ସାଡ୍ଡି।

ଓଡ଼ିଆ - ଭୋକ - କାମ କଲେ ଭୋକ ଲାଗେ ।
ଓରାଓଁ - କିଇଡ଼ା - ନାଲାଖ୍ ନାଞ୍ଜକୁନ୍ କିଇଡ଼ା ଲାଗ୍ଗି ।

ଓଡ଼ିଆ - ଭୋଜି - ଆମେ ଭୋଜି କରିବାକୁ ବଣକୁ ଯାଇଥିଲୁ ।
ଓରାଓଁ - ଭୁଜି - ଏମ୍ ଭୁଜି ନାନାଗେ ଟୋଡ଼ାଙ୍ଗ୍ କେରକାଚକାମ୍ ।

## - ମ -

ଓଡ଼ିଆ - ମନ - ସରଳ ମନ ଯାହାର ସେ ଶାନ୍ତିରେ ରହେ ।
ଓରାଓଁ - ମାନ୍ - ସିଧା ମାନ୍ ନେଖାଏ ଆସ୍ ଶାନ୍ତିନୁ ରାଦାସ୍ ।

ଓଡ଼ିଆ - ମଜା - ଦୋଳି ଖେଳିବାକୁ ଭାରି ମଜା ଲାଗେ ।
ଓରାଓଁ - ମାଜା -ଢ଼ିଲୁଆ ବେଚାଗେ ମୁରୁକ ମାଜା ଲାଗ୍ଗି ।

ଓଡ଼ିଆ - ମକା - ନବରଙ୍ଗପୁର ଅଞ୍ଚଳରେ ପ୍ରଚୁର ମକା ଚାଷ ହୁଏ ।
ଓରାଓଁ - ଜିନ୍ହର - ନବରଙ୍ଗପୁର ଆବ୍ଡ଼ାନୁଁ ମୁରୁକ ଜିନ୍ହର କ୍ଷିତି ନାନ୍ନାର ।

ଓଡ଼ିଆ - ମଳ - ରାସ୍ତା କଡ଼ରେ ମଳତ୍ୟାଗ କର ନାହିଁ ।
ଓରାଓଁ - ପିକ୍ - ଡାହରେ କୁଟିନୁଁ ଆମା ଏରଖା।

ଓଡ଼ିଆ - ମଲ୍ଲ - ବଡ଼ ହେଲେ ମୁଁ ଜଣେ ମଲ୍ଲଯୋଦ୍ଧା ହେବି ।
ଓରାଓଁ - କୁସ୍ତି - କହା ମାଞ୍ଜକୁନ୍ ଏନ ଅଣ୍ଡା କୁସ୍ତି ଲାଢୁଆ ମାନନ।

ଓଡ଼ିଆ - ମଥା - ଓଡ଼ିଆ ବୋହୁ ମଥାରେ ଓଢଣା ଟାଣନ୍ତି ।
ଓରାଓଁ - କୁକ୍କୁନୁଁ - ଓଡ଼ିଆ ଖାଇର କୁକ୍କୁନୁଁ କୁଲ୍କୁଟୁରନାର।

ଓଡ଼ିଆ - ମତ୍ସ୍ୟ - ଆମ ଗାଁ ପୋଖରୀରେ ମତ୍ସ୍ୟ ଚାଷ କରାଯାଇଛି ।
ଓରାଓଁ - ଇଞ୍ଜୋ - ଏମ୍ହାଏଁ ପାଦ୍ଦା ପୋଖ୍ରାନୁଁ ଇଞ୍ଜୋ ଚାଷ ନାଞ୍ଜ୍କାରାଇ।

ଓଡ଼ିଆ - ମଞ୍ଜି - ମଞ୍ଜିରୁ ଗଜା ବାହାରେ ।
ଓରାଓଁ - ମାଞ୍ଜି - ମାଞ୍ଜିନ୍ତି ଗାଜା ଉରଖି ।

ଓଡ଼ିଆ - ମହିମା - ଈଶ୍ୱର ସମସ୍ତ ମହିମା ପାଇବାକୁ ଯୋଗ୍ୟ ।
ଓରାଓଁ - ମାହିମା - ଧାର୍ମେସ୍ ହୋରମାରହି ମାହିମା ଖାଖ୍ନାଗେ ରାଆଦସ୍ ।

ଓଡ଼ିଆ - ମଉସା - ଖରା ଛୁଟିରେ ମୁଁ ମଉସା ଘରକୁ ଯିବି ।
ଓରାଓଁ - ମସା - ବିଡନା ଛୁଟିନୁ ଏନ ମସା ଏଡପା କାଲନ୍ ।

ଓଡ଼ିଆ - ମରୁଡ଼ି - ମରୁଡ଼ି ହେଲେ ଲୋକେ ବହୁତ କଷ୍ଟ ପାଆନ୍ତି ।
ଓରାଓଁ - ମୁରଡ଼ି - ମୁରଡ଼ି ମାଞ୍ଜାକାତି ଢ଼େର ଦୁଃଖ୍ନ ହାଖନାର ।

ଓଡ଼ିଆ - ମହୁଲ - ମହୁଲ ମଞ୍ଜିରୁ ତେଲ ବାହାରେ ।
ଓରାଓଁ - ମାଦ୍‌ଗି - ମାଦ୍‌ଗି ମାଞ୍ଜିନ୍ତି ଇସୁଙ୍ଗ ଉର୍‌ଖି ।

ଓଡ଼ିଆ - ମଇଁଷି - ଆମେ ହଳେ ମଇଁଷି ପାଳିଛୁ ।
ଓରାଓଁ - ମାନ୍‌ଖା - ଏମ୍ ଅଣ୍ଟେଗହଲା ମାନ୍‌ଖା ପୋଷକାଦାମ୍ ।

ଓଡ଼ିଆ - ମଇଳା - ମଇଳା ହାତରେ କିଛି ଖାଇବ ନାହିଁ ।
ଓରାଓଁ - ମାଇଲା - ମାଇଲା ଖେଖ୍ନାନୁଁ ଏନ୍ଦରାହୁଁ ଆମକେ ମଖା ।

ଓଡ଼ିଆ - ମଧୁର- ଆଖୁ ରସ ମଧୁର ଲାଗେ ।
ଓରାଓଁ - ଏମ୍ବା - କାତାରି ରାସି ଏମ୍ବା ଲାଗ୍ଗି ।

ଓଡ଼ିଆ - ମଉଜ - ଛୁଟି ଦିନରେ ଆମେ ମଉଜ କରିଥାଉ ।
ଓରାଓଁ - ମାଉଜ୍ - ଛୁଟି ଉଲ୍ଲାନୁ ଏମ୍ ମାଉଜ୍ ନାନ୍ଦାମ୍ ।

ଓଡ଼ିଆ - ମଝିରୁ - ବାଡ଼ିଟା ଠିକ୍ ମଝିରୁ ଭାଙ୍ଗିଗଲା ।
ଓରାଓଁ - ମାଝିନ୍ତି - ଟେମ୍ପାଦ୍ ଠିକ୍ ମାଝିନ୍ତି ଏସ୍ସରାକେରା ।

ଓଡ଼ିଆ - ମଳୟ - ବସନ୍ତ ରତୁରେ ମଳୟ ପବନ ବହେ ।
ଓରାଓଁ - ଥାଣ୍ଡା - ଫାଗ୍ଗୁ ମାହିନାନୁ ଥାଣ୍ଡା ତାକା ବାହ୍‌ଇ ।

ଓଡ଼ିଆ - ମଧ୍ୟରେ - ଆମ ମଧ୍ୟରେ ରବି ଅଧିକ ଡେଙ୍ଗା ଅଟେ ।
ଓରାଓଁ - ମାଝିନ୍ତି - ଏମ୍‌ହାଏ ମାଝିନ୍ତି ରବିସ୍ ଢ଼େର୍ ମେଛା ରାଦାସ୍ ।

ଓଡ଼ିଆ - ମର୍ଦ୍ଦଳ - ମର୍ଦ୍ଦଳ ବାଜିଲେ ମିନି ନୃତ୍ୟ କରେ ।
ଓରାଓଁ - ଖେଲ୍ - ଖେଲ୍ ସାଡ୍ଡକୁନ୍ ମିନିଦ୍ ନାଲି ।

ଓଡ଼ିଆ - ମନ୍ଦିର - ଆରାଧନା କରିବାକୁ ଲୋକେ ମନ୍ଦିରକୁ ଯାଆନ୍ତି ।
ଓରାଓଁ - ମାନ୍ଦିର - ଗୋହରାରଆଗେ ଆଲାର ମନ୍ଦିର କାନାର ।

ଓଡ଼ିଆ - ମଣିଷ - ମନୁଷ୍ୟ ସବୁ ପ୍ରାଣୀଠାରୁ ଶ୍ରେଷ୍ଠ ଅଟେ ।
ଓରାଓଁ - ମାନଓ୍ୱାର - ମାନଓ୍ୱାର ଦୁରମି ଜୀୟାଯାନ୍ତୁନ୍ତି କହା, ହିକନାର ।

ଓଡ଼ିଆ - ମନ୍ଦାର - ଆମ ବଗିଚାରେ ଶ୍ୱେତମନ୍ଦାର ଫୁଲ ଫୁଟିଛି ।
ଓରାଓଁ - ମାନ୍ଦାର - ଏମହାଏଁ ବାଗିଚନୁଁ ପାଣ୍ଡରୁ ମାନ୍ଦାର୍ ପୁଁପ୍ ରାଇ ।

ଓଡ଼ିଆ - ମଗର - ଗହୀରା ପାଣିରେ ମଗର ଭଲ ବଢ଼ନ୍ତି ।
ଓରାଓଁ - ମାଙ୍ଗାର - ଗାଡ୍ଡି ଆମ୍ମନୁଁ ମାଙ୍ଗାର ଦାଅ ପାରଦି ।

ଓଡ଼ିଆ - ମୟୂର - ମୟୂର ଡାକ ଦୂରକୁ ଶୁଭାଯାଏ ।
ଓରାଓଁ - ମିଞ୍ଜୁର - ମିଞ୍ଜୁର ଚିଁଖ୍‌ନାଦ୍ ଗେଚ୍ଛା ମେନ୍ଦ୍‌ରାଇ ।

ଓଡ଼ିଆ - ମଧ୍ୟବର୍ତ୍ତୀ - ଚାରି ତିନି ଓ ପାଞ୍ଚର ମଧ୍ୟବର୍ତ୍ତୀ ସଂଖ୍ୟା ଅଟେ ।
ଓରାଓଁ - ମାଝିନ୍ତା - ଋଇର ତିନି ଆଉର, ପାଞ୍ଚ ମାଝିନ୍ତା ସଂଖ୍ୟା ହିକେ ।

ଓଡ଼ିଆ - ମହୁମାଛି - ମହୁମାଛି ମହୁ ସଂଗ୍ରହ କରେ ।
ଓରାଓଁ - ତିନି ତିଙ୍ଗଲି - ତିନି ତିଙ୍ଗଲି ତିନି ଖୋଁଡ଼ଆରକି ଅନ୍ଦ୍‌ରିଇ ।

ଓଡ଼ିଆ - ମନେ ମନେ - ମୁଁ ଜଣେ ଭଲ ଗାୟକ ହେବି ବୋଲି ମନେମନେ ଭାବୁଛି ।
ଓରାଓଁ - ମାନେ ମାନେ - ଏନ୍ ଅଣ୍ଡା ଦାଅ ପାଡ୍ଡୁ ମାନନ୍ ବାଆର କି ମାନେ ମାନେ ଶୋତଆଲଦାନ ।

ଓଡ଼ିଆ - ମହୋତ୍ସବ - ବାର୍ଷିକ ମହୋତ୍ସବରେ ଆମେ ଯୋଗ ଦେଲୁ ।
ଓରାଓଁ - ମହୋତ୍ସବ-ସାଲାନା ମହୋତ୍ସବ ଏମ୍ ଯୋଗ ଚିଚକାମ ।

ଓଡ଼ିଆ - ମଳଦ୍ୱାର - ମଳଦ୍ୱାର ସଫାରଖ ।
ଓରାଓଁ - ଡ଼ିକ୍କା - ଡ଼ିକ୍କାନ ସାଫା ଉଇୟା ।

ଓଡ଼ିଆ - ମନୋହର - ବିଲ ହୁଡ଼ାରେ ବଧୁଲି ଫୁଲ ମନୋହର ଦେଖାଯାଏ ।
ଓରାଓଁ - ସୁନ୍ଦର - ଖାଲ୍ଲେ ଆଡ଼ିନୁଁ କାଁସିପୁଁପ୍ ସୁନ୍ଦାର ଇଥ୍ରି ।

ଓଡ଼ିଆ - ମନମାରି - ଫେଲ୍ ଖବର ଶୁଣି ସୁନି ମନମାରି ବସିଛି ।
ଓରାଓଁ - ମାନ୍‌ଦୁଃଖ୍ - ଫେଲ ଖାବାର ମେନାରକି ସୁନି ମାନଦୁଃଖନୁ ଉକ୍କିରାଇ ।

ଓଡ଼ିଆ - ମରାମତି - ପୁରୁଣା ଘରର ମରାମତି ଆବଶ୍ୟକ ।
ଓରାଓଁ - ସାଜାନା - ପାଚ୍ଚା ଏଡ଼ପ୍ପାନ୍ ସାଜାବାନା ଦାରକାର ।

ଓଡ଼ିଆ - ମନଯୋଗ - ପିଲାଏ ପାଠ ପଢ଼ାରେ ମନୋଯୋଗ କରିବା ଉଚିତ ।
ଓରାଓଁ - ମନଧିଆନ - ହାଦ୍ଦାର ପାଠ ପାଢ଼ାଗେ ମନଧିଆନ ଚିନା କାଥାଥା ।

ଓଡ଼ିଆ - ମନଭରି - ନନ୍ଦନକାନନର ପଶୁ ପକ୍ଷୀଙ୍କୁ ମୁଁ ମନ ଭରି ଦେଖିଲି ।
ଓରାଓଁ - ମନଭରି - ନନ୍ଦନକାନନନ୍ତା ଜାନ୍ତୁ ଅଡାନ୍ ଏନ୍ ମାନ ଭାରି ଏରକାନ ।

ଓଡ଼ିଆ - ମଲାଭଳି - ଦୁର୍ବଳ ବ୍ୟକ୍ତିଟି ମଲାଭଳି ପଡ଼ି ରହିଛି ।
ଓରାଓଁ - କେଚ୍‌କାଲେଖା - ଦୁର୍ବଲ ଆଲାସ୍ କେଚ୍‌କାଲେଖା ଖାତ୍‌ରାକାଦାସ୍ ।

ଓଡ଼ିଆ - ମନିଟର - ରମାକୁ ଆମ ଶ୍ରେଣୀରେ ମନିଟର ବଛାଯାଇଛି ।
ଓରାଓଁ - ମନିଟର - ରମାସିନ୍ ଏମା ଶ୍ରେଣୀନୁ ମନିଟର ଚ୍ଛଜାକେରକରି ।

ଓଡ଼ିଆ - ମନ୍ଥର - କଚ୍ଛପ ମନ୍ଥର ଗତିରେ ଚାଲେ ।
ଓରାଓଁ - ଧିରା - କାଛୁଆ ଧିରା ଏକ୍କି ।

ଓଡ଼ିଆ - ମନୋରଞ୍ଜନ - ସେ କୌତୁକ ଦେଖାଇ ମନୋରଞ୍ଜନ କରାଏ ।
ଓରାଓଁ - ଖୁସି - ଆସ ଯାଦୁ ଏଦାକରି ଖୁସି ନାନନ୍ତାଦାସ୍ ।

ଓଡ଼ିଆ - ମନାସୁଥିବା - ଆମେ ଆମ ଦେଶର ଶୁଭ ମନାସୁଥିବା ।
ଓରାଓଁ - କାମନା କାମତ - ନାମ ନାମ୍‌ହାଏ ରାଜିନ୍ତା ବେଶ/ଦାଅ କାମନା ନାନତ ।

ଓଡ଼ିଆ - ମନେ ପକାଉ - ଅତୀତର ଗୌରବ ଆମେ ମନେ ପକାଉ ।
ଓରାଓଁ - ମନେ କାମଦାମ - ପୁରୁଖାନ୍ତା ଗୌରବବନ ଏମ ମନେ କାମଦାମ ।

ଓଡ଼ିଆ - ମସଜିଦ୍ - ମୁସଲମାନମାନେ ମସଜିଦ୍‌କୁ ଯାଇ ପ୍ରାର୍ଥନା କରନ୍ତି ।
ଓରାଓଁ - ମସଜିଦ୍ - ପାଠାଣାର ମାସଜିଦନୁ କାଲା କରି, ଗୁହାରି ନାନନାର ।

ଓଡ଼ିଆ - ମହମବତୀ - ମହମବତୀ ଭିତରେ ସୁତାଟିଏ ଥାଏ ।
ଓରାଓଁ - ମମବତୀ - ମମବତୀ ଭିତ୍‌ରି ମେର ଅଣ୍ଟା ରାଇ ।

ଓଡ଼ିଆ - ମାଳ - ସଭାରେ ଅତିଥିଙ୍କୁ ଫୁଲ ମାଳ ଦିଆଗଲା ।
ଓରାଓଁ - ମାଳା - ସଭାନୁ ପାହିୟାରଗେ ପୁଁପ୍ ମାଳା ଚିଢାର ।

ଓଡ଼ିଆ - ମାଟି - ଚିକିଟାମାଟିରେ ଫସଲ ହୁଏ ନାହିଁ ।
ଓରାଓଁ - ଖାଜ - ନାଗଡ଼ା ଖାଜନୁଁ କ୍ଷିତି ମାଲ୍ ମାନି ।

ଓଡ଼ିଆ - ମାଖି - ତେଲ ମାଖି ଗାଧୋଇବା ଭଲ ।
ଓରାଓଁ - ଖାସ୍ବରାଆର - ଇସୁଙ୍ଗ ଖାସ୍ବରାଆର କୁର ଏମ୍‌ନା ଦାଅ ହିକେ ।

ଓଡ଼ିଆ - ମାଛ - ମାଛ ଗାଲିସି ଦ୍ୱାରା ଶ୍ୱାସକ୍ରିୟା କରେ ।
ଓରାଓଁ - ଇଞ୍ଜୋ - ଇଞ୍ଜୋ ଗାଲ୍‌ସି ତୁଲେ ଶ୍ୱାସ କ୍ରିୟା ନାନି ।

ଓଡ଼ିଆ - ମାଂସ - ହାଡ଼ ସହିତ ମାଂସ ଲାଗିଥାଏ ।
ଓରାଓଁ - ଆହଡା - ଖଚଲ ସାଙ୍ଗେ ଆହଡ଼ା ଲାକିରାଇ ।

ଓଡ଼ିଆ - ମାମୁଁ - ଗତକାଲି ମାମୁ ଆମ ଘରକୁ ଆସିଥିଲେ ।
ଓରାଓଁ - ମାମୁଁ - ଚେରୋ ମାମୁଁସ୍ ଏମହାଏ ଏଡ଼ପା ବାରଚକାଋସ୍ ।

ଓଡ଼ିଆ - ମାଡ଼ପିଟ - ମଦ୍ୟପମାନେ ମାଡ଼ପିଟ କରିଥାନ୍ତି ।
ଓରାଓଁ - ମାରପିଟ - ମାତଓ୍ୱାରାର ମାରପିଟ ନାନ୍ନାର ।

ଓଡ଼ିଆ - ମାଇଲା - ରିମି ରବିକୁ ମାଇଲା ।
ଓରାଓଁ - ଲାଅଚା - ରିମ ରବିସିନ୍ ଲାଅଚାସ ।

ଓଡ଼ିଆ - ମାଠିଆ - ମାଠିଆରେ ଅଳ୍ପ ପାଣି ଥିଲା ।
ଓରାଓଁ - ଭାଣ୍ଡା - ଭାଣ୍ଡାନୁ ତାନିକୁନ ଆମ୍ମ ରାହଚ୍ଚ ।

ଓଡ଼ିଆ - ମାଗିବା - ମାଗିବା ଅପେକ୍ଷା ଦେବା ଶ୍ରେୟସ୍କର ।
ଓରାଓଁ - ନେଆନା - ନେଆନା ତି ଚିଇନା ଧାରାମ୍ ହିକେ ।

ଓଡ଼ିଆ - ମାଉସୀ - ଆମ ମାଉସୀ କଲିକତାରେ ରହନ୍ତି ।
ଓରାଓଁ - ମୁସି - ଏମ୍‌ହାଏ ମୁସି କଲିକତାନୁ ରାଇ ।

ଓଡ଼ିଆ - ମାଗଣା - ଟିବି ଔଷଧ ମାଗଣା ମିଳେ ।
ଓରାଓଁ - ମୁଫାତ୍ - ଟିବି ଦାଓ୍ୱାଇ ମୁଫାତନୁ ଖାଖ୍ଖରିଇ ।

ଓଡ଼ିଆ - ମାଧ୍ୟମ - ବିଦ୍ୟୁତ ସରବରାହ ପାଇଁ ତାର ମାଧ୍ୟମ ଅଟେ ।
ଓରାଓଁ - ମାଧମ - ବିଜିଲି କାଲାଗେ ମାଧମ ତାର ହିକେ ।

ଓଡ଼ିଆ - ମାଣ୍ଡିଆ - ମାଣ୍ଡିଆ ଜାଉ ଦେହ ପାଇଁ ହିତକର ।
ଓରାଓଁ - କାଦାଏ - କାଦାଏ ଜାଗୁଦ କାୟାଗେ ଦାଅ ହିକେ ।

ଓଡ଼ିଆ - ମାଡ଼ଗୋଳ - ଦୁଷ୍ଟମାନେ ମାଡ଼ଗୋଳ କରନ୍ତି ।
ଓରାଓଁ - ମାଉର ଝାଗଡ଼ା - ବାଦ୍‌ମାସର୍ ମାଉର ଝାଗଡ଼ା ବେଦନାର ।

ଓଡ଼ିଆ - ମାଇ କୁକୁଡ଼ା - ମାଇ କୁକୁଡ଼ା ଅଣ୍ଡା ଦିଏ ।
ଓରାଓଁ - କାଟ୍‌ନୀ - କାଟ୍‌ନୀ ଖେର ବି' ଟିଡ଼୍‌ଇ ।

ଓଡ଼ିଆ - ମାଛ ବାଲା - ମାଛବାଲା ମାଛ ବିକ୍ରି କରେ ।
ଓରାଓଁ - ଇଞ୍ଜୋବାଲାସ - ଇଞ୍ଜୋବାଲାସ ଇଞ୍ଜୋ ବିସଦାସ୍ ।

ଓଡ଼ିଆ - ମାଆର ଭାଇ - ମାଆର ଭାଇକୁ ଆମେ ମାମୁ କହୁ ।
ଓରାଓଁ - ଆୟାଙ୍ଗଘି ଭାଇସ - ଆୟାଙ୍ଗଘି ଭାଇସିନ ଏମ୍ ମାମୁଁ ବାଦାମ୍ ।

ଓଡ଼ିଆ - ମାଆର ଭଉଣୀ - ମାଆର ଭଉଣୀକୁ ଆମେ ମାଉସୀ କହୁ ।
ଓରାଓଁ - ଆୟାଙ୍ଗଘି ତାଙ୍ଗଡ଼ି - ଆୟାଙ୍ଗଘି ତାଙ୍ଗଡ଼ିନ୍ ଏମ ମୁସି ବାଦାମ୍ ।

ଓଡ଼ିଆ - ମ୍ୟାଚ - ଆମ ବିଦ୍ୟାଳୟରେ କ୍ରିକେଟ ମ୍ୟାଚ ଚାଲିଛି ।
ଓରାଓଁ - ମେଚ - ଏମ୍‌ହାଏ ଲୂରକୁଡ଼ିଆନୁଁ କ୍ରିକେଟ ମେଚ ଝଲରାଲି ।

ଓଡ଼ିଆ - ମିରିଗି - ବାଘ ନ ଥିଲେ ମିରିଗ ନାଚ କରନ୍ତି ।
ଓରାଓଁ - ମିରିଗ - ଲାକାଡ଼ା ମାଲ ରାଚକୁନ ମିରିଗ ନାଚ ନାନି ।

ଓଡ଼ିଆ - ମିତ - ମାଙ୍କଡ଼ ଓ କୁମ୍ଭୀର ମିତ ବସିଥିଲେ ।
ଓରାଓଁ - ସାଇହା - ବାନ୍ଦରା, ଆଉର ମାଙ୍ଗାର ସାଇହା ଉକ୍କା ରାହ୍‌ଚାର ।

ଓଡ଼ିଆ - ମିଠା - ରସଗୋଲା ଭାରି ମିଠା ଲାଗେ ।
ଓରାଓଁ - ଏମ୍ଧା - ରସଗୁଲାଦ ବାଢିଆ ଏମ୍ଧା ଲାଗି ଗ ।

ଓଡ଼ିଆ - ମିସ୍ତ୍ରୀ - ଘର ତିଆରି ପାଇଁ ମିସ୍ତ୍ରୀର ଆବଶ୍ୟକତା ରହିଛି ।
ଓରାଓଁ - ମିସ୍ତ୍ରୀ - ଏଡ଼ପା କାମଆଗେ ମିସ୍ତ୍ରୀସ୍ ଘି ଚାଡ଼୍ ରାଇ ।

ଓଡ଼ିଆ - ମିଶାଣ - ମିଶାଣ ଗଣିତର ଚାରି ସୂତ୍ରରୁ ଗୋଟିଏ ।
ଓରାଓଁ - ଯୋଡ଼ - ଯୋଡ଼ ଗାନତିହି ଝାଇର, ସୂତ୍ରତା, ଅଣ୍ଟା ହିକେ ।

ଓଡ଼ିଆ - ମିଳିତ - ମିଳିତ ଉଦ୍ୟମରେ ଅସାଧ୍ୟ ସାଧିତ ହୁଏ ।
ଓରାଓଁ - ଏକଜୁଟ - ଏକଜୁଟ ମାନାର କି ନାଲାଖ ନାଞ୍ଜକୁନ ମାଲମାନ୍ନାଦ ମାନି ।

ଓଡ଼ିଆ - ମୁଁ - ମୁଁ ସବୁବେଳେ ସତ କଥା କହିବି ।
ଓରାଓଁ - ଏନ - ଏନ ହୁରମିବିରି ସାତ୍ କାଥାନ ତେଙ୍ଗନ ।

ଓଡ଼ିଆ - ମୁହିଁ - ମୁହିଁ ତାହା କରି ଦେଖାଇଥିଲି ।
ଓରାଓଁ - ଏନିମ୍ - ଏନିମ୍ ଆଦିନ୍ ନାନାର ଏଦାଚକା ରାହାଚ୍‌କାନ୍ ।

ଓଡ଼ିଆ - ମୁଣ୍ଡ - ଖରାରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି ପିନ୍ଧ ।
ଓରାଓଁ - କୁକ୍ଲୁ- ବିଡ଼ନାନ୍ତି ବାଛ୍‌ରାଆଗେ କୁକ୍ଲୁନୁଁ ପାଣ୍ଡ୍ରୁ ଟୁପି ଆଓ୍ବା ।

ଓଡ଼ିଆ - ମୁଣା - ମୁଁ ମୁଣାରେ ବହିପଟା ଧରେ ।
ଓରାଓଁ - ଥାଇଲା - ଏନ୍ ଥାଇଲାନୁ ପୁଥି ପାତାର ଧାରଦାନ୍ ।

ଓଡ଼ିଆ - ମୁକ୍ତ - ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଞ୍ଚଳ ଅଟେ ।
ଓରାଓଁ - ମୁକ୍ତି - ଲୂରକୁଡ଼ିଆ ଅଣ୍ଟା ଦାଣ୍ଡମୁକ୍ତି ଆଡ୍ଡା ହିକେ ।

ଓଡ଼ିଆ - ମୁଗ - ଧାନକଟା ସରିଲେ ମୁଗ ବୁଣା ଯାଏ ।
ଓରାଓଁ - ମୁଁଗ୍ - ଖେସେ୍ସ ମୁଞ୍ଜାକୁନ୍ ମୁଁଗ୍ ଝଁଖ୍ତାରଇ ।

ଓଡ଼ିଆ - ମୁଖ୍ୟ - ସରପଞ୍ଚ ପଞ୍ଚାୟତର ମୁଖ୍ୟ ଅଟନ୍ତି ।
ଓରାଓଁ - ମୁଖିଆ - ସାରପାଞ୍ଚାସ ପଞ୍ଚାୟତତା ମୁଖିଆ ହିକଦାସ୍ ।

ଓଡ଼ିଆ - ମୁଦ୍ରା - ମୁଦ୍ରା ଦେଇ ଆମେ ସବୁ କିଛି କିଣି ପାରିବା ।
ଓରାଓଁ - କାଉଡ଼ି - କାଉଡ଼ି ଚିଆରକି ନାମ ହୁର୍ମି ଲେଖ୍ଆ ଖେନ୍ଦା ଅଙ୍ଗତ୍ ।

ଓଡ଼ିଆ - ମୁଣ୍ଡି - ମନ୍ଦିରର ମୁଣ୍ଡି ଖୁବ୍ ଉଚ୍ଚରେ ରହିଛି ।
ଓରାଓଁ - ମୁଡି - ମନ୍ଦିରହି ମୁଡି ଢେର ମେଛାନୁ ରାଇ ।

ଓଡ଼ିଆ - ମୁଲକ - ବାଘ ବଣ ମୁଲକର ରାଜା ଅଟେ ।
ଓରାଓଁ - ଗୋଟା - ଲାକଡ଼ା ଗୋଟା ଟୋଡ଼ାଙ୍ଗତା ରାଜା ହିକେ ।

ଓଡ଼ିଆ - ମୁହୁର୍ତ୍ତ - ଘର ପୋଡ଼ିରେ ମୂହୁର୍ତ୍ତକ ମଧ୍ୟରେ ସର୍ବନାଶହୁଏ ।
ଓରାଓଁ - ଆଖାନେମ - ଏଡ଼ପା ଆଲନାନୁଁ ଆଖାନେମ୍ ନାଶ୍ ମାନିକାଲି ।

ଓଡ଼ିଆ - ମୁହାଣ - ନଦୀ ସମୁଦ୍ର ମୁହାଣରେ ମିଶେ ।
ଓରାଓଁ - ମୁହାନ୍ - ଖାଡ଼୍ ସାମୁନ୍ଦାର ହୀ ମୁହାନ୍‌ନୁଁ ମିଲ୍‌ରିଇ ।

ଓଡ଼ିଆ - ମୁଣ୍ଡାଇ - ବୁଢ଼ୀଟିଏ ଝାଟି ମୁଣ୍ଡେଇ ଧରିଛି ।
ଓରାଓଁ - କୁମ୍ଭାର - ପାଚୋ ଅଣ୍ଟା ଝାଟା କୁମ୍ଭାର ଧାରଚକି ରାଇ ।

ଓଡ଼ିଆ - ମୁଣ୍ଡୁଳା - ଠିକ୍ ଉତ୍ତର ଉପରେ ମୁଣ୍ଡୁଳା ବୁଲାଅ ।
ଓରାଓଁ - ଗୋଲ - ଠିକ୍ ଉତ୍ତର ମିୟାଁ ଗୋଲ କୁଉ୍ଆ ।

ଓଡ଼ିଆ - ମୁଖଶାଳା - ଏହି ମନ୍ଦିରର ମୁଖଶାଳା ଭାଙ୍ଗିଯାଇଛି ।
ଓରାଓଁ - ମୁହୁଣା - ଇ ମନ୍ଦିରହି ମୁହୁଣା ଏସେ୍ସରକି କିରକି ରାଇ ।

ଓଡ଼ିଆ - ମୁଷ୍ଟି - ମୁଷ୍ଟିଆଘାତ ଭାରି ବାଧେ ।
ଓରାଓଁ - ଢୁମୁକା - ଢୁମୁକା ଲାଅଚକାଦ୍ ମୁରୁକ୍ ନୁଜ୍ଇ ।

ଓଡ଼ିଆ - ମୂଲ୍ୟ - ସମୟ ବହୁ ମୂଲ୍ୟ ଅଟେ ।
ଓରାଓଁ - ମୂଲ୍ୟ - ସାମାଇଁ ଆକାୟ ମୂଲ୍ୟ, ହିକେ ।

ଓଡ଼ିଆ - ମୂଳ - ମୁଁ ଅଳ୍ପ ମୂଳଧନରେ ଛୋଟ ବ୍ୟବସାୟ କରିବି ।
ଓରାଓଁ - ମୁଲି - ଏନ୍ ଥଡେ ମୁଲି ଧାନତି ଛଟେ ଧାନ୍ଦା ନାନନ୍ ।

ଓଡ଼ିଆ - ମୂଷା - ମୂଷା ଖାଦ୍ୟଶସ୍ୟ ଖାଇ ନଷ୍ଟ କରେ ।
ଓରାଓଁ - ଅସ୍‌ଗା - ଅସ୍‌ଗା ଖେସେ୍ସ ତିଖିଲାନ୍ ମଖାରକ୍କି ଖାରାପ୍ ନାନି ।

ଓଡ଼ିଆ - ମୂର୍ତ୍ତି - ପୂଜା ପରେ ମୂର୍ତ୍ତି ବିସର୍ଜନ କରାଯାଏ ।
ଓରାଓଁ - ମୁର୍ତ୍ତି - ପୂଜା ଖୋଖା ମୂର୍ତ୍ତି ଭାଷାବାଆନା ମାନି ।

ଓଡ଼ିଆ - ମୂଷିକ - ମୂଷିକମାନେ ଗର୍ତ୍ତ ଭିତରେ ବାସ କରନ୍ତି ।
ଓରାଓଁ - ଅସ୍‌ଗା - ଅସଗାଗୁଟ୍‌ଠିଦ୍ ଲାତାନୁ ଡେରା ନାନି ।

ଓଡ଼ିଆ - ମୃଦୁ - ବାୟୁ ମୃଦୁମନ୍ଦ ଗତିରେ ପ୍ରବାହିତ ହେଉଛି ।
ଓରାଓଁ - ଧିରେ - ତାକା ଧିରେ ଖାରାପ ଗତିନୁ ବାହ୍‌ଆଲି ।

ଓଡ଼ିଆ - ମେଘ - ମେଘ ଥଣ୍ଡା ହେଲେ ବର୍ଷା ହୁଏ ।
ଓରାଓଁ - ବାଦାଲି - ବାଦାଲି ଠାଁଡ଼୍‌ଡା ମାଞ୍ଜାହଲେ ଚେପ୍ ପୁଇଁ ।

ଓଡ଼ିଆ - ମେଳା - ପ୍ରତି ବର୍ଷ ଆମ ଗ୍ରାମରେ ମେଳା ଅନୁଷ୍ଠିତ ହୁଏ ।
ଓରାଓଁ - ମେଲା - ହୁରମି ସାଲ ନାମହାଏ ପାଦ୍ଦାନୁଁ ମେଲା ମାନି ।

ଓଡ଼ିଆ - ମେଣ୍ଢା - ମେଣ୍ଢା ଲୋମରେ କମ୍ବଳ ତିଆରି ହୁଏ ।
ଓରାଓଁ - ଭେଣ୍ଡ - ଭେଣ୍ଡ ଚୁଟ୍ଟିନୁ କାମ୍‌ଡ଼ା ତିଆର୍ ମାନି ।

ଓଡ଼ିଆ - ମେଘମାଳା - ବର୍ଷା ଋତୁରେ ମେଘମାଳା ଭାସେ ।
ଓରାଓଁ - ବାଦଲି - ଚେପ ବେଡାନୁଁ ବାଦଲି ଭାସାର୍‌ଇ ।

ଓଡ଼ିଆ - ମୋର - ମୋର ବୟସ ଆଠ ବର୍ଷ ଅଟେ ।
ଓରାଓଁ - ଏଙ୍ଗାଏ - ଏଙ୍ଗାଏ ଉମ୍ବାଇର ଆଠ ସାଲ ହିକେ ।

ଓଡ଼ିଆ - ମୋଟ - ବିଜ୍ଞାନରେ ମୋଟ ନମ୍ବର ଶହେ ଅଛି ।
ଓରାଓଁ - ସାମ୍‌ଚା - ବିଜ୍ଞାନ୍‌ନୁଁ ସାମୁଚା ନାମ୍ବାର ସାଅ, ହିକେ ।

ଓଡ଼ିଆ - ମୋଟା - ମୋଟା ବ୍ୟକ୍ତିଟି ଧାଇଁବା କଷ୍ଟକର ଅଟେ ।
ଓରାଓଁ - ମୋଟା - ମୋଟା ଆଲାସ ହି ବୋଙ୍ଗ୍‌ନା କାଠିନ ହିକେ ।

ଓଡ଼ିଆ - ମୋ ଯୋଗୁଁ - ମୋ ଯୋଗୁଁ ଦେଶ ଗର୍ବିତ ହେବ ।
ଓରାଓଁ - ଏଙ୍ଗାଏ ଲାଗାନ - ଏଙ୍ଗାଏ ଲାଗାନ ଦେଶ ଗର୍ବ ମାନ ।

ଓଡ଼ିଆ - ମୋବାଇଲ - ମୋବାଇଲ ଫୋନ ଦ୍ୱାରା ଅନେକ କାର୍ଯ୍ୟ ସାଧିତ ହୋଇ ପାରୁଛି ।
ଓରାଓଁ - ମୋବାଇଲ - ମୋବାଇଲ ଫୋନ ତୁଲେ ବହୁତ ନାଲାଖ ମାନା ଅଙ୍ଗାଲି ।

ଓଡ଼ିଆ - ମୋକଦ୍ଦମା - ରମା ବିରୁଦ୍ଧରେ ବର୍ତ୍ତମାନ ମୋକଦ୍ଦମା ଚାଲିଛି ।
ଓରାଓଁ - ମୋକଦ୍ଦମା - ରମାସକି ବିରୁଧନୁ ଆକ୍ଟୁନ ମୋକଦ୍ଦମା ଋଲରାଲି ।

ଓଡ଼ିଆ - ମୈତ୍ରୀ - ପରସ୍ପର ମୈତ୍ରୀ ଭାବ ଆମେ ଚାହୁଁ ।
ଓରାଓଁ - ସାଙ୍ଗେ - ନାମହାଏ ଭିତରେ ସାଙ୍ଗେ ରାହ୍‌ନା ଏମ ଋହଦାମ୍ ।

ଓଡ଼ିଆ - ମୌଜ - ପର୍ବ ପର୍ବାଣିରେ ଲୋକେ ମୌଜ କରିଥାନ୍ତି ।
ଓରାଓଁ - ମାଜା - ପାରାବ ତିହାରନୁଁ ଆଲାର ମାଜା ନାନ୍ନାର ।

ଓଡ଼ିଆ - ମୌଳିକ - ସୁନା ଏକ ମୌଳିକ ପଦାର୍ଥ ଅଟେ ।
ଓରାଓଁ - ମୌଳିକ - ସନାଦ୍ ମୌଳିକ ଜିନିଷ ହିକେ ।

ଓଡ଼ିଆ - ମୌଖିକ - ରବି ମୌଖିକ ଉତ୍ତର ଦେଇ ପାରିଲା ନାହିଁ ।
ଓରାଓଁ - ମୁହାଁମୁହିଁ ଜବାବ - ରବିସ୍ ମୁହାଁମୁହିଁ ଜବାବ ଉତ୍ତର ଚିଆ ପଲାସ୍ ।

## - ଯ -

ଓଡ଼ିଆ - ଯଜ୍ଞ - ଆମ ଗ୍ରାମରେ ବିଶ୍ୱଶାନ୍ତି ଯଜ୍ଞ ହୋଇଥିଲା ।
ଓରାଓଁ - ଯଜ୍ଞ - ଏମ୍ ହାଏ ଖୁରିନୁ ବିଶ୍ୱଶାନ୍ତି ଯଜ୍ଞ ମାଞ୍ଜକିରାହଋ ।

ଓଡ଼ିଆ - ଯନ୍ତ୍ର - ଯନ୍ତ୍ର ଦ୍ୱାରା ଜଟିଳ କାମ ସହଜରେ ହୋଇଥାଏ ।
ଓରାଓଁ - ଯନ୍ତ୍ର - ଯନ୍ତ୍ର ଦ୍ୱାରା ମାମାନ୍ନା ନାଲଖୁ ସହଜନୁ ମାନ ।

ଓଡ଼ିଆ - ଯଶ - ବଡ଼ ଲୋକଙ୍କ ଯଶ ପୃଥିବୀ ସାରା ବ୍ୟାପିଯାଏ ।
ଓରାଓଁ - ଯଶ/ କିର୍ତ୍ତୀ - କହା ଆଲାରହି ଯଶ/ କିର୍ତ୍ତୀ ଦୁନିଆ ସାରା ଫାଇଲାରଇ ।

ଓଡ଼ିଆ - ଯଥା - ରିମି ଯଥା ଅର୍ଥ କହି ପାରିଲା ।
ଓରାଓଁ - ଯଥା - ରିମି ଯଥା ଆର୍ଥ ତେଙ୍ଗା ଉଙ୍ଗିଆ ।

ଓଡ଼ିଆ - ଯତ୍ନ - ବାର୍ଦ୍ଧକ୍ୟ ବେଳେ ଯତ୍ନ ଆବଶ୍ୟକ ଅଟେ ।
ଓରାଓଁ - ଯାତାନ - ପାଚ୍‌ଗି ସାମାୟନୁ ବାଗେ୍‌ଗ ଯାତାନ ଦାରକାର ରାଇ ।

ଓଡ଼ିଆ - ଯାହାର - ଯାହାର ବୟସ ଅଠର ବର୍ଷ ସେ ଭୋଟ ଦେଇ ପାରିବ ।
ଓରାଓଁ - ନେଖାୟ - ନେଖାୟ ଉମ୍ବାର ଆଠରା ସାଲ ଆସ୍ ଭୋଟ ଚିଆ ଅଙ୍ଗସ ।

ଓଡ଼ିଆ - ଯାତ୍ରା - ଯାତ୍ରାରେ ଅନେକ ଲୋକ ଆନନ୍ଦ ପାଆନ୍ତି ।
ଓରାଓଁ - ଯାତ୍ରା - ଯାତ୍ରାନୁ କାଏନଅଁ ଆଲାର ଖୁସି ରାଆନାର ।

ଓଡ଼ିଆ - ଯାନବାହନ - ଯାନବାହନ ନିମନ୍ତେ ଭଲ ରାସ୍ତା ଆବଶ୍ୟକ ।
ଓରାଓଁ - ଯାନବାହନ - ଯାନବାହନ ଲାଗାନ ଦାଅ ଡ଼ାହ୍‌ରେ ଦାରକାର ।

ଓଡ଼ିଆ - ଯାଗା - ଉପଯୁକ୍ତ ଜାଗା ବାଛି ଫଳଚାଷ କରନ୍ତୁ ।
ଓରାଓଁ - ଆଡ୍ଡା - ଦାଅ ଆଡ୍ଡାନ ଝଜାରକି ଖାଞ୍ଜପା କ୍ଷିତି ନାନା ।

ଓଡ଼ିଆ - ଯାତ୍ରା - ରେଳଯାତ୍ରା ଆମୋଦଦାୟକ ଅଟେ ।
ଓରାଓଁ - କାଆନା - ରେଲନୁ କାଆନା ଆରାମ ବେସେ ହିକେ ।

ଓଡ଼ିଆ - ଯାଦୁକର - ଆମ ବିଦ୍ୟାଳୟକୁ ଜଣେ ଯାଦୁକର ଆସିଥିଲେ ।
ଓରାଓଁ - ଯାଦୁକର - ଲୂରକୁଡ଼ିଆନୁଁ ଅଣ୍ଡା ଯାଦୁଗାରାସ୍ ବାର୍‌ଚେକା ରାହ୍‌ଚାସ୍ ।

ଓଡ଼ିଆ - ଯୁଦ୍ଧ - ପାକିସ୍ତାନ ଆମ ସହିତ ଅନେକ ବାର ଯୁଦ୍ଧ କରିଛି ।
ଓରାଓଁ - ଲାଡ଼ାଇ - ପାକିସ୍ତାନ ଏମହାଏ ସାଙ୍ଗେ ଢ଼େର ବେର ଲାଡ଼ାଇ ନାଞ୍ଜିକି ରାଇ ।

ଓଡ଼ିଆ - ଯୁଗ୍ମ - ଲତା ଓ ରମା ଖେଳରେ ଯୁଗ୍ମ ପୁରସ୍କାର ପାଇଲେ ।
ଓରାଓଁ - ମିଶାମିଶି - ଲତା ଓ ରମା ବେଚନାନୁ ମିଶାମିଶି ପୁରସ୍କାର ହାଖାର ।

ଓଡ଼ିଆ - ଯୁକ୍ତାକ୍ଷର - ଙ୍କ ଏକ ଯୁକ୍ତାକ୍ଷର ଅଟେ ।
ଓରାଓଁ - ମିଶ୍ରିଅକ୍ଷର - ଙ୍କ ଅଣ୍ଡା ମିଶ୍ରିଅକ୍ଷରହିକେ ।

ଓଡ଼ିଆ - ଯୁକ୍ତ - ମୋ ବଡ଼ ଭାଇ ଯୁକ୍ତ ଦୁଇ ବିଜ୍ଞାନ ପଢ଼େ ।
ଓରାଓଁ - ଯୋଗ - ଏଙ୍ଘାଏ କହା ଭାଇସ୍ ଯୋଗ ଦୁଇ ବିଜ୍ଞାନ ପାଢଦାସ୍ ।

ଓଡ଼ିଆ - ଯୁବକ - ଯୁବକମାନେ ଅସାଧ୍ୟ କାର୍ଯ୍ୟ କରି ପାରନ୍ତି ।
ଓରାଓଁ - କୁକ୍କୋ - କୁକ୍କୋ ଖ୍ଦ୍ଦୋର ମାନ୍ମାନ୍ନା ନାଲାଖ ନାନା ଅଙ୍ଗନାର ।

ଓଡ଼ିଆ - ଯେଉଁ - ଯେଉଁ ଦେଶ ଯେତେ ଶିକ୍ଷିତ, ସେଇ ଦେଶ ସେତେ ଉନ୍ନତ ।
ଓରାଓଁ - ଏକା - ଏକା ଦେଶ ଏନ୍ଦା ଶିକ୍ଷିତ ଆ ଦେଶ ଆନ୍ଦା ଉନ୍ନତି ।

ଓଡ଼ିଆ - ଯୋଜନା - ପ୍ରତ୍ୟେକ କାର୍ଯ୍ୟ ଯୋଜନାନୁସାରେ ହେବା ଉଚିତ ।
ଓରାଓଁ - ଯୋଜନା - ଯାମା ନାଲଖୁନୁ ଯୋଜନାନୁ କାମନା କାଥା ।

ଓଡ଼ିଆ - ଯୋଡ଼ - ଦୁଇଟି କାଠିକୁ ଯୋଡ଼ ।
ଓରାଓଁ - ଯୋଡ଼ଆ - ଦୁୟୋ କାଙ୍କେନ୍ ଯୋଡ଼ଆ ।

ଓଡ଼ିଆ - ଯୋଡ଼ା - କାଉ ଯୋଡ଼ା ରାବୁଛନ୍ତି ।
ଓରାଓଁ - ଯୋଡ଼ା - କାଉଆ ଯୋଡ଼ା ଗାଡ୍ରାରଆଲି ।

ଓଡ଼ିଆ - ଯୋଡ଼ି - ଦୁଇଟି ବଳଦ ଉତ୍ତମ ଯୋଡ଼ି ହୋଇଛନ୍ତି ।
ଓରାଓଁ - ଯୁଡ଼ି - ଅନ ଗହଲା ଆଡ୍ଡହି ଦାଅ ଯୁଡ଼ି ମାଞ୍ଜକି ରାଇ ।

ଓଡ଼ିଆ - ଜ୍ଞାନ - ପୁସ୍ତକ ପଠନ ଦ୍ୱାରା ଜ୍ଞାନ ବଢ଼େ ।
ଓରାଓଁ - ଲୂର- ପୁଥି ପାଢ଼ନତି ଲୂର ପାରଦି ।

## - ର -

ଓଡ଼ିଆ - ରଙ୍ଗ - ମୟୂର ଚିତ୍ରରେ ସଠିକ ରଙ୍ଗ ଲଗାଅ ।
ଓରାଓଁ - ରାଙ୍ଗ୍ - ମାୟୁର ହି ବାନ୍ନାନୁଁ ସାହି ରାଙ୍ଗ୍ ଲାଗା ବାଆ ।

ଓଡ଼ିଆ - ରଙ୍ଗିନ୍ - ରଙ୍ଗିନ ପ୍ରଜାପତିଟିଏ ଫୁଲରେ ବସିଛି ।
ଓରାଓଁ - ରାଙ୍ଗିନ - ରାଙ୍ଗିନ ପାପଲା ଅଣ୍ଟା ପୁପ୍‌ନୁଁ ଉକ୍କି ରାଇ।

ଓଡ଼ିଆ - ରଜା - ଆମ ଦେଶରେ ଆଜିକାଲି ଆଉ ରଜା ନାହାନ୍ତି ।
ଓରାଓଁ - ରାଜା - ନାମହାଏଁ ଦେଶନୁ ଇନ୍ନାନେଲା ଆଉର୍ ରାଜା ମାଲ୍ଲାର୍ ।

ଓଡ଼ିଆ - ରଡ଼ି - ବାଘ ରଡ଼ି ଶୁଣିଲେ ଭୟ ଲାଗେ ।
ଓରାଓଁ - ଗାରଜାର୍‌ନା - ଲାକଡାହି ଗାର୍‌ଜାର୍‌ନା ମେଞ୍ଜାକୁନ ଏଲଚକା ଲାଗ୍‌ଗି ।

ଓଡ଼ିଆ - ରକ୍ତ - ରକ୍ତରେ ପ୍ରାଣ ଥାଏ ।
ଓରାଓଁ - ଖେଁସୋ - ଖେଁସନୁଁ ଜୀୟା ରାଇ।

ଓଡ଼ିଆ - ରସୁଣ - ରସୁଣର ରଙ୍ଗ ଧଳା ଅଟେ ।
ଓରାଓଁ - ରାସଡ଼ୀ - ରାସଡ଼ୀ ହୀ ରାଙ୍ଗ ପାଣ୍ଡ୍‌ରୁ ରାଇ ।

ଓଡ଼ିଆ - ରକ୍ଷଣ ବେକ୍ଷଣ - ରକ୍ଷଣାବେକ୍ଷଣ ଅଭାବରେ ସ୍ମୃତି ନଷ୍ଟ ହୁଏ ।
ଓରାଓଁ - ଦେଖ୍ ରେଖ୍ - ଦେଶ ରେଖ ଅଭାବିତି ସ୍ମୃତି ଖାରାପ ମାନି ।

ଓଡ଼ିଆ - ରକ୍ଷା କରିବା - ପ୍ରଜାଙ୍କୁ ରକ୍ଷା କରିବା ସରକାରଙ୍କର କାର୍ଯ୍ୟ ।
ଓରାଓଁ - ରକ୍ଷା ନାନ୍ନା - ପ୍ରଜାରିନ୍ ରକ୍ଷା ନାନାଗେ ହି ନାଲାଖ ସରକାର ହିକେ ।

ଓଡ଼ିଆ - ରାବ - ଚଢ଼େଇ ରାବ ଭାରି ମଧୁର ଶୁଭେ ।
ଓରାଓଁ - ଚିରାବରା - ଅଡାହି ଚିରାବରା ବେଶ ସୁନ୍ଦାର ମେନ୍ଦ୍ରି ।

ଓଡ଼ିଆ - ରାଜା - ରାଜାମାନେ ପରସ୍ପର ଯୁଦ୍ଧ କରୁଥିଲେ ।
ଓରାଓଁ - ରାଜା - ରାଜାର ତାମହାଏ, ତାମହାଏ ଭିତ୍‌ରେ ଲାଡ଼ଇ ନାନାଲିଆର ।

ଓଡ଼ିଆ - ରାସ୍ତା - ମଫସଲ ଅଞ୍ଚଳରେ ଭଲ ରାସ୍ତା ନ ଥାଏ ।
ଓରାଓଁ - ଡ଼ାହରେ - ଦେହାତ ତାରା ଦାଅ ଡ଼ାହରେ ମାଲ ରାଇ।

ଓଡ଼ିଆ - ରାତି - ଜହ୍ନରାତିରେ ତାରାମାନେ ଲୁଚି ଯାଆନ୍ତି ।
ଓରାଓଁ - ମାଖା - ଋନ୍ଦ ମାଖାନୁଁ ବିନ୍‌କୋ ଗୁଟଠିଦ୍ ନୁଁଖୁରଇ କାଲି।

ଓଡ଼ିଆ - ରାନ୍ଧି - ମାଆ ଆମ ପାଇଁ ଭାତ ରାନ୍ଧି କାମକୁ ଯାଏ ।
ଓରାଓଁ - ବିଇତି - ଆୟାଙ୍ଗ ଏମାଗେ ମାଣ୍ଡି ବିତ୍ଆରକି ନାଲାଖ ଗେ କାଲି ।

ଓଡ଼ିଆ - ରାଶି - ରାଶି ଖଜା ଭାରି ମିଠା ଲାଗେ ।
ଓରାଓଁ - ତୀଲ୍ - ତୀଲ ଖାଜା ଦାଅ ଏମ୍ବା ଲାଗିଗ ।

ଓଡ଼ିଆ - ରାଜି - ସେ ମୋ ସହିତ ଯିବାକୁ ରାଜି ହେଲେ ।
ଓରାଓଁ - ରାଜି - ଆସ୍ ଏଙ୍ଗାଏ ସାଙ୍ଗେ କାଲାଗେ ରାଜି ମାଞ୍ଜାସ୍ ।

ଓଡ଼ିଆ - ରାଜତ୍ୱ - ନିର୍ବାଚିତ ସରକାର ପାଞ୍ଚ ବର୍ଷ ରାଜତ୍ୱ କରନ୍ତି ।
ଓରାଓଁ - ରାଜତ୍ୱ - ନିର୍ବାଚିତ ସାରକାର ପାଞ୍ଚ ବାରାଷ ଶାସନ ନାନି ।

ଓଡ଼ିଆ - ରାଜସ୍ୱ - ସରକାର ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟ କରନ୍ତି ।
ଓରାଓଁ - ମାଲ୍‌ଗୁଜାରୀ - ସରକାର ପାରଜାର ଗୁଷ୍ଟେ ମାଲଗୁଜାରୀ ଆଦାୟ ନାନି ।

ଓଡ଼ିଆ - ରାଷ୍ଟ୍ର ଭାଷା - ହିନ୍ଦୀ ଆମର ରାଷ୍ଟ୍ର ଭାଷା ଅଟେ ।
ଓରାଓଁ - ଦୋଶଭାଶା - ହିନ୍ଦୀ ନାମହାଏଁ ଦେଶ ଭାଷା ହିକେ ।

ଓଡ଼ିଆ - ରାଜ ଉଆସ - ରାଜା ଉଆସଗୁଡ଼ିକ ଜାତୀୟ ସମ୍ପତ୍ତି ହୋଇଛି ।
ଓରାଓଁ - ଗାଢ଼୍ - ରାଜାରହି ଗାଢ଼ ଗୁଟ୍‌ଠିଦ୍ ଜାତୀୟ ସମ୍ପତ୍ତି ମାଞ୍ଜାକି ରାଇ ।

ଓଡ଼ିଆ - ରିକ୍‌ସା - ରିକ୍‌ସାରେ ତିନୋଟି ଚକ ଥାଏ ।
ଓରାଓଁ - ରିକ୍‌ସା - ରିକ୍‌ସାନୁ ତିନଠୁ ଚାକା ରାଇ ।

ଓଡ଼ିଆ - ରୁଦ୍ଧ - ବୁଢ଼ା ଲୋକଟି ଶ୍ୱାସରୁଦ୍ଧ ହୋଇ ମରିଗଲା ।
ଓରାଓଁ - ଅକାବାକ୍‌ରାଆ - ପାଚଗି ଆଲାସ୍ ଆକବାକ ରାଆର କି କେଚ୍ଚାସ୍ କେରାସ୍ ।

ଓଡ଼ିଆ - ରୁଚି - ପିଠା ଖାଇବାରେ ମୋର ରୁଚି ଅଛି ।
ଓରାଓଁ - ପାଓାରନା - ହାଡଖା ମହାଁଗେ ଏନ୍ ବେଶ୍ ପାଓାରଦାନ୍ ।

ଓଡ଼ିଆ - ଋତୁ - ବର୍ଷକ ଛଅ ଋତୁ ।
ଓରାଓଁ - ରୁତୁ - ବାରାଷନୁ ଛାଅ ରୁତୁ ରାଇ ।

ଓଡ଼ିଆ - ରୂପ - ମାଆର ରୂପରେ କନ୍ୟା ଜାତ ହୋଇଛି ।
ଓରାଓଁ - ରଙ୍ଗ ରୁପ - ଆୟାଙ୍ଗ ରଙ୍ଗରୁପନୁ କୁକୋୟ ଜାନାମ୍ ମାଞ୍ଜ୍‌କା ରାଇ।

ଓଡ଼ିଆ - ରେଖା - ଏକାଧିକ ବିନ୍ଦୁ ମିଶି ରେଖା ହୁଏ ।
ଓରାଓଁ - ଗାର - ଅଣ୍ଟାତି ବାଗେ୍ଗ ଟିପ୍ପା ମିଲରାଆକି ଗାରମାନି।

ଓଡ଼ିଆ - ରୋଗ - ମାଛି ହଇଜା ରୋଗର ବାହକ ଅଟେ ।
ଓରାଓଁ - ବେମାର - ତିଙ୍ଗଲ୍ଲି ହାଇଜା ବେମାରାହି ବାହାନ ହିକେ ।

ଓଡ଼ିଆ - ରୋପଣ - ଜେଜେବାପା ଆମ ପାଇଁ ଗଛଟିଏ ରୋପଣ କରିଥିଲେ ।
ଓରାଓଁ - ଇଦ୍‌ନା - ଆଜ୍ଜୋ ବାଙ୍ଗାସ୍ ଏମ୍ ହାଏ ଲାଗାନ ମାନ୍ନଅଣ୍ଟା ଇଦ୍‌କାଋସ୍ ।

ଓଡ଼ିଆ - ରୋଷେଇ - ପ୍ରତି ବିଦ୍ୟାଳୟରେ ରୋଷେଇ ଘର ରହିଛି ।
ଓରାଓଁ - ବିତ୍‌ବା - ହୁର୍ମି ଲୂରକୁଡ଼ିଆନୁଁ ବିତ୍‌ନା ଖାଟ୍‌ନା ଏଡ଼୍‌ପା ରାଇ।

ଓଡ଼ିଆ - ରୋଗୀ - ଏଡ୍‌ସ ରୋଗୀ ନିୟମିତ ଔଷଧ ଖାଇବା ଉଚିତ ।
ଓରାଓଁ - ବେମାରି - ଏଡ୍‌ସ ବେମାରିସ ନିୟମନୁ ଦାୱାଇ ମଁଖ୍‌ନା ଉଚିତ ।

ଓଡ଼ିଆ - ରୋଗୀଣା - ଲୋକଟି ରୋଗିଣା ଦେଖା ଯାଉଛି ।
ଓରାଓଁ - ବେମରିଆସ୍ - ଆଲାସ ବେମରିଆସ୍ ଲେଖେ ଏଥ୍ରାଲଦାସ୍ ।

ଓଡ଼ିଆ - ରୌଦ୍ର - ରୌଦ୍ରତାପରେ କୂଅ ପୋଖରୀ ପାଣି ଶୁଖିଯାଏ ।
ଓରାଓଁ - ଠାଏ ଠାଏ ବିଡ଼ନା-ଠାଏ ଠାଏ ବିଡ଼ନାଗେ ତୁଷା, ପୋଖରାନ୍ତା ଆମ୍ମଦ୍ ବାତିକାଲି ।

## - ଲ -

ଓଡ଼ିଆ - ଲତା - କଖାରୁ ଲତା ରଞ୍ଜାରେ ମାଡ଼ି ଯାଇଛି ।
ଓରାଓଁ - ଲାଡାଣ୍ଡ - କଡଣ୍ଡା ଲାଡ଼ାଣ୍ଡ୍ ଝାଙ୍କନୁ ଲାଟଖ୍‌କି ରାଇ।

ଓଡ଼ିଆ - ଲଟା - ଘର ଚାରିପାଖରେ ଲଟାବୁଦା ସଫା କର ।
ଓରାଓଁ - ଘାସିଖପ୍ପା - ଏଡ଼ପା ଋରିଓକୁଟି ଘାସି ଖୋପ୍ପାନ୍ ସାଫା ନାନା।

ଓଡ଼ିଆ - ଲକ୍ଷ୍ୟ - ଶିକ୍ଷକ ହେବା ପାଇଁ ମୋର ଲକ୍ଷ୍ୟ ରହିଛି ।
ଓରାଓଁ - ସୋଚ୍ - ମାଷ୍ଟାର ମାନାଗେ ଏଙ୍ଗାଏ ସୋଚ୍ ରାଇ ।

ଓଡ଼ିଆ - ଲମ୍ବା - ଭୋଟ ଦେବାକୁ ଲୋକେ ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି ।
ଓରାଓଁ - ଲାମ୍ବା - ଭୋଟ ଚିଆଗେ ଆଲାର ଦିଗ୍‌ହା ଧାଡିନୁ ଇଜ୍ଜକାନାର ।

ଓଡ଼ିଆ - ଲମ୍ଫ - ମାଙ୍କଡ଼ଟି ଲମ୍ଫଦେଇ ଦୌଡ଼ିଗଲା ।
ଓରାଓଁ - ଲାମ୍ଫ - ବାନ୍ଦରାଦ୍ ଡ଼େଗ୍‌ଆର କି ବଙ୍ଗାକେରା।

ଓଡ଼ିଆ - ଲଙ୍କା - ନାଲି ଲଙ୍କା ଅଧିକ ରାଗ ହୁଏ ।
ଓରାଓଁ - ମାରଚ୍ଚ - ଖେଁସ ମାରିଚ୍ଚ ବାଗ୍ଗେ ଖାଡ଼୍‌ଖା ଲାଗ୍ଗି ।

ଓଡ଼ିଆ - ଲକ୍ଷଣ - ବେଳେବେଳେ ଆକାଶରେ ଅଦ୍ଭୁତ ଲକ୍ଷଣ ଦେଖାଯାଏ ।
ଓରାଓଁ - ଲାଛାନ୍ - ଅଙ୍ଘନ, ଅଙ୍ଘନ ମେରଖାନୁଁ ଆଜାବ୍ ଲାଛାନ୍ ଏଥ୍‌ରିଇ।

ଓଡ଼ିଆ - ଲଢ଼େଇ - ବିନା ଅସ୍ତ୍ରରେ ନିର୍ବାଚନ ଲଢ଼େଇ ହୁଏ ।
ଓରାଓଁ - ଲାଡ଼ନା - ବିନା ହାତିଆରନୁ ନିର୍ବାଚନ ଲାଡ଼ନା ମାନି ।

ଓଡ଼ିଆ - ଲାଞ୍ଜ - ଗାଈ ତା'ର ଲାଞ୍ଜରେ ମାଛି ହୁଡ଼ାଏ ।
ଓରାଓଁ - ଖୋଲା - ଗାୟ ଗଙ୍ଗାଏ ଖୋଲାନୁଁ ଡିଙ୍ଗ୍‌ଲି ଖେଦ୍‌ଇ ।

ଓଡ଼ିଆ - ଲାଲ - କୁକୁର ଲାଲ ବିଷାକ୍ତ ଅଟେ ।
ଓରାଓଁ - ଲାଲ୍ - ଆଲ୍ଲହି ଲାଲ୍ ବିଷ୍ ହିକେ ।

ଓଡ଼ିଆ - ଲାଲ୍ - ଲାଲ୍ ଗୋଲାପ ଦେଖିବାକୁ ଖୁବ ସୁନ୍ଦର ।
ଓରାଓଁ - ଲାଲ - ଖେଁସ, ଗୁଲାପ ଏରାଗେ ଆକାୟ୍ ସୁନ୍ଦାର୍ ।

ଓଡ଼ିଆ - ଲାଗିବା - ଘର ତିଆରି ପାଇଁ ୨୦ ହଜାର ଟଙ୍କା ଲାଗିବ ।
ଓରାଓଁ - ଲାଗ୍‌ଗ - ଏଡ଼ପା କାମ୍‌ଆଗେ ବିଶ୍ ହାଜାର ରୁପିୟା ଲାଗ୍‌ଗ।

ଓଡ଼ିଆ - ଲାଜ - ନୂଆ ଲୋକଙ୍କୁ ମୁହଁ ଦେଖାଇବା ମୋତେ ଲାଜ ଲାଗେ ।
ଓରାଓଁ - ଲାଜ୍ଜେ - ପୁନା ଆଲାରିନ୍ ମୁହିଁ ଏଦାଗେ ଏଙ୍ଗାନ ଲାଜ୍ଜେ ଲାଗ୍ଗି ।

ଓଡ଼ିଆ - ଲାଭ - କମ୍ ଦାମରେ କିଣି ଅଧିକ ଦାମରେ ବିକିଲେ ଲାଭ ହୁଏ ।
ଓରାଓଁ - ଲାଭ - ଥରେ ଦାମନୁ ଖେନ୍ଦା କର ବାଗ୍ଗେ ଦାମ ନୁ ବିସକୁନ ଲାଭ ଖାଖ୍ଲରିଇ ।

ଓଡ଼ିଆ - ଲିଭାଇ - କଳାପଟାର ଲେଖାକୁ ଶିକ୍ଷକ ଲିଭାଇ ଦେଲେ ।
ଓରାଓଁ - ମେଟାବାନା-ମଖାରୋ ପାଚାନ୍ତା ଲିଖିଚିକାନ୍ ମାଷ୍ଟାରାସ୍ ମେଟାବାଚାସ୍ ଚିଚ୍ଚାସ୍ ।

ଓଡ଼ିଆ - ଲିଚୁ - ଲିଚୁ ଏକ ମିଠା ଫଳ ଅଟେ ।
ଓରାଓଁ - ଲିଚୁ - ଲିଚୁ ଅଣ୍ଟା ଏମ୍ବା ଖାଞ୍ଜାପା ହିକେ ।

ଓଡ଼ିଆ - ଲୁଗା - ଭିକାରୀଟି ଚିରା ଲୁଗା ପିନ୍ଧିଛି ।
ଓରାଓଁ - କିଚ୍‌ରି - ଭିଖାରିସ୍ ଏଟେର୍କା କିଚରିନ୍ ଚଚ୍‌କା ଦାସ ।

ଓଡ଼ିଆ - ଲୁହ - ଆଖିରୁ ଲୁହ ଝରେ ।
ଓରାଓଁ - ଖାଞ୍ଜାଲଖ - ଖାନ୍ନାନ୍‌ତି ଖାଞ୍ଜାଲଖ ଖାଉରି ।

ଓଡ଼ିଆ - ଲୁଚି - ଚୋରଟି ଲୁଚି ପଳାଇଲା ।
ଓରାଓଁ - ନୁଖ୍‌ରାଆରି -ଢେରାସ ନୁଖୁରାକୁନ ଭଙ୍ଗାସ୍ ।

ଓଡ଼ିଆ - ଲୁଣ - ସମୁଦ୍ର ପାଣିରୁ ଲୁଣ ମରାଯାଏ ।
ଓରାଓଁ - ବେକ୍ - ସାମୁନ୍ଦାର ଆମ୍ମତି ବେକ କାମନାର ।

ଓଡ଼ିଆ - ଲେବଲ କ୍ରସିଂ - ରେଳରାସ୍ତା ପାର ହେବାକୁ ଲେବଲ କ୍ରସିଂ ଥାଏ ।
ଓରାଓଁ - ଫାଟାକ -ରେଲ୍‌ଡାହ୍ ରେନ କାଚାଗେ ଫାଟାକ୍ ରାଇ ।

ଓଡ଼ିଆ - ଲେଖ - ପ୍ରତିଦିନ ହସ୍ତାକ୍ଷର ଲେଖ ।
ଓରାଓଁ - ଲିଖିଆ - ରୋଜ ହସ୍ତାକ୍ଷର ଲିଖିଆ ।

ଓଡ଼ିଆ - ଲେଖାଲେଖି - ସମୟ ମିଳିଲେ ମୁଁ ଲେଖାଲେଖି କରେ ।
ଓରାଓଁ - ଲିଖାଲିଖି - ସାମାୟ ଖାଖିକୁନ ଏନ ଲିଖାଲିଖି ନାନ୍ଦନ ।

ଓଡ଼ିଆ - ଲୋକ ସଂଖ୍ୟା - ପ୍ରତିଦିନ ଲୋକ ସଂଖ୍ୟା ବଢ଼ୁଛି ।
ଓରାଓଁ - ଆଲ ସଂଖ୍ୟା - ରୋଜଉଲ୍ଲା ଆଲ ସଂଖ୍ୟା ପାରଦାଲି ।

ଓଡ଼ିଆ - ଲୋଟି - ପିଲାଟି ତଳେ ଲୋଟି କାନ୍ଦୁଛି ।
ଓରାଓଁ - ଲଟରାଆର୍ - କୁକ୍କୋସ କିୟା ଲୋଟ୍‌ରାଆକୁର ଚିଖାଦାସ୍ ।

ଓଡ଼ିଆ - ଲୋଭୀ - ଲୋଭୀର ଧନ ଅନ୍ୟମାନେ ଖାଆନ୍ତି ।
ଓରାଓଁ - ଲୁଭି - ଲୁଭିରହି ଧାନ୍ନାନ୍ ଦୁସରାର ଅନାନାର ।

**- ୱ -**

ଓଡ଼ିଆ - ୱିକେଟ - କ୍ରିକେଟ ଖେଳରେ ଏଗାରଟି ୱିକେଟ ଥାଏ ।
ଓରାଓଁ - ୱିକେଟ - କିରକେଟ ଖେଲନୁ ଏଗାରାଠୁ ୱିକେଟ ରାଇ ।

**- ସ -**

ଓଡ଼ିଆ - ସର - କ୍ଷୀରରେ ସର ବସିଛି ।
ଓରାଓଁ - ଛାଲ୍ଲେ - ଦୁଧ୍ ନୁଁ ଛାଲ୍ଲେ ଉକ୍କି ରାଇ ।

ଓଡ଼ିଆ - ସତ୍ୟ - ସତ୍ୟ ଚିର ସତେଜ ଅଟେ ।
ଓରାଓଁ - ସାତ - ସାତ, ହୁର୍ମି ଉଲ୍ଲାଗେ ତାଜା ହିକେ ।

ଓଡ଼ିଆ - ସର୍ପ - ଦୁଷ୍ଟ ଲୋକ ସର୍ପ ସମାନ ଅଟନ୍ତି ।
ଓରାଓଁ - ନେର୍ରେ- ବଦମାସ ଆଲାର ନେର୍ରେ ସମାନ ହିକନାର ।

ଓଡ଼ିଆ - ସଦା - ପିତାମାତା ସଦାସର୍ବଦା ଆମର ଯତ୍ନ ନିଅନ୍ତି ।
ଓରାଓଁ - ଉର୍ମିବାରେ - ବାଙ୍ଗଆୟାଙ୍ଗ ହୁର୍ମିବିରି ନାମାନ୍ ଯାତାନ ନାଆନାର ।

ଓଡ଼ିଆ - ସଭା - ସଭାରେ ଭାଷଣ ଦେବା ପାଇଁ ମୋତେ ବଛା ଯାଇଛି ।
ଓରାଓଁ - ସଭା - ସଭାନୁ ଭାଷଣ ଚିୟାଗେ ଏଙ୍ଗାନ ଉଜକାନାର ।

ଓଡ଼ିଆ - ସତେ - ଆଜି ବାପା ଆସିବେ, ସତେ ନା କଣ !
ଓରାଓଁ - ସଥେ - ଇନ୍ନା ବାଙ୍ଗସ ବାରସ୍, ସଥେ କା ଏନ୍ଦ୍ରା !

ଓଡ଼ିଆ - ସାଥି - ଆଜିକାଲି ପ୍ରତି ଗାଁରେ ଗାଁ ସାଥୀ ରହିଛନ୍ତି ।
ଓରାଓଁ - ସାଙ୍ଗେ - ଇନ୍ନାନେଲା ହୁର୍ମି ପାଦ୍ଦାନୁଁ ପାଦ୍ଦା ସାଙ୍ଗେ ରାଆନାର ।

ଓଡ଼ିଆ - ସତ - ସତ୍ ମାର୍ଗରେ ଯିବାକୁ ପିତାମାତା ପରାମର୍ଶ ଦିଅନ୍ତି ।
ଓରାଓଁ - ସାତ୍ - ସାତ୍ ଡାହରେନୁଁ କାଲାଗେ ଆୟାଙ୍ଗ୍‌ବାଙ୍ଗାର ଉପଦେଶ ଚିନାର ।

ଓଡ଼ିଆ - ସରା - ସରାରେ ମାଣ୍ଡିଆ ଜାଉ ରାନ୍ଧିବା ।
ଓରାଓଁ - କାଙ୍ଗୁ - କାଙ୍ଗୁନୁ କାଦାଏ ଜାଗୁ ବିତ୍‌ଅତ୍ ।

ଓଡ଼ିଆ - ସାରୁ - ସାରୁ ପତ୍ରରେ ପାଣି ଢ଼ଳ ଢ଼ଳ ହୁଏ ।
ଓରାଓଁ - କିସୋଗ - କିସୋଗ ଆତ୍‌ଖାନୁଁ ଆମ୍ମୁ ଥାଲ୍‌ଥାଲ୍ ମାନି।

ଓଡ଼ିଆ - ସାଧୁ - ମୁଁ ସାଧୁ ଉପାୟରେ ପରୀକ୍ଷା ଦେବି ।
ଓରାଓଁ - ସାଧୁ - ଏନ ସାଧୁ ହିସାବନୁ ପାରିକ୍ଷା ଚିଅନ ।

ଓଡ଼ିଆ - ସିଧା - ଆମ ଗାଁରୁ ଆମ ସାଙ୍ଗଘର ଗାଁକୁ ସିଧା ରାସ୍ତା ରହିଛି ।
ଓରାଓଁ - ସିଧା - ଏମ୍‌ହାଏ ପାଦାନ୍ତି ଏମ୍‌ହାଏ ସାଙ୍ଗେସହି ଏଡ଼୍‌ପାଗେ ସିଧା ଡ଼ାହରେ ରାଇ ।

ଓଡ଼ିଆ - ସାଙ୍ଗ - ରବି ମୋର ପିଲା ବେଳର ସାଙ୍ଗ ଅଟେ ।
ଓରାଓଁ - ସାଙ୍ଗେ - ରବିସ୍ ଏଙ୍ଗାଏ ଖାଦ୍ଦେ ବାରିନ୍ତା ସାଙ୍ଗେସ ହିକଦାସ ।

ଓଡ଼ିଆ - ସାଧା - ବେଳେବେଳେ ପୋଲିସ ସାଦା ପୋଷାକ ପିନ୍ଧି ବୁଲନ୍ତି ।
ଓରାଓଁ - ସାଦା - ଅଙ୍ଗନ ଅଙ୍ଗନ ପୁଲିସାର ସାଦା କିଚ୍‌ରି ଆଓାକି କୁଦ୍‌ନାର ।

ଓଡ଼ିଆ - ସହ - ମାଧୁରୀ ସହ ରିତା ନଦୀକୁ ଯାଇଛି ।
ଓରାଓଁ - ସାଙ୍ଗେ - ମାଧୁରୀ ସାଙ୍ଗେ ରିତା ଖାଡ଼୍‌ତାରା କେରକାନାର ।

ଓଡ଼ିଆ - ସବୁ - ପରୀକ୍ଷାରେ ମୁଁ ସବୁ ପ୍ରଶ୍ନର ଉତ୍ତର ଲେଖିଛି ।
ଓରାଓଁ - ହୁର୍ମି - ପରୀକ୍ଷାନୁ ଏନ ହୁର୍ମି ପରଶ୍ନନ୍ତା ଉତ୍ତାର ଲେଖଚ୍‌କାଦାନ୍ ।

ଓଡ଼ିଆ - ସରି - ମଧୁବାବୁଙ୍କ ସଙ୍ଗେ କିଏ ସରି ହେବ ?
ଓରାଓଁ - ସାମାନ - ମଧୁବାବୁ ସାଙ୍ଗେ ନେଂ ସାମାନ ମାନର ?

ଓଡ଼ିଆ - ସାର - ଜୈବିକ ସାର ଭୂମିକୁ ଉର୍ବର ରଖେ ।
ଓରାଓଁ - ସାରେ - ଜୈବିକ ସାରେ ଖାଜ୍ଜେନ୍ ମାଦିଆରକାମ୍ ଉଇୟି।

ଓଡ଼ିଆ - ସକାଳ - ସକାଳ ହେଲେ ଲୋକେ କାମକୁ ବାହାରନ୍ତି ।
ଓରାଓଁ - ପାଇରି - ପାଇରି ମାଞ୍ଜାକୁନ ଆଲାର ନାଲାଖ୍‌ଗେ ଉରୁଖୁନାର୍ ।

ଓଡ଼ିଆ - ସଜନା – ସଜନା ପତ୍ର ଦେହ ପାଇଁ ହିତକର ।
ଓରାଓଁ - ମୁନଙ୍ଗା – ମୁନଙ୍ଗା ଆତ୍‌ଖାଦ୍ ଦେହଗେ ଦାଅ ହିକେ।

ଓଡ଼ିଆ - ସଜାଡ଼ି – ତୁମର ଖାତାପତ୍ର ସଜାଡ଼ି ରଖ ।
ଓରାଓଁ - ସାଜାବାଆର – ନିମ୍‌ହାଏ ଖାତା ପାତାର୍ ସାଜାବାଆର କି ଉଇୟା।

ଓଡ଼ିଆ - ସରାଗ – ମାଉସୀ ସରାଗରେ ମୋତେ କୋଳେଇ ଧରିଲେ ।
ଓରାଓଁ - ଚହ୍ନା – ମୁଷି ଚହ୍ନାନୁଁ ଏଙ୍ଗାନ୍ କଏଁଛାନୁଁ ଖେଅଚ୍ଛର କୁର ଧାରଚ୍ଛ।

ଓଡ଼ିଆ - ସାହାଯ୍ୟ – ବନ୍ୟା ବିପନ୍ନଙ୍କୁ ସାହାଯ୍ୟ ଆବଶ୍ୟକ ।
ଓରାଓଁ - ସାହାୟତା – ବାଢ଼ି ନୁ ଖାଉରକାରଗେ ସାହାୟାତା ଦାରକାର ।

ଓଡ଼ିଆ - ସଡ଼କ – ପ୍ରତି ପଞ୍ଚାୟତକୁ ପ୍ରଧାନ ମନ୍ତ୍ରୀ ସଡ଼କ ଯାଇଛି ।
ଓରାଓଁ - ଡ଼ାହରେ – ହୁର୍ମି ପଞ୍ଚାୟତଗେ ପ୍ରଧାନ ମନ୍ତ୍ରୀ ଡ଼ାହରେ କିରକି ରାଇ।

ଓଡ଼ିଆ - ସମ୍ପଦ – ଆମ ରାଜ୍ୟ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଅଟେ ।
ଓରାଓଁ - ସାମ୍ପାତି – ନାମହାଏ ରାଜୀ ଖେ୍‌ଖେ୍‌ଲ ନୁ ଖାଣିଜ ସାମ୍ପାଦନୁ ନିନ୍ଦକି ରାଇ ।

ଓଡ଼ିଆ - ସମ୍ଭବ – ପରିବେଶ ସୁରକ୍ଷା କରିବା ସମ୍ଭବ ଅଟେ ।
ଓରାଓଁ - ସମ୍ଭବ – ପରିବେଶବନ ବାଛାବାଗେ ସମ୍ଭବ ହିକେ ।

ଓଡ଼ିଆ - ସନ୍ତୁଷ୍ଟ – ବାର୍ଷିକ ଫଳାଫଳରେ ମୁଁ ସନ୍ତୁଷ୍ଟ ଅଟେ ।
ଓରାଓଁ - ସନ୍ତୁଷ୍ଟ – ବାର୍ଷିକ ଫଳାଫଳନୁ ଏନ ସନ୍ତୁଷ୍ଟ ରାଦାନ୍ ।

ଓଡ଼ିଆ - ସର୍ବତ – ଖରା ସମୟରେ ସର୍ବତ ପିଇବାକୁ ଭଲଲାଗେ ।
ଓରାଓଁ - ସାରାବାତ – ବିଡ଼ନା ବାରି ସାର୍ବାତ ଖ୍‌ସ୍ପାଗେ ଦାଅ ଲାଗି୍ଗ ।

ଓଡ଼ିଆ - ସର୍ବଦା – ସର୍ବଦା ପ୍ରଫୁଲ୍ଲ ମନରେ ରହିବା ଆବଶ୍ୟକ ।
ଓରାଓଁ - ହୁର୍ମିବାରେ – ହୁର୍ମିବାରି ଦିଲଖୁସ୍ ଜୀୟନୁଁ ରାଆନା ଦାରକାର।

ଓଡ଼ିଆ - ସବୁଜ – ବର୍ଷାଋତୁରେ ପରିବେଶ ସବୁଜ ଦେଖାଯାଏ ।
ଓରାଓଁ - ହାରିଆର – ଝାଡ଼ିବିରି ହୁର୍ମିତାରା ହାରିଆର ଏଥ୍‌ରିଇ।

ଓଡ଼ିଆ - ସତେଜ - ସକାଳେ ମନ ସତେଜ ଥାଏ ।
ଓରାଓଁ - ଋଙ୍ଗା - ପାଇରି ବାରି ଜୀୟା ଚାଙ୍ଗା ରାଇ ।

ଓଡ଼ିଆ - ସଫା - ପାଇଖାନା ଯିବା ପରେ ସାବୁନରେ ହାତ ସଫା କର ।
ଓରାଓଁ - ସାଫା - ପାଇଖାନା କେରକା ଖୋଖା ସାବୁନନୁ ଖେଖ୍ଖାନ୍ ସାଫା ନାନା ।

ଓଡ଼ିଆ - ସଭିଙ୍କ - ମହାତ୍ମାଗାନ୍ଧି ସଭିଙ୍କ ପ୍ରିୟ ନେତା ଥିଲେ ।
ଓରାଓଁ - ହରମାରହି - ମହାତ୍ମାଗାନ୍ଧିସ୍ ଜାମାରହି ପ୍ରିୟ ନେତା ରାଋସ୍ ।

ଓଡ଼ିଆ - ସର୍ଦ୍ଦାର - ସର୍ଦ୍ଦାର ଆଦେଶ ମାନି ସୈନ୍ୟମାନେ କାମ କରନ୍ତି ।
ଓରାଓଁ - ସର୍ଦ୍ଦାର - ସର୍ଦ୍ଦାରହି ଆଦେଶ ମାନ୍ଆର କି ପାଲ୍ଟାନ୍ ଜାମାର ନାଲାଖ୍ ନାନ୍ନାର ।

ଓଡ଼ିଆ - ସପୁରୀ - ସପୁରୀ ଏକ ମିଠା ଫଳ ଅଟେ ।
ଓରାଓଁ - ସୁପାରୀ - ସୁପାରୀ ଅଣ୍ଡା ଏମ୍ବା ଫାଲ ହିକେ ।

ଓଡ଼ିଆ - ସପ୍ତାହ - ସାତ ଦିନରେ ଏକ ସପ୍ତାହ ।
ଓରାଓଁ - ହାପ୍ତା - ସାତ ଉଲ୍ଲାନୁଁ ଅନ୍‌ହାପ୍ତା ।

ଓଡ଼ିଆ - ସହିଷ୍ଣୁ - ଭଲ ଲୋକ ସହିଷ୍ଣୁ ହୁଅନ୍ତି ।
ଓରାଓଁ - ସାହନା - ଦାଅ ଆଲାର ସାହ୍ଆ ଅଙ୍ଗ୍ନାର ।

ଓଡ଼ିଆ - ସରଗ - ସରଗ ଏକ ଆନନ୍ଦମୟ ସ୍ଥାନ ବୋଲି ବିଶ୍ୱାସ କରାଯାଏ ।
ଓରାଓଁ - ମେରଖା - ମେରଖା ଅଣ୍ଡା ଆକାୟ ଦାଅ ଆଡ୍ଡା ବାଆର କି ବିଶ୍ୱାସ ନାନ୍ତାରଇ ।

ଓଡ଼ିଆ - ସମାନ - ଆଜିକାଲି ପୁଅ ଓ ଝିଅକୁ ସମାନ ଅଧିକାର ମିଳିଛି ।
ଓରାଓଁ - ସାମାନ - ଇନ୍ନା କୁକ୍କ କୁକାୟରଗେ ସାମାନ ଅଧିକାର ଖ୍ାଖ୍ଖରକି ରାଇ ।

ଓଡ଼ିଆ - ସଭିଏଁ - ଆମେ ସଭିଏଁ ଭାରତବାସୀ ଅଟୁ ।
ଓରାଓଁ - ହରମାର - ନାମ ହରମାର ଭାରତ୍‌ବାସୀ ହିକଦାତ ।

ଓଡ଼ିଆ - ସପ୍ତମ - ସପ୍ତମ ଦିନରେ ହାଟ ହୁଏ ।
ଓରାଓଁ - ସାତୱା - ସାତୱା ଉଲ୍ଲାନୁ ପିଠ୍ ମାନି ।

ଓଡ଼ିଆ - ସହିତ - ରବି ସହିତ ମୁଁ ସର୍କସ ଦେଖିଗଲି ।
ଓରାଓଁ - ସାଙ୍ଗେ - ରବିସ୍ ସାଙ୍ଗେ ଏନ ସାର୍କସ୍ ଏରାକେରକାନ୍ ।

ଓଡ଼ିଆ - ସମସ୍ତେ - ସମସ୍ତେ ଶାନ୍ତିରେ ରହିବାକୁ ଚାହାନ୍ତି ।
ଓରାଓଁ - ହରମାର୍ - ହରମାର୍ ଶାନ୍ତିନୁଁ ରାଆଗେ ବେଦ୍ନାର ।

ଓଡ଼ିଆ - ସଜାଇ - ମୁଁ ମୋ ପଢ଼ାଘରକୁ ସଜାଇ ରଖିଛି ।
ଓରାଓଁ - ସାଜାବାଆର-ଏନ୍ ଏଙ୍ଗାଏ ପାଢ଼ନା ଏଡ଼ପାନ୍ ସାଜାଆକୁର ଉଇକା ରାଆଦାନ୍ ।

ଓଡ଼ିଆ - ସଜବାଜ - ତୁରୀ ବାଜିଲେ ସୈନ୍ୟମାନେ ଯୁଦ୍ଧ ପାଇଁ ସଜବାଜ ହେଉଥିଲେ ।
ଓରାଓଁ - ସାଜାବାଜା-ତୁରୀ ସାଡ୍ଡିଆ ହଲେ ପାଲେଟାନ୍ ଜାମାର ଲାଡ଼ାଇଗେ ସାଜାବାଜା ମାନାଲିଆର ।

ଓଡ଼ିଆ - ସ୍ୱପ୍ନ - ସ୍ୱପ୍ନରେ ମୁଁ ଆକାଶରେ ଉଡୁଥିଲି ।
ଓରାଓଁ - ତୁଙ୍ଗୁଲ - ତୁଙ୍ଗୁଲନୁ ଏନ ମେରଖାନୁଁ ଉଡିଆରାଲକାନ୍ ।

ଓଡ଼ିଆ - ସରାଗ - ମାମୁ ମୋତେ ସରାଗରେ କୋଳରେ ବସାଇଲେ ।
ଓରାଓଁ - ଖୁସି - ମାମୁଁସଏଙ୍ଗାନ ଖୁସିନୁ କଏଁଛାନୁଁ ଅକ୍କତାଚସ ।

ଓଡ଼ିଆ - ସଞ୍ଚୟ - ଆସନ୍ତାକାଲି ପାଇଁ ସଞ୍ଚୟ କରିବା ଶିଖ ।
ଓରାଓଁ - ବେନ୍ଦ୍ଆନା - ବାରନି ନେଲାଗେ ବେନ୍ଦ୍ଆଗେ ଶିଖ୍ରାଆ ।

ଓଡ଼ିଆ - ସଳଖି - ବାଡ଼ିଟି ଆପେ ସଳଖି ଗଲା ।
ଓରାଓଁ - ସିଧା - ଟେମ୍ପାଦ୍ ତାନିମ୍ ସିଧା ମାଞ୍ଜାକେରା ।

ଓଡ଼ିଆ - ସହିବା - ସହିବା ଗୁଣ ଯାହାର ଥାଏ ସେ ଧନ୍ୟ ।
ଓରାଓଁ - ସାହ୍ନା - ସାହ୍ନା ଗୁନ୍ ନେଖାଏ ରାଇ ଆସ୍ ଧାଇନ୍ ହିକଦାସ ।

ଓଡ଼ିଆ - ସୈନ୍ୟ - ସୈନ୍ୟମାନେ ପ୍ରାଣ ଦେଇ ଦେଶରକ୍ଷା କରନ୍ତି ।
ଓରାଓଁ - ପଲଟନ - ପଲଟନ ଜାମାର ଜିୟା ଚିଆକିରି ଦେଶାନ ବାଛାବାନାର ।

ଓଡ଼ିଆ - ସମ୍ବର - ଆଜିକାଲି ସମ୍ବର ପ୍ରଜାତି ବଣରୁ ଲୋପ ପାଇଲାଣି ।
ଓରାଓଁ - ସାମ୍ବାର - ସାମ୍ବାର ଜାତିଦ୍ ଟୋଡାଙ୍ଗ୍ତି ମୁଞ୍ଜ୍ରା କେରା ।

ଓଡ଼ିଆ – ସଦସ୍ୟ – ରମା ଆମ ପରିବାରର ଜଣେ ସଦସ୍ୟା ଅଟନ୍ତି ।
ଓରାଓଁ – ଆଲାସ – ରମାସ୍ ଏମ୍‌ହାଏ ପାରିବାରନ୍ତା ଅଣ୍ଟା ଆଲାସ୍ ହିକଦାସ ।

ଓଡ଼ିଆ – ସର୍କସ – ସର୍କସରେ ବିଭିନ୍ନ ଖେଳ ଦେଖିବାକୁ ମିଳେ ।
ଓରାଓଁ – ସରକସ୍ – ସାରକାସନୁ ରାକାମାରାକାମ ହି ଖେଲ ଏରାଗେ ଖାଖ୍‌ରିଇ ।

ଓଡ଼ିଆ – ସଜାଡ଼ିବା – ବଜାରକୁ ଯିବା ପାଇଁ ମୁଁ ସାଇକଲ ସଜାଡ଼ିବା ଆରମ୍ଭ କରିଛି ।
ଓରାଓଁ – ସାଦାବାଆନା – ପିଠ କାଲାଗେ ଏନ୍ ସାଇକଲ ସାଜାବାଆଗେ ସୁରୁ କାମ୍‌ଚକା ରାଦାନ୍ ।

ଓଡ଼ିଆ – ସଞ୍ଜ – ସଞ୍ଜ ହେଲେ ବେଳ ବୁଡ଼ିଯାଏ ।
ଓରାଓଁ – ପୁଉନା – ବିଡି ପୁଉି ହଲେ ବିଡି ମୁନଖି କାୟି ।

ଓଡ଼ିଆ – ସମଗ୍ର – ସମଗ୍ର ଜିଲ୍ଲାରେ ଶୀତର ପ୍ରକୋପ ବଢ଼ିଛି ।
ଓରାଓଁ – ଗୋଟା – ଗୋଟା ଜିଲ୍ଲାନୁଁ ପାଇୟାଁ ବାଢ଼୍‌ରକି ରାଇ ।

ଓଡ଼ିଆ – ସମାଧାନ – ସରପଞ୍ଚ ଗାଁ ବିବାଦ ସମାଧାନ କରନ୍ତି ।
ଓରାଓଁ – ସାମାଧାନ – ସାରପାଞ୍ଚାସ୍ ପାଦାନ୍ତା ଝଗଡାନ୍ ସାମାଧାନ ନାନ୍ଦାସ୍ ।

ଓଡ଼ିଆ – ସମ୍ବିଧାନ – ଆମ ଦେଶର ଏକ ବୃହତ ସମ୍ବିଧାନ ରହିଛି ।
ଓରାଓଁ – ସମ୍ବିଧାନ – ଏମ୍‌ହାଏ ଦେଶ୍‌ହି ଅଣ୍ଟା କହାଁ ସମ୍ବିଧାନ ରାଇ ।

ଓଡ଼ିଆ – ସମ୍ଭାଳିବା – ଦୁଃଖ ସମ୍ଭାଳିବା ଏକ ମହତ ଗୁଣ ଅଟେ ।
ଓରାଓଁ – ସାମ୍ଭାଢାନା – ଦୁଃଖୁ ସାମ୍ଭାଢାନା ଅଣ୍ଟା ଦାଅ ଗୁନ୍ ହିକେ ।

ଓଡ଼ିଆ – ସଉକି – ରମା ସଉକିରେ ସୁନ୍ଦର ଯୋତା ପିନ୍ଧିଛି ।
ଓରାଓଁ – ସୋକ – ରମାସ୍ ସୋକନୁ ସୁନ୍ଦାର ଜୁତା ଆତ୍‌କାଦାସ୍ ।

ଓଡ଼ିଆ – ସମତୁଲ – ଗୋପବନ୍ଧୁଙ୍କ ସହ କିଏ ସମତୁଲ ହୋଇ ପାରେ ?
ଓରାଓଁ – ସାମାନ – ଗୋପବନ୍ଧୁସ ଗାନେ ନେଁ ସାମାନ ମାନା ଅଙ୍ଗର ?

ଓଡ଼ିଆ – ସରିସୃପ – ସର୍ପ ଏକ ସରୀସୃପ ପ୍ରାଣୀ ଅଟେ ।
ଓରାଓଁ – ସରିସୃପ – ନେରରେ ଅଣ୍ଟା ସରିସୃପ ଯାନ୍ତୁ ହିକେ ।

ଓଡ଼ିଆ - ସମ୍ମୁଖିନ - ବିପଦର ସମ୍ମୁଖୀନ ହେଲେ ଭୟ କରନାହିଁ ।
ଓରାଓଁ - ସାମ୍‌ନା - ବିପାଇତ୍‌ହି ସାମନା ମାଞ୍ଜୁକୁନ ଆମା ଏଲଚ଼ ।

ଓଡ଼ିଆ - ସମର୍ଥନ - ମୁଁ ମୋ ସାଙ୍ଗର କଥାକୁ ସମର୍ଥନ କଲି ।
ଓରାଓଁ - ସାମାର୍ଥାନ - ଏନ ଏଙ୍ଘାଏ ସାଙ୍ଗେସହି କାଥାବନ ସାମାର୍ଥାନ ନାଞ୍ଜକାନ ।

ଓଡ଼ିଆ - ସଚେତନ - ପରିବେଶ ପ୍ରତି ସଚେତନ ରହିବା ଉଚିତ ।
ଓରାଓଁ - ଚେତ୍ - ପାରିବେଶ ଲାଗାନ ଚେତା ରାନା ଉଚିତ ।

ଓଡ଼ିଆ - ସହଯୋଗ - ଲୋକ ସହଯୋଗ କଲେ ଗ୍ରାମ ସଫା ହେବ ।
ଓରାଓଁ - ସାହଯୋଗ - ଆଲାର ସାହଯୋଗ ନାଞ୍ଜକୁନ୍ ପାଦ୍ଦା ସାଫା ମାନ ।

ଓଡ଼ିଆ - ସଙ୍ଗେସଙ୍ଗେ - ଖବର ପାଇ ଦମକଳ ସଙ୍ଗେସଙ୍ଗେ ପହଞ୍ଚିଲା ।
ଓରାଓଁ - ସାଙ୍ଗେସାଙ୍ଗ୍ - ଖାବାରି ହାଖାକିରି ଦମକଳ ସାଙ୍ଗେସାଙ୍ଗ୍ ଆଣସିଆ ।

ଓଡ଼ିଆ - ସପ୍ତର୍ଷି ମଣ୍ଡଳ - ଅନ୍ଧାର ରାତିରେ ସପ୍ତର୍ଷି ମଣ୍ଡଳ ସ୍ୱଷ୍ଟ ଦେଖାଯାଏ ।
ଓରାଓଁ - ସପ୍ତର୍ଷି ମଣ୍ଡଳ - ଉହାମାହାନୁ ସପ୍ତର୍ଷି ମଣ୍ଡଳ ଫାରାଚା ଇଥ୍ରି ।

ଓଡ଼ିଆ - ସଂଗ୍ରହ - ମୁଁ ନେତାମାନଙ୍କର ଛବି ସଂଗ୍ରହ କରି ରଖେ ।
ଓରାଓଁ - ଖୋଡ଼୍‌ନା - ଏନ୍ ନେତାଜାମାର୍‌ହି ଫଟୋ ଜାମା ନାନାର କି ଉଇଦାନ୍ ।

ଓଡ଼ିଆ - ସମ୍ପର୍କ - ରବି ସହିତ ମୋର ଉତ୍ତମ ସମ୍ପର୍କ ରହିଛି ।
ଓରାଓଁ - ଚିହ୍ନାର - ରବିସ୍ ସାଙ୍ଗେ ଏଙ୍ଘାଏ ବାଢିଆ ଚିହ୍ନାର ରାଇ ।

ଓଡ଼ିଆ - ସଂଗୀତ - ସଂଗୀତ ମୋର ଅତି ପ୍ରିୟ ଅଟେ ।
ଓରାଓଁ - ଡାଣ୍ଡି - ଡାଣ୍ଡି ଏଙ୍ଗାଗେ ଆକାୟ ଦାଅ ଲାଗିଗ ।

ଓଡ଼ିଆ - ସନ୍ଧ୍ୟା - ସନ୍ଧ୍ୟା ହେଲେ ତାରା ଦେଖାଯାଏ ।
ଓରାଓଁ - ସାଞ୍ଜି - ବିଡ଼ି ପୁଡି ହଲେ ବିନ୍‌କୋ ଏଥ୍‌ରିଇ ।

ଓଡ଼ିଆ - ସଂଗ୍ରାମୀ - ଭଗତ ସିଂ ଜଣେ ସଂଗ୍ରାମୀ ଯୁବା ଥିଲେ ।
ଓରାଓଁ - ଲାଢ଼ାକ୍କୁ - ଭଗତ ସିଂ ଅଣ୍ଟା ଲାଢ଼ାକ୍କୁ କୁକ୍କସ୍ ରାହ୍‌ଚାସ୍ ।

ଓଡ଼ିଆ - ସଂପଦ - ସଂପଦ ବେଳେ ବହୁ ସଖା ହୁଅନ୍ତି ।
ଓରାଓଁ - ସଂାପାଦ - ସଂାପାଦ ବାରି ବାଗେ୍ଗ ସାଙ୍ଗେ ମାନ୍ନାର ।

ଓଡ଼ିଆ - ସଂକଳ୍ପ - ଦେଶ ସେବା ପାଇଁ ଆମେ ସଂକଳ୍ପ କରିଛୁ ।
ଓରାଓଁ - ସପଥ - ଦେଶ୍ ସେବା ଲାଗାନ୍ ଏମ୍ ସାପାଥ କାମ୍ଞ୍ଚାକାଦାମ୍ ।

ଓଡ଼ିଆ - ସଂଗ୍ରାମ - ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କର ।
ଓରାଓଁ - ଲାଡ଼ନା - ଅନ୍ୟାୟହି ବିରୁଦ୍ଧନୁଁ ଲାଡ଼ଆ ।

ଓଡ଼ିଆ - ସଙ୍କେତ - ରାସ୍ତାରେ ଦିଆଯାଇଥିବା ସଂକେତ ମାନି ଗାଡ଼ି ଚଳାଅ ।
ଓରାଓଁ - ଚିହ୍ନା - ଡ଼ାହରେନୁ ଚିଚ୍‌କା ସୂଚନା ମାନ୍‌ଆରକି ଗାଡ଼ି ଚାଲାବାଆ ।

ଓଡ଼ିଆ - ସଂକୁଚିତ - ବୃଦ୍ଧର ଚର୍ମ ସଂକୁଚିତ ହୋଇଥାଏ ।
ଓରାଓଁ - ଚେମ୍ବ - ପାଚ୍‌ଗିସ୍ ହି ଚାପ୍‌ଟା ଚେମ୍ବ ମାନି ।

ଓଡ଼ିଆ - ସଂଗୃହୀତ - ଆମ ଶ୍ରେଣୀ ପୁରୁଣା ପାଠ୍ୟ ପୁସ୍ତକ ସଂଗୃହୀତ ହେଲା ।
ଓରାଓଁ - ଯୋଗାଡ଼ - ଏମ୍‌ହାଏଁ କ୍ଲାସ୍‌ନୁ ପାଛା ପାଢ଼ନା ପୁଥି ଯୋଗାଡ଼୍ ମାଞ୍ଜା ।

ଓଡ଼ିଆ - ସଙ୍ଗୀତ ଦଳ - ମୁଁ ଗୋଟିଏ ସଙ୍ଗୀତଦଳରେ ଗୀତ ଗାଏ ।
ଓରାଓଁ - ପାଡୁଖୋଁଡ଼ହା -ଏନ ଅଣ୍ଟା ପାଡୁ ଖୋଁଡ଼ହାନୁଁ ଡାଣ୍ଡି ପାଡ଼୍‌ଦାନ୍ ।

ଓଡ଼ିଆ - ସଂରକ୍ଷଣ - ବାଳିକାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି ।
ଓରାଓଁ - ଉୟିକା - କୁକାୟହାଦାର୍‌ହି ଲାଗାନ୍ ଆଡ୍ଡା ଉୟିକା ରାଇ ।

ଓଡ଼ିଆ - ସାଧାରଣ - ଜନସାଧାରଣ ଭୋଟ ଦେଇ ସରକାର ଗଢ଼ନ୍ତି ।
ଓରାଓଁ - ଆଲାରଗୁଠି - ଆଲାରଗୁଠି ଭୋଟ ଚିଆକରି ସାରକାର୍ ଗାଢ଼ନାର୍ ।

ଓଡ଼ିଆ - ସାରଣୀ - ସହଜରେ ବୁଝିବା ପାଇଁ ସାରଣୀ ସାହାଯ୍ୟ କରେ ।
ଓରାଓଁ - ଉପାୟ - ସହଜନୁ ବୁଝାଗେ ଉପାୟ ସାହାଯ୍ୟ କାମି ।

ଓଡ଼ିଆ - ସାକ୍ଷାତ - ହଠାତ ମୋ ବନ୍ଧୁଙ୍କ ସହିତ ମୋର ସାକ୍ଷାତ ହେଲା ।
ଓରାଓଁ - ଭେଟଘାଟ - ହଠାତ ଏଙ୍ଗାଏ ସାଙ୍ଗେସ୍‌ଗାନେ ଭେଟଘାଟ ମାଞ୍ଜା ।

ଓଡ଼ିଆ - ସାପ - ସାପୁଆମାନେ ସାପ ଖେଳାନ୍ତି ।
ଓରାଓଁ - ନେର୍‌ରେ - ନେର୍‌ରେ କୁଉଉର୍ ନେରରେ ବେଚ୍‌ତାଆନାର।

ଓଡ଼ିଆ - ସାନ ଚିହ୍ନ - ସାନ ସଂଖ୍ୟା ସୂଚାଇବା ପାଇଁ ସାନ ଚିହ୍ନ ଦିଆଯାଏ ।
ଓରାଓଁ - ଛଟେ ଚିହ୍ନା - ଛଟେ ସଂଖ୍ୟା ଚିହ୍ନାଗେ ଛଟେ ଚିହ୍ନା ଚିତାରଇ ।

ଓଡ଼ିଆ - ସାଙ୍ଗ - ରବି ମୋର ପିଲା ଦିନର ସାଙ୍ଗ ଅଟେ ।
ଓରାଓଁ - ସାଙ୍ଗେ - ରବିସ୍ ଏଙ୍ଗାଏ ଖାଦ୍‌ଉଲ୍ଲାନ୍ତା ସାଙ୍ଗେସ୍ ହିକଦାସ ।

ଓଡ଼ିଆ - ସାଗର - ଆମ ଦେଶକୁ ତିନି ଦିଗରେ ସାଗର ଘେରି ରହିଛି ।
ଓରାଓଁ - ସମୁଦର୍ - ନାମହାଏଁ ଦେଶାନ, ତିନୋଦିଶାନୁ ସମୁଦର୍ ଘେର୍‌ଚିକି ରାଇ ।

ଓଡ଼ିଆ - ସାଥେ - ବଜାରରେ ମୁଁ ବାପାଙ୍କ ସାଥେ ସାଥେ ଯାଏ ।
ଓରାଓଁ - ସାଙ୍ଗେ - ପିଠ୍‌ନୁ ଏନ୍ ବାଙ୍ଗସ୍ ସାଙ୍ଗେ ସାଙ୍ଗେ କାଦାନ୍ ।

ଓଡ଼ିଆ - ସାହାସ - ରବି ସାହସ ଧରି ନଦୀରୁ ରମାକୁ ଉଦ୍ଧାର କଲା ।
ଓରାଓଁ - ସାହାସ୍ - ରବିସ୍ ସାହାସ୍ ନାନାକିରି ଖାଡ଼ାନ୍ତି ରମାସିନ୍ ଉଦ୍ଧାର ନାଞ୍ଜାସ୍ ।

ଓଡ଼ିଆ - ସାଜସଜା - ଭାଇଙ୍କ ବାହାଘର ବେଳେ ଆମେ ଘର ସାଜସଜା କଲୁ ।
ଓରାଓଁ - ସାଜାସାଜି - ଭାଇସ୍‌ହି ବେଞ୍ଜା ଏଡ୍‌ପା ବାରି ଏମ୍ ଏଡ୍‌ପା ସାଜାସାଜି ନାଞ୍ଜକାମ୍ ।

ଓଡ଼ିଆ - ସାମୂହିକ - ପୋଖରୀ ସଫା ଏକ ସାମୁହିକ କାର୍ଯ୍ୟ ଅଟେ ।
ଓରାଓଁ - ହରମାର୍‌ହି - ପଖାର ସାଫା ଅଣ୍ଟା ହରମାର୍‌ହି ନାଲାଖ୍ ହିକେ ।

ଓଡ଼ିଆ - ସାଉଁଳା - ମାଆଙ୍କର ସ୍ନେହଭରା ସାଉଁଳା ମୋତେ ଶାନ୍ତି ଦିଏ ।
ଓରାଓଁ - ସାଅଁରାନା - ଆୟାଙ୍ଗ୍‌ହି ଦୁଲାର ସାଅଁରାନା ଏଙ୍ଗା ଶାନ୍ତି ଚିଇ।

ଓଡ଼ିଆ - ସିଞ୍ଚିବା - କେହି ଅଚେତ ହେଲେ ମୁହଁରେ ପାଣି ସିଞ୍ଚିବା ଉଚିତ ।
ଓରାଓଁ - ଛିଛ୍‌ଡାଆନା - ନିକିମ୍,ବେହୋସ, ମାଞ୍ଜକୁନ୍ ମୁହିଁନୁ ଆମ୍ମ ଛିଡ଼ି ଡାଆନା ଉଚିତ୍।

ଓଡ଼ିଆ - ସିଲିଣ୍ଡର - ଦୋକାନୀ ସିଲିଣ୍ଡରରେ ଗ୍ୟାସ ବିକ୍ରି କରେ ।
ଓରାଓଁ - ସିଲିଣ୍ଡର - ଦୁକାନ୍‌ବାଲାସ୍ ସିଲିଣ୍ଡରନୁ ଗ୍ୟାସ ବିସିଦାସ୍ ।

ଓଡ଼ିଆ - ସିମ୍ପାଞ୍ଜି - ଆଫ୍ରିକା ଜଙ୍ଗଲରେ ସିମ୍ପାଞ୍ଜିମାନେ ରହନ୍ତି ।
ଓରାଓଁ - ସିମ୍ପାଞ୍ଜି - ଆଫ୍ରିକା ଟୋଡ଼ାଙ୍ଗ୍‌ନୁଁ ସିମ୍ପାଞ୍ଜିଗୁଠିଦ୍ ରାଅନାଇ ।

ଓଡ଼ିଆ - ସିଂହ - ସିଂହ ସବୁଠାରୁ ବଳବାନ ପଶୁ ଅଟେ ।
ଓରାଓଁ - ସିଂ - ସିଂ ହୁର୍ମିନ୍ତି ତାକାତ୍ ବାନ ଜାଉନ୍ତ, ହିକେ ।

ଓଡ଼ିଆ - ସୀମା - ଆମ ଦେଶକୁ ସୀମା ସୁରକ୍ଷା ବାହିନୀ ଜଗନ୍ତି ।
ଓରାଓଁ - ସୀମାନ - ନାମ୍‌ହାଏ ଦେଶାନ୍ତ ସୀମାନ୍ ଏରୁଖୁଜୁ ପାଲଟାନ୍ ଖାପ୍‌ନାର ।

ଓଡ଼ିଆ - ସୁସ୍ଥ - ଦୀର୍ଘ ଦିନ ପରେ ମୋର ଜେଜେ ସୁସ୍ଥ ହେଲେ ।
ଓରାଓଁ - କୋଡ଼େ - ଢେର୍ ଉଲ୍ଲା ଖୋଖା ଏଙ୍ଘାଏ ଆଜ୍‌ସ୍ କଡ଼େ ମାଞ୍ଜାସ୍ ।

ଓଡ଼ିଆ - ସୁଯୋଗ - ଗତବର୍ଷ ମୁଁ ଚିଲିକା ଦେଖିବାର ସୁଯୋଗ ପାଇଥିଲି ।
ଓରାଓଁ - ମୌକା - କେରା ବାରାଷ୍ ଏନ୍ ଚିଲିକା ଏରାଗେ ମୌକା ହାକାଚ୍‌କାନ୍ ।

ଓଡ଼ିଆ - ସୁନ୍ଦର - ଆମ ଗାଁ ପାହାଡ଼ ଦୂରରୁ ସୁନ୍ଦର ଦିଶେ ।
ଓରାଓଁ - ଦାଅ - ଏମହାଏଁ ପାଦାନ୍ତା ପାର୍ତ୍ତା ଗୋଚ୍ଛାନ୍ତି ଦାଅଲେ ଏଥ୍‌ରିଇ ।

ଓଡ଼ିଆ - ସୁଫଳ - ଶ୍ରମ କଲେ ସୁଫଳ ମିଳେ ।
ଓରାଓଁ - ଦାଅଫାଲ - ନାଲଖ ନାଞ୍ଜ୍‌କୁନ୍ ଦାଅ ଫାଲ ଖାଖ୍ଣରିଇ ।

ଓଡ଼ିଆ - ସୁସ୍ୱାଦ - ସପେଟା ଏକ ସୁସ୍ୱାଦ ଫଳ ଅଟେ ।
ଓରାଓଁ - ଦାଅଏମ୍ଭା - ସପେଟା ଅଣ୍ଟା ଦାଅ ଏମ୍ଭା ଫଲ ହିକେ ।

ଓଡ଼ିଆ - ସୁଆଦିଆ - ଅମୃତଭଣ୍ଡା ଏକ ସୁଆଦିଆ ଫଳ ଅଟେ ।
ଓରାଓଁ - ଏମ୍ଭା - ପାବିତା ଅଣ୍ଟା ଏମ୍ଭା ଫାଲ ହିକେ ।

ଓଡ଼ିଆ - ସୂର୍ଯ୍ୟ - ସୂର୍ଯ୍ୟ କିରଣ ବାଜି ଜଳ ବାଷ୍ପ ହୁଏ ।
ଓରାଓଁ - ବିଡ଼ି - ବିଡହି ରାଫ୍ ଖାଖ୍ଣାକିରି ଆମ୍ମ ଭାଫ୍ ମାନି ।

ଓଡ଼ିଆ - ସୁର ଯନ୍ତ୍ର - ରେଡ଼ିଓ ଏକ ସୁରଯନ୍ତ୍ର ଅଟେ ।
ଓରାଓଁ - ସୋର ଯନ୍ତ୍ର - ରେଡ଼ିଓ ଅଣ୍ଟା ସୋର ଯନ୍ତ୍ର ହିକେ ।

ଓଡ଼ିଆ - ସୂଚକ - ଥର୍ମୋମିଟରରେ ପାରଦ ସୂଚକ ଭଳି କାମ କରେ ।
ଓରାଓଁ - ସୂଚକ - ଥର୍ମୋମିଟାରନୁ ପାରଦ ହି ସୂଚକ ନାଲାଖ ନାନି ।

ଓଡ଼ିଆ - ସୂଚାଇବା - ବିଦ୍ୟାଳୟରେ ସମୟ ନିର୍ଘଣ୍ଟ ସୂଚାଇବା ଆବଶ୍ୟକ ।
ଓରାଓଁ - ସୂଚାବାନା - ଲୁରୁକୁଡ଼ିଆନୁ ସମୟ ନିର୍ଘଣ୍ଟ ସୂଚାବାନା ଦାରକାର୍ ।

ଓଡ଼ିଆ - ସୂଚକ - ପ୍ରଧାନଶିକ୍ଷକ ପରୀକ୍ଷା ସମ୍ବନ୍ଧରେ ସୂଚନା ଦେଲେ ।
ଓରାଓଁ - ସୂଚନା - ହେଡ଼ ମାଷ୍ଟାରାସ ପରୀକ୍ଷା ବିଷାୟନୁ ସୂଚନା ଚିଚାସ୍ ।

ଓଡ଼ିଆ - ସୁତ୍ର - ବାପା କଳି ସମାଧାନର ସୂତ୍ର ବାହାର କଲେ ।
ଓରାଓଁ - ସୁରତା - ବାଙ୍ଗାସ୍ ଝାଗଡାନ୍ ଫାରିୟାଆନା ହି ସୁର୍ତା ଅଥ୍ରାସ୍ ।

ଓଡ଼ିଆ - ସୂଚୀ - ନାବିକ କମ୍ପାସ ସୂଚୀ ଚୁମ୍ବକଟିଏ ଥାଏ ।
ଓରାଓଁ - ବାତାବାନା - ନାବିକସାନ କମ୍ପାସ ବାତାବାନା ଚୁମ୍ବାକ ଅଣ୍ଟା ରାଇ ।

ଓଡ଼ିଆ - ସେଠାରେ - ମୁଁ ଧାଇଁ ଯାଇ ଦେଖିଲି ସେଠାରେ କେହି ନ ଥିଲେ ।
ଓରାଓଁ - ଆସାନ - ଏନ ବଙ୍ଗାର କୁର କେରକାନ୍ ଏରକାନ ଯେ ଆସାନ ନେଁ ହୁଁ ମାଲରାଚ୍ଚର ।

ଓଡ଼ିଆ - ସେବା - ବରିଷ୍ଠ ନାଗରିକମାନଙ୍କୁ ସେବା କରିବା ଉଚିତ ।
ଓରାଓଁ - ସେୱା - ବୁଜୁର୍ଗ ଆଲାରିନ୍ ସେୱା ନାନ୍ନା କାତ୍ଥା ।

ଓଡ଼ିଆ - ସେପଟେ - ଏପଟେ ରାସ୍ତା ବନ୍ଦ, ସେପଟେ ଆସ ।
ଓରାଓଁ - ଆପାଖ୍ଖେ - ଇ'ପାଖ୍ଖେ ଡାହରେ ବାନ୍ଦ୍, ଆ'ପାଖେ ବାରା ।

ଓଡ଼ିଆ - ସେମାନେ - ସେମାନେ ଗୀତ ଗାଉଛନ୍ତି ।
ଓରାଓଁ - ଆବ୍ଡାର - ଆବ୍ଡାର ଡାଣ୍ଡି ପାଡ଼ାନାର ।

ଓଡ଼ିଆ - ସେହି ତ - ମିଳି ସେହି ତ ଆମ ଶ୍ରେଣୀ ମନିଟର ।
ଓରାଓଁ - ଆସିମ୍ ଗା - ମିଲି, ଆସିମ୍ ଗା ନାମ୍ହାଏଁ କ୍ଲାସ୍ ମୁଖିଆସ୍ ।

ଓଡ଼ିଆ - ସ୍ନେହ - ଆମେ ପିତା ମାତାଙ୍କର ସ୍ନେହ ଆଦର ପାଇ ବଢ଼ିଛୁ ।
ଓରାଓଁ - ଦୁଲାର-ଚହ୍ନାଁ - ଏମ୍ ଆୟାଙ୍ଗ ବାଙ୍ଗହି ଦୁଲାର ଚହ୍ନାଁ ଖାଖ୍ଖାକୁର ପାରଦକାଦମ ।

ଓଡ଼ିଆ - ସେଓ - ଆମ ଅଞ୍ଚଳରେ ସେଓ ଚାଷ ହୁଏ ନାହିଁ ।
ଓରାଓଁ - ସେଓ - ଏମ୍ ହାଏ ରାଜୀତାରା ସେଓ ଋଷ ମାଲ ମାନି ।

ଓଡ଼ିଆ - ସେହି - ସେହି ଘରେ ମୋର ବନ୍ଧୁ ରହନ୍ତି ।
ଓରାଓଁ - ଆ - ଆ ଏଡ଼୍ପାନୁଁ ଏଙ୍ଗାଏ ସାଙ୍ଗେସ୍ ରାଆଦାସ୍ ।

ଓଡ଼ିଆ - ସେହିପରି - ସେହିପରି କାମ କରିବା ଅନୁଚିତ ।
ଓରାଓଁ - ହୁ ଲେଖା - ହୁ ଲେଖା ନାଲଖ ମା ନାନ୍ନା କାତ୍ଥା ।

ଓଡ଼ିଆ - ସେନାପତି - ସେନାପତି ଯୁଦ୍ଧ ଚଳାନ୍ତି ।
ଓରାଓଁ - ପାଲ୍ଟାନ ଉର୍ବାସ - ପାଲଟାନ୍ ଉର୍ବାସ ଲାଡ଼ାଇ ଚାଲାବାଦାସ୍ ।

ଓଡ଼ିଆ - ସଦନ - ବଡ଼ ହେଲେ ମୁଁ ସେବା ସଦନଟିଏ ଖୋଲିବି ।
ଓରାଓଁ - ଆଡପ୍ପା - କହା ମାନନ୍ ହଲେ ଏନ ଅଣ୍ଟା ସେବା ଏଡ଼ପ୍ପା ଖଲଅନ ।

ଓଡ଼ିଆ - ସୈନ୍ୟ - ସୈନ୍ୟମାନେ ଯୁଦ୍ଧ କରନ୍ତି ।
ଓରାଓଁ - ପଲଟନ - ପଲଟନ ଯାମାର ଯୁଦ୍ଧ ନାନ୍ନାର ।

ଓଡ଼ିଆ - ସୌର ମଣ୍ଡଳ - ସୂର୍ଯ୍ୟ ଓ ନଅଟି ଗ୍ରହକୁ ନେଇ ସୌରମଣ୍ଡଳ ।
ଓରାଓଁ - ସୌର ମଣ୍ଡଳ - ବିଡି ଆଉ ର ନାଆଠୁ ଗ୍ରାହ ମିଶ୍ରୀକୁର ସୌର ମଣ୍ଡଳ ।

ଓଡ଼ିଆ - ସ୍ୱପ୍ନ - ମୁଁ ଆଜି ଗୋଟିଏ ଭଲ ସ୍ୱପ୍ନ ଦେଖିଲି ।
ଓରାଓଁ - ସାପାନ - ଏନ ଇନ୍ନା ଅଣ୍ଟା ଦାଅ ସାପାନ/ଏରକାନ ।

ଓଡ଼ିଆ - ସ୍ୱଭାବ - ରମାର ସ୍ୱଭାବ ଅତି ସୁନ୍ଦର ଅଟେ ।
ଓରାଓଁ - ସ୍ୱଭାବ - ରମାସହି ସ୍ୱଭାବ ଅତି ସୁନ୍ଦର ହିକେ

ଓଡ଼ିଆ - ସ୍ୱଚ୍ଛ - ଗୋଳିଆ ପାଣି ବସିଗଲେ ସ୍ୱଚ୍ଛ ଦେଖାଯାଏ ।
ଓରାଓଁ - ଫାରିଚ୍ - ଗେନ୍ଦଡ଼ ଆମ୍ମ ଉକ୍କାତି ଫାରିଚ ଇଥରିଇ ।

ଓଡ଼ିଆ - ସ୍ୱର - ରିମି ସ୍ୱର ବଦଳାଇ କଥା ହୋଇ ପାରେ ।
ଓରାଓଁ - ସ୍ୱର - ରିମି ଦ ସ୍ୱର ବାଦଲାକିରି କାତ୍ଥା କାଛ୍ନାଖ୍ରାଆ ଉଙ୍ଗି ।

ଓଡ଼ିଆ - ସ୍ୱୟଂଚାଳିତ - ଏଟିଏମ୍ ସ୍ୱୟଂଚାଳିତ ଯନ୍ତ୍ର ଅଟେ ।
ଓରାଓଁ - ନିଜେ ଋଲରାନା - ଏଟିଏମ୍ ନିଜେ ଋଲରାନା ଯନ୍ତ୍ରଦ୍ ହିକେ ।

ଓଡ଼ିଆ - ସ୍ୱାଧୀନ - ଆମେ ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରୁ ।
ଓରାଓଁ - ନିଜର - ଏମ ନିଜର ହିସାବନୁ ନାଲଖ ନାନା ଅଙ୍ଗଦାମ ।

ଓଡ଼ିଆ - ସ୍ୱାସ୍ଥ୍ୟ - ଆମ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା ।
ଓରାଓଁ - ଦେହ - ଏମ୍ହାଏ ଇସ୍କୁଲନୁ ଦେହ ପାରିକ୍ଷା ନାଞ୍ଜାର ।

ଓଡ଼ିଆ - ସ୍ୱାସ୍ଥ୍ୟସେବା - ସରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦିଅନ୍ତି ।
ଓରାଓଁ - ସ୍ୱାସ୍ଥ୍ୟସେବା - ସାରକାର ସ୍ୱାସ୍ଥ୍ୟସେବାହି ଯୁଗାଡ ନାନି ।

ଓଡ଼ିଆ - ସ୍ୱାର୍ଥ - ଆଜିକାଲି ସମସ୍ତେ ସ୍ୱାର୍ଥ ଚେଷ୍ଟା କରୁଛନ୍ତି ।
ଓରାଓଁ - ନିଜର ଲାଭ - ଇସାମାୟ ହରମାର୍ ନିଜର ଲାଭ ହାକ୍ଲାଗେ ବେଦାନାର ।

ଓଡ଼ିଆ - ସ୍ୱାସ୍ଥ୍ୟ କେନ୍ଦ୍ର - ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ।
ଓରାଓଁ - ସ୍ୱାସ୍ଥ୍ୟସେବା କେନ୍ଦ୍ର -ହୁରମି ପଞ୍ଚାୟତନୁ ସ୍ୱାସ୍ଥ୍ୟସେବା କେନ୍ଦ୍ର ରାଇ ।

ଓଡ଼ିଆ - ସ୍ଥଳୀ - ଜଙ୍ଗଲ ଜୀବଜନ୍ତୁଙ୍କ ବାସସ୍ଥଳୀ ଅଟେ ।
ଓରାଓଁ - ଆଡ୍ଡା - ଟୋଡ଼ାଙ୍ଗ୍ ଜୀୟାଯାନ୍ତୁ ହି ରାଆନା ଆଡ୍ଡା ହିକେ।

ଓଡ଼ିଆ - ସ୍ଥିର - ସମସ୍ତେ ଏକଜୁଟ ହେବାକୁ ସ୍ଥିର କରାଯାଇଛି ।
ଓରାଓଁ - ସ୍ଥିର - ହୋରମାର ଅନଜୁଟ୍ ମାନାଗେ ସ୍ଥିର ନାଞ୍ଜ୍କା ରାଇ।

ଓଡ଼ିଆ - ସ୍ଥାନ - ଗାଁର ସବୁସ୍ଥାନ ସଫା ସୁତୁରା ରଖାଯାଉ ।
ଓରାଓଁ - ଆଡ୍ଡା - ପାଦାନ୍ତା ହୁରମି ଆଡ୍ଡାନ୍ ସାଫା ସୁତୁରା ଉଇୟା ।

ଓଡ଼ିଆ - ସ୍ଥାନୀୟ ମାନ - ପ୍ରତି ଅଙ୍କର ସ୍ଥାନୀୟମାନ ରହିଛି ।
ଓରାଓଁ - ସ୍ଥାନୀୟ ମାନ - ହୁରମି ଆଙ୍କହି ସ୍ଥାନୀୟ ମାନ ରାଇ ।

ଓଡ଼ିଆ - ସ୍ଥାପନ - ଆମ ଗ୍ରାମରେ ଡାକଘର ସ୍ଥାପନ କରାଗଲା ।
ଓରାଓଁ - ଅକ୍ତାନା - ଏମ୍ହାଏ ପାଦାନୁ ଡାକ ଏଡ଼ପା ଅକ୍ତାରା ।

ଓଡ଼ିଆ - ସ୍ଥଳ ଭାଗ – ଆମେ ସ୍ଥଳଭାଗରେ ବାସ କରୁ ।
ଓରାଓଁ - ଖାଜ ଭାଗ – ନାମ୍‌ଖାଜ ଭାଗ୍‌ନୁଁ ରାଆଦାତ୍‌।

ଓଡ଼ିଆ - ସ୍ଥାବର – ଆମର ସ୍ଥାବର ସମ୍ପତ୍ତି କିଛି ନାହିଁ ।
ଓରାଓଁ - ସ୍ଥାୟୀ – ଏମ୍‌ହାଏ ସ୍ଥାୟୀ ସାମ୍ପତି ଏନ୍ଦରାହୁଁ ମାଲ୍ଲା ।

ଓଡ଼ିଆ - ସ୍ପର୍ଶ – ଆଜିକାଲି ସ୍ପର୍ଶ ଦ୍ୱାରା ଚିକିତ୍ସା କରାଯାଉଛି ।
ଓରାଓଁ - ଏମ୍‌ସାର୍‌ନା – ଇନ୍ନେତାଉଲ୍ଲାନୁ ଏମ୍‌ସାର୍‌ନା ତୁଲେ ବେମାର୍ ଦାଅ ନାନ୍ତାର ଆଲି।

ଓଡ଼ିଆ - ସ୍ପୃହା – ପଦଯାତ୍ରା କରିବାରେ ମୋର ସ୍ପୃହା ନାହିଁ ।
ଓରାଓଁ - ଇଚ୍ଛା – ଖେଡ୍ଡେତି ଏକାକୁର କାଲାଗେ ଏଙ୍ଗାଏ ଇଚ୍ଛା ମାଲ୍ଲା।

ଓଡ଼ିଆ - ସ୍ପଷ୍ଟ – ବହିର ଛବି ଗୁଡ଼ିକ ସ୍ପଷ୍ଟ ଦେଖାଯାଉଛି ।
ଓରାଓଁ - ଦାଅ – ପୁଥିନ୍ତା ଛାପାଦ(ବାନ୍ନାଦ୍) ଦାଅ/ ସାଫା ଏଥ୍‌ରାଆଲି।

ଓଡ଼ିଆ - ସ୍ପର୍ଶକ – ପ୍ରତି କୋଣର ଏକାଧିକ ସ୍ପର୍ଶକ ଥାଏ ।
ଓରାଓଁ - ସ୍ପର୍ଶକ – ହୁର୍‌ମି କଣାହି ଅଣ୍ଟେନ୍ତି ବାଗେ ସ୍ପର୍ଶକ ରାଇ ।

ଓଡ଼ିଆ - ସ୍ଫୁର୍ତ୍ତି – ସକାଳେ ବ୍ୟାୟାମ କଲେ ସ୍ଫୁର୍ତ୍ତି ଲାଗେ ।
ଓରାଓଁ - ଫୁର୍ତ୍ତି – ପାଇରି କାସରାତ୍ ନାଞ୍ଜକୁନ ଫୁର୍ତ୍ତି ଲାଗି୍ଗ।

ଓଡ଼ିଆ - ସ୍ଫୁଲିଙ୍ଗ – ପଥରରେ ଲୁହା ବାଜିଲେ ଅଗ୍ନି ସ୍ଫୁଲିଙ୍ଗ ବାହାରେ ।
ଓରାଓଁ - ଫୁଲଙ୍ଗି – ପାଖନାନୁ ପାନ୍ନା ଲାଗକୁନ୍ ଚିଚ୍ଚି ଫୁଲ୍‌ଙ୍ଗି ଉର୍‌ଖି ।

ଓଡ଼ିଆ - ସ୍ଖଳନ – ବର୍ଷା ଦିନେ ପର୍ବତରୁ ପଥର ସ୍ଖଳନ ହୁଏ ।
ଓରାଓଁ - ଖସ୍‌ରାର୍‌ନା – ଚେଁପ ଉଲ୍ଲାନୁଁ ପାର୍ଭାନ୍ତା ପାଖନା ଖସ୍‌ରାରି।

ଓଡ଼ିଆ - ସ୍କୁଲ – ସ୍କୁଲ ଏକ ପବିତ୍ର ସ୍ଥାନ ଅଟେ ।
ଓରାଓଁ - ଲୂରକୁଡ଼ିଆ – ଲୂରକୁଡ଼ିଆ ଅଣ୍ଟା ପବିତାର ଆଡ୍ଡା ହିକେ।

ଓଡ଼ିଆ - ସ୍ତ୍ରୀ ଲୋକ – ଜଣେ ସ୍ତ୍ରୀ ଲୋକର ମଜୁରୀ ପୁରୁଷ ସହିତ ସମାନ ।
ଓରାଓଁ - ମୁକ୍କା ଆଲି – ଅଣ୍ଟା ମୁକ୍କା ଆଲି ହି ମୁଜୁରି ମେତାସ୍‌ହ ସାଙ୍ଗେ ସାମାନ୍।

ଓଡ଼ିଆ - ସ୍ତମ୍ଭ - ପୋଢ଼ ପୂଜାବେଳେ ସ୍ତମ୍ଭଟିଏ ପୋତା ଯାଏ ।
ଓରାଓଁ - ଖୁଟା - ମାନଖା ପୂଜା ବିରି ଅଣ୍ଟେ ଖୁଟା ଗାଡ଼ନା ମାନି।

ଓଡ଼ିଆ - ସ୍ନାନ - ସକାଳସ୍ନାନ ଦେହକୁ ହିତ ।
ଓରାଓଁ - ଏମନା - ପଇରୀ ଏମ୍‌ନା କାୟାଗେ ଦାଅ ହିକେ।

ଓଡ଼ିଆ - ସ୍କେଲ - ସ୍କେଲ ସାହାଯ୍ୟରେ ଗାର କାଟି ମପାଯାଏ ।
ଓରାଓଁ - ସ୍କେଲ - ସ୍କେଲନୁ ଗାର ନାତ୍‌ଗାର୍‌କି ନାପ୍‌ନା ମାନି।

**- ଷ -**

ଓଡ଼ିଆ - ଷଣ୍ଢ - ବଜାରରେ ଷଣ୍ଢଟିଏ ଉତ୍ପାତ କରୁଛି ।
ଓରାଓଁ - ଷାଣ - ପିଠ୍‌ନୁ ଷାଣ ଅଣ୍ଟା ଉତ୍ପାତ୍ ନାନାଲି ।

**- ଶ -**

ଓଡ଼ିଆ - ଶବ୍ଦ - ରାତିରେ ଶବ୍ଦ ଅଧିକ ଦୂରକୁ ଯାଇପାରେ ।
ଓରାଓଁ - ଆୱାଜ - ମାଖ୍‌ବିରି ଆୱାଜ୍ ବାଗ୍‌ଗେ ଗେଚ୍ଛାଗୁ’ଟି କାଲାଉଙ୍ଗି।

ଓଡ଼ିଆ - ଶସ୍ୟ - ଶସ୍ୟ ଅମଳ ବେଳେ ଗାଁ ମୁଖରିତ ହୋଇଥାଏ ।
ଓରାଓଁ - ଫାସାଲ - ଫାସାଲ ଆମାଲ ବାକିନ୍ ପାଦ୍ଦା ଖୁସ୍‌ମାରଇ।

ଓଡ଼ିଆ - ଶର୍ଦ୍ଦି - ରମାକୁ ଗତ କାଲିଠାରୁ ଶର୍ଦ୍ଦି ଜ୍ୱର ଧରିଛି ।
ଓରାଓଁ - ଶର୍ଦ୍ଦି - ରମାସିନ ଚେରୋନ୍ତି ଶାର୍ଦ୍ଦି ନାଡ଼ି ଧାରଚିକି ରାଇ।

ଓଡ଼ିଆ - ଶକ୍ତି - ଭାତ, ରୋଟି ଇତ୍ୟାଦିରୁ ଆମକୁ ଶକ୍ତି ମିଳେ ।
ଓରାଓଁ - ସାୱାଙ୍ଗ - ମାଣ୍ଡି, ଆସ୍‌ମା ଇବ୍‌ଡ଼ାତି ନାମାଗେ ସାୱାଙ୍ଗ୍ ଖାଖ୍ଣ୍ଣରି।

ଓଡ଼ିଆ - ଶର - ଆଗକାଳରେ ଧନୁଶର ଧରି ଯୁଦ୍ଧ କରୁଥିଲେ ।
ଓରାଓଁ - ତୀର - ପାଚ୍ଚା ପାରିୟାନୁଁ ଧାନୁତୀର ଧାରଆର କୁର ଲାଡ଼ାଇ ନାନା ଲାଗିୟାର।

ଓଡ଼ିଆ - ଶଶୀ - ଶରତ ଶଶୀ ନିର୍ମଳ ଦେଖାଯାଏ ।
ଓରାଓଁ - ଚାନ୍ଦୋ - ମାଘ ଚାନ୍ଦୋ ଫାର୍ଚ୍ଚା ଏଥ୍‌ରଇ।

ଓଡ଼ିଆ - ଶଙ୍ଖା - ଶଙ୍ଖାରୀ ଶଙ୍ଖା ସଜାଇ ରଖିଛି ।
ଓରାଓଁ - ଶାଙ୍ଖ୍ - ଶାଙ୍ଖ୍ ଆଲାସ୍ ଶାଙ୍ଖ୍ ସାଜାବାଆର କି ଉଇକାରାଆଦାସ୍ ।

ଓଡ଼ିଆ - ଶରୀର - ସୁସ୍ଥ ଶରୀର ସୁସ୍ଥ ମନ ।
ଓରାଓଁ - କାୟା - ଦାଅ କାୟା ଦାଅ ଜୀୟା ।

ଓଡ଼ିଆ - ଶରଣ - ଗରିବ ଲୋକ ଧନୀଠାରେ ଶରଣ ନିଅନ୍ତି ।
ଓରାଓଁ - ଶରନ - ଗରିବ ଆଲାର ଧାନୀରଗୁସାନ ଶରନ ହଅନାର ।

ଓଡ଼ିଆ - ଶରଧା - ମହାତ୍ମାଗାନ୍ଧିଙ୍କୁ ଆମେ ଶରଧାରେ ବାପୁ ଡାକୁ ।
ଓରାଓଁ - ଦୁଲାର - ମହାତ୍ମାଗାନ୍ଧୀସିନ ନାମ ଦୁଲାରତି ବାପୁ ମେଖ୍‌ଦାତ୍ ।

ଓଡ଼ିଆ - ଶ୍ରବଣ - ଶ୍ରବଣ ଭିନ୍ନକ୍ଷମମାନଙ୍କୁ ଶ୍ରବଣ ଯନ୍ତ୍ର ଦିଆଗଲା ।
ଓରାଓଁ - ମେନ୍ନା - ମାଲ ମେନ୍ନା ଆଲାରଗେ ମେନ୍ନା ଯନ୍ତ୍ରର ଚିତାରା ।

ଓଡ଼ିଆ - ଶସ୍ତ୍ର - ଜଣେ ସୈନ୍ୟ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଥାଏ ।
ଓରାଓଁ - ହାତିଆର - ଅଣ୍ଟା ପଲଟନ ହାଥିଆର ନୁ ସିଙ୍ଗ୍‌ରାର୍‌ଆ କି ରାଆଦାସ୍ ।

ଓଡ଼ିଆ - ଶଙ୍ଖି - ଆମର ଗୋଟିଏ ଶଙ୍ଖି ବିଲେଇ ଅଛି ।
ଓରାଓଁ - ପାଣ୍ଡୁରୁ - ଏମ୍‌ହାଏ ଅଣ୍ଟା ପାଣ୍ଡରୁ ବେରେଖା ରାଇ ।

ଓଡ଼ିଆ - ଶତକ - ଶହେରେ ଏକ ଶତକ ସ୍ଥାନରେ ଥାଏ ।
ଓରାଓଁ - ଶତକ - ଶହେନୁ ଅଣ୍ଟା ଶତକ ଆଡ୍ଡାନୁ ରାଇ ।

ଓଡ଼ିଆ - ଶାନ୍ତି - ଆଜିକାଲି ସମସ୍ତଙ୍କୁ ଶାନ୍ତି ଆବଶ୍ୟକ ହେଉଛି ।
ଓରାଓଁ - ଶାନ୍ତି - ଇନ୍ନାତା ଉଲ୍ଲାନୁ ହୋରମାରଗେ ଶାନ୍ତି ଦାରକାର ମାନାଲି ।

ଓଡ଼ିଆ - ଶାଳ - ଆମ ଗାଁ ପାହାଡ଼ରେ ବଡ଼ ବଡ଼ ଶାଳଗଛ ଅଛି ।
ଓରାଓଁ - ଶାରାଇ - ଏମ୍‌ହାଏ ପାଦ୍ଦା ପାର୍ତ୍ତାନୁ କହାଁ କହାଁ ଶାରାଇ ମାନ୍ନେ ରାଇ ।

ଓଡ଼ିଆ - ଶାସ୍ତି - ପିଲାମାନଙ୍କୁ ଶାସ୍ତି ଦେବା ଅନୁଚିତ ।
ଓରାଓଁ - ସାଜା - ଖାଦ୍ଦାରିନ୍ ସାଜା ମାଲ୍ ଚିଇନା କାତ୍‌ଥା ।

ଓଡ଼ିଆ - ଶାସନ - ନିର୍ବାଚିତ ସରକାର ଦେଶ ଶାସନ କରନ୍ତି ।
ଓରାଓଁ - ଶାସନ - ରଜାରକା ସାରକାର ଦେଶାନ ଶାସନ ନାନନାର ।

ଓଡ଼ିଆ - ଶାସକ - ଆମ ଦେଶରେ ଅନେକ ଉତ୍ତମ ଶାସକ ଅଛନ୍ତି ।
ଓରାଓଁ - ଶାସକ - ଏମ୍‌ହାଏ ଦେଶନୁ କାଏନଅଁ ଦାଅ ଶାସକ ରାଆନାର ।

ଓଡ଼ିଆ - ଶାଗୁଆ - ଶୁଆ ଦେହର ରଙ୍ଗ ଶାଗୁଆ ଅଟେ ।
ଓରାଓଁ - ହାରିଆର - ମିଟୁ କାୟାହି ରଙ୍ଗ ହାରିଆର ହିକେ ।

ଓଡ଼ିଆ - ଶାଗୁଣା - ଆଜିକାଲି ଶାଗୁଣାମାନେ ଲୋପ ପାଇଗଲେ ।
ଓରାଓଁ - ଗିଦ୍ - ଇନ୍ନାତା ଉଲ୍ଲାନୁ ଗିଦ୍ ଗୁଟ୍‌ଠିଦ୍ ମୁଞ୍ଜରା କେରା ।

ଓଡ଼ିଆ - ଶିଖିଲେ - ଆମ ସ୍କୁଲର ଝିଅମାନେ ଓଡ଼ିଶୀ ନୃତ୍ୟ ଶିଖିଲେ ।
ଓରାଓଁ - ଶିଖ୍‌ରାର - ଏମ୍‌ହାଏଁ ଲୂରକୁଡ଼ିଆନ୍ତା କୁକଏର ଓଡ଼ିଶୀ ନାଲନା ଶିଖ୍‌ରାର୍ ।

ଓଡ଼ିଆ - ଶିଶିର - ଶୀତ ଋତୁରେ ଶିଶିର ପଡ଼େ ।
ଓରାଓଁ - ଶୀତ - ପାୟାଁ ଉଲ୍ଲାନୁ ଶୀତ ଆମ୍ମେ ଖାତରି ।

ଓଡ଼ିଆ - ଶିଶୁ - ଶିଶୁ ଅଧିକ ଯତ୍ନ ଆବଶ୍ୟକ କରେ ।
ଓରାଓଁ - ଖାଦ୍ଦାସ - ଖାଦ୍ଦସ ବାଗେ୍ଗ ଯାତାନ ବେଦ୍ଦଦାସ ।

ଓଡ଼ିଆ - ଶିଳ - ଶିଳରେ ବେସର ବଟାଯାଏ ।
ଓରାଓଁ - ପାଡ଼୍‌ରଚ୍ଚ - ପାଡ଼୍‌ରଚ୍ଚନୁଁ ମାସଲା କାସ୍‌ନା ମାନି ।

ଓଡ଼ିଆ - ଶିମ୍ବଲଟା - ଶିମ୍ବଲଟା ରଞ୍ଜାରେ ମାଡ଼ି ଯାଇଛି ।
ଓରାଓଁ - ଶିମ୍ବି ଲାଡ଼ାଙ୍ଗ୍ - ଶିମ୍ବି ଲାଡ଼ାଙ୍ଗ୍ ଝାମ୍‌ଡାନୁ ଆରଗ୍‌କି ରାଇ ।

ଓଡ଼ିଆ - ଶିଆଳି - ଶିଆଳି ପତ୍ରରେ ଖଲି ତିଆରି ହୁଏ ।
ଓରାଓଁ - ଗୁଙ୍ଗୁ- ଗୁଙ୍ଗୁ ଆତ୍‌ଖାନୁଁ ସଢ଼ା କାମ୍‌ରିଇ ।

ଓଡ଼ିଆ - ଶୀତ - ପ୍ରବଳ ଶୀତରେ କିଛି ଲୋକ ମରିଯାଆନ୍ତି ।
କୁଣାହାଁ - ପାୟାଁ - ମୁରୁକୁ ପାୟାଁନୁ ତାନି କ ଆଲାର ଖେଆନାର କାନାର ।

ଓଡ଼ିଆ - ଶିକାରୀ - ଶିକାରୀ ଫାଶ ବସାଇ ପକ୍ଷୀ ଧରେ ।
ଓରାଓଁ - ଶିକାରୀ - ଶିକାରୀସ୍ ଫାସ୍‌ରୀ ଇଚଆକୁର ଅଡ଼ା ଧାର୍‌ଦାସ୍।

ଓଡ଼ିଆ - ଶୀଘ୍ର - ଆଜି ମୁଁ ଶୀଘ୍ର ଘରକୁ ଫେରିଲି ।
ଓରାଓଁ - ଜାଲଦି - ଇନ୍ନା ଏନ ଜାଲଦି ଏଡ୍‌ପା କିରକାନ୍ ।

ଓଡ଼ିଆ - ଶୀତ ଋତୁ - ଶୀତଋତୁ ପରିବା ଚାଷ ପାଇଁ ଅନୁକୂଳ ଅଟେ ।
ଓରାଓଁ - ପାଇଁଆଉଲ୍ଲା - ପାଇଁଆ ଉଲ୍ଲା ସାବଜି ଋଷ ଗେ ବେଶ।

ଓଡ଼ିଆ - ଶୀର୍ଷ - ପର୍ବତ ଶୀର୍ଷ ଭାଗ ସମତଳ ଥାଏ ।
ଓରାଓଁ - ଆଗିଗ - ପାର୍ଡା ଆଗିଗ ଭାଗ ସମାନ ରାଇ।

ଓଡ଼ିଆ - ଶୁଆ - ଶୁଆର ଥଣ୍ଟ ନାଲି ଅଟେ ।
ଓରାଓଁ - ଶୁଗା - ଶୁଗାହି ଠର୍ ଖେଁସୋ ରାଙ୍ଗ ରାଇ।

ଓଡ଼ିଆ - ଶୁଭ୍ର - ଖରାଦିନେ ଶୁଭ୍ର ପୋଷାକ ଆରାମ ଦାୟକ ।
ଓରାଓଁ - ପାଣ୍ଡୁର - ବିଡ଼୍‌ନା ଉଲ୍ଲାନୁଁ ପାଣ୍ଡରୁ କଚ୍‌ରି ନୁ ଆରାମ୍ ଲାଗିଗ।

ଓଡ଼ିଆ - ଶୁଣ୍ଢ - ହାତୀ ଶୁଣ୍ଢରେ ଡାଳ ଭାଙ୍ଗେ ।
ଓରାଓଁ - ଷଣ୍ଢ - ହାତୀ ଷଣ୍ଢନୁଁ ଡାଆଡ଼ା ଏସ୍‌ଇ।

ଓଡ଼ିଆ - ଶୁଷ୍କ - ଶୁଷ୍କ ଭୂମିରେ ଗଜା ଉଠିବା କଷ୍ଟ ।
ଓରାଓଁ - ଖାଇକା - ଖାଇକା ଖାଜ୍‌ନୁଁ ଗାଜା ମାନ୍ନା ମୁସ୍‌କିଲ୍ ।

ଓଡ଼ିଆ - ଶୁଖିବା - ପ୍ରଚଣ୍ଡ ଖରାରେ ପୋଖରୀ ଶୁଖିବା ଆରମ୍ଭ ହୁଏ ।
ଓରାଓଁ - ଖାଏନା - ଠାଏଠାଏ ବିଡ଼ନାନୁଁ ପଖରା ଖାଏନା ସୁରୁ ମାନି।

ଓଡ଼ିଆ - ଶୁଭ - ଶୁଭ ଖବରଟିଏ ଶୁଣି ମୁଁ ଖୁସିହେଲି ।
ଓରାଓଁ - ଶୁଭ - ଶୁଭ ଖାବାର ମେନାରକି ଏନ୍ ଖୁସ୍ ମାଞ୍ଜାକାନ୍।

ଓଡ଼ିଆ - ଶୁଖିଲା - ଲୋକେ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରନ୍ତି ।
ଓରାଓଁ - ଖାଇକା - ଆଲାର ଟୋଡ଼ାଙ୍ଗ୍‌ତି ଖାଇକା କାଙ୍କେ ଖୋଁଡ଼୍‌ନାର।

ଓଡ଼ିଆ - ଶୁଣିବା – ଗୁରୁଜନଙ୍କ କଥା ଶୁଣିବା ଉତ୍ତମ ଅଟେ ।
ଓରାଓଁ - ମେନନା – ଗୁରୁ ଆଲାରହି କାତଥା ମେନନା ଦାଅ ହିକେ ।

ଓଡ଼ିଆ - ଶୁଙ୍ଘିବା – ଫୁଲକୁ ପାଖରୁ ଶୁଙ୍ଘିବା ଅନୁଚିତ ।
ଓରାଓଁ - ନୁସ୍ଙ୍ଗ୍ନା – ପୁଁ ପାନ୍ ହେଦ୍ଦେନ୍ତି ନୁସୁଙ୍ଗନା ଦାଅ ମାଲ୍ଲି।

ଓଡ଼ିଆ - ଶୂନ – ଶୂନର ମୂଲ୍ୟ କିଛି ନାହିଁ ।
ଓରାଓଁ - ଶୂନ – ଶୂନ୍‌ହି ମୂଲ୍ୟ ଏନ୍ଦେରାହୁଁ ମାଲ୍ଲା।

ଓଡ଼ିଆ - ଶ୍ରୁତଲିଖନ – ପ୍ରତିଦିନ ଶ୍ରୁତଲିଖନ ଅଭ୍ୟାସ କର ।
ଓରାଓଁ - ଶ୍ରୁତଲିଖନ – ରୋଜ ଉଲ୍ଲା ଶ୍ରୁତଲିଖନ ହେବ୍ରା ।

ଓଡ଼ିଆ - ଶୃଙ୍ଖଳା – ପ୍ରତି କାର୍ଯ୍ୟରେ ଶୃଙ୍ଖଳା ରହିବା ଆବଶ୍ୟକ ।
ଓରାଓଁ - ଶାନ୍ତିନୁ – ଯେତେ ନାଲଖନୁ ଶାନ୍ତିନୁ ରାନା ଦାରକାର ।

ଓଡ଼ିଆ - ଶୃଗାଳ – ଶୃଗାଳ ବଡ଼ ଚତୁର ଅଟେ ।
ଓରାଓଁ - ବାଣ୍ଡୋ – ବାଣ୍ଡୋ ବାଗେ୍ଗ ଚତୁର ହିକେ।

ଓଡ଼ିଆ - ଶେଷ – ପରୀକ୍ଷା ଶେଷ ହେଲେ ମୁଁ ମାମୁ ଘର ଯିବି ।
ଓରାଓଁ - ମୁଞ୍ଜରା – ପରିକ୍ଷା ମୁଞ୍ଜରା ହାଲେ ଏନ ମାମୁଁ ଏଡ଼୍‌ପା କାଲନ।

ଓଡ଼ିଆ - ଶେଉଳ – ଶେଉଳ ମାଛ ଭାରି ସୁଆଦିଆ ।
ଓରାଓଁ - ସାଉର୍ –ସାଉର୍ ଇଞ୍ଜୋ ବାଗେ୍ଗ ଏମ୍ବା ।

ଓଡ଼ିଆ - ଶ୍ରେଣୀ – ମୁଁ ତୃତୀୟ ଶ୍ରେଣୀରେ ପଢ଼େ ।
ଓରାଓଁ - କିଲାସ – ଏନ ତିସରା କିଲାସନୁ ପାଢଦାନ୍ ।

ଓଡ଼ିଆ - ଶୋଇବା – ବେଶି ଶୋଇବା ଦେହ ପ୍ରତି କ୍ଷତିକାରକ ।
କୁଣାହାଁ - ଖାନ୍ଦର୍‌ନା – ବାଗେ୍ଗ ଖାନ୍ଦ୍‌ର୍‌ନା କାୟାଗେ ନକ୍‌ସାନ୍ ହିକେ।

ଓଡ଼ିଆ - ଶୋଇବା ଘର – ଆମର ଶୋଇବା ଘର ନାହିଁ ।
କୁଣାହାଁ - ବେଡ୍‌ରନା ଏଡ଼୍‌ପା – ଏମ୍‌ହାଏ ବେଡର୍‌ନା ଏଡ଼୍‌ପା ମାଲ୍ଲା।

ଓଡ଼ିଆ - ଶୋଷ - ଖରାଦିନେ ବାରମ୍ବାର ଶୋଷ ଲାଗେ ।
ଓରାଓଁ - ଅନ୍‌କା - ବିଡନାଉଲ୍ଲା ବାର୍‌ବାର୍ ଆମ୍ମେ ଅନ୍‌କା ଲାଗିଗ ।

ଓଡ଼ିଆ - ଶୋରିଷ - ସୋରିଷରୁ ତେଲ ବାହାର କରାଯାଏ ।
ଓରାଓଁ - ମାନି - ମାନିନ୍ତି ଇସୁଙ୍ଗୁ ଅଥର୍ ତାରି ।

ଓଡ଼ିଆ - ଶୋଭା - କାଶ୍ମୀରର ଶୋଭାରେ ସମସ୍ତେ ମୋହିତ ହୁଅନ୍ତି ।
ଓରାଓଁ - ଶୋଭା - କାଶ୍ମୀରନ୍ତା ଶୋଭାନୁ ହୋରମାର ମୋହାରନାର କାନାର ।

ଓଡ଼ିଆ - ଶୌଚ - ରମା ଶୌଚ ପାଇଁ ପାଇଖାନାକୁ ଗଲା ।
ଓରାଓଁ - ଏରଖାଗେ - ରମାସ ଏରଖା ଲାଗାନ ପାଇଖାନାଗେ କେରାସ୍ ।

ଓଡ଼ିଆ - ଶ୍ୟାମଳ - ବର୍ଷାଋତୁରେ ପରିବେଶ ଶ୍ୟାମଳ ଦିଶେ ।
ଓରାଓଁ - ହାରିଆର - ବାର୍ଷା ଉଲ୍ଲା ହୁର୍ମି ତାରା ହାରିଆର ଏଥିରିଇ ।

ଓଡ଼ିଆ - ଶ୍ୱାସ - ଜୀବମାନେ ଶ୍ୱାସକ୍ରିୟା କରନ୍ତି ।
ଓରାଓଁ - ନିନାସ - ଜୀବ ଜାଉଁତାର୍ ନିନାସ ନାନାକୁର ଭଜ୍ଜନାର ।

## - ହ -

ଓଡ଼ିଆ - ହୁଁ - ଆଈ ଗପ କହିବା ବେଳେ ମୁଁ ହୁଁ ମାରେ ।
ଓରାଓଁ - ହାଁ - ଆଜ୍ଜି କଥନି ତେଙ୍ଗି ବାରି ଏନ ହାଁ ବାଆଦାନ୍ ।

ଓଡ଼ିଆ - ହଳ - କୃଷକର ହଳ ହିଁ ବଳ ଅଟେ ।
ଓରାଓଁ - ଗହଲା - ଋଷିସ୍‌ହି ଗହଲାଦିମ୍ ସାଓ୍ୱାଙ୍ଗ୍ ହିକେ ।

ଓଡ଼ିଆ - ହନୁ - କୁକୁରକୁ ଦେଖି ହନୁ ଦୌଡ଼ିଗଲା ।
ଓରାଓଁ - ବାନ୍ଦ୍ରା - ଆଲ୍ଲାନ ଏରାର୍ ବାନ୍ଦ୍ରା ବଙ୍ଗାକେରା ।

ଓଡ଼ିଆ - ହତା - ବିଦ୍ୟାଳୟ ହତା ପରିଷ୍କାର ରଖ ।
ଓରାଓଁ - ଆଡ୍ଡା - ଲୂରକୁଡ଼ିଆ ପାରିବେଶାନ ସାଫା ଉଇୟା ।

ଓଡ଼ିଆ - ହସି - ତା କଥା ଶୁଣି ରିମି ହସି ଦେଲା ।
ଓରାଓଁ - ଆଲ୍‌ଖିଆ - ତାଙ୍ଗାଏ କାତଥା ମେନାର କି ରିମି ଆଲ୍‌ଖିଆ ଚିଚ୍ଚା ।

ଓଡ଼ିଆ - ହଣ୍ଡା – ପିତଳ ହଣ୍ଡାରେ ମାଂସ ଭଲ ସିଝେ ।
ଓରାଓଁ - ହଣ୍ଡଲା – ପିତାଲ ହଣ୍ଡଲାନୁ ଆହଡା ଦାଅ ବିଇଦ୍ ।

ଓଡ଼ିଆ - ହସ୍ତି – ହସ୍ତୀ ଦାନ୍ତରେ କାରୁକାର୍ଯ୍ୟ ହୁଏ ।
ଓରାଓଁ - ହାତୀ – ହାତୀ ହି ପାଲ୍ଲୁନୁ ସାଜାବାନା ନାଲାଖ ମାନି ।

ଓଡ଼ିଆ - ହଂସ – ହଂସ ଉଭୟଚର ପକ୍ଷୀ ଅଟେ ।
ଓରାଓଁ - ହାଁସ – ହାଁସା ଉଭୟଚର ଅଡା ହିକେ ।

ଓଡ଼ିଆ - ହଟାଇ – ରବି ଲୋକଙ୍କୁ ହଟାଇ ଆଗକୁ ଦଉଡ଼ି ଗଲା ।
ଓରାଓଁ - ହାଟାବାଆର – ରବିସ୍ ଆଲାରିନ ହାଟାବାଆକୁର ଆଗେ ବଙ୍ଗାସ୍ କେରାସ୍ ।

ଓଡ଼ିଆ - ହଳଦୀ – କନ୍ଧମାଳ ହଳଦୀ ବିଶ୍ୱ ପ୍ରସିଦ୍ଧ ।
ଓରାଓଁ - ବାଲକା – କନ୍ଧମାଳନ୍ତା ବାଲକା ହିକେ ବିଶ୍ୱ ପ୍ରସିଦ୍ଧ ।

ଓଡ଼ିଆ - ହରିଣ – ଆମ ଜଙ୍ଗଲରୁ ହରିଣ ବଂଶ ଲୋପ ପାଇଛି ।
ଓରାଓଁ - ହାରିନ– ଏମ୍‌ହାଏ ଟୋଡ଼ାଙ୍ଗତି ହାରିନ ଜାତି ମୁଞ୍ଜରା କେରା ।

ଓଡ଼ିଆ - ହଲାଇ – ରସାନ୍ତ ଡାଳ ହଲାଇ ଆମ୍ବ ଝଡ଼ାଇଲା ।
ଓରାଓଁ - ନୁକନା – ରସାନ୍ତସ ଡାଡା ନୁକ୍ଆର୍ କି ଟାଟ୍ଖା ଟିଡ୍ଡାସ୍ ।

ଓଡ଼ିଆ - ହଜମ – ବୃଦ୍ଧ ହେଲେ ହଜମ ଶକ୍ତି କମିଯାଏ ।
ଓରାଓଁ - ହାଜାମ୍ – ପାଚ୍‌ଗି ବାରି ହାଜାମ୍ ଶାକ୍ତି ଘାଟ୍ରି କାଲି ।

ଓଡ଼ିଆ - ହରଣ – କ୍ରମିକ ବିୟୋଗକୁ ହରଣ କୁହାଯାଏ ।
ଓରାଓଁ - ଭାଗ – ତାରପାଁଡି ଘାଟାବାଅନାନ ଭାଗ୍ ବାତାରଇ ।

ଓଡ଼ିଆ - ହଳଦିଆ – ଜହ୍ନି ଫୁଲର ରଙ୍ଗ ହଳଦିଆ ।
ଓରାଓଁ - ବାଲକା – ଝିଙ୍ଗା ପୁଁପହି ରାଙ୍ଗ ବାଲକା ହିକେ ।

ଓଡ଼ିଆ - ହସି ଖେଳି – ଆମ ପିଲାଦିନ ହସିଖେଳି ଚାଲିଗଲା ।
ଓରାଓଁ - ଆଲଖା ବେଷ୍ଠର – ଏମ୍‌ହାଏ ଖାଦ୍ଦଉଲ୍ଲା ଆଲଖା ବେଷ୍ଠର କି ରଇଲ୍ କେରା ।

ଓଡ଼ିଆ - ହସି ହସି - ଦେଶପାଇଁ ଆମେ ହସିହସି ଜୀବନ ଦେବା ।
ଓରାଓଁ - ଆଲଖା ଆଲଖା - ଦେଶଲାଗାନ ନାମ୍ ଆଲଖା ଆଲଖା ଜିଆ ଚିଅତ ।

ଓଡ଼ିଆ - ହତ୍ୟା କରିବା - ନର ହତ୍ୟାକରିବା ମହାପାପ ।
ଓରାଓଁ - ପିଚ୍ଚନା - ଆଲ ପିଟ୍‌ନା କୋହା ଗୁନ୍‌ହା ହିକେ ।

ଓଡ଼ିଆ - ହଳଦୀ ବସନ୍ତ - ହଳଦୀ ବସନ୍ତ ଏକ ସୁନ୍ଦର ଚଢ଼େଇ ଅଟେ ।
ଓରାଓଁ - ପିଓଅଡ଼ା - ପିଓ ଅଣ୍ଟା ସୁନ୍ଦାର ଅଡ଼ା ହିକେ ।

ଓଡ଼ିଆ - ହାତ - ହାତରେ ଆମେ ଅନେକ କାର୍ଯ୍ୟ କରୁ ।
ଓରାଓଁ - ଖେଖ୍ଖା - ଖେଖ୍ଖାନୁଁ ନାମ୍ କାଏନଅଁ ନାଲାଖ୍ ନାନ୍ଦାତ୍ ।

ଓଡ଼ିଆ - ହାଟ - ଆମ ଗାଁରେ ଶନିବାର ଦିନ ହାଟ ବସେ ।
ଓରାଓଁ - ପେଠ - ଏମ୍‌ହାଏଁ ପାଦ୍ଦାନୁଁ ଶାଞ୍ଚାର ଉଲ୍ଲା ପିଠ୍ ଉକ୍କି ।

ଓଡ଼ିଆ - ହାଣ୍ଡି - ଆଜିକାଲି ମାଟିହାଣ୍ଡି ଆଉ ଚାଲୁ ନାହିଁ ।
ଓରାଓଁ - କାଚ୍ଚୁ - ଇନ୍ନାତାଢଲ୍ଲାନୁ ଖାଜ୍ଜେ କାଚ୍ଚୁ ଆଉର ମାଲ ଚାଲ୍‌ରା ଲି ।

ଓଡ଼ିଆ - ହାର - ମୋତିହାର ଦେହକୁ ସୁନ୍ଦର ଲାଗେ ।
କୁଣାହାଁ - ମାଳା - ମୋତି ମାଳା କାୟାଗେ ସୁନ୍ଦାର ଲାଗିଗ ।

ଓଡ଼ିଆ - ହାରମୋନିୟମ୍ - ମୁଁ ହାରମୋନିୟମ୍ ବଜାଇ ଶିଖୁଛି ।
କୁଣାହାଁ - ହାରମୋନିୟମ୍ - ଏନ ହାରମୋନିୟମ୍ ଆସ୍‌ସାଗେ ଶିଖ୍ରା ଲାଗଦାନ ।

ଓଡ଼ିଆ - ହାତୀ - ଆଜିକାଲି ହାତୀମାନେ ଗାଁ ଗଣ୍ଡାକୁ ପଶି ଆସୁଛନ୍ତି ।
ଓରାଓଁ - ହାଥୀ - ଇନ୍ନେଲା ହାଥୀ ଗୁଠିଦ୍ ଖୁଡ଼ି ଡ଼ାହରେନୁ କରଆ ବାରାଲି ।

ଓଡ଼ିଆ - ହାୱା - ଖରାଦିନର ଗରମ ହାୱା ସମ୍ଭାଳି ହୁଏ ନାହିଁ ।
ଓରାଓଁ - ଧୁକା - ବିଡ଼ନାଉଲ୍ଲାନ୍ତା ଗାରାମ୍ ଧୁକା ମାଲ୍ ସାମ୍ଭଡାରଇ ।

ଓଡ଼ିଆ - ହାଲିଆ - ପାହାଡ଼ ଚଢ଼ିଲେ ଖୁବ ହାଲିଆ ଲାଗେ ।
ଓରାଓଁ - ଥାକା - ପାର୍ଡା ଆରଗୁକୁନ ବାଗେଗ ଖାଡ଼ଦିକା ଲଗିଗ ।

ଓଡ଼ିଆ - ହାଲୁକା - ଶିମିଳି ତୁଳା ଖୁବ୍ ହାଲୁକା ।
ଓରାଓଁ - ନେବ୍ବା - ଶିମ୍ୱାଲି ତୁଳା ମୁରୁକ୍ ନେବ୍ବା ।

ଓଡ଼ିଆ - ହାଜର - ବାପା ଡାକିଲେ ମୁଁ ତୁରନ୍ତ ହାଜର ହୁଏ ।
ଓରାଓଁ - ହାଜିର - ବାଙ୍ଗସ୍ ମେଖକୁନ୍ ଏନ୍ ଜାଲଦି ହାଜିର ମାନ୍ଦାନ୍ ।

ଓଡ଼ିଆ - ହାରିବା - ହାରିବା ଦ୍ୱାରା ଜିତିବାର ଇଚ୍ଛା ଜାତ ହୁଏ ।
ଓରାଓଁ - ହାରନା - ହାରନା ତିଲେ ଜିତ୍ଆଗେ ମାନ ଲାଗିଗ୍ଗ ।

ଓଡ଼ିଆ - ହାହକାର - ବାପାଙ୍କ ମୃତ୍ୟରେ ଆମେ ହାହାକାର କଲୁ ।
ଓରାଓଁ - ହାଏହାଏ - ବାଙ୍ଗସ ହି ଖେନାନୁ ଏମ ହାଏହାଏ ମାଞ୍ଜକାମ ।

ଓଡ଼ିଆ - ହାଇକୋର୍ଟ - ହାଇକୋର୍ଟ ରାଜ୍ୟର ସର୍ବୋଚ୍ଚ ବିଚାରାଳୟ ଅଟେ ।
ଓରାଓଁ - ହାଇକୋର୍ଟ - ହାଇକୋର୍ଟ ରାଜିନ୍ତା ହୁରମିନ୍ତି ମେଛା ବିଚାରକୁଠୀ ହିକେ ।

ଓଡ଼ିଆ - ହିମ - ଶୀତଦିନେ କାଶ୍ମୀରରେ ହିମପାତ ହୁଏ ।
ଓରାଓଁ - ବରାଫ୍ - ପାୟାଁ ଉଲ୍ଲା କାଶ୍ମୀରନୁ ବରାଫ୍ ଖାତରି ।

ଓଡ଼ିଆ - ହିସାବ - ସାହୁକାରମାନେ କିଣାବିକାର ହିସାବ ରଖନ୍ତି ।
ଓରାଓଁ - ହିସାବ - ବେପାରିର ଖେନ୍ଦ୍ନା ବିସ୍ନା ଗାହି ହିସାବ୍ ଉଇନାର ।

ଓଡ଼ିଆ - ହିଂସ୍ରଜନ୍ତୁ - ଜଙ୍ଗଲରେ ଅନେକ ହିଂସ୍ରଜନ୍ତୁ ଥାଆନ୍ତି ।
ଓରାଓଁ - ଖୁଙ୍ଖାର ଜାନ୍ତୁ - ଟୋଡ଼ାଙ୍ଗନୁଁ କାଏନଅଁ ଖୁଙ୍ଖାର ଜାନ୍ତୁ ରାନାର ।

ଓଡ଼ିଆ - ହେଜ - ତୁମେ ବଡ଼ ହେଲେ ପିତାମାତାଙ୍କର ସ୍ନେହ ହେଜ କର ।
ଓରାଓଁ - ଚିନ୍ତା - ନିମ୍ କହା ମାଞ୍ଜକୁନ ଆୟାଙ୍ଗ ବାଙ୍ଗହି ଦୁଲାର ଚିନ୍ତା ନାନା ।

ଓଡ଼ିଆ - ହେବ - ଏ ବର୍ଷ ଭଲ ବର୍ଷାହେବ ବୋଲି ସୁଚନା ଦିଆଯାଉଛି ।
ଓରାଓଁ - ମାନୋ - ଇ-ବାରସ ଦାଅ ଝାଡ଼ି ମାନୋ ବାଆରକି ଜାନକାରୀ ଚିତାରଆ ଲାଗି ।

ଓଡ଼ିଆ - ହେବା ଭଳି - ଆଜି ବର୍ଷା ହେବାଭଳି ଦିଶୁଛି ।
ଓରାଓଁ - ମାନ୍ନା ଲେଖାଆ - ଇନ୍ନା ଚେପ୍ ମାନ୍ନା ଲେଖା ଏଥ୍ରାଆଲି ।

ଓଡ଼ିଆ - ହେଟା - ହେଟା ମଲା ଜୀବ ଜନ୍ତୁଙ୍କ ହାଡ ବୋହି ନିଏ ।
ଓରାଓଁ - ହୁଣ୍ଡରା ଲାଙ୍କ-ରୁଣ୍ଡରା ଲାଙ୍କ କେଟକା ଜାନ୍ତୁ ଗୁଠିରହି ଖଲୋନ୍ ଖଟଲାନ ଚେଡ଼ଇ ହୁଇ ।

ଓଡ଼ିଆ - ହୃତପିଣ୍ଡ - ହୃତପିଣ୍ଡ ଶରୀରକୁ ଶୁଦ୍ଧ ରକ୍ତ ବିତରଣ କରେ ।
ଓରାଓଁ - ଜିଆଘାରା - ଜିଆଘାରା କାୟାଗେ ସାଫା ହେଁସ ହାଟ୍ଠି ।

## - କ୍ଷ -

ଓଡ଼ିଆ - କ୍ଷତି - ବେଳେବେଳେ ବର୍ଷା ଅଭାବରୁ ଫସଲ କ୍ଷତି ହୁଏ ।
ଓରାଓଁ - ନକ୍ସାନ୍ - ଅଙ୍ଘନ ଅଁଘନ ଚେଁପ୍ ଆଭାବନୁଁ କ୍ଷିତି ନକ୍ସାନ୍ ମାନି।

ଓଡ଼ିଆ - କ୍ଷୀର - ମାଆ କ୍ଷୀର ଶିଶୁ ପାଇଁ ଅମୃତ ଅଟେ ।
ଓରାଓଁ - ଦୁଧି - ଆୟାଙ୍ଗ ଦୁଧି ଖାଦ୍ଦାସଗେ ଅମୃତ ହିକେ ।

ଓଡ଼ିଆ - କ୍ଷୁଦ୍ରତମ - ଏକ ସବୁଠାରୁ କ୍ଷୁଦ୍ରତ୍ତମ ପୂର୍ଣ୍ଣ ସଂଖ୍ୟା ଅଟେ ।
ଓରାଓଁ - ଛଟେ - ଏକଅଣ୍ଟା ହୁର୍ମିନ୍ତା ଛଟେ ଗୋଟ୍ଠା ସଂଖ୍ୟା ହିକେ।

ଓଡ଼ିଆ - କ୍ଷେତ୍ର - କନ୍ଧମାଳ କୃଷି ନିମନ୍ତେ ଉତ୍ତମ କ୍ଷେତ୍ର ନୁହେଁ ।
ଓରାଓଁ - ଆଡ୍ଡା - କନ୍ଧମାଳ ଅଣ୍ଟା ଋଷ ଲାଗାନ ଦାଅ ଆଡ୍ଡା ମାଲ୍ଲି ।

ଓଡ଼ିଆ - କ୍ଷେତ - କ୍ଷେତରେ ଗୋବର ଖତ ଦେଲେ ଭଲ ଫସଲ ହେବ ।
ଓରାଓଁ - ଖାଲ୍ଲେ - ଖାଲ୍ଲେନୁଁ ଗୁବାରି ସାରେ ଚିଙ୍କୁନ୍ ଦାଅ କ୍ଷିତି ମାନି।

## କଥୋପକଥନ
## ଓଡ଼ିଆ - କୁଣାହାଁ - ଓରାଓଁ

ଓଡ଼ିଆ - ତୁମର ନାମ କଣ ?
ଓରାଓଁ - ନିଙ୍ଗାଏ ନାମେ ଏନ୍ଦ୍ରା ହିକେ ?

ଓଡ଼ିଆ - ତୁମ ବାପାଙ୍କର ନାମ କଣ ?
ଓରାଓଁ - ନିମ୍ବାସହି ନାମେ ଏନ୍ଦରା ହିକେ ?

ଓଡ଼ିଆ - ତୁମ ମାଆଙ୍କ ନାମ କଣ ?
ଓରାଓଁ - ନିଙ୍ଗୟହି ନାମେ ଏନ୍ଦରା ହିକେ ?

ଓଡ଼ିଆ - ଆଜି କଣ ଖାଇଛ ?
ଓରାଓଁ - ଇନ୍ନା ଏନ୍ଦେର ମକ୍ଖାଦାଏ ?

ଓଡ଼ିଆ - (ନାମ) ଏଠିକି ଆସ ।
ଓରାଓଁ - (ନାମେ) ଇସାନ୍ ବାରା ।

ଓଡ଼ିଆ - ତାକୁ ଟିକିଏ କହ ।
ଓରାଓଁ - ତାଙ୍ଗାନ ତାନିକ ତେଙ୍ଗା ।

ଓଡ଼ିଆ - କାଲି ଆଗରେ ଆସିବ ।
ଓରାଓଁ - ନେଲା ଜାଲଦି ବାରକେ ।

ଓଡ଼ିଆ - ତୁମେ କେତେ ବେଳେ ସ୍କୁଲକୁ ଆସ ?
ଓରାଓଁ - ନିନ୍ ଏକା ବାରି ଲୂରକୁଡ଼ିଆ ବାର୍‌ଦାଏ ?

ଓଡ଼ିଆ - ସ୍କୁଲ କେତେବେଳେ ଛୁଟି ହୁଏ ?
ଓରାଓଁ - ଲୂରକୁଡ଼ିଆ ଏକାବିରି ଛୁଟି ମାନି ?

ଓଡ଼ିଆ - ସ୍କୁଲରେ ପ୍ରାର୍ଥନା କର କି ?
ଓରାଓଁ - ଲୂରକୁଡ଼ିଆନୁଁ ଆର୍ଜି ନାନ୍ଦାର କା ?

ଓଡ଼ିଆ - ପିଲା ମାନେ ବୁଝିଲ କି ?
ଓରାଓଁ - ଖାଦ୍ଦାର ବୁଝରକାର କା ?

ଓଡ଼ିଆ - ଜାଣିଥିବା ପିଲା ହାତ ଟେକ ।
ଓରାଓଁ - ଆଖ୍‌ଉ କୁକ୍କୋର / କୁକୋଏର ଖେଖ୍ଖା ଉଠାବାଆ।

ଓଡ଼ିଆ - ଡର ନାହିଁ ।
ଓରାଓଁ - ଏଲ୍‌ଚ୍ଚ ମାଲା / ଆମ୍ଭା ଏଲ୍‌ଚ୍ଚ।

ଓଡ଼ିଆ - ନ ବୁଝିଲେ ପଚ୍ଚର ।
ଓରାଓଁ - ମାଲ୍ ବୁଝୁର୍‌କୁନ୍ ମେନା।

ଓଡ଼ିଆ - ପିଲାମାନେ ପାଟି କର ନାହିଁ ।
ଓରାଓଁ - ଖାଦ୍ଦାରେ ଗୁଲ ଆମା ନାନା।

ଓଡ଼ିଆ - ଦଳ ଗଠନ କର ।
ଓରାଓଁ - ଖୋଡ଼୍‌ହା ଗାଢ଼ଆ (କାମ୍‌ଆ)।

ଓଡ଼ିଆ - ସମସ୍ତେ ଅଂଶ ଗ୍ରହଣ କର ।
ଓରାଓଁ - ହୋରମାର ସାମିଲ ମାନା ।

ଓଡ଼ିଆ - ଡ୍ରିଲ କରିବା ।
ଓରାଓଁ - ବାୟ୍ୟାମ ନାନୋତ୍ ।

ଓଡ଼ିଆ - ଖେଳ ପଡ଼ିଆକୁ ଯିବା ।
ଓରାଓଁ - ବେଚନା ମାର୍ଚ୍ଚା ଗୁସାନ୍ କଅତ ।

ଓଡ଼ିଆ - ପୁରସ୍କାର ପାଇବା ।
ଓରାଓଁ - ଇନାମ ଖାଖ୍ଖତ୍ ।

ଓଡ଼ିଆ - (ନାମ) ଉଠ ।
ଓରାଓଁ - (ନାମେ) ଚୋଆ ।

ଓଡ଼ିଆ - ସମସ୍ତେ ଧାଡ଼ିରେ ଠିଆ ହୁଅ ।
ଓରାଓଁ - ହୋରମାର ପାଁତିନୁଁ ଇଜ୍‌ଆ ।

ଓଡ଼ିଆ - ଆଖି ବନ୍ଦ କର ।
ଓରାଓଁ - ଖାନ୍ନେ ମିଙ୍ଗା ।

ଓଡ଼ିଆ - (ନାମ) ଘଣ୍ଟା ବାଡ଼ାଅ ।
ଓରାଓଁ - ଘାଣ୍ଟି ଲାଅଆ ।

ଓଡ଼ିଆ - ନଖ କାଟିଛ ।
ଓରାଓଁ - ଅରଖ୍ ଖାଣ୍ଡ୍‌କାଆଦାର ।

ଓଡ଼ିଆ - ମୁଣ୍ଡରେ ତେଲ ଲଗାଇବ ।
ଓରାଓଁ - କୁକ୍କୁନୁଁ ଇସୁଙ୍ଗ ଲାଗାବାକେ ।

ଓଡ଼ିଆ - ଖବର କାଗଜ ପଢ଼ ।
ଓରାଓଁ - ଖାବାର କାଗାଜ ପାଢ଼ଆ ।

ଓଡ଼ିଆ - ତୁ ତାକୁ କଣ କଲୁ ?
ଓରାଓଁ - ନିନ ତାଙ୍ଗାନ ଏନ୍ଦେର ନାଞ୍ଜକାଏ ?

ଓଡ଼ିଆ - ନ ଜାଣିଲେ ମୋତେ ପଚାର ।
ଓରାଓଁ - ବାଲ୍‌କାନ୍ତି ଏଙ୍ଗାନ ମେନା ।

ଓଡ଼ିଆ - ବର୍ତ୍ତମାନ ବହି ବାହାର କର ।
ଓରାଓଁ - ଆକ୍କୁନ ପୁଥିନ୍ ଅଥ୍‌ରା ।

ଓଡ଼ିଆ - ଫୁଲ ଗଛରେ ପାଣି ପକାଅ ।
ଓରାଓଁ - ପୁଁପ୍ ମାନ୍ନେନୁଁ ଆମ୍ମେ ଚିଆ ।

ଓଡ଼ିଆ - ତୁମ ବାରିରେ କି କି ଗଛ ଲଗାଇଛ ।
ଓରାଓଁ - ନିମ୍‌ହାଏ ବାଟକିନୁ ଏନ୍ଦେର ଏନ୍ଦେର ମାନ୍ନେ ଇଦକାଦାର ।

ଓଡ଼ିଆ - ନମସ୍କାର କର ।
ଓରାଓଁ - ଜାୟ ଧାର୍ମେ ନାନା / ମୋଜରା ନାନା /ଲାଗା ।

ଓଡ଼ିଆ - ଅଳିଆ ଗାତରେ ପକାଅ ।
ଓରାଓଁ - କାଚରାନ ଗାଡ୍ଡିନୁ ହେବଡ଼ା ।

ଓଡ଼ିଆ - ଜ୍ୱର ହେଲେ କେଉଁ ଔଷଧ ଖାଇବ ।
ଓରାଓଁ - ନାଡ଼ି ମାଞ୍ଜାକୁନ ଏନ୍ଦେର ଦାଓ୍ୱାଇ/ମାନ୍ଦାର ମଖର ।

ଓଡ଼ିଆ - ଅଳସୁଆ ଦୁଃଖ ପାଏ ।
ଓରାଓଁ - ଲାଣ୍ଡିସ୍ ଦୁଃଖ୍ଖେ ଖାଖ୍ଖଦାସ୍ ।

ଓଡ଼ିଆ - ତୁମ ପଡ଼ିଶା ଘରେ କିଏ ରହନ୍ତି ।
ଓରାଓଁ - ନିମ୍ହାଏ ହେଦ୍ଦେ ଏଡ଼ପାନୁଁ ନେଁ ରାଆନାର ।

ଓଡ଼ିଆ - ନଖ ଛାଡିଲେ କଣ ହେବ ?
ଓରାଓଁ - ଅରଖ ଆମ୍ବକୁନ ଏନ୍ଦେର ମାନ ?

ଓଡ଼ିଆ - ସମସ୍ତେ ମିଳିମିଶି ଖେଳିବା ।
ଓରାଓଁ - ହୋରମାତ୍ ମିଲ୍ରାଆର କିର ବେଚତ୍ ।

ଓଡ଼ିଆ - କଳି କର ନାହିଁ ।
ଓରାଓଁ - ଝାଗଡା ଆମା ନାନା ।

ଓଡ଼ିଆ - ଆହା ।
ଓରାଓଁ - ଓହ ।

ଓଡ଼ିଆ - ମୁଁ କହୁଛି ତୁମେ ଶୁଣ ।
ଓରାଓଁ - ଏନ ବାଆଦାନ୍ ନିମ ମେନା ।

ଓଡ଼ିଆ - ଖାତା ଅଦଳବଦଳ କରିବ ।
ଓରାଓଁ - ଖାତା ଆଦଲି ବାଦଲି ନାନକେ ।

ଓଡ଼ିଆ - ଗୋଲେଇ କରି ବସ ।
ଓରାଓଁ - ଗୋଲ ମାନାର କି ଅକ୍କା ।

ଓଡ଼ିଆ - କେଉଁ ପଶୁମାନେ ଲୋକଙ୍କ ସହିତ ରହନ୍ତି ?
ଓରାଓଁ - ଏନ୍ଦେର ଜନ୍ତୁଗୁଠିଦ୍ ଆଲାର ସାଙ୍ଗେ ରାନାର ?

ଓଡ଼ିଆ - ତୁମେ ଘରେ କି କି ପକ୍ଷୀ ପାଳୁଛ ?
ଓରାଓଁ - ନିମ ଏଡପାନୁ ଏନ୍ଦେର ଏନ୍ଦେର ଅଡା ପସ୍ଆଦାର ?

ଓଡ଼ିଆ - କ'ଣ କରୁଥିଲ ?
ଓରାଓଁ - ଏନ୍ଦେର ନାନା ଲିକ୍କାଏ (ପୁଂ)/ଲିକ୍କି (ସ୍ତ୍ରୀ) ?

ଓଡ଼ିଆ - ପାଣି ପିଇଲ କି ?
ଓରାଓଁ - ଆମ୍ମ ଅଣ୍ଡକାର କା ?

ଓଡ଼ିଆ - ପିଲାଟି ପଡ଼ିଗଲା ତାକୁ ଉଠାଅ
ଓରାଓଁ - ଖାଦ୍ଦାସ ଖାତରାସ୍ କେରାସ୍ ଆସିନ୍ ଟେ଼ଦ୍ଆ / ଉଠାବାଆ ।

ଓଡ଼ିଆ - ତୁମ ଘରେ କିଏ ରୋଷେଇ କରନ୍ତି ?
ଓରାଓଁ - ନିମ୍ହାଠୁ ଏଡ଼ପାନୁଁ ନେଁ ବିତ୍ଆନାର ?

ଓଡ଼ିଆ - ତୁମ ଘରେ କିଏ କିଏ ରହନ୍ତି ?
ଓରାଓଁ - ନିମ୍ହାଏ ଏଡ଼ପାନୁଁ ନେଁ ନେଁ ରାଆନାର ?

ଓଡ଼ିଆ - ତୁମ ମାମୁ ଘର କେଉଠି ?
ଓରାଓଁ - ନିମ୍ହାଏ ମାମୁଁ ଏଡ଼ପା ଏକାସାନ ?

ଓଡ଼ିଆ - ତୁମ ପାଖ ପିଲାକୁ ପଚାର ।
ଓରାଓଁ - ନିମ୍ହାଏ ହେଦ୍ଦେନ୍ତା କୁକୋସିନ ମେନା ।

ଓଡ଼ିଆ - ଛାଡି ଛାଡି ବସ ।
ଓରାଓଁ - ଆମ୍ବା ଆମ୍ବାର କି ଅକ୍କା ।

ଓଡ଼ିଆ - ନିଜ ନିଜ ବହି ଖୋଲ ।
ଓରାଓଁ - ଆପାନ ଆପନ ପୁଥି ଖୋଲ୍ଆ ।

ଓଡ଼ିଆ - ତୁମେ ବଡ଼ ହେଲେ କଣ କରିବ ?
ଓରାଓଁ - ନିନ କହା ମାନଏଁ ହୋଲେ ଏନ୍ଦେର ନାନୋଏଁ ?

ଓଡ଼ିଆ - ତାଳି ମାର ।
ଓରାଓଁ - ଥାପ୍ଡି ଠୋକ୍ଆ /ଲାଆ ।

ଓଡ଼ିଆ - ତୁମ ଶ୍ରେଣୀରେ ମନିଟର କିଏ ?
ଓରାଓଁ - ନିମ୍ହାଏ କିଲାସନ୍ତା ମନିଟର ନେଁ ?

ଓଡ଼ିଆ - ତୁମକୁ କିଏ ମାରିଲା ?
ଓରାଓଁ - ନିମାନ ନେଁ ଲାଅଚ୍ଚର ?

ଓଡ଼ିଆ - କାହିଁକି କାନ୍ଦୁଛ ?
ଓରାଓଁ - ଏନ୍ଦେରଗେ ଚିଁଖା ଲଗ୍ଦାଏ ?

ଓଡ଼ିଆ - ମନ ଦେଇ ଶୁଣ ।
ଓରାଓଁ - ମାନ୍ନ ଚିଆର କି ମେନା ।

ଓଡ଼ିଆ - ଗପ ଶୁଣ ।
ଓରାଓଁ - କଥନି ମେନା ।

ଓଡ଼ିଆ - ତୁମର ପ୍ରଧାନ ଶିକ୍ଷକଙ୍କ ନାମ କ'ଣ ?
ଓରାଓଁ - ନିମ୍ହାଏ କହା ମାଷ୍ଟାରାସ୍ ହି ନାମେ ଏନ୍ଦ୍ରା ?

ଓଡ଼ିଆ - ପିଲା ମାନେ ହାଜେରା ପକାଅ ।
ଓରାଓଁ - ଖାଦ୍ଦାରୋ ହାଜରୀ ଟିଡ଼ଆ ।

ଓଡ଼ିଆ - ତୁମେ ଏଠିକି ଆସ ।
ଓରାଓଁ - ନିମ ଇସାନ ବାରା ।

ଓଡ଼ିଆ - ତୁମ ଗ୍ରାମର ନାମ କ'ଣ ?
ଓରାଓଁ - ନିମ୍‌ହାଏ ପାଦାହି ନାମେ ଏନ୍ଦ୍‌ରା ?

ଓଡ଼ିଆ - ତୁମେ ସକାଳେ କ'ଣ କର ?
ଓରାଓଁ - ନିମ ପାଇରି ଏନ୍ଦେର ନାନ୍ଦାର ?

ଓଡ଼ିଆ - ସକାଳୁ ଉଠି ମୁଁହ ଧୋଇବା ।
ଓରାଓଁ - ପାଇରି ଝେଆରକି ମୁଁହି ମୁଝ୍‌ରଅତ ।

ଓଡ଼ିଆ - ଖାଇବା ଆଗରୁ ହାତ ଧୋଇବା ।
ଓରାଓଁ - ଆନ୍ନାତି ଆଗେ ଖେଖ୍ଖା ନୋଢ଼ରାଆ ।

ଓଡ଼ିଆ - ସକାଳୁ ଉଠି ଦାନ୍ତ ଘଷିବା ।
ଓରାଓଁ - ପାଇରିମ୍ ଝେଆର କି ପାଲ୍ଲେ ଘାଷ୍ଆ/ କାଡିକା ନାନା ।

ଓଡ଼ିଆ - ଉଷୁମ ଖାଦ୍ୟ ଖାଇବା ।
ଓରାଓଁ - ଉଷୁମ୍ ଆନାଜ୍ ଅନତ୍ / ମୋଖୋତ୍ ।

ଓଡ଼ିଆ - ବାସି ଖାଦ୍ୟ ଖାଇଲେ ରୋଗ ହୁଏ ।
ଓରାଓଁ - ବାସି ଆନାଜ ମୁକ୍କୁନ୍ ବେମାର ମାନି ।

ଓଡ଼ିଆ - ମାଛି ବସା ଖାଦ୍ୟ ଖାଇବା ନାହିଁ ।
ଓରାଓଁ - ତିଙ୍ଗିଲି ଅକ୍କା ଆନାଜ ଆମ୍ବତ ମଖା ।

ଓଡ଼ିଆ - ଚପଲ ପିନ୍ଧି ପାଇଖାନା ଯିବ ।
ଓରାଓଁ - ଖାରପା ଆଡ଼ାକରି ପାଇଖାନା କାଅତ ।

ଓଡ଼ିଆ - ଶ୍ରେଣୀରେ ଧାଁ ଧପଡ଼ ହୁଅ ନାହିଁ ।
ଓରାଓଁ - କିଲାସନୁ ଆମ୍ବା ବଙ୍ଗର ନାଖ୍‌ରାଆ ।

ଓଡ଼ିଆ - ଚକା ପକାଇ ବସ ।
ଓରାଓଁ - ବିଣ୍ଡୋ ଅକ୍କା ।

ଓଡ଼ିଆ - ସାନ ପିଲାଙ୍କୁ ସ୍ନେହ କର ।
ଓରାଓଁ - ଛଟେ ଖାଦ୍ଦାରିନ୍ ହୁଲାର ନାନା ।

ଓଡ଼ିଆ - ଆସନ୍ତା କାଲି (ବିଷୟ) ଲେଖି ଆଣିବ ।
ଓରାଓଁ - ବାରନା ଉଲ୍ଲା (ପାଠ) ଲଖାରକି ଅନ୍ଦରକେ ।

ଓଡ଼ିଆ - ଦୁଷ୍ଟ କଥା ହୁଅ ନାହିଁ ।
ଓରାଓଁ - ଖାରାପ କାତଥା ଆମ୍ବା ବାଆ ।

ଓଡ଼ିଆ - ଏଇଟା ତାକୁ ଦେ ।
ଓରାଓଁ - ଇଦିନ୍ ତାଙ୍ଗା ଚିଆ ।

ଓଡ଼ିଆ - ତୁମେ ଦୁହେଁ ବାଣ୍ଟିଦିଅ ।
ଓରାଓଁ - ନିମ ଦୁୟୋ ଝାନ୍ ଖାଙ୍ଗା ଚିଆ ।

ଓଡ଼ିଆ - କାନ୍ଥବାଡ ମଇଳା କର ନାହିଁ ।
ଓରାଓଁ - ପାଚ୍‌ରି ଘେରନାନ୍ ମାଇଲା ଆମ୍ବା ନାନା ।

ଓଡ଼ିଆ - କ'ଣ ହେଲା ପିଲେ ?
ଓରାଓଁ - ଏନ୍ଦେର ମାଞ୍ଜା ଖାଦ୍ଦାରୋ ?

ଓଡ଼ିଆ - ତା'ର ସିଙ୍ଘାଣି ପୋଛି ଦିଅ ।
ଓରାଓଁ - ଆସହି ମୁସ୍ସନ୍ ଚିଁଠ ଚିଆ ।

ଓଡ଼ିଆ - ସାର୍ଟର ବୋତାମ ଲଗାଅ ।
ଓରାଓଁ - ଝୁଲାହି / କୁର୍ତ୍ତାହି ବଟଙ୍ଗ ଲାଗାବାଆ ।

ଓଡ଼ିଆ - ଭଲରେ ପଢ଼ିଲେ ପାସ ହେବ ।
ଓରାଓଁ - ଦାଅ ପାଢ଼୍‌ଚୁକୁନ୍ ପାସ୍ ମାନର ।

***